

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ନଭେମ୍ବର ୨୦୧୯ ସଂସ୍କରଣ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା


ପ୍ରତିଷ୍ଠାତା - ସମ୍ପାଦକ

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ / ହ୍ୱାଟ୍ସଆପ୍ : ୭୦୦୮୫୬୭୦୮୫ | ଇମେଲ୍ : aahwaan@gmail.com


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




ପବିତ୍ର କାର୍ତ୍ତିକ ପୂର୍ଣ୍ଣମୀ ଓ ବୋଇତ ବନ୍ଦାଣ ଉତ୍ସବ ଉପଲକ୍ଷେ ଆହ୍ୱାନ ଇ-ପତ୍ରିକାର ଅଗଣିତ ପାଠକପାଠିକାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

Magazine Downloaded from www.aahwaan.com

# ସୂଚୀପତ୍ର


| | | |
|---|---|---|
| ସଂପାଦକୀୟ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୨ |
| **କାହାଣୀ ବିଭାଗ** | | **୧୫** |
| ସୁନେଲୀ ସିଂହ | ଅଶୋକ ବିଶ୍ୱାଳ | ୧୬ |
| ଶ୍ରାବଣୀର ଇତିକଥା | ନିବେଦିତା ମହାପାତ୍ର | ୨୧ |
| ଅଭୁଲା ସ୍ମୃତିର ଅକୁହା କାହାଣୀ | ସୁମିତ୍ରା ପୃଷ୍ଟି | ୨୬ |
| କାବେରୀର ସ୍ୱପ୍ନ | ଶଶାଙ୍କ ଶେଖର ପଣ୍ଡା | ୩୦ |
| ଅଭିମାନର ଅବଶୋଷ | ରାଜେଶ କୁମାର ବାରିକ | ୪୦ |
| କଷ୍ଟ | ସୁଧାଂଶୁ ଶେଖର ସାହୁ | ୪୩ |
| ଯାହା ଦେଲେ ଖାଏ | ମହେଶ୍ୱର ସାହୁ | ୪୫ |
| ଚପଲର ଦାନ | ଅଙ୍କିତା ପାଢ଼ୀ | ୫୭ |
| ଅନ୍‌ଫ୍ରେଣ୍ଡ | ସିଦ୍ଧେଶ୍ୱର ତ୍ରିପାଠୀ | ୬୨ |
| କାର୍ତ୍ତିକ ମାସ | ବିଦ୍ୟୁତଲତା ମିଶ୍ର | ୬୩ |
| ଅହଲ୍ୟା | ପ୍ରମୋଦ କୁମାର ପଣ୍ଡା | ୬୭ |
| ଝଡ଼ | ଶିବଶଙ୍କର ସାହୁ | ୭୭ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ତଲାସ | ଜାଗୃତି ରଞ୍ଜନ ମିଶ୍ର | ୮୦ |
| ଲୁଣ୍ଠିତ ଶୈଶବ | ସୁଷମା ପରିଜା | ୮୮ |
| ୱାୟାର୍‌ଲେସ୍ | ସୁଧାଂଶୁ ଶେଖର ଦ୍ୱିବେଦୀ | ୯୭ |
| ଆଲୋକର ଉତ୍ସ | ମିନାକ୍ଷୀ ପଟ୍ଟନାୟକ | ୧୦୪ |
| **କବିତା ବିଭାଗ** | | **୧୦୬** |
| ମନ ଓ ବିବେକ | ବିଜୟ କୁମାର ପଣ୍ଡା | ୧୦୭ |
| କହରେ କାଳିଆ କହ | ପ୍ରଣତି ମହାପାତ୍ର | ୧୦୮ |
| ପାପପୂଣ୍ୟର ହିସାବ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୦୯ |
| ଯେମିତି ବୁଝୁଛ ବୁଝ | ରାଧାକୃଷ୍ଣ ଦଳେଇ | ୧୧୦ |
| ପ୍ରେମ କଳି | ଡଃ ଆଲୋକ କୁମାର ରାୟ | ୧୧୨ |
| ପ୍ରାପ୍ତି | ଚିନ୍ମୟ ବାରିକ | ୧୧୩ |
| ଅକ୍ଷ କବଚ | ସୁପ୍ରିୟା ମିଶ୍ର | ୧୧୫ |
| ଅମୃତର ଅନ୍ୱେଷଣ | ଅମ୍ବିକା ସ୍ୱାଇଁ | ୧୧୬ |
| ଛୋଟ ଛୋଟ | ଅଜୟ କୁମାର ବେହେରା | ୧୧୮ |
| ପ୍ରେମ ପାଗଳ | ଆଶୁତୋଷ ମେହେର | ୧୨୦ |


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ତୁମ ହାତ ଚା' | ନବୀନ ସାହୁ | ୧୨୧ |
| ତମ ଶେଷ ଚିଠି | ଜ୍ୟୋତିର୍ମୟୀ ବେହେରା | ୧୨୪ |
| କାର୍ତ୍ତିକରେ ଧର୍ମଡାକ | କୁମାର ଲୋକେଶ୍ | ୧୨୬ |
| ଜୀବନ | ରାମକୃଷ୍ଣ ପାଣିଗ୍ରାହୀ | ୧୨୭ |
| ମହାତ୍ମା ଗାନ୍ଧୀ | ପ୍ରୀତିରେଖା ପରିଡ଼ା | ୧୨୯ |
| ବୋଉ ଡାକିଦେଲା | ସୁଶାନ୍ତ କୁମାର ଧଳ | ୧୩୦ |
| ପ୍ରେମ ବିନା କେ ବା ରହି | ଚିନ୍ମୟୀ ସାହୁ | ୧୩୨ |
| ଶୁଭ ଦୀପାବଳି ଶୁଭେଚ୍ଛା | ବିଦ୍ୟାଧର ପଣ୍ଡା | ୧୩୪ |
| ଆସ, ମାରିଦେବା ରାବଣକୁ | ଦିଲିପ୍ କୁମାର ତ୍ରିପାଠୀ | ୧୩୫ |
| ଅବୁଝା ପ୍ରିୟତମା | ଆର୍ଯ୍ୟରଶ୍ମୀ ଦଳାଇ | ୧୩୭ |
| ଅପେକ୍ଷା | ନୂତନ କୁମାର ବେହେରା | ୧୩୮ |
| ବେଶ୍ୟା | ସନାତନ ସରକାର | ୧୪୦ |
| ନିଜେ ପଢ଼ି ନିଜ ଚିଠି | ଅମ୍ରିତେଶ ଖଟୁଆ | ୧୪୨ |
| ମାନବରୂପୀ ଦାନବ | ସ୍ୱର୍ଣ୍ଣପ୍ରଭା ଖଟୁଆ | ୧୪୩ |
| କବିର ଭାବନା | ରୋହିତ ସେଠୀ | ୧୪୫ |
| ଭଙ୍ଗା ହୃଦୟ | ବର୍ଷା ମହାପାତ୍ର | ୧୪୬ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ଅଁଳା ନବମୀ | ଗୌରୀ ପଣ୍ଡା | ୧୪୮ |
| ଅବଶିଷ୍ଟ | ରାଜେନ୍ଦ୍ର ଗିରି | ୧୪୯ |
| କେମିତି ବଞ୍ଚିବି | ମହେଶ୍ୱର ସାହୁ | ୧୫୧ |
| ସମୟର ଖେଳ | ଅଙ୍କିତା ପାଢ଼ୀ | ୧୫୨ |
| ଦୋକାନ | ତୁଷାରକାନ୍ତ ପ୍ରସାଦ | ୧୫୩ |
| ଆଉ ଫେରି ହେଉନାହିଁ | ବିନୟ ମିଶ୍ର | ୧୫୪ |
| ତୁମେ ନିଶ୍ଚୟ ଫେରିବ | ବନ୍ଦନା ନାୟକ | ୧୫୬ |
| ଓଁକାର ବିନ୍ଦୁ | ସରୋଜିନୀ ମିଶ୍ର | ୧୫୮ |
| ବିଶ୍ୱାସ ସୁମନ | କାର୍ତ୍ତିକ ଚନ୍ଦ୍ର ସେଠୀ | ୧୫୯ |
| ଧନ୍ୟକହିବ ନୀଳମଣିକି | ଅନାମ ଚରଣ ସାହୁ | ୧୬୦ |
| ତୁମେ ଓ ଅହଲ୍ୟାମାନେ | ଅନୁସୂୟା ମିଶ୍ର | ୧୬୧ |
| ସାଥୀ... | କାର୍ତ୍ତିକ ପାଣିଗ୍ରାହୀ | ୧୬୩ |
| ସାଇକେଲ୍ | ରାଜେନ୍ଦ୍ର ସାମଲ | ୧୬୫ |
| ଶୀତ ଆଗମନ | ପଙ୍କଜ ମାହାନା | ୧୬୭ |
| ଆଲୋ ବାରମାସୀ | ତାରାପ୍ରସାଦ ଜେନା | ୧୬୮ |
| ଗଙ୍ଗଶିଉଳି | ଡଃ ମଧୁସ୍ମିତା ମିଶ୍ର | ୧୭୦ |


ଆହ୍ୱାନ ଇ-ପତ୍ରିକା

| | | |
|---|---|---|
| କାନ୍ଦୁଛି ଜମ୍ବୁରା... ଝୁରୁଛି ଅନନ୍ୟା | ନାରାୟଣ ଚନ୍ଦ୍ର ସେନାପତି | ୧୭୧ |
| ଘର | ହରେରାମ ପଣ୍ଡା | ୧୭୩ |
| ଜୀବନାବସ୍ଥାର ବିଷମତା | ରୋଜା ପଣ୍ଡା | ୧୭୪ |
| ଅହଂକାର | ସୂର୍ଯ୍ୟକାନ୍ତ ବେହେରା | ୧୭୫ |
| ଭାରତମାତା | ପ୍ରଦୀପ କୁମାର ପଧାନ | ୧୭୭ |
| ଶିଶୁଦିବସର ଗାଥା | ଅଭିମନ୍ୟୁ ବେହେରା | ୧୭୯ |
| ସମୟ | କାହ୍ନୁଚରଣ ସାହୁ | ୧୮୦ |
| ଭ୍ରାନ୍ତି | ଉର୍ମିଳା ଦାସ | ୧୮୨ |
| ତୁମ ବିନା | ରବୀନ୍ଦ୍ରନାଥ ମହାରଣା | ୧୮୩ |
| ଦୀପାବଳି | ସଂଯୁକ୍ତା ମିଶ୍ର | ୧୮୪ |
| ସତକରି କୁହ | ବିଦ୍ୟାଧର ମିଶ୍ର | ୧୮୬ |
| ହସିଦିଅ ତ ଟିକେ | ରିଭୁ ଆଭୂଷଣ ପଣ୍ଡା | ୧୮୭ |
| ତୁମେ ନାରୀ | ଜ୍ଞାନେଶ୍ୱର ମିଶ୍ର | ୧୮୮ |
| ଲଲାଟ ଲିଖନ | ଡଃ ଜ୍ୟୋତ୍ସ୍ନା ରାୟ | ୧୮୯ |
| ସ୍ମୃତି | ଲିଲିମଣୀ ନାୟକ | ୧୯୦ |
| ରାମରାଜ୍ୟ | ଜୟନ୍ତ କୁମାର ସାହୁ | ୧୯୧ |


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| କନ୍ୟାରତ୍ନ | ମିହିର ପ୍ରତାପ ସାହୁ | ୧୯୨ |
| ଅପହଞ୍ଚ ଦୂରତା | ଶେଖର ସାହୁ | ୧୯୩ |
| କୁଳାଙ୍ଗାର ପୁଅ | ସମୀର ରଞ୍ଜନ ଦାସ | ୧୯୪ |
| ଶୀତ ଆସିଥିବ | ସତ୍ୟବ୍ରତ ସାହୁ | ୧୯୫ |
| ମଧ୍ୟାହ୍ନର ଛାଇ | ପ୍ରଦୀପ କୁମାର ନାୟକ | ୧୯୬ |
| ବିସ୍ଥାପିତର କୋହ | ଦୀପକ ଷଡ଼ଙ୍ଗୀ | ୧୯୭ |
| କଣ ଲେଖିବି ତୁମ ପାଖକୁ | ଡା ନୀଳମାଧବ କର | ୧୯୯ |
| ମାଟିହାଣ୍ଡି | ଶ୍ରୀକାନ୍ତ କୁମାର ମିଶ୍ର | ୨୦୦ |
| ଏଇ ମୋ ଓଡ଼ିଶା | ରଞ୍ଜିତା ଦାସ | ୨୦୨ |
| ଶରତ ଗୀତ | ମୀନତି ଦାସ | ୨୦୭ |
| ଆଲୋକର ପର୍ବ ଦୀପାବଳି | ଦୀପାଞ୍ଜଳି ଭଞ୍ଜ | ୨୦୮ |
| ଶୈଳପୁତ୍ରୀ | ଚନ୍ଦ୍ରଶେଖର ଗୋ | ୨୦୯ |
| ପରାଜିତ ବିଜୟ | ରାଧେଶ୍ୟାମ ମିଶ୍ର (ଅଂଶୁ) | ୨୧୧ |
| ହେ ମଧୁଛନ୍ଦା | ରିପୁନ୍ ଜୟ ମହାପାତ୍ର | ୨୧୩ |
| ଜହ୍ନ | ସହଦେବ ପ୍ରଧାନ | ୨୧୪ |
| ନିଜ ଗୁଣେ ଗରିୟାନ | ସୁବାସ ଚନ୍ଦ୍ର ମୁଦୁଲି | ୨୧୬ |


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ଧରିତ୍ରୀ | ସୁବାସିନୀ ତ୍ରିପାଠୀ | ୨୧୭ |
| ଆସିଛିରେ ଦୀପାବଳି | ଚନ୍ଦ୍ରକାନ୍ତ ଜେନା | ୨୧୮ |
| ଜେମାର ଜେନାମଣି | ଜଗଜୀବନ ସେଠୀ | ୨୧୯ |
| ସ୍ମୃତିର ସନେଟ୍ | ସୁନିଲ୍ କୁମାର ମଲ୍ଲିକ | ୨୨୦ |
| ଶିଶୁ ଉପବନ ଅମ୍ଳାନ ସମ | କୃପାସିନ୍ଧୁ ଦାସ | ୨୨୨ |

## ସମ୍ବଲପୁରୀ ବିଭାଗ ୨୨୩

| | | |
|---|---|---|
| ତାସ୍ | ଦେବାଶିଷ ସାଗର | ୨୨୪ |
| ତୁଇ ବି ହେତାବୁ ଘାଏ | ପ୍ରସନ୍ନ ପ୍ରୟାସ ଭୁଏ | ୨୨୫ |
| ଜିବନର୍ ବାଟ୍ | ହରୀଶ ତାଣ୍ଡି | ୨୨୬ |
| ଥିସି | ରାଜେଶ୍ ପୂଜାରୀ | ୨୨୭ |
| ରୁବାବ୍ | ହରୀଶ ତାଣ୍ଡି | ୨୨୮ |
| ଅରନ୍ | କବି ପ୍ରସାଦ | ୨୨୯ |
| ଦର୍ପନ୍ | କ୍ଷମାନିଧି ସାହୁ | ୨୩୧ |
| ମାଟି ମାଁର୍ | ଚନ୍ଦ୍ରଶେଖର ଗୋ | ୨୩୩ |
| ଫଟ୍‌କା (କଥାନୀ) | ଦେବାଶିଷ ସାଗର | ୨୩୪ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

| | | |
|---|---|---|
| ଜାଏଡ୍ (କଥାନୀ) | ଦେବାଶିଷ ସାଗର | ୨୩୫ |
| **ଆମ ରୋଷେଇ** | | **୨୩୬** |
| ମରାଠୀ ବ୍ୟଞ୍ଜନ | ମିନାକ୍ଷୀ ପଟ୍ଟନାୟକ | ୨୩୭ |
| **ପ୍ରବନ୍ଧ ବିଭାଗ** | | **୨୪୨** |
| ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା | ସ୍ୱପ୍ନାରାଣୀ ଗୁମାନ ସିଂହ | ୨୪୩ |
| ରଥାରୂଢ଼ ଶୁକପକ୍ଷୀ | ଶ୍ରୀମତି ଶାନ୍ତିଲତା ସାହୁ | ୨୪୯ |
| ରାମାୟଣ କଥା | ନରେନ୍ଦ୍ର ପ୍ରସାଦ ବେହେରା | ୨୫୨ |
| **ବିଶେଷ ସୂଚନା** | | **୨୫୬** |

**ଆହ୍ବାନ ଇ-ପତ୍ରିକାର ଆଗାମୀ (ଡିସେମ୍ବର ୨୦୧୯) ସଂସ୍କରଣ ନିମନ୍ତେ ଲେଖା ଗ୍ରହଣର ଶେଷ ତାରିଖ : ୩ ଡିସେମ୍ବର**

Magazine Downloaded from www.aahwaan.com



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ସମ୍ପାଦକଙ୍କ କଲମରୁ...

ନମସ୍କାର

ମୁଁ ପୁଣିଥରେ ଆପଣଙ୍କ ସ୍ନେହ ଓ ସଦିଚ୍ଛାର ଉପହାର ଆହ୍ୱାନ ଇ-ପତ୍ରିକାର ନଭେମ୍ବର ୨୦୧୯ ସଂସ୍କରଣ ନେଇ ଉପସ୍ଥିତ ହୋଇଛି । ମାସକୁ ମାସ ଓଡ଼ିଆ ସାହିତ୍ୟର ପ୍ରସାର ହେତୁ ଏବଂ ନୂତନ ଓଡ଼ିଆ ଲେଖକ ଲେଖିକା ସୃଷ୍ଟି କରିବାର ମହତ୍ ଉଦ୍ଦେଶ୍ୟକୁ ସାଧିତ କରି ଆସୁଥିବା ଆହ୍ୱାନ ଇ-ପତ୍ରିକାର ସମସ୍ତ ପାଠକ ପାଠିକାଙ୍କୁ ହୃଦୟରୁ ଧନ୍ୟବାଦ ଦେଉଛି ।

ସାହିତ୍ୟ କଣ ? ଏହି ପ୍ରଶ୍ନ ସମସ୍ତଙ୍କ ମନରେ ଉଣା ଅଧିକେ ଆସୁଥିବ ନିଶ୍ଚୟ । ମୁଁ ଜଣେ ସାହିତ୍ୟିକ ନୁହେଁ, କିନ୍ତୁ ସାହିତ୍ୟପ୍ରେମୀ ଅନେକ ବନ୍ଧୁ ଓ ଶୁଭେଚ୍ଛୁଙ୍କ ସ୍ନେହ ପାଇଁ ଏକ ପତ୍ରିକାକୁ ପ୍ରକାଶିତ କରିବାର ଧୃଷ୍ଟତା ମାତ୍ର କରି ଆସୁଛି । ହେଲେ ବର୍ତ୍ତମାନ ସମୟରେ ସାହିତ୍ୟକୁ ନେଇ ଅନେକ ପ୍ରକାର ପ୍ରତିଯୋଗୀତା ହେଉଛି ଏବଂ ଓଡ଼ିଆ ଭାଷାର ନୂତନ ତଥା ପ୍ରବୀଣ ଲେଖକ ଲେଖିକାମାନେ ବହୁ ସଂଖ୍ୟାରେ ସେଥିରେ ଅଂଶ ଗ୍ରହଣ କରି ପ୍ରମାଣିତ କରୁଛନ୍ତି ଯେ ଆମ ଭାଷା ଦୁର୍ବଳ ନୁହେଁ । କିନ୍ତୁ ସାହିତ୍ୟକୁ ପାଥେୟ କରି କିଛି ବନ୍ଧୁ ଅନେକ ଅଶ୍ରାବ୍ୟ ଓ ଅଶାଳୀନ ଆଲେଖ୍ୟମାନ ସୃଷ୍ଟି କରୁଛନ୍ତି ଏବଂ ଏହାକୁ ଆଧୁନିକତାର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦ୍ୱାହି ଦେଇ ବାହାସ୍ଫୋଟ ମାରିବାକୁ ପଛାଉ ନାହାନ୍ତି । ଯୁଗେ ଯୁଗେ ଏମିତି ଅନେକ କବି ଓ ଲେଖକଙ୍କ ଉଦ୍‌ଭବ ଘଟିଛି ଯେଉଁମାନେ ନିଜ ପାଇଁ ଅଲଗା ପଥ ସୃଷ୍ଟି କରିବା ଉଦ୍ଦେଶ୍ୟରେ ସାହିତ୍ୟକୁ ଅଶ୍ଳୀଳତାରେ ଭରି ଦେଇଛନ୍ତି । ସେହି ବନ୍ଧୁମାନଙ୍କ ଉଦ୍ଦେଶ୍ୟରେ କଣ ବା କହିବି ? ଏମିତି କିଛି ବନ୍ଧୁଙ୍କ ସହ ଯୁକ୍ତି ହୋଇଥିଲା, କିନ୍ତୁ ସେମାନେ ବୁଝିବାକୁ ଅମଙ୍ଗ ହୋଇଥିଲେ ଯେ ସେମାନେ ସୃଷ୍ଟି କରୁଥିବା କାବ୍ୟ କବିତା ସମାଜକୁ ସୁପଥ ଦର୍ଶାଇବା ବିପରୀତ ରସାତଳକୁ ଠେଲି ପକାଇବ ।

ଅନ୍ୟ ଜଣେ ବନ୍ଧୁ ଲେଖିଲେ, ଯେ ତୁମେ ମୋତେ ଉଠାଅ ମୁଁ ତୁମକୁ ଉଠାଇବି, ଆଜିକାଲି ସାହିତ୍ୟ ମାନେ ହିଁ ଏଇୟା । ଏହାକୁ କେତେକାଂଶରେ ମୁଁ ନିଜେ ହୃଦୟଙ୍ଗମ କରିଛି ତେଣୁ ଭୁଲ ବୋଲି କହି ପାରିବି ନାହିଁ । କାରଣ ଅନେକ ସାହିତ୍ୟାନୁଷ୍ଠାନ ଏହିଭଳି ପନ୍ଥା ଅନୁସରଣ କରିବାର ଉଦାହରଣ ସମସ୍ତେ ଦେଖିଥିବେ ଓ ଜାଣିଥିବେ । ଏହିଭଳି ଘଟଣା ସାମ୍ପ୍ରତିକ ସମୟରେ ବିରଳ ନୁହେଁ । ସବୁକିଛି ଦିଆନିଆରେ ଚାଲିଛି ବୋଲି ମତ ଦିଅନ୍ତି ଅନେକ ବନ୍ଧୁ । ସାହିତ୍ୟିକ ଜଣେ ଯେତେବେଳେ ପୁରସ୍କାର ସର୍ବସ୍ୱ ହୋଇଯାଏ ସେତେବେଳେ ନୈତିକତାକୁ କିଏ ପଚାରେ । ଆଜିକାଲି ତ କେବଳ ପୁରସ୍କାରର ଯୁଗ ଆସିଛି । ଯାହାକୁ ଦେଖ ସେ କିଛି ନା କିଛି ପୁରସ୍କାର ପାଇଥିବା କଥା ବା ଛବି ଫେସବୁକ୍ ଓ ହ୍ୱାଟ୍‌ସଆପ୍‌ରେ ପ୍ରସାର କରି ନିଜ ପାଇଁ ବାହାବା ଗୋଟାଇବାରେ ବ୍ୟସ୍ତ ।

ଅନେକ ଦିନତଳେ ଆହ୍ୱାନ ଇ-ପତ୍ରିକାରେ ପ୍ରକାଶିତ ହେଉଥିଲା ଗଳ୍ପସ୍ପର୍ଦ୍ଧା ବୋଲି ଏକ ପ୍ରତିଯୋଗୀତା ମୂଳକ ବିଭାଗ । ପ୍ରତ୍ୟେକ ମାସରେ ଏକ ବିଷୟ ଦିଆଯାଇ ତାହାକୁ ଆଧାର କରି ଗଳ୍ପଟିଏ ଲେଖିବାକୁ ପ୍ରୋତ୍ସାହିତ କରାଯାଉଥିଲା । ଏଥିରେ କୃତୀ ଲେଖକ ଲେଖିକାଙ୍କୁ ସମ୍ମାନିତ ବି କରାଯାଉଥିଲା । ଯେତେବେଳେ ଆମେ ଚାହିଁଲୁ ଯେ ଏହି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରତିଯୋଗୀତାକୁ ବ୍ୟାପକ କରାଯାଇ ଏଥିରେ ଅନ୍ୟମାନଙ୍କ ମତକୁ ବି ଗୁରୁତ୍ୱ ଦିଆଯିବ, ସେତେବେଳେ ଏହାକୁ ନେଇ ଅନେକ ବାକ ବିତଣ୍ଡା ହୋଇଥିଲା, କିଛି ସହୃଦୟ ବନ୍ଧୁ କହିଲେ ଏହାଦ୍ୱାରା କେବଳ ବ୍ୟବସାୟିକ ଲାଭ ଦିଗରେ ହିଁ ମନ ବଳିବ ସିନା ସାହିତ୍ୟର କିଛି ଲାଭ ହେବନାହିଁ । ଅଗତ୍ୟା ସେହି ପ୍ରତିଯୋଗୀତା କିଛି ଦିନପରେ ପତ୍ରିକାରୁ ଉହ୍ୟ ହୋଇଗଲା କାରଣ ସେଥିରେ ଅନେକ ଆରୋପ ପ୍ରତ୍ୟାରୋପ କରିବାରେ ବ୍ୟସ୍ତ ହୋଇଗଲେ ।

ଆଶ୍ଚର୍ଯ୍ୟର ବିଷୟ ଯେଉଁ ବନ୍ଧୁମାନେ ଏହି ସବୁ ପ୍ରତିଯୋଗୀତାକୁ ଭଲ ନୁହେଁ ବୋଲି ମତ ଦେଇଥିଲେ ସେମାନେ ହିଁ ଆଜି ନିଜ ପାଇଁ ପୁରସ୍କାରର ଯୋଗାଡ଼ କରିବା ହେତୁ ଫେସବୁକରେ ଲାଇକ୍ ଓ କମେଣ୍ଟ ପାଇଁ ଅନୁରୋଧ ପଠାଉଛନ୍ତି । ଏହାଦ୍ୱାରା ସାହିତ୍ୟ କେମିତି ସମୃଦ୍ଧ ହେଉଛି ସେମାନେ ହିଁ ଜାଣିଥିବେ ବୋଧହୁଏ ।

ସେ ଯା ହେଉ, ଚଳିତ ମାସ ସମୁଦାୟ ଭାରତବର୍ଷପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସମୟ ଥିଲା । ବିଗତ ନଅ ତାରିଖ ଦିନ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଅଯୋଧ୍ୟାର ବିବାଦିତ ଭୂମିକୁ ମହାପ୍ରଭୁ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀ ରାମଙ୍କ ଜନ୍ମସ୍ଥଳୀର ମାନ୍ୟତା ଦେଇ ସେଠାରେ ରାମ ମନ୍ଦିର ନିର୍ମାଣର ପଥ ସୁଗମ କରିଦେଲେ । ବିଗତ ଅନେକ ଶତାବ୍ଦୀ ଧରି ଯେଉଁ ସ୍ଥାନ ପାଇଁ ସମଗ୍ର ହିନ୍ଦୁ ସମାଜ ଅପେକ୍ଷା କରି ବସିଥିଲା ତାହା ଏବେ ସମ୍ଭବ ହୋଇ ପାରିଲେ ଏଥିପାଇଁ ମୁଁ ସମସ୍ତ ବନ୍ଧୁଙ୍କୁ ଅଭିନନ୍ଦନ ଜଣାଉଛି ।

ଆଶା କରୁଛି ଚଳିତ ମାସର ଆହ୍ୱାନ ଇ-ପତ୍ରିକା ଆପଣ ମାନଙ୍କୁ ଭଲ ଲାଗିବ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

*ପ୍ରତିଷ୍ଠାତା-ସମ୍ପାଦକ*

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାହାଣୀ ବିଭାଗ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସୁନେଲୀ ସିଂହ



ଅଶୋକ ବିଶ୍ୱାଳ

## ଅଘଟଣମାନ

ଆଗରୁ ନୀଳଗାଈମାନେ ଏତେ ସଂଖ୍ୟାରେ ନଥିଲେ । ଏମାନଙ୍କୁ ଶିକାର କଲେ ଦୁଇ ଭାଇଙ୍କୁ ବହୁତ ଭଲ ଲାଗେ । ମାଂସଟା କେମିତି ଟିକିଏ ଅଲଗା । ପାଟି ଅରୁଚି ଲାଗେନା । ଏ ଶିକାରଗୁଡକି ଦଳକୁ ପର୍ଯ୍ୟାପ୍ତ ଖାଦ୍ୟ ଯୋଗାଏ ।

ମଧ୍ୟ ଆଉ ପଶ୍ଚିମ ଗିର୍ ଅଂଚଳରେ ସିଂହମାନେ ଆଗରୁ ପ୍ରାୟ ୧୪ ପ୍ରତିଶତ ନୀଳଗାଈକୁ ଶିକାର କରୁଥିଲେ । କିନ୍ତୁ ପୂର୍ବ ଦିଗରେ ଥିବା ଆମ୍ରେଲ୍ଲୀରୁ ଭାବନଗର ଅଂଚଳରେ ସିଂହମାନେ ଖୁବ୍ ଶୀଘ୍ର ବ୍ୟପ୍ତ ହୋଇଗଲେ । ସେ ଅଂଚଳରେ ଅନେକ ନୀଳଗାଈ ଅଛନ୍ତି, ଆଉ ସିଂହ ଶିକାରର ପ୍ରାୟ ୫୮ରୁ ୪୬ ପ୍ରତିଶତ ନୀଳଗାଈ ଥାଏ । ଯଦି ଗୋଟିଏ ସିଂହୀ ଶିକାର କରୁଛି ସେ ସମୟରେ ପାଖରେ ସମ୍ବର କିମ୍ବା ନୀଳ ଗାଈ ଅଛି ତାହାହେଲେ ସେ ନୀଳଗାଈକୁ ଶିକାର କରିବାକୁ ଚେଷ୍ଟା କରେ ନାହିଁ । କାରଣ ନୀଳଗାଈ ଅପେକ୍ଷାକୃତ ଓଜନିଆ । ଯଦି କୌଣସି ସମୟରେ ହରିଣ ଆଉ ସମ୍ବର ଏକାଠି ଥାନ୍ତି ତାହାହେଲେ ସିଂହ ସମ୍ବରକୁ ମାରିବାକୁ ବେଶୀ ପସନ୍ଦ କରେ । ତାର କାରଣ ହେଉଛି ସମ୍ବର ତୁଳନାରେ ହରିଣ ଖୁବ୍ ଜଲଦି ଦୌଡିପାରେ, ଏଣୁ ସମ୍ବରକୁ ମାରିବା ସହଜ ଆଉ ହରିଣକୁ ମାରିବା କଷ୍ଟ । ତେଣୁ ସେଇଥିପାଇଁ ସମ୍ବରକୁ ମାରିଥାନ୍ତି । ଯଦି ୨ରୁ ୮ଟି ସିଂହୀଥାନ୍ତି ସେମାନେ ସାଧାରଣତଃ ଗୋଟିଏ ହରିଣକୁ ଲକ୍ଷ୍ୟ କରନ୍ତି ନାହିଁ । ସେମାନେ ସଂପୂର୍ଣ୍ଣ ଦଳକୁ ଘେରି ଯାଆନ୍ତି । ଯଦି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେଥିରେ ହରିଣ, ସମ୍ବର, ନୀଳଗାଈ ଇତ୍ୟାଦି ଥାଏ । ସେହି ସମୟରେ ସଦସ୍ୟମାନେ ଯାହା ପାରନ୍ତି ଧରିବାକୁ ଚେଷ୍ଟା କରନ୍ତି । ଯଦି ହରିଣ ବା ନୀଳଗାଈକୁ ପସନ୍ଦ କରାଯାଏ ତାହାହେଲେ ସିଂହମାନେ ନୀଳଗାଈକୁ ମାରିବାକୁ ବେଶୀ ପସନ୍ଦ କରନ୍ତି । କାରଣ ଏଥିରେ ଗୋଟିଏ ଶିକାରର ଅନେକ ମାଂସ ମିଳିପାରେ । ଗୋଟିଏ ଅଂଚଳରେ ହରିଣ, ଅନ୍ୟ ଅଂଚଳରେ ନୀଳଗାଈ ବା ସମ୍ବର ଥା'ନ୍ତି । ତେଣୁ ସେମାନଙ୍କର ଶିକାର ସମୟ ଅନୁସାରେ ବଦଳେ । ସେହି ଗୋଟିଏ ପ୍ରକାର ଶିକାର ସବୁବେଳେ ସେମାନେ କରନ୍ତି ନାହିଁ ।

ନୀଳ ଗାଈର ସିଂହର ଏକ ମୁଖ୍ୟ ଖାଦ୍ୟ । ନୀଳ ଗାଈ ସହଜର ମାନିବାର ଜନ୍ତୁ ନୁହେଁ । ମୁଣ୍ଡରେ ଦୁଇକଡରେ ଧାରୁଆ ଶିଂଘ । ଏହା ଅନେକ ସମୟରେ ଖୁବ୍ ସହଜରେ ଶିକାରୀର ପେଟରେ ଗଳିଯାଇପାରେ । ନୀଳଗାଈର ଶିକାରରେ ସାବଧାନତା ଗ୍ରହଣ କରିବା ଆବଶ୍ୟକ ଅଛି । ସିଂହ ଆକ୍ରମଣବେଳେ ଖୁବ ସାବଧାନ ରହେ । ତା ସତ୍ୱେ ବି କେବେ କେବେ ଅଘଟଣ ଘଟିଯାଏ ।

ଏମିତି ଏକ ଅଘଟଣ ଘଟିଗଲା ।

ଦିନେ ସକାଳେ ଦଳେ ନୀଳଗାଈ ଘାସ ପଡିଆରେ ଚରୁଥିଲେ । ସୁନ୍ଦର ନରମ ଘାସ । ସେମାନଙ୍କର ମୁଣ୍ଡରେ ସରୁଆ କୋନ୍ ଭଳି ଶିଂଘମାନ ଉଠିଥାଏ, ଆଗଟା ଖୁବ୍ ଗୋଜିଆ । ସିଧା ଗୋଜିଆ ଶିଂଘ ଦର୍ଶାଉଥାଏ ଏହା ଅଣ୍ଡିରା ନୀଳଗାଈ ଆଉ ଖୁବ୍ ଶୀଘ୍ର ଆକ୍ରମଣ କରିପାରେ । ତାର ପଛରେ ମାଈ ନୀଳଗାଈମାନେ ଆସୁଥାନ୍ତି । ଦଳ ଶାନ୍ତିରେ ଘାସ ଚରୁଥାନ୍ତି । ନୀଳଗାଈମାନେ ଘାସ ପଡିଆ ଆଉ ବୁଦୁ ବୁଦୁକିଆ ଜଙ୍ଗଲକୁ ପସନ୍ଦ କରନ୍ତି । ଏମାନେ ତୃଣଭୋଜୀ ।

ନୀଳଗାଈ କିଛି ମାତ୍ରାରେ ଆକ୍ରମଣଶୀଳ ମଧ୍ୟ । ସେମାନେ ସହଜରେ କିଛି ମାନିବା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜନ୍ତୁ ନୁହଁନ୍ତି । କିନ୍ତୁ ସିଂହ ପାଖରେ ସେମାନଙ୍କ ଚାରା ନଥାଏ । ସିଂହ ଦଳରେ ଶିକାର କରେ । ଦଳ ଆଗରେ ନୀଳଗାଈର ଆକାର କିଛି କାମ କରେନାହିଁ ।

କିଛି ବାଟ ଗଲା ପରେ ଅଣ୍ଡିରା ନୀଳ ଗାଈ ଅଟିକିଗଲା । ଆଗରେ ବୋଧେ କିଛି ଗୋଟିଏ ଅଛି । କିନ୍ତୁ ଆଗରେ ଏକ ସିଂହୀ ତାକୁ ଶିକାର କରିବା ପାଇଁ ଛପି ରହିଛି ବୋଲି ଜାଣିପାରିଲାନି । କିଛି ସମୟ ଅପେକ୍ଷା କଲା ପରେ ପୁଣି ନିଡର ହୋଇଗଲା ଆଉ ଚାଲିବାକୁ ଲାଗିଲା । ନୀଳଗାଈ ମାନଙ୍କର ଏକ ଆଶ୍ଚର୍ଯ୍ୟ ଲକ୍ଷଣ ଅଛି । ଯେଉଁଠି ସେମାନେ ମଳତ୍ୟାଗ କରିଥିବେ ସେଇଠି ବାରମ୍ବାର ମଳତ୍ୟାଗ କରିବେ । ଜଙ୍ଗଲରେ ଭିତରେ ଅନେକ ଯାଗାରେ ନୀଳଗାଈର ମଳ ଏକାଠି ହୋଇଥିବା ଦେଖାଯାଏ । ଏପରି ମଳତ୍ୟାଗର ଲକ୍ଷଣ ହୋଇଛି ଯିଏ ନିଜର ଅଂଚଳକୁ ଚିହ୍ନଟ କରିବା ।

ସେଦିନ ଅଣ୍ଡିରା ନୀଳଗାଈଟି କେମିତି ଏକଦମ୍ ନିଡର ହୋଇଯାଇଥିଲା । ମୃତ୍ୟୁ ତାକୁ ଡାକୁଥିଲା । ସେ ପୁରୁଣା ମଳତ୍ୟାଗ କରିବା ସ୍ଥାନରେ ଯାଇ ମଳତ୍ୟାଗ କରିବାକୁ ଲାଗିଲା । ସିଂହ ନୀଳଗାଈର ଏମିତି ବ୍ୟବହାର ସହ ଖୁବ ପରିଚିତ । ତେଣୁ ସେମାନେ ଏସବୁ ଯାଗାରେ ନୀଳଗାଈ ଶିକାର ପାଇଁ ଛପି ରହନ୍ତି । ଏମିତ ଏଥର ପାଖରେ ଦଳର ଏକ ସିଂହୀ ଛପି ରହିଥିଲା । ସେ ଖୁବ୍ ଜୋର୍ରେ ନୀଳଗାଈ ଆଡକୁ ମାଡିଆସିଲା । ନୀଳଗାଈ ଚମକି ପଡି ଜୋର୍ରେ ଦୌଡିବାକୁ ଲାଗିଲା କିନ୍ତୁ ସିଂହୀ ବହୁତ ପାଖରେ । ସିଂହୀ ପାଖକୁ ଆସି ନୀଳଗାଈ ଉପରକୁ ଡେଇଁ ପଡିଲା ଆଉ ତା ପଛଆଡକୁ ନିଜ ମୁନିଆ ଥାବାରେ ଧରିନେଲା । ପ୍ରାୟେ ୧୨୦-୨୦୦ କିଲୋଗ୍ରାମ ଓଜନର ନୀଳଗାଈକୁ ସହଜରେ ପକାଇ ହେବ ନାହିଁ । ନୀଳଗାଈ ନିଜ ପଛଗୋଡକୁ ଛାଟିବାକୁ ଲାଗିଲା ଆଉ ସିଂହୀକୁ ପକାଇବାକୁ ଚେଷ୍ଟା କଲା । ସିଂହୀର ମୁନିଆ ନଖ ନୀଳଗାଈ ଦେହରେ ଫୁଟିଯାଇଥାଏ । ଆଉ ତାକୁ ପଛରୁ କାମୁଡିବାକୁ ଚେଷ୍ଟା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରୁଥାଏ । ନୀଳ ଗାଈ ନିଜର ଗୋଡ ଛାଟି ସିଂହୀକୁ ପକାଇବାକୁ ଚେଷ୍ଟା କରୁଥାଏ ।

ଏ ଭିତରେ ସତକୁ ସତ ସିଂହୀ ତଳେ ପଡିଗଲା । ନୀଳ ଗାଈ ଦୌଡିବାକୁ ଲାଗିଲା । କିନ୍ତୁ ସିଂହୀ ତାକୁ ଧରିବା ପାଇଁ ପ୍ରାଣ ପଣେ ଚେଷ୍ଟା କରୁଥାଏ । ସିଂହୀ ଦୌଡି ଦୌଡି ତାର ପିଠି ଉପରକୁ ଡେଇଁ ପଡିଲା । ନୀଳ ଗାଈ ସିଂହୀକୁ ଖସେଇ ପକେଇବାକୁ ଖୁବ ଚେଷ୍ଟା କରୁଥାଏ । କିନ୍ତୁ ସିଂହୀ ନୀଳଗାଈକୁ ବର୍ତମାନ ସହଜରେ ପକାଇ ଦେଲା । ସିଂହୀ ମଧ୍ୟ ତା ସହିତ ତଳେ ପଡିଗଲା । ନୀଳଗାଈ ଖୁବ୍ ଜୋର୍ରେ ନିଜର ଶିଂଘକୁ ସିଂହୀର ଡାହାଣ ପିଞ୍ଜରାରେ ଫୁଟାଇ ଦେଲା । କିନ୍ତୁ ସିଂହୀକୁ ଭୁସିବା ସତ୍ୱେ ମଧ୍ୟ ସିଂହୀ ତା ବେକକୁ ଧରିନେଲା । ଆଉ ପରେ ନୀଳଗାଈର ମୁହଁକୁ ଧରି ତା ନିଶ୍ୱାସକୁ ବନ୍ଦ କରିଦେଲା । ଫଳରେ ନୀଳଗାଈ ଖୁବ୍ ଜୋର୍ରେ ଛାଟି ପିଟି ହୋଇ ମରିଗଲା । ତଳେ ବାଡୋଇ କଚାଡି ହୋଇ ପଡିଲା । ଏପଟେ ସିଂହୀ ଖୁବ୍ ଜୋର୍ରେ ଆଘାତ ପାଇଥାଏ । ଏହିପରି ଆଘାତ ପାଇବା ଶିକାରରେ ପ୍ରାୟେ ଏକ ସ୍ୱାଭାବିକ ଘଟଣା । ଶିକାରୀ ପଶୁମାନେ ନ ଆଘାତ ନ ପାଇବା ପାଇଁ ଖୁବ ସାବଧାନତା ଗ୍ରହଣ କରନ୍ତି । ତଥାପି ବି କେବେ କେବେ ଅଘଟଣ ଘଟିଯାଏ ।

ସେମାନଙ୍କ ଦଳ ଏକ ଶକ୍ତିଶାଳୀ ଦଳ ଭାବରେ ପ୍ରତିଗଣିତ ହେଲାଣି । ସିଂହମାନେ ଏକ ନିର୍ଦ୍ଦିଷ୍ଟ ଅଂଚଳରେ ଆଧିପତ୍ୟ ବଜାୟ ରଖନ୍ତି । ଗୋଟିଏ ସିଂହ ଦଳ ପ୍ରାୟ ୫୦ ବର୍ଗ କିଲୋମିଟର ଅଂଚଳରେ ନିଜର ଆଧିପତ୍ୟ ଜମାଇଥାଏ । ସେହି ଅଂଚଳରେ ଅନେକ କିସମର ଶିକାର ଥାଆନ୍ତି ।

ଏଣେ ସିଂହୀଟି ଖୁବ ଆଘାତ ପାଇଥାଏ । ତାର ଦେହରୁ ରକ୍ତ ବୋହିଯାଉଥାଏ । ଦଳର ଅନ୍ୟ ସିଂହୀମାନେ ଦୌଡି ଆସିଲେ । ସେମାନେ ଏ ସିଂହୀର ଚାରି ପଟେ ବୁଲିଲେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସିଂହ ମଧ୍ୟ ଜୋର ଚାଲିରେ ଆସିଲା, କିନ୍ତି ନୀଳଗାଇକୁ ନଖାଇ ସିଂହୀକୁ ଦେଖିଲା । ଏ ସିଂହୀଟି ତଳେ ପଡିଥାଏ ଆଉ ଧକଉଥାଏ ।

କିଛି ସିଂହୀ ତାକୁ ଚାଟିଲେ । ମାଂସରେ ଶକ୍ତହୋଇ ଫୁଟିଯାଇଛି କିନ୍ତୁ ଛାତି କଣା କରିନି । ବଂଚିଯିବ । ପରନ୍ତୁ ସମୟ ଲାଗିବ । ଏବେ ତାର ସେବା ଦରକାର ।

ଏହାପରେ ସିଂହ ଆଉ ସିଂହୀମାନେ ନୀଳଗାଇକୁ ଖାଇବାକୁ ଲାଗିଲେ । ସେମିତି କିଛି ଠେଲୋ ପେଲା । ଏ ମଝିରେ ଆହାତ ସିଂହୀଟି ଆସିଲା । କେହି ତାକୁ ଠେଲୁ ନଥିଲେ । ସେ କିଛି ମାଂସ ଖାଇନେଲା । ତାପରେ ଯାଇ ପେଟେଇ ପଡି ବିଶ୍ରାମ ନେଲା ।

ସିଂହୀର କ୍ଷତ ଶୁଖିବାକୁ ସମୟ ନେଲା । ସେ ଶିକାରରେ ଭାଗ ନେଇ ପାରୁନଥିଲା । ତାକୁ ଦୌଡିବାକୁ କଷ୍ଟ ଲାଗୁଥିଲା । କିନ୍ତୁ ଏହି ସମୟରେ ତାର ଖାଇବାରେ କିଛି ଅଭାବ ହେଲାନି । ଦଳଗତ ଶିକାରରୁ ତାକୁ ସବୁବେଳେ ଭାଗ ମିଳୁଥିଲା । ଅନ୍ୟ ସିଂହୀମାନେ ତାର ଖଣ୍ଡିଆକୁ ଚାଟୁଥିଲେ । ଏମିତି ସେ ଧିରେ ଧିରେ ଭଲ ହୋଇ ଆସିଲା ।

ଦଳରେ ଏକ ସିଂହୀ ବା ଛୁଆ ବଂଚିଯିବାର ସମ୍ଭାବନା ବହୁତ ଅଧିକ । ତେଣୁ ସିଂହମାନେ ଦଳରେ ରୁହନ୍ତି ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶ୍ରାବଣୀର ଇତିକଥା



ନିବେଦିତା ମହାପାତ୍ର

ଶ୍ରାବଣର ବର୍ଷାଧାରାକୁ କେବେ ବିଶ୍ୱାସ କରାଯାଇ ନ ପାରେ । ଏବେ ତ ଆକାଶରେ ମିଞ୍ଜିମିଞ୍ଜି ହୋଇ ତାରାମାନେ ଆଲୋକ ଦେଉଥିଲେ ଆଉ ଦେଖୁନ ସାଙ୍ଗେ ସାଙ୍ଗେ କୋଉଠୁ ଚାଲି ଆସିଲା ଏ ଅମାନିଆ ଦୁଷ୍ଟ ବାଦଲଟା । ଭିଜେଇ ଚାଲିଛି ଗଛଲତା, ରାସ୍ତାଘାଟ, ଧାନକ୍ଷେତ ଆଉ ମତେ । ହଁ ତାର ବା ଦୋଷ କଣ ? ବୋଉ ତ ଅନେକ ଥର ଶିଖେଇଛି ବର୍ଷାଦିନେ ଯୁଆଡେ ବାହାରିବୁ ସାଥିରେ ଛତା କି ରେନକୋଟ୍ ନିଶ୍ଚୟ ନେଇଯିବୁ । ହେଲେ ମୁଁ ଭୁଲିଯାଏ । ଆଜି ବି ହଷ୍ଟେଲରୁ ବାହାରିବା ବେଳେ ଖଟ ଉପରେ ରଖିଥିଲି କିନ୍ତୁ ତରତର ହେଇ ଆସିବା ବେଳେ ଭୁଲିଗଲି । ହଉ ଆଜି ଘରେ ପହଞ୍ଚିଲେ ବୋଉ ମତେ ବହେ ଗାଳି ଦବ । ଦେଖାଯାଉ କଣ ହଉଛି । ବଞ୍ଚେଇବା ପାଇଁ ଘରେ ଭାଉଜ ବି ନାହାନ୍ତି । ମୋ ବେଳା ଆଜି ଖରାପ । କୋଉଠି ଟିକେ ଠିଆ ହବା ପାଇଁ ଯାଗା ବି ନାହିଁ । ଫନି ତ ସବୁ ଗଛପତ୍ରକୁ ନିଶ୍ଚିହ୍ନ କରିଦେଇଛି । ଏମିତି ଏଣୁତେଣୁ ମନେମନେ ଗପି ଚାଲିଥାଏ ସ୍ନିଗ୍ଧା । ହେଲେ ଆଜି ବାଟ ସରୁନି କଣ ପାଇଁ ?

ସ୍ନିଗ୍ଧା ହରିରାଜପୁର ଗାଁର ଶିବାନନ୍ଦ ମିଶ୍ରଙ୍କ ଝିଅ । କଟକରେ ରହି ପାଠ ପଢେ । ଛୁଟି ଦିନରେ ଗାଁକୁ ଆସେ । ଆସିବା ଖବର ଆଗରୁ ଜଣେଇଦେଲେ ମିଶ୍ର ବାବୁ କାହାକୁ ନା କାହାକୁ ବସ୍ ଷ୍ଟାଣ୍ଡ ପଠେଇ ଦିଅନ୍ତି ନ ହେଲେ ନିଜେ ଆସି ଯାଆନ୍ତି ଝିଅକୁ ନବାପାଇଁ । ଆଜି କିନ୍ତୁ ସେ ସୁଯୋଗ ନଥିଲା । କଲେଜରେ କ୍ଲାସ ଅଧା ହେଇଛି କି ନାହିଁ ନୋଟିସ୍

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜଣେଇ ଦିଆଗଲା ଛାତ୍ର ସଂସଦ ନିର୍ବାଚନକୁ ନେଇ ଦୁଇ ଛାତ୍ର ଗୋଷ୍ଠୀଙ୍କ ମଧ୍ୟରେ ହାତାହାତି ହେଇଥିବାରୁ ଅନିର୍ଦ୍ଦିଷ୍ଟ କାଳପାଇଁ କଲେଜ ଓ ହଷ୍ଟେଲ ବନ୍ଦ କରାଯିବ । ସଙ୍ଗେସଙ୍ଗେ ସମସ୍ତଙ୍କୁ ହଷ୍ଟେଲ ଛାଡିବାକୁ ହବ । ଏତେ ତରବର ହେଇ ଆସିବାକୁ ପଡିଲା ଯେ ଫୋନ୍ କରିବାକୁ ମନେ ପଡିଲାନି ତା'ର । ବସ୍‌ରେ ଫୋନ୍ କରିବ ବୋଲି ଭାବିଥିଲା; ହେଲେ ଫୋନ୍ ଟା ବି ଦଗା ଦେଲା । ଚାର୍ଜ ନଥିବାରୁ ଫୋନ୍ ଲାଗେଇବାକୁ ଗଲାବେଳେ ଫୋନ୍ ସୁଇଚ୍ ଅଫ୍ । ଅନ୍ୟ ଉପାୟ ନ ପାଇ ଏକାଏକା ସେ ଆଜି ଫେରୁଥିଲା ଘରକୁ । ବସ୍ ଷ୍ଟାଣ୍ଡରୁ ଘର ତିନି କିଲୋମିଟର । ବର୍ଷା ରାତିରେ ସେ ଭିଜିଭିଜି ଫେରୁଥିଲା ଘରକୁ ।

ହଠାତ୍ କାହାର ପାଦ ଶବ୍ଦ ତାକୁ ପ୍ରକୃତିସ୍ଥ କଲା । ମନରେ ଅଜଣା ଭୟ । କାଉ କୋଇଲି କେହି ତ ଦେଖାଯାଉ ନଥିଲେ । ଏ ଘନ ଅନ୍ଧାରରେ ପୁଣି ବର୍ଷା ରାତିରେ ସେତ ଏକା ଆସୁଥିଲା । ମନକୁ ଶକ୍ତ କରି ଅଟକିଲା ସ୍ନିଗ୍ଧା । ସାହାସ କରି ପଛକୁ ଚାହିଁଲା । ଗୋଟିଏ ଛାଇ ତା' ପାଖକୁ ଆସୁଥିଲା । ସେ ଛାଇଟି ତା'ର ଯେତିକି ନିକଟତର ହେଉଥିଲେ ସେ ସେତିକି ଭୟରେ ଶଙ୍କାକୁଳ ହେଇ ଯାଉଥିଲା । ଧିରେଧିରେ ସେ ଦେଖିଲା ଜଣେ ଛତା ଧରି ଆସି ତା ପାଖରେ ପହଞ୍ଚିଲା । ଅତି ସନ୍ତର୍ପଣରେ ନିଜ ଓଦା ଚୁନରିକୁ ସଜାଡିଲା ସ୍ନିଗ୍ଧା ।

ଆରେ ଡରୁଛୁ କି ମତେ । ଡରନା ମୁଁ ପରା ଶ୍ରାବଣୀ । ଚିହ୍ନି ପାରିଲୁନି କି ? ତୋ ପିଲାଦିନର ସାଥୀ । ଆରେ ହଁ ତ । ସେଇ ପରିଚିତ ସ୍ୱର; ହେଲେ ଏବର୍ଷା ରାତିରେ ତୁ ଏକା ଏଠି କଣ କରୁଛୁ ନିରବତା ଭାଙ୍ଗି ପ୍ରଶ୍ନ କଲା ସ୍ନିଗ୍ଧା । ବାପାଙ୍କୁ ଖୋଜିବାକୁ ଯାଇଥିଲି; ପାଇଲିନି । ହଉ ଚାଲ ସାଙ୍ଗ ହେଇ ଯିବା । ଦୁହେଁ ଆଗକୁ ବଢୁଥଲେ । ଶ୍ରାବଣୀ ସ୍ନିଗ୍ଧାର ଖୁବ୍ ନିକଟରେ ଚାଲୁଥିଲେ ବି ସେମିତି କିଛି ଅନୁଭବ କରିପାରୁନଥିଲା ସେ । କିଛି ବାଟ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିରବତାରେ ଚାଲିବା ପରେ ସ୍ନିଗ୍ଧା ପ୍ରଶ୍ନ କଲା ଏବେ ତୁ କଣ କରୁଛୁ ? ବହୁଦିନ ପରେ ତୋ ଦେଖା ମିଳିଲା । ନିରୁତ୍ତର ରହିଲା ଶ୍ରାବଣୀ । ସ୍ନିଗ୍ଧା ଭାବିଲା ସେ ବୋଧେ ତାକୁ କିଛି ଜଣାଇବା ଠିକ୍ ଭାବୁନି । ଏହାପରେ ଦୁହେଁ ଚାଲୁଥିଲେ ଖୁବ୍ ଶାନ୍ତ ଭାବରେ ।

କିଛି ବାଟ ଗଲା ପରେ ଗ୍ରାମ ଦେବତୀଙ୍କ ପିଣ୍ଡି ଦେଖି ସ୍ନିଗ୍ଧା କହିଲା ଏଇଠି କିଛି ସମୟ ରହିଯିବା । ତା'ପରେ ଯିବା ଘରକୁ । କିନ୍ତୁ ମନା କଲା ଶ୍ରାବଣୀ । ସ୍ନିଗ୍ଧା ଅନୁମାନ କରୁଥିଲା ତାର ବୋଧେ ଅସୁବିଧା ହେଉଛି ସେଥିଲାଗି ସେ ପିଣ୍ଡି ଉପରେ ବସିବାକୁ ମନା କରୁଛି । ବୁଝିବାକୁ ଚେଷ୍ଟା କରୁଥିଲା ସ୍ନିଗ୍ଧା । ପୁରା ନିସ୍ତବ୍ଧତାରେ ଚାଲିଲେ ଦୁହେଁ ଆଉ କିଛି ବାଟ । ଅଳ୍ପ ସମୟର ନିରବତା ପରେ ଶ୍ରାବଣୀ କହିଲା ତାର ଇତି କଥା ସ୍ନିଗ୍ଧା ଆଗରେ ।

"ଜାଣିଛୁ ସିତୁ (ସ୍ନିଗ୍ଧାର ଡାକ ନାଁ) ମଉସାଙ୍କର ପଇସା ଅଛି ବୋଲି ସେ ତତେ ପାଠ ପଢାଇବାକୁ ସହର ପଠେଇଦେଲେ । ଭଲ ବି କରିଛନ୍ତି; ନ ହେଲେ ଏ ଗାଁରେ ରହି ତୁ ପାଇଥାନ୍ତୁ କ'ଣ ? କିଛି ଦିନ ଖାଲି ଘର କାମ ଶିଖି ବାହା ହେଇଥାନ୍ତୁ ନଚେତ୍ ମୋ ପରି ସେ ରୁଦ୍ର ସାମନ୍ତରାୟର ଲୋଲୁପ ଦୃଷ୍ଟିର ଶିକାର ।" ଶ୍ରାବଣୀ ମୁହଁରୁ ଏ ପଦକ ଶୁଣି ଏକ ଅଜଣା ଶିହରଣ ଖେଳିଗଲା ସ୍ନିଗ୍ଧା ଦେହରେ । କଣ କହୁଛୁ ତୁ ? ସତ କହୁଛି ଲୋ । ସେ ରୁଦ୍ର ସାମନ୍ତରାୟ ଜମା ବି ଭଲ ଲୋକ ନୁହଁ । ଭାଇ ଚାକିରି କରିବ ବୋଲି ବାପା ତା ଠାରୁ ଟଙ୍କା ଧାର ଆଣିଥିଲେ । ଶୁଝିବା ପାଇଁ ବିଲବାଡ଼ି ସବୁ ବନ୍ଧା ପକେଇଦେଲେ । ହେଲେ କରଜ ଶୁଝି ହେଲାନି । ଶେଷକୁ ଘର ଡିହ ଖଣ୍ଡିକ ବନ୍ଧା ପଡିବା ଯାଏଁ କଥା ଗଲା । ବାପା ଜମାରୁ ରାଜି ନଥିଲେ । କିନ୍ତୁ ସେଦିନ ସେ ବାପାଙ୍କୁ ଯାହା କହିଲା ସେଥିରେ କୋଉ ବାପା ଧୈର୍ଯ୍ୟ ଧରିପାରିଥାନ୍ତା କହିଲୁ । ଉତ୍ସୁକତାର ସହ ପଚାରିଲା ସ୍ନିଗ୍ଧା, "ସେ କଣ କହିଲା କି ?" ଶ୍ରାବଣୀ ଛଳଛଳ ଆଖିରେ ସ୍ନିଗ୍ଧାକୁ ଚାହିଁ ରହିଥିଲା । ବାଷ୍ପରୁଦ୍ଧ କଣ୍ଠରେ କହିଲା ଶ୍ରାବଣୀକୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗୋଟିଏ ରାତି ମୋ ପାଖରେ ଛାଡି ଦେଇ ଯା । ତୋର ସବୁ କରଜ ଛାଡ କରିଦେବି । ଛି ! ଘୃଣା ଓ ବିରକ୍ତିରେ ମୁହଁ ବୁଲେଇ ନେଲା ସ୍ନିଗ୍ଧା । ହଁ ଏଇଟା ସତ ଲୋ, କହିଲା ଶ୍ରାବଣୀ । ତା ପରେ...

ବାପା ବହୁତ ଯୁକ୍ତି କଲେ ତା ସହ । ଶେଷରେ ଘରଡିହ ବନ୍ଧା ପକେଇବା ପାଇଁ ବି ରାଜି ହେଲେ । ସେ ନାରୀମାଂସ ଲୋଭୀ ରାକ୍ଷାସର ତ ମୋ ଶରୀର ଉପରେ ଲୋଭ ଥିଲା ନା ସେ ସହଜରେ କେମିତି ଆମକୁ ଛାଡନ୍ତା କହିଲୁ । ଆଜିପରି ଏମିତି ଗୋଟିଏ ବର୍ଷା ରାତିରେ ମୁଁ ମୋହନ ଜେଜେଙ୍କ ଘରୁ ଫେରିବା ବାଟରେ ତା ଲୋକମାନେ ମତେ ରାସ୍ତାରୁ ଉଠେଇ ନେଇ ସ୍କୁଲଘର ପାଖ ଡାକବଙ୍ଗଳାରେ ରଖିଦେଲେ । ରାତିର ଅନ୍ଧକାରରେ କୋଠରୀ ଭିତରେ ସେ ପିଶାଚ ମୋ ଶରୀରକୁ ଭୋକିଲା କୁକୁର ଭଳି ପୁରା ଝୁଣି ପକେଇଲା । ତା ଠାରୁ ରକ୍ଷା ପାଇବା ପାଇଁ ବହୁତ ଚେଷ୍ଟା କରିଛି ହେଲେ ପାରିଲିନି । ଓଃ ! କି କଷ୍ଟ । ନିରୁପାୟ ହେଇ ପଡିରହିଥିଲି ସେ ସିମେଣ୍ଟ ଚଟାଣ ଉପରେ । ଉଠିବାକୁ ବଳ ପାଉନଥିଲା । ଦୁଇଦିନ ସେ ମୋ ସହ ଏମିତି ଖେଳିଲା । ବାପା ମତେ ବହୁତ ଖୋଜିଲେ । ଶେଷରେ ସନ୍ଦେହ କରି ତା ଗୁମାସ୍ତାକୁ ପଚାରିବାରୁ ସେ ଭୟରେ କିଛି କହିଲାନି । କାଳେ ଗାଁରେ ଏକଥା ପ୍ରଘଟ ହେଇଯିବ ସେ ଭୟରେ ସେ ମୋ ତଣ୍ଟି ଚିପି ମତେ ଠାକୁରାଣୀ ପାଖ ଆମ୍ବ ଗଛରେ ଝୁଲେଇ ଦେଲା । ଗାଁ ଲୋକମାନଙ୍କୁ କହିଲା ମୁଁ କାଳେ ନଷ୍ଟ ଚରିତ୍ରା । ସେଥିପାଇଁ ଆଜି ଆତ୍ମହତ୍ୟା କରିଛି । ତତେ ସତ କହୁଛି ଲୋ ମୁଁ ସେମିତି ନୁହେଁ ।

ଏତିକି କଥାରେ ସ୍ନିଗ୍ଧା ପାଦ ତଳୁ ଯେମିତି ମାଟି ଖସିଗଲା ପରି ଲାଗିଲା । ଭୟରେ ତା ଦେହରୁ ଝାଳ ବହିଯାଉଥିଲା । ତୁ ଯଦି ମରି ସାରିଛୁ ଏଠି.... ? ବାଷ୍ପରୁଦ୍ଧ ହେଇଗଲା ସ୍ନିଗ୍ଧାର ସ୍ୱର । ତୁ ଡରନା ମୁଁ ତୋର କିଛି କ୍ଷତି କରିବିନି । ଖାଲି ଅନୁରୋଧ କରୁଛି ମୋ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହତ୍ୟାକାରୀକୁ ଦଣ୍ଡ ଦବାର ବ୍ୟବସ୍ଥା କରିଦେ । ନହେଲେ ଏ ଗାଁକୁ ଆସେନା । ମୁଁ ଚାହୁଁନି ମୋ ପରି କୋଉ ଝିଅର ଏମିତି ଅବସ୍ଥା ହେଉ । ସ୍ନିଗ୍ଧା କଣ ଉତ୍ତର ଦେବ ଜାଣି ପାରିନଥିଲା । ନିର୍ବାକ ହେଇ ଚାହିଁ ରହିଥିଲା ଶ୍ରାବଣୀ ମୁହଁକୁ ।

ଅନେକ ବେଳୁ ବର୍ଷା ବି ବନ୍ଦ ହେଇ ଯାଇଥିଲା । ସ୍ନିଗ୍ଧା ବି ପହଞ୍ଚି ସାରିଥିଲା ଘର ପାଖରେ । ହଠାତ୍ ପଛପଟୁ ବୋଉର ପାଟି ଶୁଭିଲା । କିଏ ସେ ଗେଟ୍ ପାଖରେ ଠିଆ ହେଇଛ ? ଦୃଷ୍ଟି ଫେରେଇ ନେଇ ସେ ଉତ୍ତର ଦେଲା ବୋଉ ମୁଁ ସିତୁ । ଆଲୋ ଘରକୁ ନଆସି ସେଠି କଣ ପାଇଁ ଠିଆ ହେଉଛୁ । ଆସୁଛି ବୋଉ, କହି ଫେରି ଚାହୁଁଲା ସିତୁ ହେଲେ ସେଠି ଶ୍ରାବଣୀ ନଥିଲା । ଖୁବ୍ ଡରିଯାଇଥିଲା ସେ । ଏକା ନିଶ୍ୱାସରେ ଦୌଡି ଚାଲିଗଲା ଘର ଭିତରକୁ ଆଉ ବସି ପଡିଲା ସୋଫାରେ । ବୋଉ ତ କେତେବେଳୁ ଗାଳି ଦବା ଆରମ୍ଭ ବି କରି ସାରିଲାଣି । ହେଲେ ସିତୁ କିଛି ବି ଜବାବ ନଦେଇ ସେମିତି ସ୍ଥାଣୁ ପରି ବସି ରହିଥିଲା । କିଛି କହୁନୁ କାହିଁକି ? କଣ ହେଲା ସିତୁ । ଏ ପ୍ରଶ୍ନରେ ସିତୁ ଖୁବ୍ ଡରି ଜାବୁଡି ଧରିଲା ତା ବୋଉକୁ । ବୋଉ, ଶ୍ରାବଣୀ ! ସେ କଣ ଆଉ ଅଛି । ଆଠ ମାସ ହେଲାଣି ମରିଗଲାଣି ସେ । କଣ ହେଲା କି ? ତୁ ତା କଥା କଣ ପାଇଁ ପଚାରୁଛୁ । ନିଜକୁ ବିଶ୍ୱାସ କରି ପାରୁନଥିଲା ସେ । ଏଇ କିଛି ସମୟ ପୂର୍ବରୁ ସେ ଭେଟିଥିବା ଶ୍ରାବଣୀ କଣ ଆତ୍ମା ! ନିଜକୁ ବାରମ୍ବାର ଏଇ ପ୍ରଶ୍ନ କରିଚାଲିଥିଲା ହେଲେ ଉତ୍ତର ମିଳୁ ନ ଥିଲା ତାକୁ । ବୋଉକୁ ସେ କହିବାକୁ ଚାହୁଁଥିଲା ଶ୍ରାବଣୀ ଆତ୍ମହତ୍ୟା କରିନି ତାକୁ ହତ୍ୟା କରାଯାଇଛି ହେଲେ ତା ପାଟିରୁ ଭାଷା ବାହାରୁ ନଥିଲା । ତା ଶରୀର ଭୟରେ ଥରୁଥିଲା । କିନ୍ତୁ ତା ସହ ଘଟିଥିବା ଘଟଣା ଯେ ସତ୍ୟ ଏକଥା ସେ ଜାଣି ପାରିଥିଲା ତା ବାପାଙ୍କ ଠାରୁ ତାକୁ ଭେଟିବାର କିଛି ଦିନ ପରେ । କିନ୍ତୁ ଆଜି ଯାଏଁ ନ୍ୟାୟ ଦେଇ ପାରିଲାନି ଶ୍ରାବଣୀକୁ ॥

ମୁକୁନ୍ଦ ମିଶ୍ର ନଗର, ପୁରୀ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଭୁଲା ସ୍ମୃତିର ଅକୁହା କାହାଣୀ



ସୁମିତ୍ରା ପୃଷ୍ଟି

ମୋ ଜୀବନର ଅନେକ ଦଶନ୍ଧି ବିତିଯାଇଛି । ଆଜି ମୁଁ ଜୀବନର ଅପରାହ୍ନରେ ଅବତୀର୍ଣ୍ଣ । ଅବଶୋଷ ଲାଗୁଛି, ମୁଁ କ'ଣ କରିଛି ଜୀବନରେ ? ସ୍ୱାମୀ, ପିଲାଛୁଆ ଏବଂ ନାତି ନାତୁଣୀରେ ଆଜି ପୂର୍ଣ୍ଣ ମୋ ବିଳାସମୟ ପ୍ରାସାଦ । ଚାରିଆଡେ କୋଳାହଳମୟ ପରିବେଶ ତଥାପି ମୁଁ ଆଜି ନିଃସଙ୍ଗ ଏକାକୀ ପଥିକ । ମୋ ଅଧ୍ୟାପିକା ଜୀବନକୁ ନେଇ ଆଜି ଗର୍ବିତ ମୋ ପରିବାର, ପରିଜନ ଏବଂ ଛାତ୍ରଛାତ୍ରୀ । ହେଲେ ମୁଁ ଆଜି ସନ୍ତୁଷ୍ଟ ହୋଇପାରୁନି, ସେଦିନ ତୁମ ଦେଶଭକ୍ତିକୁ ବୁଝିପାରିନଥିଲି ମୁଁ, ତୁମ ହୃଦୟକୁ ଆଘାତ ଦେଇ ଚାଲିଆସିଥିଲି । ତୁମେ ସେଦିନ ସାରାଜୀବନ ଏକାହୋଇ ରହିବାର ଶପଥ କରିନେଇଥିଲ କିନ୍ତୁ ଦେଖ ଥରେ ତୁମ ମୃତଶରୀର ପଛକୁ, ସାରା ଦେଶ ଆଜି ତୁମ ପଛରେ, ତୁମକୁ ହରାଇଥିବାର ଦୁଃଖରେ ଆଜି ପ୍ରତି ଭାରତୀୟଙ୍କ ଆଖି ଉବୁଟୁବୁ । ଟିଭିର ପ୍ରତ୍ୟେକ ସମ୍ବାଦ ଚ୍ୟାନେଲ୍ ଏବଂ ଏ ପେପର୍ ପୃଷ୍ଠାସବୁ ତୁମ କୀର୍ତ୍ତିର ଗୌରବରେ ଗୌରବାନ୍ୱିତ । ଦେଶର ଯୁଦ୍ଧଭୂମି ଆଜି ତୁମ ରକ୍ତରେ ରଞ୍ଜିତ, ହେଲେ ମୁଁ କ'ଣ କରିଛି ଜୀବନରେ ? ପରିବାର ପାଇଁ ଯୁଦ୍ଧ କରିକରି କ'ଣ ମୁଁ ପାଇଛି ? କେବଳ ସେମାନଙ୍କପାଇଁ ନିଜ କର୍ତ୍ତବ୍ୟ କରୁକରୁ ମୋ ଜୀବନ ଶେଷ ହେବାକୁ ବସିଲାଣି । ଆଜି ନିଜ ପାଖରେ ନିଜେ ମୁଁ ହାରିଯାଇଛି । ତୁମସହ ବିତିଯାଇଥିବା ଦିନଗୁଡିକ ଆଜି ଅତୀତ ହୋଇଯାଇଛି ସତ କିନ୍ତୁ ସେହି ଘଟଣା ଗୁଡିକ ବାରମ୍ବାର ମୋ ମନକୁ ଆସି ମୋତେ ବିଚଳିତ କରିପକାଉଛନ୍ତି । ଜୀବନର ଅନେକ ପୃଷ୍ଠା ପଢିସାରିବାପରେ ମଧ୍ୟ ସେଇ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରଥମ ପୃଷ୍ଠାର ମୁହୂର୍ତ୍ତଗୁଡିକୁ ମୁଁ ଏପର୍ଯ୍ୟନ୍ତ ଭୁଲିପାରିନି । ସେଦିନ କେଉଁ ଏକ ଶୁଭମୁହୂର୍ତ୍ତରେ ଆମ ସମ୍ପର୍କ ଗଢିଉଠିଥିଲା । ଦୁହେଁ ପରସ୍ପରର ହାତ ଧରାଧରି ହୋଇ ଅନେକ ବାଟ ଚାଲିଥିଲୁ । ପରସ୍ପର ସାଥି ହୋଇ ସାତଜନ୍ମଯାଏ ରହିବୁ ବୋଲି କଥା ମଧ୍ୟ ଦେଇଥିଲୁ । ସେଦିନର କଥା ଆଜିବି ମୋ ଆଖି ଆଗରେ ନାଚିଉଠୁଛି । ଦିନେ ସମୁଦ୍ର ବେଳାଭୂମିରେ ମତେ ନିଜ ବାହୁରେ ତୋଳିଧରି ପଚାରିଥିଲ, "କୁହ ରୀନା, ମତେ କେବେ ଏକାକରି ଛାଡି ଚାଲିଯିବନି ତ ?" ମୁଁ ସେଦିନ ତୁମ ପ୍ରଶ୍ନର ଉତ୍ତର ଦେବା ବଦଳରେ ତୁମକୁ ଆଉ ଗୋଟେ ପ୍ରଶ୍ନ ପଚାରିଥିଲି, "ଯଦି କେବେ ମତେ ଛାଡିକି ଯିବାକୁ ହୁଏ ତାହେଲେ ?" ଆଉ ତମର ଉତ୍ତର ଥିଲା, "ମୋ ଦେହରୁ ଆତ୍ମା ବିଚ୍ଛିନ୍ନ ହେବା ଯାହା ତମେ ମୋଠାରୁ ଅଲଗା ହେବା ଠିକ୍ ସେଇଆ ।" ହେଲେ ଭଗବାନଙ୍କର ଅଲଗା ଇଚ୍ଛାଥିଲା । ଦିନେ ତୁମର ଆର୍ମି ଚାକିରୀ ହୋଇଯାଇଛି ବୋଲି ବାପା ଶୁଣିବାକୁ ପାଇ ମୋର ବିନା ପରାମର୍ଶରେ ଜଣେ ଅଧ୍ୟାପକଙ୍କ ସହିତ ମୋର ବାହାଘର ଠିକ୍ କରିଦେଇ ଆସିଲେ । ସେଦିନ ମୁଁ ଯେତେ ଚେଷ୍ଟାକରି ମଧ୍ୟ ବାପାଙ୍କୁ ବୁଝେଇ ପାରିନଥିଲି, ଆଉ ତୁମେ ମଧ୍ୟ ତୁମ ଜିଦିରେ ଅଟଳ ରହିଥିଲ । ଦେଶ ସେବାରେ ନିଜ ଜୀବନକୁ ବିତାଇ ଦେବାର ପଣକରି ଆଉ କାହା ସହ ସଂସାର କରିବନି ବୋଲି ଶପଥ ନେଇଥିଲ । ସେଦିନ ମୁଁ ତୁମର ସହଯୋଗ କରି ପାରିନଥିଲି । ଆଉ ନିଜକୁ ନିଜେ ପ୍ରଶ୍ନ କରିଥିଲି, "ଆମ ମୁଣ୍ଡ ଉପରେ ସବୁ ମୁକ୍ତ ଓ ଅସୀମ କିନ୍ତୁ ଆମେ ଛିଡାହୋଇଥିବା ଭୂମିରେ ଏତେ ବନ୍ଧନ କାହିଁକି ? କାହିଁକି ମନୁଷ୍ୟ ଏଠି ନିଜେ ନିଜର ନୁହେଁ ? କାହିଁକି ସେ ନିଜଇଚ୍ଛା ଅନୁସାରେ କିଛି କରିପାରିବନି ? କାରଣ କେବଳ ଗୋଟିଏ ନା, 'ମନୁଷ୍ୟ କ୍ଷୁଧାର୍ତ୍ତ', ଜୀବନର ଆରମ୍ଭଠାରୁ ଶେଷ ପର୍ଯ୍ୟନ୍ତ ସେ ନିଜର କ୍ଷୁଧାକୁ ମେଣ୍ଟେଇବାରେ ଅସମର୍ଥ । ତେଣୁ ସେ ଅନ୍ୟ ଉପରେ ନିର୍ଭରଶୀଳ, ସେ ନିର୍ଭର କରୁଥିବା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରତ୍ୟେକ ବ୍ୟକ୍ତିଙ୍କ ବନ୍ଧନରେ ସେ ବନ୍ଧା ଜୀବନଠାରୁ ମରଣ ପର୍ଯ୍ୟନ୍ତ ।" ସବୁପରେ ମଧ୍ୟ ମୁଁ ଗୋଟେ ଝିଅ, ସବୁ ଝିଅମାନଙ୍କ ଭାଗ୍ୟଡୋରି ତାଙ୍କ ପରିବାର ହାତରେ ବନ୍ଧା । ପରିବାରର ଇଚ୍ଛା ବିରୁଦ୍ଧରେ ଯାଇ କିଛି କରିବା ଆମ ମାନଙ୍କପାଇଁ ପାପ କରିବା ସହ ସମାନ । ମୋ ବାପା ଆର୍ମି ଚାକିରୀକୁ ଆଦୌ ପସନ୍ଦ କରନ୍ତିନାହିଁ । ତା'ର ଗୋଟେ ବହୁତ ବଡ କାରଣ ମଧ୍ୟ ଅଛି । ମୋ ସାନପିଉସୀ ଜଣେ ସି.ଆର.ପି.ଏଫ୍ ଯବାନଙ୍କୁ ବିବାହ କରିଥିଲେ । ମାତ୍ର ସେ ବିବାହ କରିବାର ବର୍ଷକ ମଧ୍ୟରେ ଆମ ସାନପିଉସା ଜାମ୍ମୁକାଶ୍ମୀରର ଆତଙ୍କବାଦୀଙ୍କ ଗୁଳିରେ ପ୍ରାଣ ହରାଇଲେ । ଆଉ ମୋ ପିଉସୀ ଚିରଦିନପାଇଁ ବିଧବା ହୋଇ ରହିଗଲେ । ଆଉ ତାଙ୍କ ଶାଶୂଘର ଲୋକ ମୋ ପିଉସୀଙ୍କୁ ନାନା ଗାଳି ଓ ଅପମାନ ଦେଇ ଘରୁ ତଡି ଦେଇଥିଲେ । ସେହିଦିନଠାରୁ ମୋ ସାନପିଉସୀ ଆମଘରେ ରହିଆସୁଛନ୍ତି । ବାପା ତାଙ୍କୁ ବହୁତ ଭଲପାଆନ୍ତି, ତେଣୁ ପିଉସୀଙ୍କ ଦୁଃଖକଷ୍ଟକୁ ଦେଖି ସବୁବେଳେ ନିଜକୁ ହିଁ ଦାୟୀ କରନ୍ତି, କାରଣ ବାପାହିଁ ଜଣେ ଆର୍ମି ଚାକିରୀଆ ସହିତ ତାଙ୍କର ବାହାଘର ଠିକ୍ କରି ଅତି ଯାକଜମକରେ ତାଙ୍କ ବାହାଘର କରାଇଥିଲେ, କିନ୍ତୁ ସେ କ'ଣ ଜାଣିଥିଲେ ପୀଉସୀଙ୍କର ଏପରି ଅବସ୍ଥା ହେବବୋଲି । ସେହିଦିନଠାରୁ ବାପା ଆର୍ମି ଚାକିରୀକୁ ଘୃଣାକରନ୍ତି । ତେଣୁ ସେ ନିଜଝିଅକୁ ବା କେମିତି ବାହାଦେବାକୁ ରାଜିହୋଇଥାନ୍ତେ । ସେଥିପାଇଁ ସେଦିନ ତୁମ ବଦଳରେ ମୋ ହାତଗଣ୍ଠି ପଡିଥିଲା ଜଣେ ଅଧ୍ୟାପକଙ୍କ ସହିତ । ମୋ ବାପା ମୋତେ ବାହାଦେଇ ଖୁସିହୋଇଥିଲେ ସତ, କିନ୍ତୁ ମୁଁ ସେଦିନ ତାଙ୍କଉପରେ ବହୁତ ଜୋରେ ରାଗିଥିଲି । ଏପରିକି ଯେତେବେଳେ ମୁଁ ବାପଘରୁ ବିଦାୟନେଇ ଶାଶୂଘରକୁ ଯାଉଥିଲି ସେତେବେଳେ ବାପାଙ୍କ ମୁହଁ ବି ଦେଖିନଥିଲ । ବାପାମା' ଦୁହେଁ ମତେ ସେଦିନ ଯେତେ ପଛରୁ ଧରିବାକୁ ଚାହୁଁଥିଲେ ମଧ୍ୟ ମୁଁ ତାଙ୍କ ମୁହଁକୁ ନଚାହିଁ ସିଧା ଗାଡିରେ ଯାଇ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବସିଯାଇଥିଲି । ଆଉ ସେହିଦିନଠାରୁ ମୋର ଠିକଣା ବଦଳି ଯାଇଥିଲେ ମଧ୍ୟ ଅନେକଦିନ ପର୍ଯ୍ୟନ୍ତ ତମଠାରୁ ବିଚ୍ଛିନ୍ନହେବାର ଦୁଃଖ ମୋ ମୁହଁରେ ଦେଖାଯାଉଥିଲା । ଥରେ ମୋ ସ୍ୱାମୀ ମୋତେ ଆଲିଙ୍ଗନ କରୁକରୁ ମୁଁ ଇଚ୍ଛାନାହିଁ କହି ତାଙ୍କ ବାହୁବନ୍ଧନରୁ ଖସିଆସିଥିଲି । ସେଥିପାଇଁ ସେ ମୋତେ ପଚାରିଥିଲେ, "ତମର ଘରକଥା ମନେପଡୁଛି ନା ? ଏଠି ନୂଆ ସ୍ଥାନରେ ଆଡ଼ଜଷ୍ଟ କରିବାକୁ ତମକୁ ଟିକେ ଟାଇମ୍ ଲାଗିପାରେ, ସେଥିପାଇଁ ମୁଁ ତମକୁ ବାଧ୍ୟ କରୁନି ।" ଏମିତି ଅନେକଥର ମତେ ସ୍ୱାମୀଙ୍କ ଇଚ୍ଛାକୁ ମାରିବାକୁ ପଡିଛି, ବିଭିନ୍ନ ବାହାନାକରି ତାଙ୍କଠାରୁ ଦୂରେଇ ରହିବାକୁ ପଡ଼ିଛି । ଆପେ ଆପେ ସମୟର ସ୍ରୋତ ବଦଳିଗଲା । ମତେ ମୋ ବିବାହିତ ପତିଙ୍କ ସହ ସୁଖରେ ସଂସାର କରିବାକୁ ପଡିଲା । ସେମାନଙ୍କୁ ନିଜର କରି ଆଗକୁ ବଢୁ ବଢୁ କେତେବେଳେ ଯେ ସାମାନ୍ୟ ଗୁଳ୍ମରୁ ବିରାଟ ଦ୍ରୁମରେ ପରିଣତ ହୋଇଗଲା ତାହା ଜଣାପଡ଼ିଲାନି । ମଝିରେ ମଝିରେ ଅନେକଥର ତୁମ ସହ ବିତେଇଥିବା ସେହି ଅଭୁଲାସ୍ମୃତି ଗୁଡିକ ମୋ ମନକୁ ଆସି କେତେବେଳେ ମୋତେ ଆନନ୍ଦ ତ କେତେବେଳେ ଯନ୍ତ୍ରଣା ଦେଇ ପୁଣି ଚାଲିଯାଆନ୍ତି କେଉଁ ଅତଳଗହ୍ୱରକୁ ତାହା ଆଦୌ ଜଣାପଡେନାହିଁ । ହେଲେ ଆଜି ଏ ପେପର ଏବଂ ଟିଭିର ହେଡଲାଇନରେ ତୁମ ଗୌରବ ଓ କୀର୍ତ୍ତୀର କାହାଣୀ ଶୁଣି ମୁଁ ଗର୍ବ କରିବି କି ତୁମ ମୃତ୍ୟୁରେ ନିଜ ଆଖିରୁ ଲୁହ ଢାଳିବି ଜାଣିପାରୁନି । ବାପା ସେଦିନ ମୋ ବାହାଘର ସମ୍ପର୍କରେ ନେଇଥିବା ନିଷ୍ପତ୍ତିକୁ ମୁଁ ଠିକ୍ ବୋଲି ଭାବିବି କି ମୁଁ ତୁମସହ ବିବାହ କରିବି ବୋଲି ଯେଉଁ କଥା ଦେଇଥିଲି ତାକୁ ଠିକ୍ ବୋଲି ଗ୍ରହଣ କରିବି କିଛି ଜାଣିପାରୁନି । ଯାହା କେବଳ କିଂ କର୍ତ୍ତବ୍ୟ ବିମୂଢ ହୋଇ ବସିରହିଛି ।

ଗବେଷିକା, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କାବେରୀର ସ୍ୱପ୍ନ



ଶଶାଙ୍କ ଶେଖର ପଣ୍ଡା

ଗୋଧୂଳି ସଞ୍ଜର ଏକ ଶାନ୍ତ କମନୀୟ ଆଉ ଶାରଦୀୟ ମୁହୂର୍ତ୍ତ । ସୁନେଲି ଆକାଶରେ ଚଲା ବଉଦମାନଙ୍କର ଅଭିନବ ସମ୍ଭାର । ଦିବସର ଅବସାନ ପରେ ପଶ୍ଚିମାମୁଖୀ ସୂର୍ଯ୍ୟ ତାଙ୍କର କ୍ଳାନ୍ତ ଶରୀରକୁ ନେଇ ଫେରି ଯାଉଛନ୍ତି ଦୂର ଦିଗବଳୟର ଭିନ୍ନ ଏକ ପ୍ରାନ୍ତକୁ । ଅସ୍ତଗାମୀ ସୂର୍ଯ୍ୟଙ୍କର ରକ୍ତାଭ ରଶ୍ମି କେରା କେରା ହୋଇ ବିଛୁଡ଼ି ପଡ଼ିଥାଏ ଗଭୀର ସାଗରର ଜଳରାଶି ଉପରେ । ବିସ୍ତୀର୍ଣ୍ଣ ବେଳାଭୂମିର ବାଲୁକା ଶଯ୍ୟା ଉପରେ ବେପରୁଆ ଭାବରେ ବସିଥାଏ କାବେରୀ । ଉପଭୋଗ କରି ଚାଲୁଥାଏ ପ୍ରକୃତି ରାଣୀର ଅପୂର୍ବ ମନୋରମ ଦୃଶ୍ୟକୁ । ସାନ୍ଧ୍ୟ ସମୟର ମୃଦୁ ସମୀରର ତାଳେ ତାଳେ ତରଙ୍ଗାୟିତ ହୋଇ ଉଠୁଛି ଅତୀତର ଜର୍ଜରିତ ଭାବନା । ରୋମାଂଚିତ ଶରୀରରେ ଉଜୁଡ଼ା ମନର କରୁଣ ବିଳାପ । ମାନସ ପଟରେ ବାରମ୍ବାର ପିଟି ହୋଇ ଯାଉଛି ଭାବନାର ଗୋଟିଏ ପରେ ଗୋଟିଏ ଢେଉ । ଅଡୁଆ ସୂତାରେ ଗଣ୍ଠି ପଡ଼ିଗଲା ପରି ଭାବନାର ସୂତାଖିଅରେ ଗଣ୍ଠି ପଡ଼ି ଯାଇଛି । ଯେତେ ଚେଷ୍ଟା କଲେବି ପଡ଼ି ଯାଇଥିବା ଗଣ୍ଠିର ଶେଷ ଅଂଶଟି ମିଳୁ ନାହିଁ । ନିଜ ମନକୁ ଦୃଢ କରି ଭାବନା ରାଇଜରୁ ଫେରି ଆସିବାକୁ ସତ ଚେଷ୍ଟା କରୁଛି ସେ । ହେଲେ ଆଖି ସାମ୍ନାରେ ବାରମ୍ବାର ଦୃଶ୍ୟ ପଟ୍ଟ ହେଉଛି ବିଗତ ଇତିହାସର ସ୍ୱର୍ଣ୍ଣିମ ଅଧ୍ୟାୟ । ଯେଉଁ ଅଧ୍ୟାୟର ପ୍ରତିଟି ପୃଷ୍ଠାରେ ଜୀବନର ରୂପ ରେଖ ବର୍ଣ୍ଣନା ହୋଇଥିଲା ।

କାବେରୀ ନୂଆ କରି କଲେଜ ମାଟିରେ ପାଦ ଦେଇଥାଏ । ଅନେକ ସାଙ୍ଗ ସାଥୀ ମିଳି ଗଲେ, ପ୍ରଥମ ବର୍ଷଟା କେମିତି ବିତିଗଲା ଜଣା ପଡ଼ିଲା ନାହିଁ । ଦ୍ୱିତୀୟ ବର୍ଷରେ ପଦାର୍ପଣ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିବା ପରେ କାବେରୀ ଟିକେ ପ୍ରେମାଭିମୁଖୀ ହୋଇଯାଇଥିଲା । ଚିହ୍ନା ସାଥୀ ମଧ୍ୟରୁ ବାରି ହୋଇ ପଡୁଥିଲା ସେ, କାହିଁକି ନାଁ ଉଚ୍ଚ ସମ୍ଭ୍ରାନ୍ତ ବଂଶର ଏକମାତ୍ର ଅଲିଅଳି ଝିଅ କାବେରୀ, ସୁନ୍ଦରତାରେ ପରିପୂର୍ଣ୍ଣ ଶରୀର । ହେଲେ ସିଏ ଯାହାକୁ ଭଲପାଉଥିଲା ସେ ଏକ ପୁତି ଗନ୍ଧମୟ ପରିବାରରୁ ଜନ୍ମିତ ତାହା ସହିତ ଗରିବ ସୀମା ରେଖା ତଳେ ବାସ କରୁଥିବା ନିଛକ ମଣିଷଟିଏ । ଯାହାର ନାଁ ରାଜେଶ, କଲେଜର କୃତି ଛାତ୍ର ହିସାବରେ ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କର ପ୍ରିୟ ଥିଲା ସେ । କାହିଁକି ନାଁ ରାଜେଶର ଯେଉଁ ଆଇ.ଏ.ଏସ ହେବାର ସ୍ୱପ୍ନ ଦେଖିଛି ତାହା କେବଳ ନିଜ ପାଖରେ ସୀମିତ ନୁହେଁ ବରଂ ସେ କଲେଜର ସଫଳ ଉଦ୍ୟମ ବଳରେ ଶୀର୍ଷକୁ ଛୁଇଁ ପାରିବ ଓ ଓଡ଼ିଶାରେ ସୁନାମ ଅର୍ଜନ କରି ପାରିବ । କିନ୍ତୁ ଏ କଥାକୁ କାବେରୀର ତିଳେ ମାତ୍ର ଧ୍ୟାନ ନ ଥାଏ । ନିଜ ପ୍ରେମକୁ ସଫଳତାର ସହ ହାସଲ କରିବା ସକାଶେ ବ୍ୟତିବ୍ୟସ୍ତ ହୋଇ ପଡୁଥିଲା । ପ୍ରଥମେତ କାବେରୀର ପ୍ରେମ ନିବେଦନ ପତ୍ରଟିକୁ ଫେରାଇ ଦେଇଥିଲା ରାଜେଶ, ନିଜକୁ ନ୍ୟୁନ ଭାବି କାବେରୀ ସହିତ ତୁଳନା କରି ପାରି ନ ଥିଲା । ହେଲେ କାବେରୀ ଧନ ସମ୍ପତ୍ତିକୁ ଭଲପାଉଥିବା ଝିଅ ନଥିଲା, କେବଳ ଗୋଟିଏ ସୁନ୍ଦର ମନକୁ ଭଲ ପାଉଥିଲା । ଯାହାକି ରାଜେଶ ପାଖରେ ଥିଲା । ଦୁହେଁ ପରସ୍ପରକୁ ବୁଝିବା ପାଇଁ କଲେଜର ପ୍ରଥମ ବର୍ଷଟି ବିତି ଯାଇଥିଲା । ହେଲେ ପରବର୍ତ୍ତୀ ଅବସ୍ଥାରେ ସବୁକିଛି ଠିକ ହୋଇ ଯାଇଥିଲା । ଗଡ଼ି ଚାଲୁଥିବା ସମୟ ଚକରେ ରାଜେଶ ଓ କାବେରୀର କଲେଜ କେରୀଏରର ସମାପ୍ତି ହେଲା । ଦୁହିଁଙ୍କ ଭଲପାଇବାଟି ଶକ୍ତ ଚଟାଣ ପରି ଟାଣ ହୋଇ ଯାଇଥିଲା । ସାରା ଜୀବନ ରାଜେଶକୁ ନେଇ ଘର ସଂସାର କରିବାର ସ୍ୱପ୍ନ ଭିତରେ ନିଜକୁ ହଜେଇ ଦେଇ କାବେରୀ ପ୍ରସ୍ତୁତ କରି ନେଇଥିଲା ନିଜକୁ । ଘରର ସଦସ୍ୟଙ୍କ ଅମାନ୍ୟ ସତେ ରାଜେଶକୁ ବିବାହ କରିବାକୁ ଜିଦ ଧରିଲା କାବେରୀ । ପ୍ରାପ୍ତ ବୟସ୍କା ହୋଇ ଗଲା ପରେ ନିଜ ନିଷ୍ପତ୍ତି ନିଜେ ନେବା ପାଇଁ ଉପଯୋଗୀ ହୋଇଯାନ୍ତି, ତେଣୁ

 Magazine Downloaded from www.aahwaan.com

ମୋ ନିଷ୍ପତ୍ତି ଅନୁସାରେ ମୁଁ ବାହା ହେବି ଏଥିରେ କାହାରି କିଛି ଅଭିଯୋଗ ଆସୁ ଏ କଥା ମୁଁ ଚାହେଁ ନାହିଁ । ଏମିତି ଅନେକ କିଛି କଥା କାବେରୀ ନିଜ ଘରର ସଦସ୍ୟଙ୍କୁ ଶୁଣାଇ ଦେଲା । କାବେରୀର ପରିବାର ବାଧ୍ୟ ହେଲେ କାବେରୀର ଇଛା ଅନୁସାରେ ବାହା ଦେବା ପାଇଁ । ଅପେକ୍ଷାର ଦିନ ଅବସାନ ହେଲା, ଆଶା ଓ ଉଦ୍ଦୀପନାର ଦୀପ ଶିଖା ଜଳି ଉଠିଲା, ଅଗ୍ନିକୁ ସାକ୍ଷୀ ରଖି ରାଜେଶ ଓ କାବେରୀ ମଧ୍ୟରେ ବିବାହର ହସ୍ତ ଗଣ୍ଠି ପଡ଼ିଲା । ବହୁ ଦିନର ସ୍ୱପ୍ନ ସାକାର ହେବା ପରି ମନେ ହେଉ ଥିଲା । ଦୁଇଟି ଅନ୍ତରର ଗୋଟିଏ ଆତ୍ମା ଆଉ ଗୋଟିଏ ମୁଦ୍ରାର ଦୁଇ ପାଖ ସଦୃଶ ସେମାନଙ୍କ ପ୍ରେମ ସମ୍ପର୍କ । ହସ ଖୁସିର ବଗିଚାରେ ସୁଗନ୍ଧିତ ପୁଷ୍ପ ପ୍ରସ୍ଫୁଟିତ ହେବା ପରି ପରିବାରରେ ଆନନ୍ଦର ଲହରୀ ପ୍ରବାହିତ ହେଉଥିଲା । ଶାଶୁ ଶ୍ୱଶୁରଙ୍କର ଅପତ୍ୟ ସ୍ନେହଁ ତାସହିତ ସ୍ୱାମୀ ରାଜେଶଙ୍କର ଦାମ୍ପତ୍ୟ ପ୍ରେମ । ଏ ସବୁ ଭିତରେ ନିଜକୁ ଧନ୍ୟ ମନେ କରୁଥିଲା କାବେରୀ, ଦୁଇ ଗୋଟି ପୃଥକ ସ୍ନେହଁର ଅଧିକାରିଣୀ ହୋଇ ନିଜକୁ ଅତ୍ୟନ୍ତ ଭାଗ୍ୟବତୀ ବୋଲି ଭାବୁଥିଲା । ଜୀବନକୁ ଉପଭୋଗ କରିବା ସହ ସରଳତାର ନିଛକ ପରିଚୟ ଦେଇ ପରିବାରରେ ଖୁସି ବାଣ୍ଟୁ ଥିଲା କାବେରୀମାତ୍ର ଖୁସିର ରଜ୍ଜୁଟି କେତେବେଳେ ଛିଡ଼ି ଯିବ ସେ କଥା କେହି ଜାଣି ନାହାନ୍ତି । ନିୟତିର ଗତି ଆଉ ବିଧିର ବିଧାନ ପାଖରେ ସମସ୍ତେ ହାର ମାନିଥାନ୍ତି । ନିୟତିର ବିସ୍ତାରିତ ମାୟା ଜାଲରେ ମଣିଷ ଏକ କ୍ଷୁଦ୍ର କୀଟ ପରି, ଯେଉଁ ମାୟା ଜାଲରେ ପଡ଼ି ମଣିଷ ଦେଖି ଚାଲିଥାଏ ସୁନେଲି ଜୀବନର ଗୋଲାପୀ ସ୍ୱପ୍ନ । ମାତ୍ର ଭୁଲିଯାଏ ତାହା କ୍ଷଣିକ ପାଇଁ ଉଦିଷ୍ଟ । ସେହି ଗୋଲାପୀ ସ୍ୱପ୍ନର ପ୍ରତ୍ୟେକ ଖିଅରେ ଲୁକ୍କାୟିତ ଥାଏ କାଳସର୍ପ, ଯାହାକି ମଣିଷର କାମନା ଓ ବାସନାକୁ ପ୍ରତି ମୁହୂର୍ତ୍ତରେ ତିଳ ତିଳ କରି ଦଂଶନ କରେ । ହସ ଖୁସିର ଗୋଲାପ ବଗିଚାରେ ବାରମ୍ବାର ଅଗ୍ନି ସଂଯୋଗ ହେଲା ପରି କାବେରୀ ଜୀବନରେ ଉଲ୍ଲାସର ବସନ୍ତ ମଳୟ ଧିରେ ଧିରେ ଅବସାନ ହୋଇ ଆସିଲା । ସୁନେଲି ସ୍ୱପ୍ନ ଚିରଦିନ ପାଇଁ ମଉଳି ଆସିଲା ।ଦୀପ ଶିଖା ଲିଭିବା


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୂର୍ବରୁ ଜୋରରେ ଜଳି ଉଠିବା ପରି ରାଜେଶ ଆଇ.ଏ.ଏସ. ପାଇଲା । କାବେରୀ ଓ ରାଜେଶର ପରିବାର ମନରେ ଅମାପ ଖୁସିର ପସରା ଓଜାଡ଼ି ହୋଇ ପଡ଼ିଲା । ଚାକିରିରେ ଯୋଗଦେବା ପାଇଁ ସହଳେ ଉଠି ରାଜେଶ ବାହାରି ପଡ଼ିଲା ନିଜର କର୍ମ କ୍ଷେତ୍ରକୁ । ଏକ ଭିନ୍ନ ବାତାବରଣ ସୃଷ୍ଟି ହୋଇଥିଲା ଯେତେବେଳେ ରାଜେଶ ମଥାରେ ସିନ୍ଦୁର ଲଗାଇ କାବେରୀ ଓ ପରିବାର ବର୍ଗ ବିଦାଇ ସମ୍ବର୍ଦ୍ଧନା ଦେଇଥିଲେ । ନିଜକୁ ପ୍ରସ୍ତୁତ କରି ନେଇ ରାଜେଶ ଆଗେଇ ଗଲା । ଗାଡ଼ିରୁ ଓହ୍ଲାଇ କାର୍ଯ୍ୟାଳୟକୁ ଯିବା ପାଇଁ ରାସ୍ତା ପାରି ହେବା ସମୟରେ ହଠାତ ଦ୍ରୁତ ଗତିରେ ଗୋଟିଏ ଟ୍ରକ ନିର୍ମମ ଭାବରେ ମାଡ଼ି ଗଲା ରାଜେଶ ଉପରେ । ସେଇଠି ଚିରଦିନ ପାଇଁ ରାଜେଶର ଜୀବନ ଦୀପ ଲିଭିଗଲା । ଏଭଳି ଏକ ନିଷ୍ଠୁର ନିର୍ମମ ଦାରୁଣ ଖବର ପାଇ କାବେରୀର ଚନ୍ଦନ ଚର୍ଚ୍ଚିତ ହୃଦୟରେ କୁଠାରଘାତ ହେଲା । ସୀମାନ୍ତରୁ ସବୁଦିନ ପାଇଁ ସିନ୍ଦୁର ଲିଭିଗଲା । ହାତରୁ ଶଙ୍ଖା ଚୁଡ଼ି ଭାଙ୍ଗି ଦେଇ ବିଧବା ସାଜିଲା । ଅତୀତରୁ ସାଇତି ଆସିଥିବା ଆନନ୍ଦ ଅଶ୍ରୁ ସବୁଦିନ ପାଇଁ ବିଷାଦର ଅଶ୍ରୁରେ ପରିଣତ ହୋଇଗଲା । ପୁତ୍ର ବିୟୋଗରେ ରାଜେଶର ବୃଦ୍ଧ ପିତା ମାତା ପ୍ରାୟତଃ ମୃତ । ଅତ୍ୟନ୍ତ ଗଭୀର କ୍ଷତ ସୃଷ୍ଟି ହୋଇଛି ସେମାନଙ୍କ ହୃଦୟରେ । ଯେଉଁ ବୋହୁକୁ ନିଜ କନ୍ୟାଠାରୁ ଅଧିକ ଭଲପାଉଥିଲେ ତାକୁ କଳଙ୍କିନୀର ଆଖ୍ୟା ଦେଇ ନ୍ୟୁନ ଚକ୍ଷୁରେ ଦେଖିଲେ ।

କବି ତାର ସ୍ୱଲିଖିତ କବିତା ବା ଗଳ୍ପକୁ ନେଇ ଆନନ୍ଦିତ ହୁଏ ଆଉ ତାରି ଭିତରେ ବଞ୍ଚି ରହିବାକୁ ଚେଷ୍ଟା କରେ । ବିଦ୍ୟାର୍ଥୀ ତାର ବିଦ୍ୟାକୁ । ଶିଳ୍ପୀ ନିଜର କଳାକୁ ନେଇ ସାରା ଜୀବନ ଖୁସି ପାଏ । ଆଉ ଭାବୁକ ନିଜକୁ ହଜାଇ ଦିଏ ପ୍ରକୃତିର ଅପୂର୍ବ ସମାହାରରେ । କିନ୍ତୁ କାବେରୀ କାହାକୁ ନେଇ ବଞ୍ଚି ରହିବ ? ସେତ ବାସହୀନ ପଳାସ ଫୁଲ ସଦୃଶ । ସୁଗନ୍ଧିତ ପୁଷ୍ପକୁ ସିନା ଭ୍ରମର ଛୁଇଁଯାଏ ହେଲେ ବାସହୀନ ପୁଷ୍ପ ପ୍ରସ୍ଫୁଟିତ ହୋଇ ଅନାଦୃତ ଅବସ୍ଥାରେ ମଉଳି ଯାଏ । ଏ ନିଷ୍ଠୁର ଦୁନିଆ କାବେରୀର ଶାନ୍ତ କମନୀୟ ନୟନରୁ ଜ୍ୟୋତିକୁ

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ହରାଇ ନେଲା । ଆଉ ନୟନ କୋଣରେ ଭରିଦେଲା ଅସରନ୍ତି ଅଶ୍ରୁ । ଯେଉଁ ଅଶ୍ରୁକୁ ପିଇ ସାରା ଜୀବନ ଶୋଷ ମେଣ୍ଟେଇ ପାରିବ । ତା ହୃଦୟରେ ସାଇତି ରଖିଥିବା ଅଦେଖା ଆଘାତ ବାରମ୍ବାର ତାକୁ କ୍ଷତ ବିକ୍ଷତ କରୁଛି । ହା ହୁତାସର ନିଜକୁ ବୁଡ଼ାଇ ଦେଇ ଅସ୍ତବ୍ୟସ୍ତ ହେଉଛି । ମାନସ ପଟ୍ଟରେ ଧୂ ଧୂ ନିଆଁ ଜଳି ଉଠିଛି । ସେ ନିଆଁର ଶିଖାରେ ନିଜକୁ ସମ୍ପୂର୍ଣ୍ଣ ରୂପେ ଜାଳି ପୋଡ଼ି ଶେଷ କରି ଦେବାକୁ ଚେଷ୍ଟା କରିଛି ।

ହାତରେ ଧରିଥିବା ବିଷ ଶିଶିଟିକୁ ଖୋଲି ପିଇବାକୁ ଉଦ୍ୟମ କରୁଥିବା ବେଳେ ପଛରୁ ତାର ସଙ୍ଗିନୀ ଅନୁସୟା ଆସି କାବେରୀର ହାତକୁ ଧରି ନେଇଛି, ଆଉ କହିଛି - ତୁ ଏ କ'ଣ କରିବାକୁ ଯାଉଛୁ କାବେରୀ ? ମୋତେ ଛାଡ଼ିଦେ ଅନୁସୟା ମୁଁ ନିଜକୁ ଶେଷ କରି ଦେବାକୁ ଚାହେଁ । ଯେଉଁ ଜୀବନର କିଛି ମୂଲ୍ୟ ନାହିଁ ତାକୁ ନେଇ ସାରା ଜୀବନ କଷ୍ଟ ପାଇବା ଅପେକ୍ଷା ମୁହୂର୍ତ୍ତକ ପାଇଁ କଷ୍ଟ ପାଇ ନିଜକୁ ଏଇ ଗଭୀର ସମୁଦ୍ର ଭିତରେ ହଜେଇ ଦେବାକୁ ଚାହେଁ । ଟିକିଏ ଉଚ୍ଚ କଣ୍ଠରେ ଅନୁସୟା କହିଲା- ଆଲୋ ଏ କାବେରୀ ତୁ କଣ ଭାବୁଛୁ ଆତ୍ମହତ୍ୟା କରିଦେଲେ ସବୁ ସମସ୍ୟାର ସମାଧାନ ହୋଇଯିବ ? ଯଦି ଭାବୁଥାଉ ତାହେଲେ ସେଇଟା ଭୁଲ, ଆତ୍ମହତ୍ୟା ମହାପାପ । ଯେଉଁ ଜୀବନକୁ ତୁ ଗଢି ନାହୁଁ ସେ ଜୀବନକୁ ଭାଙ୍ଗିବାର ତୋର କୌଣସି ଅଧିକାର ନାହିଁ । ବିଷ ପିଇ କିମ୍ବା ଗଭୀର ସମୁଦ୍ର ଜଳରେ ନିଜକୁ ହଜେଇ ଦେ ଏଥିରେ ତୋ ସ୍ୱପ୍ନ ସାକାର ହେବନି ? ବରଂ ସମାଜ ଆଖିରେ ଜଣେ ପରାଜିତା ବୋଲି ନିଜର ପରିଚୟ ସୃଷ୍ଟି କରିବୁ । ଥରେ ଚିନ୍ତାକର ଲୋ କାବେରୀ, ନିଜ ପାଇଁ ନ ହେଲା ନାହିଁ ତୋ ପେଟରେ ବଢୁଥିବା ପିଲାଟା କଥା ଟିକେ ଭାବ । ହଠାତ ଚମକି ପଡ଼ିଛି ଓ ନିଜ ପେଟରେ ହାତ ମାରି କାବେରୀ କହିଛି - କ'ଣ କହିଲୁ ମୋ ପେଟରେ ପିଲା ? ମୁଁ ମୁଁ ମା' ହେବାକୁ ଯାଉଛି ? ନାଁ ନାଁ ତୁ ମୋତେ ମିଛ କହୁଛୁ, ମୋ ସାଙ୍ଗରେ ଥଟ୍ଟା ଖେଳୁଛୁ । ଅନୁସୟା ଉତ୍ତର ଦେଇଛି ମୁଁ ଯାହା କହୁଛି ଠିକ କହୁଛି ଲୋ, ଏଇ ଦେଖୁନୁ ଦେଖ,

 Magazine Downloaded from www.aahwaan.com

ଅନୁସୟା ହାତରେ ଧରିଥିବା ମେଡ଼ିକାଲ ରିପୋର୍ଟଟିକୁ ଛଡ଼ାଇ ନେଇ କାବେରୀ ଦେଖିଛି । ତୁ ଏବେ ତିନି ମାସର ଗର୍ଭବତୀ କାବେରୀ । କିଛି ନ କହି ଜୁଳୁ ଜୁଳୁ କରି ଅନୁସୟାର ମୁହଁକୁ ଚାହିଁଛି କାବେରୀ । ମୋ ମୁହଁକୁ ଏମିତି କ'ଣ ଦେଖୁଛୁ, ତୋ ସ୍ୱପ୍ନ ଅଧୁରା ନୁହେଁ ଲୋ, ଏବେବି ତୋ ସ୍ୱପ୍ନ ବଞ୍ଚିଛି, ଆଉ ତୋ ପେଟରେ ବଢୁଛି । ତାକୁ ଠିକ ମାର୍ଗ ଦେଖାଇବା ତୋର କର୍ତ୍ତବ୍ୟ । ତୁ ଆଉ ରାଜେଶ ଦୁହେଁ ଦେଖିଥିବା ସେ ସୁନେଲି ସ୍ୱପ୍ନ ଦିନେ ସାକାର ହେବ ଲୋ, ତୁ ମା' ହେବୁ । ମାତୃତ୍ୱର କର୍ତ୍ତବ୍ୟ କରିବାକୁ ଯାଇ ନିଜ ସନ୍ତାନକୁ ଜନ୍ମ ଦେବା ତୋର ଧର୍ମ । ମୁଁ ତୋତେ ହାତ ଯୋଡୁଛି କାବେରୀ ତୋ ଗର୍ଭରେ ବଢୁଥିବା ପିଲାଟା ଦୁନିଆର ଆଲୋକ ଦେଖିବା ପୂର୍ବରୁ ତାକୁ ମାରି ଦେଏନି । ତା' ନ ହେଲେ ରାଜେଶର ଆତ୍ମା କେବେ ଶାନ୍ତି ପାଇବ ନାହିଁ । ସବୁଦିନ ପାଇଁ ତୁ ରାଜେଶ ପାଖରେ ଋଣୀ ହୋଇ ରହିଯିବୁ । ତୋତେ ତୋ ପିଲାକୁ ବଡ଼ ମଣିଷ କରାଇ ରାଜେଶର ଅତୃପ୍ତ ଆତ୍ମାକୁ ମୁକ୍ତି ଦେବାକୁ ହେବ । ନିଜ ମନକୁ ଦୃଢ଼ କରି ଦେ କାବେରୀ, ସବୁ ସମସ୍ୟାର ସମାଧାନ ହୋଇଯିବ । ଆଖିରେ ଛଳ ଛଳ ଅଶ୍ରୁ ସହିତ ଓଠରେ ସାମାନ୍ୟ ଖୁସିର ଝଲକ ନେଇ କାବେରୀ କହିଛି- ତୋ କଥା ଯଦି ଠିକ ହୁଏ ତା'ହେଲେ ମୋତେ ରାଜେଶର ସ୍ୱପ୍ନକୁ ପୂରଣ କରିବାକୁ ହେବ । ହେଲେ ମୋ ଶାଶୁ ଶ୍ୱଶୁରଙ୍କ ନିନ୍ଦା ଅପବାଦ କଥା ଶୁଣି ମୁଁ କେମିତି ବଞ୍ଚିବି ଲୋ ଅନୁସୟା । କାବେରୀ କାନ୍ଧରେ ହାତ ରଖି ଅନୁସୟା କହିଛି- ଜୀବନ ମାନେ ହିଁ ଯନ୍ତ୍ରଣା କାବେରୀ, ସଘର୍ଷ ନ ଥିଲେ ଜୀବନରେ ପୂର୍ଣ୍ଣତା ଆସେ ନାହିଁ । ତୋତେ କଷ୍ଟ ସହିବାକୁ ପଡ଼ିବ, ଏ ସମାଜକୁ କର୍ତ୍ତବ୍ୟପରାୟଣା ସ୍ତ୍ରୀ ହିସାବରେ ନିଜର ଆଧିପତ୍ୟ ସାବ୍ୟସ୍ତ କରିବାକୁ ପଡ଼ିବ । ଏଥି ପାଇଁ ପଛଘୁଞ୍ଚା ଦେଲେ ତୁ ସଫଳତାର ଶୀର୍ଷରେ ପହଁଚି ପାରିବୁନି ଲୋ । ମୋ କଥା ମାନ ନିଜକୁ ସ୍ୱାବଲମ୍ବୀ କର, ତୁ ପାଠ ପଢ଼ିଛୁ, ମୋର ବିଶ୍ୱାସ ତୁ କେବେ ହାରି ଯିବୁ ନାହିଁ । ଚାଲୁ ତୋ ବାପା ତେଣେ ରାସ୍ତା ଉପରେ ଗାଡ଼ି ଧରି ତୋତେ ଅପେକ୍ଷା କରିଛନ୍ତି । ତୋର ଏମିତି

 Magazine Downloaded from www.aahwaan.com

ବେଶକୁ ଦେଖିବା ପାଇଁ ତାଙ୍କ ପାଖରେ ଧୈର୍ଯ୍ୟ ନାହିଁ । ତଥାପି ସେ ମନରେ ଶକ୍ତି ଜୁଟେଇ ତୋତେ ଦେଖିବାକୁ ଆସିଛନ୍ତି । ତୁ କ'ଣ ଭାବୁଛୁ ତୋ ପ୍ରତି ଘଟିଥିବା ଘଟଣାକୁ ନେଇ ତୋ ବାପା ଅନୁତପ୍ତ ନୁହନ୍ତି ? ହେଲେ କଣ କରିବେ ବିଧିର ନିଷ୍ଠୁର ବିଧାନ ପାଇଁ ସେ ଦିନକୁ ଦିନ ଭାଙ୍ଗି ପଡୁଛନ୍ତି, ଆଉ ନିଜକୁ ସମ୍ଭାଳି ପାରୁ ନାହାନ୍ତି । ତୋ ସଙ୍ଗିନୀ ହିସାବରେ ମୁଁ ମୋର କର୍ତ୍ତବ୍ୟ କରିବାକୁ ଚେଷ୍ଟା କରୁଛି, ହେଲେ ମଉସାଙ୍କ ମନରେ ଲାଗିଥିବା ଆଘାତକୁ ମୁଁ ଯେତେ ଚେଷ୍ଟା କଲେ ବି ଭଲ କରି ପାରୁନି କାବେରୀ, ମୋତେ କ୍ଷମା କର । ଅନୁସୟା ତୁ ଏମିତି କହି ମୋତେ ଦୁର୍ବଳ କରି ଦେଏନି ଲୋ, ତୋ ଛଡ଼ା ମୋର ଆଉ କିଏ ଅଛି କହୁନୁ ମୋ ଅନ୍ତର ବେଦନାକୁ ବୁଝି ପାରିବ । ତୁ ଠିକ କହିଛୁ କାବେରୀ ତୋତେ ଯେତିକି କଷ୍ଟ ହେଉଛି ମୋତେ ବି ସେତିକି କଷ୍ଟ ହେଉଛି । ଆଉ ଶୁଣ ଯଦି ତୁ ମୋତେ ତୋର ସଙ୍ଗିନୀ ଭାବୁଥାଉ ତାହେଲେ ମୁଁ କହୁଛି କାବେରୀ ମୋର ଦୃଢ ବିଶ୍ୱାସ କହୁଛି ତୋ ବାପା ତୋର ସବୁ ସମସ୍ୟାର ସମାଧାନ କରି ଦେବେ ।ଅନୁସୟା କାବେରୀର ହାତ ଧରି ଧିର ଭାବରେ ଉଠାଇଛି, ପଛକୁ ବୁଲି ପଡ଼ି କାବେରୀ ଦେଖେତ ତା'ର ବାପା ତା ସାମ୍ନାରେ ଛିଡ଼ା ହୋଇଛନ୍ତି । ନିଜର କୋହକୁ ରୋକି ପାରିଲାନି କାବେରୀ, ବାପା ବୋଲି ଡାକି କାନ୍ଦି କାନ୍ଦି ଲୋଟି ପଡ଼ିଲା ଛାତି ଉପରେ । ନିଜର ଏକ ମାତ୍ର ଅଲିଅଳୀ ଝିଅର ଏମିତି ଅବସ୍ଥା ଦେଖି କାବେରୀର ବାପା ମଧ୍ୟ ନିଜ ଲୁହକୁ ଅଟକାଇ ରଖି ପାରିଲେ ନାହିଁ । ଦୁହିଁଙ୍କ ମଧ୍ୟରେ ବେସ କିଛି ସମୟ ହୃଦୟ ବିଦାରକ ଦୃଶ୍ୟ ପ୍ରଣିପାତ ହେଲା । ପାଖରେ ଛିଡ଼ା ହୋଇଥିବା ଅନୁସୟା ନିଜକୁ ସମ୍ଭାଳି କହିଲା- ଚାଲନ୍ତୁ ମଉସା ସମୟ ଅନେକ ହେଲାଣି । ଅନ୍ୟ ମନସ୍କ ଭାବେ କାବେରୀର ବାପା ଉତ୍ତର ଦେଲେ- "ଉଁ.., ହଁ..ହଁ... ଯିବା", ଚାଲ ମା କାବେରୀ ତୁ ଆଜି ଠାରୁ ମୋ ଘରେ ରହିବୁ । କାବେରୀ କୋହଭରା କଣ୍ଠରେ କହିଲା ନାଁ ବାପା ଯେଉଁ ଦିନ ତୁମମାନଙ୍କ କଥା ନ ରଖି ମୁଁ ନିଜ ଇଛାରେ ବାହା ହେଲି, ସେଇଦିନ ମୁଁ ମୋର

 Magazine Downloaded from www.aahwaan.com

ଆତ୍ମୀୟତାକୁ ପଛରେ ଛାଡ଼ି ଦେଇ ଆସିଛି । ମୋତେ ବାଧ୍ୟ କରନ୍ତନି ବାପା, ମୋ ପୋଡ଼ା କପାଳକୁ ନେଇ ମୁଁ ବଞ୍ଚିବି । ତୁ ତୋ ମନକୁ କଷ୍ଟ ଦେଏନି କାବେରୀ ତୋ ବାପା ଆଜିବି ବଞ୍ଚିଛି, ମୋର ଯାହାବି ଧନ ସମ୍ପତ୍ତି ଅଛି ସେ ସବୁର ଅଧିକାରିଣୀ କେବଳ ତୋ ଛଡ଼ା ଆଉ କେହି ନାହାନ୍ତି । ତୋ ଖୁସି ପାଇଁ ମୁଁ ସବୁକିଛି କରିବାକୁ ପ୍ରସ୍ତୁତ, ହେଲେ ତୋର ଏମିତି ଶୁଖିଲା ମୁହଁକୁ ମୁଁ କେବେବି ଦେଖି ପାରିବିନି ଲୋ । ଅଭାବ କ'ଣ ଜାଣି ନ ଥିବା ଝିଅଟା ମୋର ଆଜି ଅଭାଗିନୀ ପାଲଟି ଗଲା । ହେ ପ୍ରଭୁ ମୋ ଝିଅର ଏମିତି ଅବସ୍ଥା ଦେଖିବା ପୂର୍ବରୁ ମୋତେ ମାରି ଦେଲନି କାହିଁକି ? ଛାତିରେ କୋହ ଭରା ଭାବନା ନେଇ ବାପ-ଝିଅ ଦୁହେଁ ଏମିତି ଏକ ବିଚିତ୍ର ପରିସ୍ଥିତି ସୃଷ୍ଟି କରି ଦେଲେ ଯେ ଯେଉଁଠି ଖାଲି ମେଞ୍ଚା ମେଞ୍ଚା ଲୁହର ହ୍ରିଭସ୍ୟ ପ୍ରତିଛବି ଲୋକାର୍ପଣ ହେଉଥିଲା । ଯାହାକୁ ଦେଖିବା ସରଳ ମଣିଷ ପାଇଁ ହୃଦୟ ବିଦାରକ । କାବେରୀର ବାପା ନିଜ ମନକୁ ବୁଝାଇ ଦେଇ କହିଛନ୍ତି- ଆଲୋ ମା ତୋ ଇଛାକୁ ମୁଁ କେବେବି ଅବରୋଧ କରିନି, ତୁ ଯେତେବେଳେ ଯାହା କହିଛୁ ତୋ ଖୁସି ପାଇଁ ମୁଁ ସେୟା କରିଛି । ଆଉ ଆଜିବି କରିବି ତେଣିକି ତୋ ଭାଗ୍ୟ । ବାପା ବୋଲି ଡାକି କାବେରୀ ପୁଣି କାନ୍ଦିଛି । ଅନୁସୟା କାବେରୀକୁ ବୁଝାଇ ଦେଇ କହିଛି- ଦେଖ କାବେରୀ ମଉସା ଯାହା କହୁଛନ୍ତି ତୋ ଭଲ ପାଇଁ, ତୁ ଚାହିଁଲେ ସବୁ ଠିକ ହୋଇଯିବ । କାନ୍ଦି କାନ୍ଦି କାବେରୀ କହିଛି- ମୁଁ ଚେଷ୍ଟା କରିବି ଅନୁସୟା । ହଉ ଏବେ ଚାଲ ଏସବୁ ବିଷୟରେ ଭାବି ମନକୁ ଆଉ କଷ୍ଟ ଦେଏନି, ସମୟ ସବୁକିଛିର ସମାଧାନ କରିଦେବ ।

ସମସ୍ତେ ଆଗେଇ ଯାଇଛନ୍ତି ଗାଡ଼ି ଅଭିମୁଖେ, କାବେରୀ ଟିକେ ଆଗକୁ ଯାଇ ବୁଲି ଚାହିଁଛି ପଛକୁ । ଅନୁସୟା ସାନ୍ତ୍ୱନା ଦେଇ କହିଛି- କାବେରୀ ଅତୀତକୁ ମନେ ପକାଇ ମନକୁ ଯନ୍ତ୍ରଣାସିକ୍ତ କରନି ଲୋ, ବର୍ତ୍ତମାନକୁ ନେଇ ବଞ୍ଚିବା ଶିଖ । ତୋ ଭବିଷ୍ୟତ ନିଶ୍ଚିତ ସୁଖମୟ ହେବ ଏଇଟା ତୋ ସାଙ୍ଗ ଅନୁସୟାର ବିଶ୍ୱାସ । କାବେରୀ ମୁଖରେ ସାମାନ୍ୟ ହସର ଝଲକ

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ବାରି ହୋଇ ପଡୁଥିଲା । ନିଜ କଣ୍ଠରେ ପରିବର୍ତ୍ତନ ଆଣି କାବେରୀ କହିଲା ହଉ ହେଲା ତୋ କଥା ରଖିବି, ଏବେ ଖୁସିତ । ଦୁହେଁ ହାତ ଧରାଧରି ହୋଇ ଗାଡ଼ିରେ ବସିବାକୁ ଚାଲିଗଲେ ।ଦିନ ପରେ ଦିନ ଗଡ଼ି ଚାଲିଲା କାବେରୀ ନିଜ ବାପାଙ୍କ ଘରେ କିଛି ଦିନ ରହି ପୁଣି ଫେରି ଆସିଲା ଶ୍ୱଶୁର ଘରକୁ । ନିଜ ନାଁରେ ଥିବା ଧନ ସମ୍ପତ୍ତିକୁ ପ୍ରକୃତ ବିନିଯୋଗ କରି ସେ ରାଜେଶ ନାଁରେ ଏକ ସ୍ୱୟଂ ସହାୟକ ଗୋଷ୍ଠି ତିଆରି କଲା । ଯେଉଁଠି କି ଅନେକ ମହିଳାଙ୍କୁ ଚାକିରୀ ମିଳି ପାରିଲା, ସେହି ଗୋଷ୍ଠିରେ ତିଆରି ହେଉଥିବା ଅନେକ ସାମଗ୍ରୀ ଦେଶର ବିଭିନ୍ନ ପ୍ରାନ୍ତରେ ସୁନାମ ଅର୍ଜନ କଲା । ଯାହା ଫଳରେ କାବେରୀ ନିଜ ସଂସ୍ଥାକୁ ବିସ୍ତାରିତ କରି ପାରିଲା ।

ତାରି ଭିତରେ କାବେରୀ ଏକ ପୁତ୍ର ସନ୍ତାନର ଜନନୀ ମଧ୍ୟ ହୋଇ ଯାଇଥିଲା । ନାତି ମୁହଁକୁ ଚାହିଁ ରାଜେଶର ବାପା-ମା ଆନନ୍ଦିତ ହେଉଥିଲେ । ତା' ସହିତ ବୋହୁ କାବେରୀକୁ ମଧ୍ୟ ପ୍ରଶଂସାରେ ବିମୋହିତ କରୁଥିଲେ । କାହିଁକି ନାଁ ବଂଶ ରକ୍ଷା ପାଇଁ ରାଜେଶର ଶେଷ ସନ୍ତକ ତାଙ୍କ କୂଳରେ ଜନ୍ମ ନେଇଛି । ହେଲେ ସେ ଖୁସିର ମୁହୂର୍ତ୍ତକୁ ବେଶି ଦିନ ଉପଭୋଗ କରି ପାରିଲେ ନାହିଁ । ରାଜେଶର ବାପା-ମା ଆଗ ପଛ ହୋଇ ଦୁହେଁ ଆର ପାରିକୁ ଚାଲିଗଲେ । ଏପଟେ କାବେରୀର କମ୍ପାନୀ ମଧ୍ୟ ଠିକଠାକ ଚାଲୁଥାଏ, ଘର ଚଳିବାରେ କୌଣସି ବ୍ୟତିକ୍ରମ ଉପଲବ୍ଧି ହେଉ ନ ଥିଲା । ଧିରେ ଧିରେ କାବେରୀର ପୁଅ ବଡ଼ ହେଲା, ତା ସାଙ୍ଗକୁ ସେ ଭଲ ପାଠବି ପଢୁଥିଲା । ବାପାଙ୍କ ଅଧୁରା ସ୍ୱପ୍ନକୁ ପୂରଣ କରିବାରେ ପୁଅ ରିଷି ନିଶ୍ଚିତ ଫଳପ୍ରଦ ହେବ ଏ ବିଶ୍ୱାସ କାବେରୀର ଥିଲା । ସେଇ ବିଶ୍ୱାସକୁ ନେଇ ରିଷି ପାଠ ପଢ଼ାରେ ଲାଗି ପଡ଼ିଲା । ପରିଶ୍ରମ କଲେ ନିଶ୍ଚିତ ସଫଳତା ମିଳେ ତାହାକୁ ପ୍ରମାଣ କରି ଦେଖାଇଲା କାବେରୀର ପୁଅ ରିଷି । ଅପେକ୍ଷାର ଦିନ ପାଖେଇ ଆସିଲା ଦିନେ ଖବର କାଗଜରେ ବଡ଼ ବଡ଼ ଅକ୍ଷରରେ ପ୍ରକାଶିତ ହେଲା ରିଷବ ଦାସ ଏ ବର୍ଷର ଆଇ.ଏ.ଏସ

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ଟପର । ଏ କଥା ଶୁଣି କାବେରୀ ଖୁସିରେ ଆନନ୍ଦିତ ହେଲା । ରିଷି ଦୌଡ଼ି ଆସି କାବେରୀର ପାଦ ଛୁଇଁ ପ୍ରଣାମ କରି କହିଲା- ମା' ତୋ ସ୍ୱପ୍ନ ଆଜି ସାକାର ହେଇଛି, ମୋତେ ଆଶୀର୍ବାଦ ଦେ ମୁଁ ଯେମିତି ଆହୁରି ଆହୁରି ଆଗକୁ ଯାଏ । କେବଳ ମୋ ଠାରୁ ଆଶୀର୍ବାଦ ନେଲେ ହେବନି ତୋତେ ଆଉ ଜଣଙ୍କ ପାଖରୁ ଆଶୀର୍ବାଦ ନେବାକୁ ହେବ । ଆସ ମୋ ସାଙ୍ଗରେ ରିଷିକୁ ଟାଣି ନେଇଛି ରାଜେଶର ଫଟ ପାଖକୁ ଆଉ କହିଛି - ତୋ ବାପାଙ୍କ ଠାରୁ ଟିକିଏ ଆଶୀର୍ବାଦ ନେ, ତାଙ୍କରି ସ୍ୱପ୍ନକୁ ତୁ ଆଜି ସାକାର କରିଛୁ । ସତରେ ରିଷି ତୋତେ ଜନ୍ମ ଦେଇ ମୁଁ ଆଜି ଗର୍ବ୍ବିତା ମୋ ମାତୃତ୍ୱର ତୁ ଠିକ ପରିଚୟ ଦେଇଛୁ । ଏ କଥା ଶୁଣିବା ପରେ ହଠାତ ରିଷି ଆଖିରେ ମଧ୍ୟ ଲୁହ ଆସି ଯାଇଛି, ଲୁହକୁ ଦେଖି କାବେରୀ ରିଷିକୁ ପାଖକୁ ଟାଣି ନେଇ ମଥାକୁ ଆଉଁସି ଦେଇଛି ଆଉ କହିଛି- ତୁ କେବଳ ତୋ ବାପାଙ୍କ ସ୍ୱପ୍ନକୁ ନୁହେଁ, ତୋ ମା' କାବେରୀ ସ୍ୱପ୍ନକୁ ବି ପୁରା କରିଛୁ । ତାରି ଭିତରେ ଦୁହିଁଙ୍କ ଆଖିରୁ ଝରି ପଡୁଥିଲା ଆନନ୍ଦର କେଇ ବୁନ୍ଦା ଲୁହ.....

ଉତ୍ତରବାଡ଼, ଭଣ୍ଡାରିପୋଖରୀ, ଭଦ୍ରକ
ମୋ: ୯୯୩୭୧୯୨୬୮୦୪

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ଅଭିମାନର ଅବଶୋଷ



ରାଜେଶ କୁମାର ବାରିକ

ସେଦିନ ରାଜୁ ତାର ବାପା ମାଁଙ୍କୁ ଦୋଷ ଦେଇ କହୁଥାଏ...... ତୁମେମାନେ ହିଁ ମୋ ଜୀବନକୁ ନଷ୍ଟ କରିଦେଲ ଭବିଷ୍ୟତ ବରବାଦ କରିଦେଲ । ନା ଦେଇପାରିଲ ଉଚ୍ଚ ଶିକ୍ଷା ନା ଭଲ ଘର । ଏଇଥିପାଇଁ କେହି ସାଙ୍ଗ ଆମ ଘରକୁ ଆସନ୍ତି ନାହିଁ । ତୁମ ମାନଙ୍କ ପାଖରେ ଆଉ ଏମିତି ରହିପାରିବି ନାହିଁ । ଚାଲିଲି ସୁରତ ସୁତା ମିଲ୍ ରେ କାମ କରିବି ଆଉ ଆମର ଏ ଅବସ୍ଥା ସୁଧାରିବି ।

ସମସ୍ତେ ଚାହାଁନ୍ତି ଖୁସିରେ ରହିବାକୁ, ଭଲ ଘର ବଡ ଚାକିରି ଆଉ ତା ଭିତରେ **** ସବୁ କିଛି । ରାଜୁର ବି ଇଚ୍ଛା ଥିଲା ତାର ବାପାଙ୍କ ଠାରୁ ବଡ ଚାକିରି କରିବ ବେସି ନାଁ କରିବ । ହେଲେ ସମୟର ବିଡମ୍ବନା... ତାକୁ ନେଇ ସୁରତର ଗୋଟେ ସୁତା କଳ ସହ ଯୋଡୁଛି । ସବୁ ସେଇ ବିଧାତାର ଖେଳ ! ଖାଲି ଏସବୁ ରାଜୁର ସ୍ୱପ୍ନ ନୁହେଁ ରାଜୁ ବାପାମା'ଙ୍କର ବି ଏମିତି ସ୍ୱପ୍ନ ଥିଲା । କେଉଁ ବାପା ମା କଣ ଜାଣି ଶୁଣି ନିଜ ପିଲାର ଭବିଷ୍ୟତକୁ ବିଗାଡି ପାରିବେ ? ଆସନ୍ତୁ ଜାଣିବା ପୁରା କାହାଣୀ ।

୧୯୯୪ ମସିହା ଏପ୍ରିଲ୍ ୨୬ରେ ରାଜୁର ଜନ୍ମ ହୋଇଥିଲା, ସେତେବେଳେ ଘରକୁ ଖୁସିର ଜୁଆର ଆସିଥିଲା । ରବି ଫସଲ ଭଲ ହେବା ସାଙ୍ଗକୁ ରାଜୁ ବାପାଙ୍କୁ ପ୍ରାଇମେରି ସ୍କୁଲରେ ଚାକିରିଟା ବି ମିଳିଗଲା । ଫାଇନାଲି ରାଜୁ ସମସ୍ତଙ୍କ ପାଇଁ ଲକି ସାବ୍ୟସ୍ତ ହୋଇଥିଲା । ରାଜୁକୁ ପାଇ ତାର ବାପା ମାଁ ଯେତିକି ଖୁସି ନଥିଲେ ତାଠୁ ଅଧିକ ତାର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପରିବାର । ଏହାରି ଭିତରେ ଖୁସିର ଜୁଆରଟା ଅଧିକ ସମୟ ରହିପାରିଲା ନାହିଁ ।

ଆସିଲା ୧୯୯୯ର ବାତ୍ୟା ଆଉ ଭାଙ୍ଗି ଦେଇଗଲା ରାଜୁର ଘର, ଭସାଇ ନେଲା ଖୁସି । ଭଗବାନଙ୍କ କୃପାରୁ ଆଶ୍ରୟ ସ୍ଥଳି ଚୁଡା ଗୁଡ ଖାଇ କଳା ଜରି ଭିତରେ ଜୀବନଟା ରହି ଯାଇଥିଲା ସେଦିନ । ବନ୍ୟାରେ ଭଙ୍ଗା ଥିବା ଘରକୁ ପାଥେୟ କରି କକା, ବଡବାପା, ବୁଢାବାପା ସମସ୍ତେ ଦେଖେଇ ଥିଲେ ନିଜ ଔକାତ୍ । ଆଉ ରାଜୁ ବାପାଙ୍କ ପାଖରେ ରହି ଯାଇଥିଲା କେତେ ଖଣ୍ଡ ବାଉଁସ, କଳା ଜରି ଆଉ ବାପା ମା ।

ବାପା କେବେ ମୁହଁ ଖୋଲି ନଥିଲେ ସମସ୍ତେ ସବୁ ନେଇ ଗଲାପରେ ନିଜକୁ ନିଜେ ସମ୍ଭାଳି ଗାଁ ସ୍କୁଲରୁ ଆରମ୍ଭ କରାଇଥିଲେ ମୋର ଜୟ ଯାତ୍ରା । ବାତ୍ୟାର ପରବର୍ତ୍ତି ପଟୁ ଭଳି ଏଇ ବାତ୍ୟା ବି ଦେଇଥିଲା ବହୁତ କିଛି । ବାପମାଙ୍କର ସବୁବେଳେ ଗୋଟିଏ ଚିନ୍ତା ଥାଏ, ପିଲାଟା ସିନା ସରକାରୀ ସ୍କୁଲରୁ ପାଠ ଆରମ୍ଭ କଲା କିନ୍ତୁ କଲେଜ ପ୍ରାଇଭେଟରେ ହିଁ କରିବ ତାହାଲେ ଆଗକୁ ତ ଯାଇ କିଛି କରିପାରିବ । ମା ସବୁଥିରୁ ଖର୍ଚ୍ଚ କାଟ୍ କରି ସଞ୍ଚୟ କରିବାରେ ବ୍ୟସ୍ତ ଏପାଖେ ବାପା ପେଟକୁ ପିଠିକୁ ମାରି ବ୍ୟାଙ୍କରେ ଜମା ରଖୁଥିଲେ ଆଉ ରାଜୁ ମନଧ୍ୟାନ ଦେଇ ପାଠ ପଢିବାରେ ବ୍ୟସ୍ତ । କାହିଁକି ନା ସ୍ୱପ୍ନ ଅନେକ ! ଆକାଶରେ ଉଡିବ JNUରେ ପଢିବ ବହୁତ ନାଁ କରିବ ପୁଅ । ରାଜୁ ମନ ଲଗାଇ ପାଠ ପଢିଲା ମ୍ୟାଟ୍ରିକ୍ରେ ଜିଲ୍ଲାରେ ପ୍ରଥମ ହେଲା ଆଉ ଛୁଟିଲା ଶୁଭେଚ୍ଛାର ସୁଅ । ଖୁସିରେ ଆତ୍ମହରା ହୋଇ ପଡୁଥାନ୍ତି ବାପା ମା ଦୁଇଟା । ସ୍ୱପ୍ନ ସତ ସତ ହେଲା ପରି ଲାଗୁଥାଏ । ଏଇ ଖୁସିର ଜୁଆର ଏତେବେସି ହେଲା ଯେ ସବୁ ସ୍ୱପ୍ନ ଧୋଇ ନେଇଗଲା ।

ଯେବେ ଜଣାପଡିଲା ରଖିଥିବା ଟଂକା ସବୁ ଚିଟ୍ଫଣ୍ଡ କମ୍ପାନିରେ ବୁଡି ଯାଇଛି। ପାଦତଳୁ ମାଟି ଖସିଗଲା ବଜ୍ରପାତ ହେଲାଭଳି ଲାଗିଲା ବାପାଙ୍କ ଦେହରେ । ସବୁ ସ୍ୱପ୍ନ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭାଙ୍ଗିଗଲା ରାଜୁର...... ତଥାପି ବି ହାର ମାନିନଥିଲା ରାଜୁ ।

ଭାଗ୍ୟକୁ ଦୋଷ ଦେଇ ବାପାଙ୍କୁ ଦେଇଥିଲା ସାନ୍ତ୍ୱନା ଆଉ ନେଇ ଯାଇଥିଲା ସୁର ବାବା, ଭଣ୍ଡ ସାରଥି ପାଖକୁ । ମନର ପରିବର୍ତ୍ତନ ପାଇଁ । ବାବାଙ୍କ ମିଠା ମିଠା କଥାରେ ଆତ୍ମା ପରମାତ୍ମାର ମିଳନ ହୋଇଥିଲା । ଆଉ ରାଜୁ ରାତାରାତି ପାଲଟିଥିଲା ସବୁ ପରମ ଭକ୍ତଙ୍କ ମୁଖ୍ୟ ଆଦର୍ଶ ।

ବାବା ବାବା ଗୋଲକୋଣ୍ଡା ଯିବାବେଳକୁ ରାଜୁ BA ପାସ୍ କରିଥାଏ ।ସାରଥି ଜେଲ୍ ଯିବା ପରେ ସବୁ ଆଶା ସବୁ ସ୍ୱପ୍ନ, ସ୍ୱପ୍ନ ରେ ହିଁ ରହି ଯାଇଥାଏ ।

ସରକାରୀ ଅଫିସରେ ପିସି କାରବାର । ବେକାରି ବୃଦ୍ଧିରେ ଆଉ ତାରି ଭିତରେ ରାଜୁ ଆଉ ଆଗକୁ ଯାଇ ପାରିଲିନି । ଘରର ଅବସ୍ଥା, ମାନସିକ ଦୁଃଚିନ୍ତା ଭିତରେ ରାଜୁ ଗୋଟେ ନାମରେ ହିଁ ସୀମିତ ରହିଛି ।

ମଧ୍ୟବିତ୍ତଙ୍କର ଜୀବନରେ ଦୋଷ କାହାର ରାଜୁର ନା ରାଜୁ ବାପାମାଙ୍କର । ରାଜୁ ଅଭିମାନ କରିଛି ତା ବାପାମାଁଙ୍କ ଉପରେ ହେଲେ ତାର ଏ ଅବସ୍ଥା ପାଇଁ ଦାୟୀ କିଏ ? ? ? ?

ଦେବେନ୍ଦ୍ର ପୁର୍, ଅଭଣା, ବାଲେଶ୍ୱର

ମୋ : ୯୯୯୮୭୨୨୩୩୬

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କଷ୍ଟ



ସୁଧାଂଶୁ ଶେଖର ସାହୁ

ସୂର୍ଯ୍ୟଙ୍କ ପ୍ରକୋପକୁ କିଏ ବା ସହିପାରେ... କେମିତି ବା ଏ ନେଉଳ ଛୁଆଟା ସାହିପାରିଥାନ୍ତା.. ଲହୁ ଲୁହାଣ ହେଇଗଲାଣି ଏତେ କଷ୍ଟ ସହିବା ସମ୍ଭବ ହଉନଥାଏ । ନିଜରର ବି ଚାଲିବାର ଶକ୍ତି ହରାଇଥାଏ । ସେହିବାଟ ଦେଇ କୋମଳ ମୋତି ଶିଶୁ ଯିବାର ଦେଖି । ନେଉଳର ବଞ୍ଚିବାର ଆଶା ବଢିଯାଏ ।

ହଟାତ ଶିଶୁଟି.... ନେଉଳକୁ ଦେଖି ନିଜର କୋମଳ ହାତରେ ସୂର୍ଯ୍ୟଙ୍କ ପ୍ରକୋପରୁ ରକ୍ଷା କରେ.. ନିଜର ସ୍ନେହ, ମମତା, ପ୍ରେମ ଢାଳିଦିଏ ସେ ନେଉଳ ଉପରେ ।

ନେଉଳ ସେ ଶିଶୁର ଯତ୍ନ, ସହାନଭୂତି ପାଇଲା ପରେ ସେ ଖୁସିରେ ନାଚି ଉଠେ । ନେଉଳଟି ନିଜର ଖୁସି ଜାହିର କରିବା ପାଇଁ ସ୍ୱାଧୀନ ଭାବି ଜୋରରେ ପାଟି କରିବାକୁ ଲାଗିଲା । ସେ ପାଟିରେ ଜଙ୍ଗଲ ଜଗିଥିବା ଜଙ୍ଗଲ ଆରକ୍ଷୀଙ୍କ ଏ କୋମଳମତି ଶିଶୁ ଉପରେ ନଜର ପଡ଼ିଯାଏ । ଶିଶୁଟି ଡରିଯାଇ ଗୋଟେ କଣ୍ଟାଗଛ ଆଢୁଆଳରେ ନେଉଳକୁ ଲୁଚେଇ ଦିଏ ।

ସେ କଣ୍ଟାର ଆଘାତରେ ନେଉଳଟି କ୍ଷତବିକ୍ଷତ ହୋଇପଡେ । ସୂର୍ଯ୍ୟଙ୍କ ପ୍ରକୋପଠାରୁ ଅଧିକ ଏ କଷ୍ଟ ତାକୁ ଜଣାପଡ଼େ । କିନ୍ତୁ ନେଉଳ ଛୁଆଟି ଜାଣିନଥିଲା ସେ ଯେଉଁ ୮ ମିନିଟିଏ ଶିଶୁ ପାଖରେ ରହିଛି.. ସେ ଭାବିଛି ଯଦି ଏଇ କିଛି ମୁହୂର୍ତରେ ଏତେ ଆପଣାର କରୁଛି ତାହାଲେ ଜୀବନସାରା ରହିଲେ ସବୁ ଦୁଃଖ କେଉଁଆଡେ ଲିଭିଯିବ କିନ୍ତୁ ତା ଆଶା, ସ୍ୱପ୍ନ ସବୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଉଁଶ ହୋଇଗଲା ନିମିଷକେ ଭିତରେ !!

ସେ ଜାଣିନଥଲା ଇଏ ବି ଗୋଟେ ମଣିଷ ନିଜ ସ୍ୱାର୍ଥ ପାଇଁ କିଛି ବି କରିପାରେ । ସେ ଶିଶୁଟି ସେହିଠାରୁ ଛାଡି ଘରକୁ ଆସେ ଭାରି.. ସେ କଣ୍ଟା ଆଢୁଆଳରେ ରଖିଦେଇ ।

ପ୍ରତ୍ୟେକ ଦିନ ଯିବା ଆସିବା ବାଟରେ ମିଲି ମିଲି କରି ଚାହେଁ ଫୁଣି ଚାଲିଯାଏ ତା ବାଟରେ । ନେଉଳକୁ ଏ କଷ୍ଟ ଅଙ୍ଗେକୁ ଭାରେ ହେଲା ବୋଲି ଜଣାପଡେ... ସେ କଷ୍ଟ ଅପେକ୍ଷା ଏ କଷ୍ଟ ଦୁଇଗୁଣ..

ସବୁ ସାହିଯାଏ ଆଉ ବିଶ୍ୱାସ ଥାଏ । ଫୁଣି ସେ ଫେରିବ ଆଉ ନେଇଯିବ ତା ସାଥିରେ କିନ୍ତୁ ସବୁ ସ୍ୱପ୍ନ ତାର ପ୍ରଶ୍ନ ରେ ରହିଯାଏ । କିଛି ଦିନ ହେବ ସେ ବାଟରେ ଯାଉଛି ସତ । କିନ୍ତୁ ଆଖିର ପଲକ ବି ପଡୁନି ସେ କଣ୍ଟାବୁଦା ମୂଳକୁ ।

ସତରେ ସେ ବାଧ୍ୟ ନା ସ୍ୱାର୍ଥପର ହୋଇଯାଇଛି.. କିଛି ବି ବୁଝାପଡୁନି ।

ଆଜି ବି ଅପେକ୍ଷା କରିଛି ସେ ନେଉଳ ଛୁଆଟି । ଛଟପଟ ହଉଛି କଣ୍ଟାର ଆଘାତରେ.

ତଥାବି ସେ ପିଲାର ଫେରିବାର ବାଟକୁ ଅପେକ୍ଷା !!

ଠିକଣା -ଦୋରଡ଼, ଆଠଗଡ଼, କଟକ

ମୋ : ୯୭୭୮୪୯୯୧୭୧

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଯାହାଦେଲେ ଖାଏ ମାଆ



ମହେଶ୍ୱର ସାହୁ

ଅତି ଆପଣାର ପୁଅ ମହେଶ । ଏକୋଇର ବଳା ବିସିକେସନ । ଖାଇବା ଠାରୁ ଶୋଇବା, ଗାଧୋଇବା, ବସିବା, ପଢ଼ିବା ଏମିତି ସମସ୍ତ ଚର୍ଚ୍ଚାରେ ସଦାସର୍ବଦା ନିଜକୁ ନିୟୋଜିତ କରିଥାନ୍ତି ରମା ଦେବୀ । ରମା ଦେବୀ ଯେତେବେଳେ ପୁଅ ଚାରି ବର୍ଷର ହୋଇଥିଲା ସ୍ୱାମୀଙ୍କୁ ହରେଇ ବସିଥିଲେ ଏକ ଗାଡି ଦୁର୍ଘଟଣାରେ । ସ୍ୱାମୀଙ୍କର ମୃତ୍ୟୁ ପରେ ଭାଙ୍ଗି ପଡି ନଥିଲେ ରମା ଦେବୀ । ନିଜର ଭାଇ ଭଗାରୀ ମାନଙ୍କୁ ସାଥିରେ ନେଇ ଓ ସେମାନଙ୍କର ମନ ନେଇ ଦିନ କାଟି ନେବାର ନିଷ୍ପତ୍ତି ନେଇଥିଲେ ରମା ଦେବୀ ।

ରମା ଦେବୀ ବିଧବା ଥିଲେ । ସେ ନିଜ ସ୍ୱାମୀଙ୍କର ମୃତ୍ୟୁ ପରେ ପେନସନ ଆକାରରେ ବିଧବା ଭତ୍ତା ବାବଦକୁ ଦଶ ହଜାର ଭଳି ପାଆନ୍ତି । ଏବେ ତାଙ୍କ ଚଳିବା ଓ ପୁଅର ଖର୍ଚ୍ଚ ପାଇଁ ଏକ ପ୍ରକାର ସାହାରା ଭଳି କାମ କରିଥିଲା । ରମା ଦେବୀ ସ୍ୱାମୀଙ୍କ ଦୁଃଖକୁ ନିଜ ପୁଅ ମହେଶକୁ ଛାତିରେ ଧରି ଭୁଲି ଯାଇଥାନ୍ତି । ଯୌବନ କାଳରେ ସ୍ୱାମୀତ୍ୟକ୍ତ ଯନ୍ତ୍ରଣା ରୂପୀ କୋହକୁ ସେ ନିଜ ଚକ୍ଷୁର ଲୋତକ ରୂପେ ପିଇ ଯାଉଥିଲେ ।

ପରିବାରର ସମସ୍ତ କାମ ସହିତ ଶାଶୁ ଓ ଶଶୁରଙ୍କ ସେବାରେ ସେ ନିଜକୁ ମ୍ରିୟମାଣ କରି ଦେଇଥାନ୍ତି । ବହୁତ ଖୁସିରେ ନିଜ ନଣଦ ଓ ଦିଅରମାନଙ୍କୁ ନେଇ ସଂସାରର ଭଲମନ୍ଦର ତାଳମେଳ ରଖି ଦିନ କାଟୁଥାନ୍ତି । ମହେଶ ଧୀରେ ଧୀରେ ବଢିବାକୁ ଲାଗିଥିଲା । ଏବେ ରମା ଦେବୀ ପୁଅର ପାଠ ପଢା ପାଇଁ ନିଜକୁ ବ୍ୟସ୍ତ କରି ଦେଇଥିଲେ । ଘରର ସବୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାମ ତା ସହିତ ପୁଅର ପାଠ ପଢା ମଧ୍ୟ ସେ ନିଜେ ଦେଖୁଥିଲେ । ପୁଅ ମହେଶ ପାଠ ପଢିବାରେ ଲାଗିଲା । ଯେଉଁ ମାଆ ସବୁବେଳେ ପୁଅ ପଢ଼ା ପ୍ରତି ଧ୍ୟାନ ଦିଅନ୍ତି ସେ ପୁଅ କେବେ ପଢ଼ାରେ ନିମ୍ନରେ ରହେ ନାହିଁ । କାରଣ ମାଆ ହେଉଛି ପୁଅର ପ୍ରଥମ ଶିକ୍ଷକ । ତେଣୁ ମାଆ ରମାଦେବୀ ନିଜକୁ ମିଳୁଥିବା ସମସ୍ତ ସମୟ ପୁଅ ପାଇଁ ଖର୍ଚ୍ଚ କରିଦେଉଥିଲେ । କାରଣ ମୋ ପୁଅ ଭଲ ପାଠ ପଢି ଦିନେ ଭଲ ମଣିଷଟିଏ ହେବ ।

ନିଜ ପେନସନ ପଇସା ଖର୍ଚ୍ଚ କରି କିଛି ବଳକା ପଇସା ସଞ୍ଚୟ କରୁଥିଲେ ରମାଦେବୀ କାରଣ ପୁଅର ଭବିଷ୍ୟତ ସହିତ ନଣନ୍ଦର ବାହାଘର । ନଣନ୍ଦଠାରୁ ଦିଅର ବଡ଼ । ଦେବର ବାହାଘର ପ୍ରଥମେ ହୋଇ ଯାଇଥିଲା । କାରଣ ଦିଅର ପ୍ରକାଶ ନିଜ ପ୍ରେମ ସମ୍ପର୍କରେ କୌଣସି ଏକ ଝିଅକୁ ପସନ୍ଦ କରି ମନ୍ଦିରରେ ବାହା ହୋଇ ଯାଇଥିଲା । ଏବେ ଘରକୁ ନୂଆ ବୋହୁ ଆସିଛି । ରମାଦେବୀଙ୍କର ଖୁସି କହିଲେ ନ ସରେ । କାରଣ ସୁଖରେ ଦୁଃଖରେ ପ୍ରକାଶର ସମସ୍ତ ସାଥି ବନ୍ଧୁ ରମାଦେବୀ ଥିଲେ । ତେଣୁ ରମାଦେବୀ ଦିଅର ପ୍ରେମ ବିବାହକୁ ଗ୍ରହଣ କରି ନେଇଥିଲେ । ଘରକୁ ମଧ୍ୟ ନୂଆ ବୋହୂକୁ ପାଛୋଟି ଆଣିଥିଲେ ।

ବାହାଘର କର୍ମ ସରିଯାଇଥିଲା । ପ୍ରକାଶ ପାଠ ପଢିଥିଲା ହେଲେ ବେକାରୀ ଚାକିରୀ ନାହିଁ । ପଇସା ଦରକାର ହେଲେ ଭାଉଜ କିଛି ପଇସା ଦିଅ କହି ମାଗିନିଏ । ରମାଦେବୀ ମଧ୍ୟ ପ୍ରକାଶକୁ ପଇସା ଦେବାରେ କୁଣ୍ଠାବୋଧ କରନ୍ତି ନାହିଁ । ପ୍ରକାଶର ବେରୋଜଗାର ଓ ଭାଉଜଙ୍କୁ ପଇସା ମାଗିବା ଓ ଭାଉଜ ସାଙ୍ଗରେ ସବୁବେଳେ ହେଁ ହେଁ ହେବା ତାର ସ୍ତ୍ରୀ ରୀନାକୁ ଭଲ ଲାଗୁନଥିଲା । ରୀନା ବାଧ୍ୟ ହେଇ କହିଲା ତମେ କିଛି କାମ ଦାମ କରୁନ କାହିଁକି । ସବୁବେଳେ ଭାଉଜ ଭାଉଜ ହେଉଛ କାହିଁକି ଯେ । ମୋତେ କହିଲ ଚାକିରୀ କରିବି ହେଲେ ଚାକିରୀ କାହିଁ ?

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରକାଶ: "ରୀନା ତମେ ବୁଝୁନ କାହିଁକି ମୁଁ ତ ଅନେକ ଇଣ୍ଟରଭିଉ ଦେଲିଣି ହେଲେ କେଉଁଠି ବାଜୁ ନାହିଁ । ସମୟକୁ ଅପେକ୍ଷା କର ।"

ରୀନା: "ମୁଁ କଣ ଅପେକ୍ଷା କରିବି ଯେ ? ? ତମେ ଶିକ୍ଷିତ ହେଲେ ବେକାର । ସେଇ ବିଧବା ଭାଉଜ ପଛରେ ପଇସା ପଇସା ଦିନ ରାତି । ତମର ତ ମୋ ପାଇଁ ଶାଢ଼ୀ ଖଣ୍ଡେ ଦେବାର ଯୋଗ୍ୟତା ନାହିଁ । ସତ କୁହ ମୋତେ କାହିଁକି ମିଥ୍ୟା ପ୍ରତିଶୃତି ଦେଇ ନେଇ ଆସିଲ । ମୁଁ କଣ ଜାଣିଥିଲି ତମେ ଅଟେ ଅଯୋଗ୍ୟ ! ବିଧବା ଭାଉଜ ତମର ସାହା ।"

ପ୍ରକାଶ: "ରୀନା ତମେ ସେମିତି କୁହନି । ମୁଁ ନିଶ୍ଚୟ ରୋଜଗାର କରିବି ଏତେ ନ ହେଲେ କୌଣସି ଏକ ବେପାର କରିବି ।"

ରୀନା: "ମୋର ଚାକିରୀ ଦରକାର । ନହେଲେ ତମେ ତମ ଭାଉଜଙ୍କ ସହିତ ରୁହ, ମୁଁ ଚାଲିଲି ।"

ପ୍ରକାଶ: "ରୀନା ତମେ ଏତେ ଜୋରରେ କୁହ ନାହିଁ । କାଳେ ମୋ ଭାଉଜ ଶୁଣିନେବେ ।"

ରୀନା: "ଆରେ ମୁଁ ତ ସେ ଶୁଣିବା ପାଇଁ କହୁଛି ! ସେ ଶୁଣିବା ଦରକାର ମୁଁ ଜଣେ ଝିଅ । ମୋର କୌଣସି ଆବଶ୍ୟକତା ରହିଛି ହେଲେ ମୋ ସ୍ୱାମୀ ଜଣେ ବିଧବାର ଚାକର । ମୁଁ ଏଇଥି ପାଇଁ କହୁଥିଲି ଆଗେ ଚାକିରୀ କର ତା ପରେ ବାହାଘର । ହେଲେ ତମେ କଣ ଶୁଣିଲ ବାହା ହେବା ନିଶାରେ ମୋ ଜୀବନ ନଷ୍ଟ କରିଦେଲ ।

ପ୍ରକାଶ: "ରୀନା ତମେ କହିବାକୁ କଣ ଚାଁହୁଚ ? ମୁଁ କଣ ତମକୁ ବାଧ୍ୟ କରି ନେଇ ଆସିଛି ବାହା ହୋଇ ।"

ରୀନା: "ତମେ ପୋଷି ପାରିବ ନାହିଁ । ତମର ମୋତେ ଗଣ୍ଡେ ଦାନା ଦେବାର ଶକ୍ତି ନାହିଁ । ମୋ ବାପା ଜଣେ ସରକାରୀ ଚାକିରୀ କରିଥିବା ଲୋକ । ମୁଁ ଏମିତି ପରିବେଶରେ ରହି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାରିବିନି । ମୋ ବାପାଙ୍କ ପାଖକୁ ପଳେଇ ଯିବି । ବାହାଘର ତିନିମାସ ହେଇଗଲା । ସବୁଦିନେ ଭାଉଜ ଭାଉଜ । ଏଇ ଡାକ ଶୁଣି ଶୁଣି ମୋତେ ଚିଡା ଆସିଗଲାଣି । ମୁଁ ଆଉ ଗୋଟେ ମୁହୂର୍ତ୍ତ ଏଠାରେ ରହିବାକୁ ଚାହୁଁନି । ଏଇନେ ପଳେଇବି ଆମ ଘରକୁ ।”

ପ୍ରକାଶ: “ନେହୁରା ହେଉଛି ରୀନା । ମୋ କଥା ଟିକେ ଶୁଣ । ତମେ ମୋତେ ଗୋଟେ ମାସ ସମୟ ଦିଅ । ମୁଁ ନିଶ୍ଚୟ ରୋଜଗାର କରିବି । ତମ ମନ ପସନ୍ଦର ଜିନିଷ କିଣି ଦେବୀ ରୀନା । ମୋତେ ଟିକେ ସମୟ ଦିଅ ।”

ନା ନା ନା କହି ରୀନା ନିଜ ଜିନିଷ ପତ୍ର ଗୋଟେଇ ବାହାରିବାକୁ ଚାହିଁଲା । ଏଇ ସମୟରେ ରମାଦେବୀ ଆସି କହିଲେ କଣ ହେଇଛି ରୀନା ? କଣ ଜିନିଷ ପତ୍ର ଗୋଟେଇବାରେ ଲାଗିଛୁ କୁଆଡେ ଯିବୁକି ?

ରୀନା ସିଧା ସିଧା କହିଲା ତମ ଦିଅରର ନିଜର ଗୋଟେ ଟଙ୍କା ଦେଇ ଜିନିଷ କିଣିବାର କ୍ଷମତା ନାହିଁ । ତମେ କଣ ମୋତେ ଏମିତି ପୋଷୁଥିବ । ମୁଁ ଆଉ ଏଠି ଗୋଟେ ମୁହୂର୍ତ୍ତ ରହିବାକୁ ଚାହେଁନି । ରୀନାର କଥା ଶୁଣି ରମାଦେବୀଙ୍କର ମୁଣ୍ଡରେ ଚଡକ ପଡି ଯାଇଥିଲା । ରମା ଦେବୀ ବୁଝେଇବାକୁ ଯାଇ କହିଲେ ରୀନା ତମେ ଯିବ କୁଆଡେ । ତମ ସ୍ୱାମୀଙ୍କୁ ଛାଡି ତମେ ରହି ପାରିବତ କୁହ ରୀନା ରହି ପାରିବ । ତମେ ପରା ମୋ ସହିତ ଦୈନିକ କଥା ହୁଅ କେବେ ଆମ ଘରକୁ ବୋହୁ ହୋଇ ଆସିବ । ହେଲେ ତମର ଅସୁବିଧା କଣ ଯେ ? ମୁଁ ତ ତମକୁ ସବୁ ଜିନିଷ କିଣି ଦେଉଛି । ତମେ କାହିଁକି ଏମିତି ପଦକ୍ଷେପ ନେଇ ନିଜ ଜୀବନକୁ ନଷ୍ଟ କରିବାକୁ ଚାଁହୁଚ ।

ରୀନା କହିଲା ମୋ ବାପା ଯେଉଁଠି ବାହା ଦେବେ ସେଇଠି ବାହା ହେବି । ମୋ ବାପାଙ୍କ କଥା ନ ମାନି ବେକାରୀକୁ ବାହା ହେଇ ଏବେ ମୋତେ ପାଶ୍ଚାତ୍ତାପ ହେଉଛି । ମୁଁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଉ ଗୋଟେ ମୁହୂର୍ତ୍ତ ଏଠାରେ ରହିବିନି । ଭାଉଜ ତମେ ଗୋଟେ କାମ କର । ତମ ସ୍ୱାମୀ ମରିଯାଇଛନ୍ତି ନା । ତେବେ ତମେ ଏବେ ଠାରୁ ଦିଅର ଆଉ ଭାଉଜ ସ୍ୱାମୀ ସ୍ତ୍ରୀ ହୋଇ ଚଳି ଯାଅ । ଯେ୍ୱ ବେକାରୀ ଜୀବନ ଟିକେ ତ୍ରାହି ପାଉ । ଏମିତି କହି ରୀନା ନିଜ ଜିନିଷ ପତ୍ର ଧରି ସିଧା ଚାଲିଲା । ରୀନାର କଥା ରମାଦେବୀଙ୍କର ହୃଦୟରେ ତୀର ବିଦ୍ଧ ହେଲା ଭଳି ଲାଗିଲା । ସେ ଆଉ ରୀନା ସହିତ ଗୋଟେ ପଦ ବି କଥା ନ ହୋଇ ସିଧା ନିଜ ଶୋଇବା ଘରକୁ ପଳେଇ ଯାଇ ବହୁତ ମୁଣ୍ଡ ପିଟି କାନ୍ଦିଥିଲେ ।

ଏବେ ପ୍ରକାଶ ନିଜେ ଗୋଟେ କିଛି କରିବାର ସିଦ୍ଧାନ୍ତ ନେଇ ବ୍ୟାଙ୍କରୁ ଋଣ ନେଇ କୁକୁଡ଼ା ଓ ମାଛ ଚାଷ କରିବାର ସିଦ୍ଧାନ୍ତ ନେଲା । ପ୍ରକାଶ ବହୁତ ପରିଶ୍ରମ କଲା । ଆଉ ରୀନା ସିନା ଘରକୁ ଚାଲିଗଲା ହେଲେ ଘରେ ତାକୁ ବହୁତ କଷ୍ଟରେ ଗ୍ରହଣ କଲେ । ବାହାଘର ପ୍ରସ୍ତାବ ପାଇଁ ବାପା ବହୁତ ଚେଷ୍ଟା କଲେ ହେଲେ ସମସ୍ତେ କହିଲେ ତମ ଝିଅ ବାହା ହେଇ ସାରିଛି । ସେ କାହା ପାଖରେ ତିନିମାସ ରହିଲା ପରେ ଆମେ କେମିତି ଗ୍ରହଣ କରିବୁ । ବାପା ଯେତେ ଟଙ୍କାର ଲାଞ୍ଚ ଦେଲେ ମଧ୍ୟ କେହି ଭଲ ଚାକିରୀ ବାକିରି କରିଥିବା ଲୋକ ରୀନାକୁ ବାହା ହେବା ପାଇଁ ରାଜି ହେଲେ ନାହିଁ । ସେମିତି ରୀନା ବାପାଙ୍କ ଘରେ ରହି ନିଜ ଦୁଃଖ ନିଜ ଛାତିରେ ନେଉଥାଏ । ସତରେ କଣ ସେ ଭୁଲ କରିଛି ପ୍ରକାଶକୁ ତ୍ୟାଗ କରି । ସେତେବେଳେ ସିନା ନିଜର ଅହଂକାର ଓ ଗର୍ବ ପାଇଁ ଛାଡି ପଳେଇ ଆସିଲା ହେଲେ ଏବେ ତାକୁ ପ୍ରକାଶର ଭଦ୍ରାମି, ମଣିଷ ପଣିଆ, ଭଲ ପାଇବା, ସ୍ନେହ, ପ୍ରେମ ଓ ତ୍ୟାଗ ପ୍ରତି ଅନୁରାଗ ଭାବ ଆସିଯାଇଛି ।

ରମାଦେବୀ ପ୍ରକାଶକୁ ନିଜ ପୁଅ ଭଳି ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ କରୁଥାନ୍ତି । ପ୍ରକାଶ ସିନା ଚାକିରୀ କରିନି ହେଲେ ତା ପାଇଁ ଏବେ କାମର ଅଭାବ ନାହିଁ ।

 Magazine Downloaded from www.aahwaan.com

ସେ ଏବେ ସିଦ୍ଧାନ୍ତ କରି ନେଇଛି ଏଇ ସ୍ୱାର୍ଥପର ଦୁନିଆରେ କାହାରିକୁ ବିଶ୍ୱାସ କରିବ ନାହିଁ । ଯେଉଁ ଝିଅକୁ ଏତେ ହୃଦୟ ଦେଇ ଭଲ ପାଇଥିଲା ସେ ଝିଅ ତାର ପରିସ୍ଥିତିକୁ ଠୋକର ଦେଇ ଚାଲିଗଲା । ବାହା ବାହାରେ ଦୁନିଆ । ଏଇ ଝିଅମାନେ ଏତେ ସ୍ୱାର୍ଥପର । ଏମିତି ନିଜ ଶରୀର ଓ ହୃଦୟ ଦେଇ ନିଜ ଧନ୍ଦା ଉପରେ ନଜର ରଖିଥାଏ ପ୍ରକାଶ । ଏମିତି କାମ ନିଜେ କରିବା ସହିତ କିଛି ଲୋକଙ୍କୁ ରଖି ମଧ୍ୟ ସେମାନଙ୍କୁ ବେତନ ଦେଇ କାମ କରାଇ ନେଲା । ଆଉ ଭାବିନେଲା କି ମୁଁ ନିଜେ ଜଣେ ମାଲିକ । ଧୀରେ ଧୀରେ ନିଜର ପରିସ୍ଥିତିର ସୁଧାର ହେଲା । ପ୍ରକାଶ ବାବୁ ବୋଲି ଦୁନିଆ ଆଗରେ ନିଜର ପରିଚୟ ହେଲା । ନିଜ ବ୍ୟାଙ୍କରେ ସଞ୍ଚୟ ବଢ଼ିବାକୁ ଲାଗିଲା । ଏବେ ନିଜ ପାଖରେ କୋଠାଘର ଗାଡି ଓ ଅର୍ଥର କୌଣସି ଅଭାବ ନାହିଁ । ତାର ଏକାନ୍ତ ଲକ୍ଷ୍ୟ ସେ ଆଉ ଜୀବନରେ କୌଣସି ଝିଅର ହାତ ଧରିବ ନାହିଁ । ପୁତୁରା ମହେଶକୁ ପୁଅ ଭାବି ପଢ଼ା ଶୁଣା କରେଇବ । ଏବେ ତା ପାଇଁ ମହେଶ ସବୁ କିଛି ।

ମହେଶ ରମାଦେବୀଙ୍କର ପ୍ରେରଣା ଓ ସହଯୋଗରେ ଆଗକୁ ଆଗକୁ ବଢ଼ିବାରେ ଲାଗିଲା । ଭଲ ପଢୁଥାଏ । ସବୁ ଶ୍ରେଣୀରେ ଶହେରୁ ଶହେ ।

ରୀନା ଏବେ ଜାଣିପାରିଲା ମହେଶ ଭଲ ରୋଜଗାର କରୁଛି । ବହୁତ ବଡ଼ ଲୋକିଆ ହେଇ ଗଲାଣି । ସେ ଆସି ମହେଶ ପାଖରେ ପହଞ୍ଚି ନିଜର ଦୋଷ ପାଇଁ କ୍ଷମା ପ୍ରାର୍ଥନା କଲା । ହେଲେ ମହେଶ ସେଥିପ୍ରତି କୌଣସି ଭ୍ରୁକ୍ଷେପ ନ କରି ତାକୁ ଫେରେଇ ଦେଇଥିଲେ । ହେଲେ ରୀନାତ ବହୁତ ଜିଦ୍ଦିଖୋର ଝିଅ । ସେ ନ୍ୟାୟାଳୟର ଶରଣ ନେଇ ପ୍ରକାଶ ଉପରେ କେସ କଲା । ଆଉ ନିଜର ବିବରଣୀ ଦେଇଥିଲା, "ପ୍ରକାଶ ମୋତେ ଭଲପାଇ ବିବାହ କରି ଏବେ ନିଜ ବିଧବା ଭାଉଜ ସହିତ କୁସମ୍ପର୍କ ରଖିଛି ।"

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରମାଦେବୀ ନ୍ୟାୟାଳୟର ଦ୍ୱାରସ୍ଥ ହୋଇ ନିଜକୁ ଯେତେ ନିର୍ଦ୍ଦୋଷ କହିଲେ ଶୁଣୁଛି କିଏ । କାରଣ ରମାଦେବୀ ଏକରେ ବିଧବା ଓ ଦ୍ୱିତୀୟରେ ଦେଖିବାକୁ ସୁନ୍ଦରୀ ମଧ୍ୟ । ତେଣୁ ନ୍ୟାୟ ଯାଇଥିଲା ରୀନା ସପକ୍ଷରେ । ଏବେ ପ୍ରକାଶ ଓ ରୀନା ଦୁହେଁ ରୀନା ଠାରୁ ଦୂରରେ ରହିବାକୁ ନ୍ୟାୟାଳୟର ଆଦେଶ ମିଳିଲା । ରମା ଦେବୀ ନିଜ ଭାଗ୍ୟକୁ ଆଦରି ଶେଷରେ ନିଜ ପୁଅକୁ ନେଇ ଭଡା ଘରକୁ ପଳେଇ ଯାଇଥିଲେ ।

ମହେଶ ଭଲ ପାଠପଢି ଦଶମରେ ଓଡ଼ିଶାରେ ପ୍ରଥମ ସ୍ଥାନ ପାଇଲା । ତା'ପରେ କଲେଜରେ ବିଜ୍ଞାନ ବିଭାଗରେ ମଧ୍ୟ ଭଲ ମାର୍କ ରଖି ଉତ୍ତୀର୍ଣ୍ଣ ହେଲା । ଏବେ ସେ ଡାକ୍ତରୀ ବିଦ୍ୟା ପଢି ଜଣେ ଭଲ ଡାକ୍ତର ଭାବରେ ଓଡ଼ିଶାର ସରକାରୀ ଡାକ୍ତରଖାନାରେ ନିଯୁକ୍ତି ପାଇଲା । ସେଠି ମଧ୍ୟ ରହିବା ପାଇଁ ଘର ସହିତ ଅନ୍ୟନ ସରକାରୀ ବ୍ୟବସ୍ଥା ମିଳିଲା । ଏବେ ମାଆ ପୁଅ ଦୁହେଁ ବହୁତ ଖୁସିରେ ରହିଲେ ।

ପୁଅର ବିବାହ ବୟସ ହେଇଯାଇଛି ଏବେ ରମାଦେବୀ ପୁଅକୁ ବାହା ଦେବାପାଇଁ ବହୁତ ଝିଅ ଦେଖିବାକୁ ଗଲେଣି । ହେଲେ ମହେଶ କହୁଛି ମାଆ ଏବେ ବାହା ହେବିନି । ଆଉ କିଛି ବର୍ଷ ଯାଉ, ତୁ ପରା ମୋ ପାଖରେ ଅଛୁ ! ମାଆ ଦେଖ ଆଜି କାଲି ଝିଅ କହି ହେବନି କେମିତି ଝିଅ ଆସିବେ । ସେମାନେ ତୋତେ ଭଲ ଦେଖିବେନି ଲୋ ମାଆ । ତୁ ମୋ ବାହାଘର ନାଁ ଧରିବୁନି । ଆଉ ଯଦି ପାରୁଛୁ କେଉଁ ଗାଉଁଲି ଝିଅ ଗୋଟେ ଦେଖ । ଯିଏ ତୋ ଦୁଃଖରେ ଆଉ ସୁଖରେ ଦୁଃଖୀ ସୁଖୀ ହୋଇ ଦିନ କାଟିବ । ତୋ ସେବା ଭଲଭାବେ କରିବ । ତୋ ପାଦ ଚିପିଦେବ । ତୋ ବୟସ ସମୟରେ ତୋତେ ଖୁଆଇ ଦେବ । ଶୁଆଇ ଦେବ । ବୁଲେଇ ନେବ । ବୁଝିଲୁ ମାଆ ସହରି ଝିଅ ଆଉ ଆଧୁନିକ ଝିଅ କେବେ ଦେଖିବୁ ନାହିଁ । ମୁଁ ଆଦୌ ବାହା ହେବିନି ବୁଝିଲୁ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରମାଦେବୀ କହିଲେ ଆରେ ତୋ ପାଇଁ ଗାଉଁଲି ଝିଅ କେଉଁଠି ଖୋଜିବି । ଯାହା ଭାଗ୍ୟରେ ଥିବ ତାହା ହେବ । ମୁଁ ଯାହା ଦେଲେ ଖାଇ ନେବି । ତୁ ଦେଖୁନୁ ଯିଏ ବାହାଘର ପାଞ୍ଚବର୍ଷ ପରେ ସ୍ୱାମୀ ହରାଇ ପୁଅ ମୁହଁ ଚାହିଁ ବଞ୍ଚି ରହିଛି ତା ପାଇଁ ଯା ଠାରୁ ବଡ଼ ଦୁଃଖ କିଏ ଅଛି ଯେ ଦେବ ।

ହଉ ତୋର ଯାହା ଇଛା କର ବୋଲି ମହେଶ କହିଲା । ରମା ଦେବୀ ଏକ ସୁନ୍ଦରୀ ଝିଅ ସହରରୁ ଖୋଜି ମହେଶକୁ ବିବାହ କରାଇ ଦେଲେ । ମହେଶ ମୋଟା ଅଙ୍କର ଦରମା ପାଉଛି । ଏବେ ମହେଶ ନିଲୁ ବୋଲି ସୁନ୍ଦରୀ ଓ ଶିଳ୍ପପତିର ଝିଅକୁ ବିବାହ କରି ଖୁସିରେ କିଛି ଦିନ କାଟି ଦେଲା । ତା ପରେ ନିଲୁ ଆରମ୍ଭ କରିଥିଲା ତାର ଅଜଣା ଖେଳ । କହିଲା ଆମେ ମୋ ବାପାଙ୍କର ଘରେ ରହିବା । ଆଉ ମାଆଙ୍କୁ କୌଣସି ଏକ ଆଶ୍ରମରେ ରଖିଦେବା । ହେଲେ ମହେଶ ରାଜି ହେଲା ନାହିଁ । ଦୁହିଁଙ୍କ ଭିତରେ ବହୁତ ଶୀତଳ ଯୁଦ୍ଧ ଚାଲିଲା ।

ନିଲୁ ନିଜର ଖେଳ ବିଚାରି ରମାଦେବୀଙ୍କ ଉପରେ ଆରମ୍ଭ କଲା । ଏବେ ସ୍ୱାମୀଙ୍କୁ ହାତରେ ରଖିବାକୁ ଯାଇ କହିଲା ଆରେ ମୁଁ ମଜାରେ କହୁଥିଲି ମାଆଙ୍କୁ ଆଶ୍ରମରେ ରଖିବା ପାଇଁ । ମାଆ ପରା ମୋର ଶାଶୁ ଦେବୀ । ମୋ ଭଗବାନ । ସେ ଆମ ପାଖରେ ରହିବେ କିଛି ଚିନ୍ତା କରନି । ମୁଁ ତାଙ୍କର ଭଲକରି ସେବା କରିବି । ମୋର କାମ କଣ ଯେ । ଆଉ ଘରେ ଚାକର ବାକର ରହିବା ଦରକାର ନାହିଁ । ମୁଁ ରୋଷେଇ କରିବି ମାଆଙ୍କୁ ଖାଇବାକୁ ଦେବି ତମ ପାଇଁ ଖାଇବା କରିବି । ଏମିତି ବ୍ୟବହାର ଦେଖି ମାଆ ଆଉ ପୁଅ ବହୁତ ଖୁସି ହୋଇ ଯାଇଥିଲେ ନିଲୁ ଉପରେ । ଏବେ ମହେଶର ସମସ୍ତ ଦରମା ନିଜ ହାତକୁ ହାତେଇ ନେବାକୁ ଲାଗିଲା । ନିଜେ ରୋଷେଇ କରିଛି କହି ହୋଟେଲରୁ କିଣି ଆଣିଲା ନାନା ବିଧ ବ୍ୟଞ୍ଜନ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଉ ରମା ଦେବୀଙ୍କ ପାଇଁ କିଛି ମୁଢି ଆଉ ଚୁଡା ଆଣି ରଖିଦେଲା । ମହେଶ ନିଜ କାମରୁ ଆସେ ଆଉ ପଚାରେ ମାଆ ଖାଇଛୁ । ହଁରେ ଏଇନେ ଖାଇଛି । ଆଉ ମହେଶ ନିଜେ ପୁରୀ, ବରା ଆଦି ଖାଇ କରି ପଳେଇ ଯାଏ ।

କିନ୍ତୁ ସବୁବେଳେ ମହେଶ ଆସିଥାଏ ଆଉ ପଚାରିଥାଏ ମାଆ ଖାଇଛୁ । ଆଉ ରମା ଦେବୀ ଚୁଡା ଓ ଗୁଡ଼ ନ ହେଲେ ମୁଢି ଓ ଗୁଡ଼ ଯାହାକି ସୁଖୀ ରୁଖି ଓ ଗୁମି ରହିଥିବ । ସେଇଥିରୁ ଗଣ୍ଡେ ଖାଇକି ରହିଥାଏ । ଯାହା ହେଲେ ବି ଖାଇଛି ବୋଲି କହିବ କି ନାହିଁ । ପୁଅ ଡାକ୍ତର କେତେ କାମ । ତାକୁ କାହିଁକି ଏତେ ଚିନ୍ତା ଦେବ । ହେଲେ ସବୁ ବୁଝି ପାରେ ଯାହା ବୋହୁ ତାର ତା ସହିତ କରୁଥାଏ । ସକାଳେ ଯେତେବେଳେ ଗୁମା ଚୁଡା ତାକୁ ଖାଇବାକୁ ମିଳେ ଆଉ ସେପଟରୁ ସୁବାସିତ ହୋଟେଲ ବ୍ୟଞ୍ଜନର ବାସ୍ନା କଣ ସେ ଜାଣି ପାରେନି ? ବୟସ ହେଇ ଗଲାଣି ଆଉ କେତେ ଦିନ ବଞ୍ଚିବି ଯେ ??

ଆଜି ପୁଅ ଆସିନି କି ପଚାରି ନାହିଁ ଯେ ମାଆ ଖାଇଛୁ କି ନାହିଁ । ହେଲେ ତାକୁ ବୋହୁ ମଧ୍ୟ ଖାଇବାକୁ ଦେଇନି । ଭୋକ ଲାଗିଲାଣି । ମାଆ ନିଲୁ କିଛି ଗଣ୍ଡେ ଦେ ଖାଇବି । ନିଲୁ ସତରେ ଆଜି ଭୁଲି ଯାଇଛି ଶାଶୁମାଙ୍କୁ ଖାଇବାକୁ ଦେବାକୁ । ସଙ୍ଗେ ସଙ୍ଗେ ଗୁମା ଚୂଡ଼ାରୁ ଗଣ୍ଡେ ନେଇ ଅଧୁଆ ପାଣି ଢାଳି ସେଥିରେ ଗୁଡ଼ ମୁଣ୍ଡା ପକେଇ ବସେଇ ଦେଲା । ରୀନା ଦେବୀ ଦେଖିଲେ ପ୍ରବଳ ଭୋକ । ହେଲେ ୟେ କଣ ଏଥିରେ ପିମ୍ପୁଡି ସହିତ ପୋକ ସାଲୁ ବାଲୁ ହେଉଛନ୍ତି । କେମିତି ଖାଇବି । ବହୁତ ବାସ୍ନା ଆସୁଛି ।

ଏହି ସମୟରେ ମହେଶ ଆସି ପହଞ୍ଚି ଯାଇଥିଲା । ମାଆ ଖାଇଲୁଣି ପଚାରିବାକୁ ଯାଇ ଦେଖେତ ମାଆ କାନ୍ଦି ପକେଇ କିଛି ଲୁଚେଇ ଦେଲା । ଆଉ କହିଲା ପୁଅ ହଁ ଖାଇ ସାରିଛି ତୁ ଯାଆ ଖାଇ ଦେବୁ । ହଁ ଖାଇବି ଯେ ତୁ କଣ ଲୁଚେଇ ଦେଲୁ ମାଆ । ଦେଖା ମୋତେ ସେ

 Magazine Downloaded from www.aahwaan.com

କଣ ?

ରୀନା ଦେବୀ: "ୟେ କିଛି ନୁହେଁ ପୁଅ । ସେ ମୋ କର୍ମ ଫଳ । ଯେଉଁ ମାଆମାନେ ବହୁତ କଷ୍ଟ ସହି ନିଜ ପୁଅକୁ ମଣିଷ କରନ୍ତି ଆଉ ସେଇ ପୁଅଙ୍କ ପାଇଁ ନିଜର ଯୌବନ ଓ ମନ ତ୍ୟାଗ କରିଦିଅନ୍ତି ସେଇ ମାଆଙ୍କ ପାଇଁ ଏଇ ଫଳ ମିଳିବା ଆବଶ୍ୟକ । ତୁ ଖାଇସାରି ଆସିବୁ ଯାଆ ଆମେ କଥା ହେବା । ଆଉ ମୋର ଆଜି ମୋ ଗାଁ କଥା ବହୁତ ମନେ ପଡୁଛି ରେ ଟିକେ ମୋତେ ମୋ ଗାଁ ରେ ଛାଡି ଆସନ୍ତ ନାହିଁ ।"

ରମାଦେବୀ ନିଜ କାନୀ ଢାଙ୍କି ଲୁଚେଇ ରଖିଥାନ୍ତି ଚୁଡା ବେଲାଟିକୁ । ଆଉ ସେଥିରେ ଥିବା ପିମ୍ପୁଡି ଓ ଜନ୍ଦା ରମା ଦେବୀଙ୍କର ହାତକୁ କାମୁଡିବାରେ ଲାଗିଛନ୍ତି । ହେଲେ ସେ ପୁଅକୁ ଏଇ ଦୃଶ୍ୟ ଦେଖିବାରୁ ବଞ୍ଚିତ କରିବ । କାରଣ ତାର ନିଜ ରକ୍ତ ଉପରେ ବିଶ୍ୱାସ ଅଛି । ସେ ଜଣେ ଡାକ୍ତର ଆଉ ଜଣେ ଡାକ୍ତର ହୃଦୟ ଉପରେ କଷ୍ଟ ଆସିଲେ ହଜାର ଜୀବନ ନଷ୍ଟ ହେଇଯିବ ।

ମହେଶର ଏକାନ୍ତ ଜିଦି ସେ ଦେଖିବ ମାଆ କଣ ଲୁଚେଇ ଦେଲା । ସେ କହିଲା ମାଆ ତୋତେ ମୋ ରାଣ ଦେଖା । ସେ କଣ ? ଏବେ ରମା ଦେବୀ ନିରୁପାୟ ହୋଇ ଦେଖେଇ ଦେଇଥିଲା ଚୁଡା ଯାହାକି ଫୁଲି ଯାଇଛି ଓ ସେଥିରେ ଜନ୍ଦା ପିମ୍ପୁଡି ସାଲୁ ବାଲୁ ହେଉଛନ୍ତି ।

ଭୋ ଭୋ ହୋଇ ମହେଶ କାନ୍ଦିବାକୁ ଲାଗିଲା । ନିଜ ମୁଣ୍ଡକୁ ଚଟାଣରେ ପିଟି ପିଟି ରକ୍ତାକ୍ତ କରି ପକେଇଲା । ୟେ କଣ ମାଆ ତୁ ମୋତେ ଏଇକଥା ଲୁଚାଉଛୁ । ମୁଁ ପରା ଜଣେ ଡାକ୍ତର । ମୁଁ ନିଜେ ନିଜ ମାଆକୁ ଗଣ୍ଡେ ଖାଇବାକୁ ଦେଇ ପାରୁନି । ଯେଉଁ ମାଆ ବାହା ଘରର ପାଞ୍ଚ ବର୍ଷ ପରେ ସ୍ୱାମୀଙ୍କୁ ହରାଇ ମୋ ପାଇଁ କେତେ କଷ୍ଟ ସହିଛନ୍ତି । ଖୁଡି କେତେ କଣ କହି ଘରୁ ତଡି ଦେଲେ ହେଲେ ସେ ଜୀବନ ଯୁଦ୍ଧରେ ନ ହାରି ତା ପୁଅକୁ ଡାକ୍ତର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିଛି । ଜଣେ ଡାକ୍ତର ପୁଅର ମାଆ ଆଜି ଖାଉଛି ଏଇ ଖାଦ୍ୟ । ମାଆ ଲୋ ମାଆ ଜାଣିଛୁ ଆଜି ଜଣେ ବୟସ୍କ ରୋଗୀ ମୋ ପାଖକୁ ଆସିଥିଲା ଆଉ ମୁଁ ତାକୁ କଣ କହିଲି ଜାଣିଛୁ ? କହିଲି ତୋ ପୁଅ କାହିଁ ? ଆଉ ତା ପୁଅ ଆସିଲା ପରେ କହିଲି ତୁ ତୋ ବାପାମାଆର ଧ୍ୟାନ ନେଇ ପାରୁନୁ । ସେମାନଙ୍କର କଣ ଅବସ୍ଥା ହେଲାଣି ! କେମିତି କୂଳାଙ୍ଗାର ଅପଦାର୍ଥ ପୁଅ ତୁ । ଏମିତି ବହୁତ ଧିକ୍କାର କଲି । ଛି ମୋ ମଣିଷ ପଣିଆ । ମାଆ ତୁ ମୋତେ ଏତେ ଅଭିଶାପ ଦେ ମୁଁ ସାତ ଜନ୍ମ ଯାଏ ଏମିତି ଜନ୍ମ ନ ପାଏ । ତୋ ପରି ସ୍ନେହମୟୀ, ମମତାମୟୀ ମାଆ ମୋ ପରି ପୁଅକୁ କେବେ ନ ମିଳୁ ଲୋ ମାଆ । ମୁଁ ଜଣେ ପୁଅ ରୂପରେ କଳଙ୍କ । ମୋ ପାଇଁ ଦଣ୍ଡ ଦରକାର । ମୁଁ ଶାସ୍ତି ପାଇବା ହକ୍‌ଦାର । ମାଆ ମୋତେ ଶାସ୍ତି ଦେ ମାଆ । କହି ମାଆ ହାତରୁ ସେଇ ଚୁଡା ତକ ନେଇ ଆସି ଅମୃତ ଭଳି ଖାଇ ପକେଇଲା ।

ମହେଶର ଆସିବା କଣ ଆଜି ବିଳମ୍ବ । ଫୋନ ଲଗେଇ ଦେଖିଲା ଫୋନ ମାଆଙ୍କର ରୁମ ପାଖରେ ରିଂ ହେଉଛି । ଏଂ ୟେ କଣ ଆସିକି ମାଆ ପାଖକୁ ଯାଇଛନ୍ତିକି । ଆରେ ବୁଢ଼ୀଟା ଖାଇ ସାରିଛି ଯାହା ହେଉ ଭାବି ଉଠି ଚାଲିଗଲା ରମା ଦେବୀଙ୍କ ରୁମ ଆଡ଼କୁ । ଆଉ ସେଠାକାର ଦୃଶ୍ୟ ଦେଖି ପୁରା ବେହୋସ । ଚୁଡା ଗୁଡାକୁ ମହେଶ ଖାଇ ଯାଉଛନ୍ତି । ମହେଶ ମହେଶ ୟେ କଣ କରୁଛ । ମାଆଙ୍କର ପେଟ ଖରାପ କହିଲେ ସେଇଠୁ ତାଙ୍କୁ ଚୁଡା ମଗେଇ ଦେଇଥିଲି । ତମେ କାହିଁକି ସେ ଚୁଡା ଗୁଡାକ ଖାଇ ଯାଉଛ । ଆମ ମାଆ ଯାହା ଦେଲେ ସେ ଖାଇ ଦିଅନ୍ତି । ତମ ପାଇଁ ପନୀର ଆଉ ପୁରୀ ପ୍ରସ୍ତୁତ ଅଛି ତମେ ଖାଇବ ଆସ । ୟେ କଣ ତମ ମୁଣ୍ଡରେ ରକ୍ତ । ମୁଣ୍ଡରେ ରକ୍ତ କେଉଁଠୁ ଆସିଲା । ଆସ ପଟି ବାନ୍ଧି ଦିଏ । ମହେଶ ରାଗରେ ଗର ଗର ହେଇ କହିଲା ଚଣ୍ଡାଳି, ବିଶ୍ୱାସଘାତକ, ମଣିଷ ଖିଆ ବାଘୁଣୀ । ତୋ ଭଳି କଳଙ୍କିର ସ୍ଥାନ ଆଉ ମୋ ହୃଦୟରେ ନାହିଁ । ତୋର ଅସଲ ମୁଖା ଖୁଲି ଯାଇଛି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଜି ଜାଣିଗଲି ଏଇ ସହରି ଝିଅଗୁଡାଙ୍କ କାହିଁକି ଜଣେ ମାଆର ମମତା ବୁଝିପାରନ୍ତି ନାହିଁ । ତୁ ନାରୀ ରୂପରେ ରାକ୍ଷାଶୁଣୀ । ଧିକ୍କାର କରୁଛି ତୋର ବାପାମାଆ ଆଉ ପରିବାରକୁ ଯେଉଁମାନେ ଏମିତି ସଂସ୍କାର ଦେଇଛନ୍ତି ।

ମହେଶ ସଙ୍ଗେ ସଙ୍ଗେ ନିଜ ମାଆ ପାଇଁ ଭଲ ଖାଦ୍ୟ ମଗେଇ ଖୁଆଇଲା । ଆଉ ନିଜ ମାଆଙ୍କୁ ନେଇ ନିଜ ସରକାରୀ କ୍ୱାଟରକୁ ପଳେଇ ଗଲା । ରୀନା ଯେତେ ଗୋଡ଼ ହାତ ଧରି ନେହୁରା ହେଲେ ମଧ୍ୟ ଶୁଣିଲା ନାହିଁ କି ତା ମୁହଁକୁ ଅନେଇଲା ନାହିଁ ।

ଗୋପୀବିନ୍ଧା , ବ୍ରାହ୍ମଣ ଗାଁ
ବାଲେଶ୍ୱର(ଭଦ୍ରକ)

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଚପଲର ଦାନ



ଅଙ୍କିତା ପାଢ଼ୀ

ରୀନା ବୋଲି ଝିଅଟିଏ । କଲେଜରେ ପଢୁଥିଲା । ପାଠ ଭଲ ହୁଏ ନାହିଁ । ସକାଳଠାରୁ ସନ୍ଧ୍ୟା ତାର ଗୋଟିଏ କାମ, ସେଇଟା ହେଲା କଣ୍ଢେଇ ଖେଳ । ସେ କଣ୍ଢେଇ ଦୁଇଟା ରଖିଥାଏ । ଜଣେ ବର କଣ୍ଢେଇ ଆଉ ଜଣେ କନିଆଁ । କନିଆଁ କଣ୍ଢେଇକୁ ନାନା ବିଧ ଅଳଙ୍କାର ଦେଇ ସଜେଇ ଦେଇଥାଏ । ମୁଣ୍ଡରେ ସିନ୍ଦୁର ହାତରେ ନାନା ରଙ୍ଗର ମାଟିରେ ରଙ୍ଗ ଦେଇ ବନେଇଥିବା ଚୁଡ଼ି । ଚିକିଚିକି କରୁଥିବା ଶାଢ଼ୀ କନାକୁ ଘୋଡେଇ ଘାଡେଇ ପିନ୍ଧେଇ ଦିଏ । ନିଜର ଛିଣ୍ଡା ପାଉଁଜି ଆଉ କାନଫୁଲ ନାକଫୁଲ ମୁଣ୍ଡରେ ସିଂଥି ଏମିତି ନାନା ଅଳଙ୍କାର କନିଆଁ କଣ୍ଢେଇକୁ ପିନ୍ଧେଇ ଦେଇ କନିଆଁ ବେଶରେ ସଜେଇ ଦେଇଥାଏ । ବର କଣ୍ଢେଇ ପାଇଁ ସେମିତି ଚିରା ଧୋତିକୁ ପିନ୍ଧେଇ ବର ବେଶ କରିଦିଏ । ଏମିତି ବର କନିଆଁ ଖେଳରେ ଧୁରନ୍ଧର ହୋଇ ଯାଇଛି ରୀନା ।

ଦଶମ ଶ୍ରେଣୀ ପରୀକ୍ଷା ସରିଗଲା । ଆଉ ପରୀକ୍ଷାରେ ପୁରା ପୁରି ଫେଲ । ଏବେ ଟିକେ ଖେଳ ପ୍ରତି ଧ୍ୟାନ କମିଯାଇଛି ରୀନାର । ବେଳେ ବେଳେ ଅଟାଜିରେ ସାଇତି ରଖିଥିବା ବର କନିଆଁ କଣ୍ଢେଇକୁ କାଢି ଖେଳରେ ଲାଗିଯାଏ । ପାଠତ ହେଲାନାହିଁ । ଆଉ ଏବେ ଖେଳିଲେ ଟିକେ ଟିକେ ଗାଳି ଗୁଲଜ ମିଳୁଛି ଘରୁ । ହଉ ଯାହା ହେଲେ ବି ଅଭ୍ୟାସ । ସାଇତି ରଖି ଦେଇଛି କଣ୍ଢେଇ ଦୁଇଟିକୁ ତା ପୋଷାକ ଓ ଗହଣା ଗାଁଣ୍ଠି ସହିତ । ଘରେ ଯେଉଁ ଜେଜେମା ଅଛନ୍ତି ନା ଟିକେ କେତେବେଳେ ଖେଳିବାକୁ ବସିଲେ ଜୋରରେ ଚିଲେଇ ଚିଲେଇ କୁହେ । ଶଶୁର ଘରକୁ ନେଇକି ଯିବୁ ଲୋ ସେଇ ଖେଳନା ଗୁଡାକୁ । ଯେ ମାଆ ସେ ଏମିତି କହିଲେ ମୋତେ ଭାରି ଲାଜ ଲାଗେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରୀନାର ବଡ଼ ସଉକ ଜୋତା ପିନ୍ଧିବା । ନୂଆ ନୂଆ ଜୋତା ଆଉ ବିଭିନ୍ନ ଯାକ ଯମକର ଜୋତା ପିନ୍ଧିବାକୁ ତାର ବହୁତ ଇଛା । ଆଉ ତାକୁ ଯେଉଁମାନେ ବାଟରେ କି ହାଟରେ କିଛି କମେଣ୍ଟ କରନ୍ତି, ସେ ଆଗ ପଛ କିଛି ନ ଭାବି ସେକିଦିଏ ଗାଲ ମୁଳିଆ ।

ରୀନା ଦିନେ ଘରକୁ ଫେରୁଛି । ବାଟରେ ଆସୁଥାଏ, ଶ୍ମଶାନ ପାଖରେ ଗୋଟିଏ ବର ଗଛ । ଆଉ ସେଇ ବର ଗଛ ମୂଳରେ ହଳେ ଝିଅଙ୍କ ଜୋତା ପଡିଛି । ଦେଖା ଯାଉଛି ନୂଆ ଭଳି । ସେ ଚାରି ଆଡକୁ ଅନେଇଲା କେହି କୁଆଡେ ନାହାନ୍ତି । ତାର ବହୁତ ଲୋଭ ହେଲା ଚପଲ ଉପରେ । କେହି କୁଆଡେ ନାହାନ୍ତି ହେଲେ ୟେ ଚପଲ ଏଠି ରଖିଲା କିଏ । ଏମିତି ଭାବି ଚପଲ ଦୁଇଟିକୁ ଉଠେଇ ଚାଲିଲା ନିଜ ଘର ଅଭିମୁଖେ । ଆସି ଘରେ ପହଞ୍ଚି ଚପଲକୁ ସାଇତି କରି ରଖିଦେଲା ।

ରାତିରେ ରୀନା ଶୋଇଥାଏ । ହଠାତ ଗୋଟେ ସ୍ୱପ୍ନ ଦେଖିଲା ଯେ ସେ ଚପଲ ଦୁଇଟି କଥା ହେଉଛନ୍ତି ଆମେ ରୀନା ପାଇଁ କିଛି କରିବା । ବିଚରା ବହୁତ ଗରିବ । ଝୁପୁଡି ଘର ସାଙ୍ଗକୁ ୟା ଘରେ ମାଆ ରୁଗୁଣା, ଜେଜେମା ବି ରିଗୁଣା ଆଉ ୟା ବାପା ଯାହା ମୂଲ ମଜୁରୀ ଆଣୁଛି ଚଳୁଛନ୍ତି ।

ଏମିତି ବହୁତ ମନ ଦୁଃଖରେ ଚପଲ ଦୁଇ ଜଣ କଥା ହେଉଥାନ୍ତି । ଜଣେ କହୁଛି ଦେଖ ଆମେ ଥିଲେ କେଉଁଠି ଆଉ ଆମର ଭାଗ୍ୟ କଣ । ରାଜକୁମାରୀ ପିନ୍ଧୁଥିବା ଚପଲ ଆମେ । ଆମେ ରାଜପ୍ରାସାଦ ଛାଡି ଏଇ ଝୁପୁଡିରେ ରହିବା କେମିତି । ଏମିତି ଦୁଇଜଣ କଥା ହେଉଥାନ୍ତି । ରୀନାର ନିଦ ଭାଙ୍ଗି ଯାଇଥିଲା । ସେ ଉଠି ପଡି ପ୍ରଥମେ ଚପଲ ପାଖକୁ ଗଲା ଆଉ ଦେଖିଲା ଚପଲ ଦୁଇଟି ଧୀର ସ୍ଥିର ହୋଇ ତା ଅଗଣାରେ ପଡି ରହିଛନ୍ତି । କଣ ଏଇ ଦୁଇଟି ଚପଲ ରାଜକୁମାରୀଙ୍କର ? ଯଦି ରାଜକୁମାରୀଙ୍କର ଏଇ ଚପଲ ଦୁଇଟି ହୋଇଥାଏ ତେବେ ଚପଲ ଦୁଇଟି ଶ୍ମଶାନ ପାଖରେ ଥିବା ବରଗଛ ମୂଳକୁ ଆସିଲେ କିପରି ? ଏମିତି ଅନେକ ପ୍ରଶ୍ନ ଉଙ୍କି ମାରୁଥାଏ ରୀନାର ମନରେ । ରୀନା ଚପଲ ଦୁଇଟିକୁ ଧୀରେ ଧୀରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଉଠେଇଲା ଆଉ କହିଲା ତମେ କଣ ଦୁଇଜଣ ରାଜକୁମାରୀଙ୍କର ଚପଲ । ଯଦି ତମେ ଦୁଇଜଣ ରାଜକୁମାରୀଙ୍କର ଚପଲ ତେବେ ତମେ ଶ୍ମଶାନ ପାଖକୁ ଆସିଲ କେମିତି ? କୁହ ମୋତେ କୁହ !

ଚପଲ ଦୁଇଟି ନିର୍ଜୀବ ଜଡ ହୋଇଥିବାରୁ କିଛି କହିଲେ ନାହିଁ । ତା ପରେ ରୀନା ଆସି ନିଜ ବିଛଣାରେ ଶୋଇ ଯାଇଥିଲା । ପୁଣି କିଛି ସମୟ ପରେ ସ୍ୱପ୍ନ ଦେଖିଲା ଏଇ ସ୍ୱପ୍ନରେ ରୀନା କଥା ହେଉଥାଏ ଚପଲଦୁଇଟି ସହିତ । ଚପଲ ଦୁଇଟି କହିଲେ ରୀନା ଆମେ ଆମେ ଦୁଇଜଣ ଅଦ୍ଭୁତ ଚପଲ । ଆମକୁ ରାଜା ମଗେଇଥିଲେ ଜାପାନ ଦେଶରୁ । ଆମ ଦୁଇଜଣଙ୍କୁ ଉଡୁଥିବା ଶାଗୁଣା ଜୀବଟିଏ ଭାବି ଉଠାଇ ଆଣିଛି । ଶାଗୁଣାଟି ଉଠେଇ ଆଣି ଯେତେବେଳେ ଜାଣିଲା ଆମେ ନିର୍ଜୀବ ଚପଲ ସେ ଏହି ଶ୍ମଶାନ ପାଖରେ ପକେଇ ଶବ ଖାଇବାକୁ ପଳେଇ ଯାଇଥିଲା ଆଉ ତମେ ଆମକୁ ନେଇ ଆସିଲ । ଆମର ଗୋଟିଏ ଅଦ୍ଭୁତ ଶକ୍ତି ଅଛି । ତମେ ପୂର୍ଣ୍ଣମୀ ଦିନ ଯାହା ଇଛା କରିବ ଘର, ଧନ, ସମ୍ପତ୍ତି, ଟଙ୍କା, ସୁନା ଆମେ ଦେଇ ପାରିବୁ । ହେଲେ ଆବଶ୍ୟକ ଠାରୁ ଅଧିକ ମାଗିଲେ ଆମେ ବହୁତ ଚିଡି ଯାଉ । ଆଉ ଗୋଟେ ଦିନ ରହିଲା ପୂର୍ଣ୍ଣିମା । ସେଇଦିନ ଜହ୍ନ ମାମୁଁଙ୍କୁ ଅନେଇ ତମେ ଯାହା ମାଗିବ ମୁଁ ଦେବି ।

ରୀନା ଖୁସି ହୋଇ ଯାଇଥିଲା । ନିଦ ଭାଙ୍ଗିଯିବା ପରେ ସେ ଉଠିପଡ଼ି ଆଉ ଥରେ ଚପଲ ଦୁଇଟି ପାଖକୁ ଗଲା ଓ ଚପଲ ଦୁଇଟିକୁ ଟିକେ ହାତରେ ଆଉଁସି ଦେଇ କହିଲା ଧନ୍ୟବାଦ ତୁମକୁ ଅଶେଷ ଅଶେଷ ଧନ୍ୟବାଦ । ଏମିତି କହି ରୀନା ଆସି ନିଜ ବିଛଣାରେ ଶୋଇବାକୁ ଗଲା ହେଲେ ଆଉ ନିଦ ହେଲା ନାହିଁ । କାହାର ବା ନିଦ ହେବ ଯେ । ସେ ଅନେକ କିଛି ଚିନ୍ତା କରୁଥାଏ କଣ ମାଗିବି । ଆସନ୍ତା କାଲି ପୂର୍ଣ୍ଣିମା ଆଉ ମୁଁ ନିଶ୍ଚୟ କିଛି ଚପଲ ଦୁଇଟିକୁ ମାଗିବି ଯଦି ମୋ ସ୍ୱପ୍ନ ସତ ହୋଇଥିବ ନିଶ୍ଚୟ ମିଳିବ । ଏମିତି ଆଉ ନିଦ ହେଲା ନାହିଁ ଓ ରାତି ପାହିଗଲା, ସକାଳ ହେଲା ରୀନା ଗୋଡ଼ରେ ଆଜି କାମ ଲାଗୁନଥାଏ । ପୁଣି ମନେ ମନେ ଭାବୁଥାଏ ସ୍ୱପ୍ନ କଣ ସତ ହୁଏ ଯେ ! ଏମିତି ବି ଥରେ ଥରେ ଭାବି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେଉଥାଏ ରୀନା । ଦିନ ସାରା ଭାବି ଭାବି ରାତିରେ ଶୋଇଥାଏ ପୁଣି ସ୍ୱପ୍ନରେ ଆସିଲେ ଚପଲ ଦୁଇଟି । ଜଣେ କହିଲା ରୀନା ତମେ କଣ ପାଇଁ ବିଶ୍ୱାସ କରୁନାହଁ ଯେ ସ୍ୱପ୍ନ ସତ୍ୟ ନୁହେଁ କାହିଁକି ଭାବୁଛ । ଶୁଣ ତୁମେ ଯାହା ମାଗ ହେଲେ ତୁମକୁ ପାଦରେ ମୋତେ ପିନ୍ଧି ଜହ୍ନମାମୁଁ ଆଡକୁ ଅନେଇ ତିନିଟି ଇଛା ମାଗିବାକୁ ପଡିବ । ହଜାରେ ମାଗିଲେ ମିଳିବ ନାହିଁ । ଆଉ ଏମିତି ଆଶା କରିବ ଯେମିତି ଅନ୍ୟ କାହାକୁ ସନ୍ଦେହ ହେବ ନାହିଁ । ନହେଲେ ତୁମକୁ ଚୋର ବୋଲି କହିବେ । ଆଉ ଏଇ ଆଶ୍ଚର୍ଯ୍ୟ କଥା ଚାରିଆଡେ ହାଟ ବସିଯିବ । ଶେଷରେ ରାଜା ମଧ୍ୟ ଏଇକଥା ଜାଣି ପାରି ତୁମକୁ ଚପଲ ଚୋର କହି ଧରିନେବେ ଓ ଶାସ୍ତି ଦେବେ ।

ରୀନା ପୁଣି ଏକ ଦ୍ୱନ୍ଦରେ ପଡିଯାଇଥିଲା । ସେ ଭାବିଥିଲା ମନ ଇଛା କିଛି ମାଗିନେବ ହେଲେ ପୁଣି ଏକ ଅଜଣା ଭୟ ଖେଳି ଯାଇଥିଲା ତା ମନରେ । ସେଦିନ ରାତି ପାହିଲା ସକାଳ ହେଲା । ସକାଳେ ରୀନା ନିଜର ନିତ୍ୟ କର୍ମ ସାରି ଭାବିବାରେ ଲାଗିଲା କଣ ମାଗିବି ଚପଲ ଉପରେ ଠିଆ ହୋଇ ଜହ୍ନମାମୁଁଙ୍କୁ । ହଉ ଦେଖିବା ରାତି ହେଉ ଆଜି ତ ପୂର୍ଣ୍ଣିମୀ ଜହ୍ନ ଦେଖା ହେବେ ତେବେ କଣ ମନରେ ଆଉଛି ଦେଖବା । ଏମିତି ଅନେକ ଚିନ୍ତା ଓ ଅନେକ ଯୋଜନା ତା ମନରେ ଆସୁଥାଏ ପୁଣି ଭାଙ୍ଗି ଯାଉଥାଏ କାଳେ ଅନ୍ୟକୁ ସନ୍ଦେହ ହେବ । ଶେଷରେ ଏମିତି କିଛି ଯୋଜନା ଆସିଲା ମନକୁ ଆଉ ସେଇ ଯୋଜନା ମୁତାବକ ସେ ଆଜି ଚପଲ ପିନ୍ଧି ଜହ୍ନମାମୁଁଙ୍କୁ ମାଗିବ ।

ସନ୍ଧ୍ୟା ହେଲା ଆଉ ସନ୍ଧ୍ୟା ସମୟରେ ରୀନା ଦେଖିଲା ଜହ୍ନମାମୁଁଙ୍କର ଉଦୟ ସେ ସଙ୍ଗେ ସଙ୍ଗେ ଚପଲ ଦୁଇଟିକୁ ଧୋଇ ଧାଇ ନେଇ ଆସିଲା । ଏବେ ତାର ସମୟ ସେ ତାର ତିନିଟି ଇଛା ଚପଲ ଉପରେ ଠିଆ ହୋଇ ଜହ୍ନ ମାମୁଁଙ୍କୁ ମାଗିବ । ସେ ଚପଲ ଉପରେ ଠିଆ ହେଲା ଓ ଜହ୍ନମାମୁଁଙ୍କ ଆଡକୁ ଅନେଇ କହିଲା ମୋର ପ୍ରଥମ ଇଛା ଆଜି ମୁଁ ଯାହା ମାଗିବି ସେଥିପାଇଁ କୌଣସି ଲୋକର ସନ୍ଦେହ ଓ ଆପତ୍ତି ନ ରହୁ । ଏତିକି ହାତ ଯୋଡି କହିଛିକି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନାହିଁ ତା ହାତରେ ଆକାଶରୁ ଫୁଲଟିଏ ଖସି ପଡ଼ିଲା ଆଉ ସେ ଖୁସି ହୋଇଗଲା । ତାର ଦ୍ୱିତୀୟ ଇଛା ଥିଲା ମୋତେ ମୋ ପରିବାରର ସମସ୍ତ ସଦସ୍ୟ ରୋଗମୁକ୍ତ ଓ ସୁସ୍ଥ ଆବଶ୍ୟକ । ସେମିତି ଆଉ ଗୋଟେ ଫୁଲ ତା ହାତରେ ଖସି ପଡ଼ିଲା । ପୁଣି ଶେଷ ଇଛାରେ ଜଣାଇଲା ରାଜା ମୋତେ ମୋ ପରିବାର ପାଇଁ ଆବଶ୍ୟକ ସମସ୍ତ ଧନ ସମ୍ପତ୍ତି ଦେଇ ତାଙ୍କ ଝିଅର ଚପଲ ନେଇ ଯାଆନ୍ତୁ । ଏତିକି କହି ସେ ପୁଣି ଏକ ଫୁଲ ପାଇ ଖୁସି ହେଇଗଲା ।

ତା'ପରେ ସେ ଚପଲକୁ ନିଜ ଗୋଡ଼ରୁ କାଢି ପ୍ରଣାମ କରି ନେଇ ରଖିବାକୁ ଯାଇ ଦେଖିଲା ତାଙ୍କ ପରିବାରର ସମସ୍ତ ସଦସ୍ୟ ବେଶ ଖୁସିବାସୀରେ କଥା ହେଉଛନ୍ତି । ପୁଣି ଦେଖିଲା ରାଜା ନିଜ ପାଲିଙ୍କିରେ ତାଙ୍କର ସୈନ୍ୟବଳ ଓ ଧନଧାନ୍ୟ ଧରି ନିଜ ଘର ଆଡ଼କୁ ବିଜେ କରୁଛନ୍ତି । କାହାରି ମୁହଁରେ ସନ୍ଦେହ ନାହିଁ ଓ କେବଳ ରୀନା ରୀନା ଭାଗ୍ୟବାନ କହି କେତେ ଖୁସି ନାଚ କରୁଛନ୍ତି । ରୀନା ଖୁସି ହୋଇ କହି ପକେଇଲା ଏହି ଚପଲର ଦାନ ମହାନ ! ! !

ବାପା: ରଞ୍ଜନ ପାଢ଼ୀ
ଶ୍ରେଣୀ: ସପ୍ତମ, ଜେନିଥ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟ,
ଗଗନ ବାବୁ ଛକ, ଏଡ଼ତାଳ, ଭଦ୍ରକ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅନ୍‌ଫ୍ରେଣ୍ଡ



ସିଦ୍ଧେଶ୍ୱର ତ୍ରିପାଠୀ

ଆଜି ଦିପହରଟାରେ ପୁରୁଣା ଡାଏରି ଭିତରୁ ପ୍ରେମିକାର ଦି'ଚାରିଟା ଫଟୋ ଦେଖି ସାରିଲା ପରେ କେତେବେଳେ ଯେ ମୋ ଆଖିକୁ ଟିକେ ଛାଇ ନିଦ ଲାଗିଯାଇଛି ମୋତେ ଜଣା ନାହିଁ ।

ସେଇ ନିଦ ଭିତରେ ମୁଁ ଗୋଟେ ସ୍ୱପ୍ନ ଦେଖିଲି ଜଣେ ବଡ କବି କେତେ ବଡ ସେତେ ମନେପଡୁନି, ସେ  ମୋ ପାଖରେ ଆସି ପହଂଚିଛନ୍ତି । ଗୋଟେ ଆଦେଶ ଆଉ ଧମକ ମିଶା ସ୍ୱରରେ ମୋତେ କହୁଛନ୍ତି ତୁମେ ମୋ ଲେଖା ପଢ଼ି ଲାଇକ କାହିଁ ଦେଉନ ? ମୋ ଲେଖାରେ କମେଣ୍ଟ ଦିଅ ମୋ ଲେଖାକୁ ସେୟାର କର ।

ଆଉ ହଁ ମୋ ନୂଆ ବହି ଏବେ ଆମାଜନରେ ମିଳୁଛି ପଢ଼ିଲା ପରେ ମତାମତଟା ଫେସବୁକରେ ସେୟାର କରିବ । ତମେ ଯଦି ପାଖଲୋକ ହେଇ କିଛି ନକହିବ ତାହେଲେ ମୁଁ ତୁମକୁ ଅନଫ୍ରେଣ୍ଡ କରିଦେବି ।

ସେ ଅଧାବାଟ ଚାଲିଯାଇଥିଲେ ଟିକେ ପଛକୁ ଫେରି ଭାରି ମିଠାସ୍ୱରରେ କହିଲେ ତମାଆଡ଼େ କୋଉ ଅନୁଷ୍ଠାନରୁ ଆମ ପାଇଁ କାଗଜଖଣ୍ଡେ ଆସୁ । ହଉ ଭଲରେ ଥାଅ ଏବେ ନୂଆ ନୂଆ ଝିଅଗୁଡା ଭଲ ଲେଖୁଛନ୍ତି ତାଙ୍କ ଲେଖା ଦେଖିବ କେତେ ମାର୍ଜିତ ।

ବଡ କବି ବାହାରକୁ ଚାଲିଯାଇଥିଲେ । ମୋବାଇଲଟା ବାଜି ଉଠିଲା ଆଖି ଖୋଲିଲା ବେଳକୁ ମୁଁ ଖଟ ଉପରେ କବି ନା ଫବି କେହିନାହାନ୍ତି ପାଖରେ । ଖାଲି ଯାହା ମୋ ମୁଣ୍ଡ ଉପରେ ଘର ଘର ଶବ୍ଦରେ ବୁଲୁଥିଲା କୋଉ କାଳର ପୁରୁଣା ପଙ୍ଖା ।

କୁଣ୍ଡିଲୋ, କେରଙ୍ଗ, ଖୋର୍ଦ୍ଧା

୭୦୦୮୩୧୯୫୦୪୦

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କାର୍ତ୍ତିକ ମାସ



ବିଦ୍ୟୁତଲତା ମିଶ୍ର

ଏଇ ମାସଟିକୁ ପୁଣ୍ୟ ମାସ କୁହାଯାଏ । ମାସ ଆରମ୍ଭ ହେଲେ କିନ୍ତୁ ଆମ ଘରର କାମ ବଢିଯାଏ । ସବୁଠୁ ବେଶି ଦହଗଞ୍ଜ ହୁଏ ମୋ ଧର୍ମ ପତ୍ନୀ ସୁନନ୍ଦା । ବିବାହର ୧୫ ବର୍ଷ ମଧ୍ୟରେ ଦିନଟିଏ ସୁଦ୍ଧା ସୁନନ୍ଦା ମୋ ବୋଉସହ ଉଚ୍ଚସ୍ୱରରେ କଥା ହୋଇନି । ଆଜିକୁ ୧୦ ବର୍ଷ ଧରି ବାପା ଆରପାରିକୁ ଚାଲିଗଲା ପରେ ବୋଉ ତାର ପୁଣ୍ୟ ଅର୍ଜନରେ ଦିନେ ହେଳା କରିନି । ବିନା ପିଆଜ ରସୁଣର ତରକାରୀ,୨୪ ଏକାଦଶୀ, ସକାଳୁ ସନ୍ଧ୍ୟାରେ ପୁରାଣ ପଢା ଆଉ ବର୍ଷକୁ ଥରେ ଏଇ କାର୍ତ୍ତିକ ମାସରେ ହବିଷ । ସେଥିରେ ମୋର ତିନି ଛୁଆଙ୍କ ଜଞ୍ଜାଳ ବି ତ କମ ନୁହେଁ । ଦୁଇ ଦିନରେ ଥରେ ଆମିଷ ନହେଲେ ରୁଚେ ନାହିଁ । ତେଣୁ ସୁନନ୍ଦାକୁ ଏଇ କାର୍ତ୍ତିକ ମାସର ପ୍ରତ୍ୟକ ଦିନ ମୁଣ୍ଡ ଧୋଇବାକୁ ପଡେ । ବୋଉ କେବେ ସାହାଯ୍ୟ ଟିକେ କରିବା ତ ଦୂରର କଥା ତୁଣ୍ଡରେ ଆହା ଟିକେ କରେନି । ପ୍ରତି କଥାରେ ଖୁଣିବ ସୁନନ୍ଦାକୁ । ମୋର ସାନ ତିନି ଭାଇ ଓଡିଶା ବାହାରେ ରୁହନ୍ତି । ବର୍ଷେ ଦୁଇ ବର୍ଷରେ ଥରେ ଆସିଲେ ବୋଉ ସେମାନଙ୍କ ଆତିଥ୍ୟର ଟିକେ ଊଣା କରେନି । ସୁନନ୍ଦା ଆଜ୍ଞାଧୀନ ଛାତ୍ରୀ ପରି ବୋଉର ସବୁ ଆଦେଶ ପାଳନ କରୁଥାଏ ।

ଆଉ ଏଇ କାର୍ତ୍ତିକ ମାସ ସାରା ସୁନନ୍ଦା ବୋଉ ପାଇଁ ଚଉରା ମୂଳେ ପଞ୍ଚ ମୁରୁଜରେ ବିଭିନ୍ନ ପ୍ରକାର ଝୋଟି, କପୋତ କପୋତି, ରାଇ ଦାମୋଦର, ରଥ ଏପରି ବିଭିନ୍ନ ଝୋଟି ପକାଏ । ବାଳ ଭୋଗ ପାଇଁ ମୁଗଧୁଆ, ଛେନା, ଶାକର, ବିଭିନ୍ନ ଫଳ କାଟି ସଜାଡ଼ି ଦିଏ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗାଁର ଆଠ ଦଶ ବିଧବା ଆମ ଚଉରା ମୂଳେ ଆସି ପୂଜାର୍ଚ୍ଚନା କରନ୍ତି । ଗୋଧୂଳି ବେଳକୁ ଗାଧୋଇ ପାଧୋଇ ବୋଉର କାର୍ତ୍ତିକ ପାଇଁ କିଣା ହୋଇଥିବା ସିଙ୍ଗିଲ ଗ୍ୟାସ ଚୂଲାରେ ସୁନନ୍ଦା ରାନ୍ଧେ ଅନ୍ନ, ମୁଗ ଡାଲମା, ଅଗସ୍ତ୍ୟ ଶାଗ, ଓଉ ଆମ୍ବିଳ । କିନ୍ତୁ ବୋଉ ମୁଁହରେ ଦିନୁଟିଏ ମଧ୍ୟ ସୁନନ୍ଦା ପାଇଁ ପ୍ରଶଂସା ଟିକେ ଶୁଣିନି । ଥରେ ବୋଉ ଜିଦି କରି ପୁରୀ ଗଲା ଆଉ ଫେରିଲା ବେଳେ ଥଣ୍ଡା, ଜର ଆଉ ୧୫ ଦିନ ଧରି ସୁନନ୍ଦାର ସେବା ଯୋଗୁଁ ସେ ସୁସ୍ଥ ହେଲା । ତେଣୁ ତା ପରଠୁ ବୋଉ କେବେ ପୁରୀ ଯିବା ନାଁ ଧରେନି ।

ଅହଲ୍ୟା ମାଉସୀ ମୋ ବୋଉର ସାନ ଭଉଣୀ । ମଉସା ତହସିଲଦାର ଥିଲେ ଆଉ ଏକ ମାତ୍ର ପୁଅ ଏବେ sub-collector । ମଉସା ଗତ ବର୍ଷ ୭୫ ବର୍ଷ ବୟସରେ ଆରପାରିକୁ ଚାଲିଗଲେ । ମାଉସୀ ପ୍ରତିବର୍ଷ କାର୍ତ୍ତିକ ମାସରେ ବୋଉ ପାଇଁ ନୁଆଁ ଲୁଗା, ମୁଗ, ସାରୁ, କଦଳୀ ଏପରି ଜିନିଷ ନେଇ ଆସେ । ଆଉ ଏଇବର୍ଷ ମାଉସୀର ପ୍ରଥମ କାର୍ତ୍ତିକ ହବିଷ । ତେଣୁ ସୁନନ୍ଦା ମଧ୍ୟ ମାଉସୀ ପାଇଁ ନୁଆଁ ଲୁଗା, ଆଉ କିଛି ଫଳମୂଳ କିଣି ମାଉସୀଙ୍କ ପାଖକୁ ଯିବାକୁ ଚାହିଁଲା । ମଉସା ଯିବାର ବାର ଦିନ ପରଠୁ ସମୟ ଅଭାବରୁ ଯାଇ ପାରିନି । ସୁନନ୍ଦା କଥାରେ ରାଜି ହୋଇ ଦୁହେଁ ବାହାରିଲୁ ଭୁବନେଶ୍ୱର ।

ମାଉସୀଙ୍କ ଏକମାତ୍ର ପୁଅ ସବକଲେକ୍ଟର ଆଉ ବୋହୁ ଅଧ୍ୟାପିକା । ଆମେ ଦୁହେଁ ସେଠି ପହଁଚିଲା ବେଳକୁ ମାଉସୀ ଘରେ ଏକା ଥା'ନ୍ତି । ରଙ୍ଗୀନ ଶାଢ଼ୀ ସହ ହାତରେ ଦୁଇପଟ ସୁନା ଚୁଡି । ମାଉସୀ ଟିକେ ଅବସାଦ ଗ୍ରସ୍ତ ଲାଗୁଥାନ୍ତି । ଘରେ କେୟାର ଟେକର ଟିଏ ଥାଏ । ଦାଣ୍ଡ ଚଉରାରେ ମୁରୁଜ ଚିତା ପଡିଥାଏ । ସୁନନ୍ଦାକୁ ଅହଲ୍ୟା ମାଉସୀ ଭାରି ସ୍ନେହ କରେ । ଆମକୁ ପାଖରେ ବସେଇ ମଉସାଙ୍କ କଥା ଗପି ଚାଲିଲା । ସୁନନ୍ଦା କଥା ଭୁଲେଇବାକୁ ମାଉସୀଙ୍କୁ ନେଇଥିବା ସମ୍ବଲପୁରୀ ଶାଢ଼ୀଟି ଦେଲା ଆଉ ଖାଇବା ପିଇବା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଥା ପଚାରିଲା । ମାଉସୀ ମୁଗ ଡାଲି, ସାରୁ କଦଳୀ ଏସବୁ ଦେଖି କହିଲେ କଣ ସୁକୁ ନାନି ଏସବୁ ପଠେଇଛି । କିନ୍ତୁ ମା'ରେ ମୁଁ ତ ଆଉ ତା ଭଳି କାର୍ତ୍ତିକ କରି ପୁଣ୍ୟ ଅର୍ଜନ କରିପାରି ନାହିଁ । ମୋର ଏସବୁ କଣ ହେବ ।

ତୁ ତ ଜାଣୁ ତୋ ଦିଅର ସବ୍ କଲେକ୍ଟର୍ ସେ ବାହାରେ ରୁହେ ମାସକୁ ଥରେ ବା ଦୁଇଥର ଆସେ, ଟିକି ତୋ ଯା' ଅଧ୍ୟାପିକା ଏଇ ଭିତରେ ସେ ଆମେ ତିନି ପିଲାଙ୍କ (ଦୁଇ ନାତି ଓ ମୁଁ) ଢେର ଯତ୍ନ ନିଏ । କହୁନୁ ମୋର କଣ କୋଉ ପିଲାଠୁ କମ ଯତ୍ନ ନିଏକି ? ସକାଳୁ ଜଳଖିଆ, ମେଡ଼ିସିନ ସବୁ ମନେ ପକାଇ ଖୁଆଏ । ହୁଏତ ମୁଁ କାର୍ତ୍ତିକ ମାସରେ ଅରୁଆ ଭାତ, ମୁଗ ଡାଲି ଖାଇ ହବିଷ କରେନି କିନ୍ତୁ  ସନ୍ଧ୍ୟାରେ ଟିକି ନିଜେ କାର୍ତ୍ତିକ ପୁରାଣ ଗାଏ, ଏବେ ନୁହେଁ ତ ମଉସା ଶଶୁର ଥିବା ବେଳୁ । ମୁଁ ଜାଣେ ସୁକୁ ନାନି ଶୁଣିଲେ ନାକ ଟେକି କହିବ ଯେ ମୁଁ ହବିଷ କରୁନି, ଚବିଶି ଏକାଦଶୀ କରୁନି, ପିଆଜ ରସୁଣ ଖାଉଛି । କିନ୍ତୁ ମୋ ସ୍ୱାସ୍ଥ୍ୟ ଖରାପ କରି ମୋ ପିଲାଙ୍କୁ ହଇରାଣ କରିବାକୁ ମୁଁ ଚାହେଁନି । କେତେ କଷ୍ଟ ସହି ଏମାନଙ୍କୁ ମଣିଷ କରିଛି, ସେମାନଙ୍କୁ କଷ୍ଟ ହେଲେ ମୋତେ ପାପୀ ଲାଗିବ ।

ସେତେବେଳେ ମାଉସୀଙ୍କ ବୋହୁ ଟିକି ପିଲାମାନଙ୍କୁ ସ୍କୁଲରୁ ନେଇ ନିଜେ କଲେଜ କାମ ସାରି ଫେରିଥିଲା । ସଂଗେ ସଂଗେ ଫ୍ରେସ ହୋଇ ସମସ୍ତଙ୍କ ପାଇଁ ବାଢିଥିଲା ଖାଇବା । ଅରୁଆ ଭାତ, ଡାଲି, କଦଳୀ ଭଜା, ଘାଣ୍ଟ ତରକାରୀ, ଦହି ବାଇଗଣ । ସମସ୍ତଙ୍କ ସହ ଖୁସିରେ ବସି ଖାଇଲା ବେଳେ ମାଉସୀଙ୍କ ମୁହଁକୁ ଦେଖୁଥିଲି, ଅତି ଆନନ୍ଦରେ ସେ ଖାଇ ଚାଲୁଥିଲେ । ବୋଉ ମୁହଁରେ ହବିଷ ଖାଇଲା ବେଳେ ଖୁସି ପରି, ଶୁଣିଥିବା କଥାଟିଏ ମନେ ପଡ଼ିଲା, “ମନ ଯଦି ରଙ୍ଗା ତ କୁଡ଼ିଆ ଲାଗଇ ଗଙ୍ଗା ।”

ବହୁତ ଡେରି ହୋଇଯାଇଥିଲା ସୁନନ୍ଦାକୁ ଡାକିବାକୁ ଗଲା ବେଳେ ଟିକି ସହ ସୁନନ୍ଦାର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଥାବାର୍ତ୍ତା ଶୁଭିଲା, "ଅପା ବାବା ଚାଲିଗଲା ପରେ ବୋଉ ବି ଧଳା ଲୁଗା ପିନ୍ଧି ବିନା ପିଆଜ ରସୁଣ ଖାଦ୍ୟ ଖାଇ କେଇ ମାସ ରହିଲେ । କିନ୍ତୁ ବୋଉଙ୍କ ଆଖିରେ ସବୁଦିନ ବାବାଙ୍କର ଅଭାବ ବୋଧଟି ଦେଖୁଥିଲି, ବାବା ଅତି ଆଦରରେ ଆଣିଥିବା ରଙ୍ଗୀନ ଶାଢ଼ୀ ଗୁଡିକୁ ଦେଖିଲା ମାତ୍ରେ ବୋଉଙ୍କ ଦୁଃଖ ଦୁଇଗୁଣ ବଢୁଥିଲା । ଶେଷରେ ବୋଉଙ୍କୁ ତୁମ ଦିଅର ମୁଣ୍ଡ ଛୁଆଁଇ ରଙ୍ଗୀନ ଶାଢ଼ୀ ପିନ୍ଧିବା ଆଉ ପିଆଜ ରସୁଣ ଖାଇବାକୁ ବାଧ୍ୟ କରିଥିଲେ । ବାବା ବୋଉଙ୍କୁ ଭାରି ଭଲ ପାଉଥିଲେ ଅପା ଆଉ ସ୍ୱର୍ଗରେ ରହି ମଧ୍ୟ ସେ ବୋଉଙ୍କର କଷ୍ଟ ଅନୁଭବ କରୁଥିବେ । ଏଇ କାର୍ତିକ ମାସରେ ବି ବୋଉ ଯଦି କାର୍ତ୍ତିକ ହବିଷ କରି ଗୋଟିଏ ଥର ଖାଇ ରହିବେ ତେବେ ତାଙ୍କର ଡାଇବେଟିସ୍ ଆଉ ବ୍ଲଡ଼ପ୍ରେସର ଦୁଇଗୁଣ ବଢିଯିବ । ତେଣୁ ବାବାଙ୍କ ଅଭାବ ବୋଧ ତାଙ୍କ ମନରେ ଅଛି ଆଉ ଆମ ମନରେ ବି କିନ୍ତୁ ସେଥିପାଇଁ ସେ ସମ୍ପୂର୍ଣ୍ଣ ନିଜକୁ ପରିବର୍ତ୍ତନ କରି କଷ୍ଟ ପାଆନ୍ତୁ ଆମେ ଚାହୁଁନା । ଫେରିଲା ବେଳେ ମାଉସୀ ସୁନନ୍ଦାକୁ ଚୁଡି ସିନ୍ଦୁର ଦେଉଥିଲେ ।

ମାଉସୀ, ତାଙ୍କ ବୋହୁ ଆଉ ନାତି ମାନଙ୍କ ସ୍ନେହ ପ୍ରେମରେ ଭରପୁର ପରିବାରକୁ ଦେଖି ଖୁସିରେ ଆଖିରୁ ଦୁଇଟୋପା ଲୁହ ଆସିଗଲା, ଜଗନ୍ନାଥଙ୍କୁ କହିଉଠିଲି ଏଇମିତି ସବୁ ଶାଶୂ ହୋଇଯାନ୍ତେ ନି । ମାଆ ପେଟର ଭଉଣୀ ହେଲେ ବି କେତେ ଭିନ୍ନ ମୋ ବୋଉ ଆଉ ଅହଲ୍ୟା ମାଉସୀ । ମାଉସୀଙ୍କ କଥାଟି ମନରେ ପ୍ରତିଧ୍ୱନିତ ହେଉଥିଲା, "ଆଲୋ ମା ସୁନନ୍ଦା ମୁଁ କାର୍ତ୍ତିକ ହବିଷ କରି ପୁଣ୍ୟ ଅର୍ଜନ କରିବି ବୋଲି ଯଦି ଅସୁସ୍ଥ ହୁଏ ତାହା ହେଲେ ମୋ ବୋହୁ ପୁଅ ଯେଉଁ କଷ୍ଟ ପାଇବେ ତାର ପାପ ବି ମୁଁ ମୁଣ୍ଡେଇବି ନା । ତେଣୁ ଏଇ ବାର୍ଦ୍ଧକ୍ୟ ଅବସ୍ଥାରେ ସୁସ୍ଥ ରହିବାକୁ ସବୁ ଚେଷ୍ଟା କଲେ ପରେ ତେଣିକି ଜଗନ୍ନାଥଙ୍କ ଇଛା । ଠାକୁର ମୋ ପିଲାଙ୍କୁ ଭଲ କରିଥାନ୍ତୁ ।"

ଦୁର୍ଗାଦେବୀ ସାହୁ, ଗଞ୍ଜାମ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅହଲ୍ୟା



ପ୍ରମୋଦ କୁମାର ପଣ୍ଡା

(୧)

ଆଜି ତମ ପୁଅ ଆମ ଘରକୁ ଆସିଥିଲା । ତମ ଭଳି ଗୋରା, ଲମ୍ବା ଦେଦୀପ୍ୟମାନ ଚେହେରା । ଭିତରଟା ମଧ୍ୟ ଫମ୍ପା ତମ ଭଳି, କୋଇଲା ରଙ୍ଗ ଭଳି କଳା । ତମ ବାପାଙ୍କ ମନ୍ଦିର ପାଖ ଜମିର କାଗଜପତ୍ର ମାଗୁଥିଲା । ସେ ବୋଧହୁଏ ଜାଣିନି, ସେ ଜମି ମୋ ନାଁ ରେ ଉପହାର ସୂତ୍ରରେ ସୁପ୍ରିୟାର ମୃତ୍ୟୁ ପରେ ତମ ବାପା ତାଙ୍କ ମୃତ୍ୟୁ ଆଗରୁ ତା ପୁଅର ରକ୍ଷଣାବେକ୍ଷଣାର ଦାୟିତ୍ୱ ମୋତେ ଦେଇ ଯାଇଛନ୍ତି । ତା ପାଟିତୁଣ୍ଡ ଶୁଣି ପଡିଶା ଘର ତମ କକାଙ୍କ ପୁଅ ଆସି ତାକୁ ଘର ଭିତରୁ ଟାଣି ଟାଣି ବାହାର କରି ଦେଇ ଗଲେ । ତଥାପି ତାର ଅହଙ୍କାରୀ ମନ ମୋତେ ଧମକ ଦେଇ ଯାଇଛି । ଭାରୀ ଉଦ୍ଧତ ।

ଜାଣିଛ ଗୌତମ, ଆଜି ବି ସାଇତି ରଖିଛି ତମର ପ୍ରଥମ ପ୍ରତାରଣାର ଚିଠି ଯାହାକୁ ପ୍ରଥମ ପ୍ରେମର ପ୍ରଥମ ଚିଠି ଭାବି ଚଞ୍ଚଳ, ସଲ୍ଲଜ କମ୍ପିତ ହୃଦୟରେ ମୁଁ ଲଫାପା ଭିତରୁ ଚିରି ବାହାର କରିଥିଲି । ସେଥିରେ ତମ ପୂର୍ବ-ପୁରିତ ହୃଦୟର ଅସ୍ୱୀକୃତ, କୁତ୍ସିତ ଅନ୍ତରଙ୍ଗ ସ୍ୱର୍ଶ ହିଁ ଥିଲା । ଜୀବନର ମଧ୍ୟାହ୍ନ ରେ ନିଜ ଛାଇ ପଛେ ଦୌଡି ଦୌଡି ପ୍ରତାରଣାର ପରୀକ୍ଷାର୍ଥୀ ଭଳି ପ୍ରତିଟି ପ୍ରଶ୍ନର ଉତ୍ତରରେ ଭାଙ୍ଗି ଯାଇଥିବା ହୃଦୟକୁ ଆଣି ତୁମ ସ୍ମୃତି ସହ ଯୋଡି ରଖିବାର ଗଣିତକୁ ମୁଁ ଆଉ କଷି ପାରିବି ନାହିଁ ବୋଲି ସେହିଦିନ ହିଁ ଜାଣି ପାରିଥିଲି । ଦୁର୍ବଳ ପ୍ରତିପକ୍ଷର ଦୁର୍ବଳତା ଯେ ତମ ତଥାକଥିତ ଶିକ୍ଷିତ ସମାଜର ଅଟ୍ଟହାସିତ ଶାଣିତ ଅସ୍ତ୍ର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଥିଲା, ଏ କଥା ବୁଝିବା ପାଇଁ ମୋତେ ବେଶି ସମୟ ଲାଗି ନ ଥିଲା । ଦୁର୍ବଳା ଆଖ୍ୟା ପାଇବା ଆଗରୁ ହିଁ ମୁଁ ସତର୍କ ହୋଇ ଯାଇଥିଲି । ଆଜି ବି ତମେ ଅଭିନ୍ନ, ଅନ୍ୟର । ଯିଏ ମୋତେ କେବେ ବି ଭଲ ପାଇ ନଥିଲା ।

ବାହାଘର ଦିନ ଓଢଣା ଉଠେଇ ବେଦୀରେ ବସିବା ପାଇଁ ତମ ବନ୍ଧୁମାନେ ଜିଦ୍ ଧରିଥିଲେ ବୋଲି ରକ୍ଷଣଶୀଳ ଆମ ଘର ଲୋକେ ଅତ୍ୟନ୍ତ କଷ୍ଟରେ ରାଜି ହୋଇଥିଲେ । ଅଥଚ ମୁଁ  କେତେ ସହଜରେ ଭାବୁଥିଲି ପ୍ରଥମ ରାତିରେ ନବବଧୂର ମୁହଁ ନ ଦେଖି, ତାର ବର୍ଷେ ପରେ ତାକୁ ଛାଡପତ୍ର ଦେଉଥିବା ବର ମହାଶୟ ଙ୍କୁ ମୁଖମଣ୍ଡଳ, ହାତଗଣ୍ଠିର ଫୋଟ ଉଠେଇବା ପାଇଁ ଅଧିକ ସମୟ ଚାହୁଁଥିବା ତମର ସେହି ଫୋଟୋଉଠାଳୀ ବନ୍ଧୁମଣ୍ଡଳୀ ମଧ୍ୟରୁ ଜଣେ କେହି ହେଲେ ତମକୁ ଏହି ଛାଡପତ୍ର ପାଇଁ ପ୍ରଶ୍ନ କରିବେ । ବରଯାତ୍ରୀ ସାଜି ବର ସହ ନାଚି ନାଚି ଯାଇଥିବା ବନ୍ଧୁ-ବାନ୍ଧବ, ସାହି ଭାଇମାନେ ତମର ଏହି ଦାମ୍ପତ୍ୟ କବଳରୁ ମୁକ୍ତ ଉପରେ ପ୍ରଶ୍ନ କରିବେ । କିନ୍ତୁ ଆଶ୍ଚର୍ଯ୍ୟର କଥା, ସେ ସମୟରୁ ଆଜି ପର୍ଯ୍ୟନ୍ତ କେହି ଜଣେ ବି ପ୍ରଶ୍ନ କରି ନାହାଁନ୍ତି । ଦିନେ ଅଧେ କେବେ କିଏ କାହା ସହ କଥାବାର୍ତ୍ତା ଛଳରେ ଉଠେଇଥିବେ, ସିଏ ଅଲଗା ବିଷୟ ।

ଆଇନତଃ ମୁଁ ଆଜି ବି ତମର ସ୍ତ୍ରୀ ହୋଇ ଅଛି ଏବଂ ଏହାର ମୂଳ କାରଣ ମୋର ସମ୍ବେଦନ ଯିଏ ଦିନେ ତମକୁ ଛାଡପତ୍ର ଦେଇ ଦ୍ୱିତୀୟ ବାହା ହେବା ପାଇଁ ତମ ବାପାଙ୍କ କଥା ବି ଶୁଣି ନ ଥିଲା କିନ୍ତୁ ଆଜି ସେହି ଭୁଲର ପ୍ରାୟଶ୍ଚିତ କରୁଛି । ତମର ସେ ଦିନର ସାଇତା ଛାଡପତ୍ରର ଚିଠି ଉପରେ ତମର ଦସ୍ତଖତ ତଳେ ମୋ ଦସ୍ତଖତ କରି ସିଧା ରେଜିଷ୍ଟ୍ରାର ଅଫିସରେ ଦାଖଲ କରୁଛି ।

ତମ ବୋଉ ମୋତେ ପ୍ରଥମ ଥର ଦେଖି ଗଲାଦିନ ଆମ ଘରେ ଦେଇ ଆସିଥିବା ତମର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏକମାତ୍ର ଫୋଟୋ ମୋ କଣ୍ଢେଇ ପେଢିରେ ମୋ ବୋଉ ରଖି ଦେଇଥିଲା । ତାହା ଆଜି ବି ସାଇତା ହୋଇ ଅଛି । ଘରେ ଥିବା ତମର ସବୁ ଫୋଟୋ  କ୍ରୋଧରେ ଶ୍ୱଶୁର ପୋଡିପାଡି ଦେଲେ । କିନ୍ତୁ ମୁଁ ଫୋଫାଡି ପାରିଲିନି । ଆଜି ବି ସେହି ଫୋଟୋ ଆଗରେ ଅନ୍ୟ ମାନଙ୍କ ଅଲକ୍ଷ୍ୟରେ ରଙ୍ଗ-ରୂପ-ମାଂସ ରେ ଗଢା ଶାରୀରିକ ଅସ୍ତିତ୍ୱ-ଅନୁଭବ ଠାରୁ ଉର୍ଦ୍ଧ୍ୱରେ ତମେ ଛାଡି ଯାଇଥିବା ଏହି ସ୍ୱଜ୍ଞ କୁ ପରଖେ, ନିଶବ୍ଦରେ ଦେଖେ । ସେହି ଫୋଟୋ ପାଖରେ ରଖିଥିବା ତମର ସେହି ଚିଠି ମୋତେ ବାରମ୍ବାର ତାହାର ଅନୁଭବ କରାଇଛି ।

ଏହି ଚିଠି ସହ ତାହାର ଫୋଟୋକପି ଏବଂ ନ ଫୋଫାଡି ରଖିଥିବା ତମର ଫୋଟୋ ମଧ୍ୟ ପଠାଉଛି ଯାହାଦ୍ୱାରା ଆମର ଏହି ନ୍ୟାୟସଙ୍ଗତ ସମ୍ବନ୍ଧ କଟିଯାଇ ତମ ପୁଅ ତଥା ତା ମା ସହ ତମର ନ୍ୟାୟଗତ ସମ୍ପର୍କ ଓ ସମ୍ବନ୍ଧ ବୃଷ୍ଟି ହେଉ ।

(୨)

ତମେ ଘର ଛାଡିବାର ବର୍ଷେ ପରେ ତମର ମୋ ନାଁରେ ଯେଉଁ ଚିଠି ରେଜିଷ୍ଟ୍ରି ଡାକରେ ଆସିଥିଲା, ଏହି ସେଇ ଚିଠି ଥିଲା ! ସେଦିନ ଲଫାପା ଉପର ହସ୍ତାକ୍ଷର ଦେଖି ଆବିଭୂତ ହୃଦୟର ରକ୍ତସ୍ରାବ ବଢି ତେଜ ହୋଇ ଯାଇଥିଲା । ଦୀର୍ଘ ବର୍ଷେ ପରେ ତମର ଆସିବାର ସମ୍ବାଦ ପାଇ ଭିତର ଶୁଷ୍କ କୁହୁଁଳା ମନ ଅଗ୍ନି ସଂଯୋଗିତ ଶକ୍ତି ପାଇବା ନିମନ୍ତେ ପ୍ରସ୍ତୁତାବସ୍ଥାରେ ଅଜଣା ଆନନ୍ଦର ସିହ୍ରାରର ତଡିତ୍ ତରଙ୍ଗ ରକ୍ତବାହୀ ତନ୍ତ୍ର ଭିତରେ ଖେଳାଇ ଦେଇଥିଲା ।

କ୍ଷଣସ୍ଥାୟୀ ପାଣିଫୋଟକା ଭଳି ବାସର ରାତିର ଘଟଣାବଳୀ ମୋ ମନ ଭିତରେ ସେଦିନ ଦୃଶ୍ୟଗୋଚର ହୋଇଥିଲା । କୁଆଁରୀ ମନର ବାହାଘର ପରନ୍ତୁ ପୁଆଣି ରାତି ଭଳି ମତୁଆଲା ପରିବେଶରେ ମୋ ବର ତାଙ୍କ କନ୍ୟା ପାଖ ଛାଡି ଯେତେବେଳେ ଟେବୁଲ



ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଉପରର ସ୍ୱଳ୍ପ ଆଲୋକ ରଶ୍ମି ରେ କାମ କରୁଥିବା ଦେଖିଲି, ସମ୍ଭାଳି ନ ପାରି ତମ ପାଖକୁ ଯାଇଥିଲି !

ତମ ବୋଉ ମୋତେ ଦେଖିଲା ଦିନ ହିଁ କହିଥିଲେ – ଦିଲ୍ଲୀର ଏକ ସମ୍ବାଦପତ୍ର ଅଫିସରେ ଲେଖାଲେଖି କାମ କରୁଛି । ଲେଖାଲେଖି କାମ କଣ ଏମିତି ଘରେ ରାତି ଅଧରେ କରନ୍ତି ? ପରିଷ୍କାର, ସୁନ୍ଦର, ଗୋଲ, ଗୋଲ, ମିଞ୍ଜି ମିଞ୍ଜି ଅକ୍ଷରରେ ତମେ ସେ ଲେଖା ଲେଖୁଥିଲ । ସେହି ରାତିରେ ଏହି ହସ୍ତାକ୍ଷର ଥରେ ମାତ୍ର ଦେଖିଥିଲି ଏବଂ ତାହା ମୋ ମନ ମସ୍ତିଷ୍କରେ ପଞ୍ଜୀକୃତ ହୋଇ ଯାଇଥିଲା ।

ସଦ୍ୟ ବିବାହିତା ସ୍ତ୍ରୀକୁ ପାଖରେ ଦେଖି ବି ସ୍ୱାମୀ ଅବିଚଳିତ ଭାବରେ ଲେଖି ଚାଲିଥିଲେ । କୁହୁଁଳା, ନିରାଶ ଓ କ୍ଳାନ୍ତ ଶରୀରର କ୍ଷୋଭ ମନରେ ମୁଁ ଆସି ଶୋଇ ଯାଇଥିଲି । ମନରେ ଆଶଙ୍କା ସୃଷ୍ଟି ହୋଇଥିଲା – କେଉଁଠି କିଛି ଭୁଲ, ଅବ୍ୟବସ୍ଥା ରହିଗଲା କି ? ଅହେତୁକ ଆଶଙ୍କାରେ ହିଁ ମୋ ଆଖିକୁ ନିଦ ଆସି ଯାଇଥିଲା ।

ବାସର ରାତି ପରେ ଏକୁଟିଆ ହୋଇ ଯାଇଥିଲେ ମଧ୍ୟ ସେଦିନ ଲଫାପାରେ ସେହି ଅକ୍ଷର ଦେଖି ଭିତର ସାମଗ୍ରୀ ପାଇଁ ମୁଁ ଆହ୍ଲାଦିତ ହେଲି ସିନା ଭୟଭୀତ ହୋଇ ନ ଥିଲି । ଅବଶ୍ୟ ତୁମ ଅକୁହା ଆଖିର ଭାଷା ଭଳି ସେହି ନିର୍ଜୀବ ଲିପିରୁ ତୁମ ମନ ତଳ କଥା ପଢ଼ି ପାରିବା ପାଇଁ ଅକ୍ଷମ ଥିଲି !

ସେ ରାତି ପରଦିନ ବାହାରେ ପାଟିତୁଣ୍ଡ ଶୁଣି ମୋ ନିଦ ଭାଙ୍ଗିଲା ବେଳେ ସକାଳ ହୋଇ ସାରିଥିଲା । ବାସର ରାତି ପରଦିନ ଡେରିରେ ଉଠିଲେ ଶାଶୁଘର କ୍ରୋଧରେ ଜୀବନସାରା ଜଳୁଥିବ, ଆସିଲା ବେଳେ ଖୁଡୀଙ୍କ ଏହି ଚେତାବନୀ ମନେ ପକାଇ ମନ ମୋ ଗ୍ଲାନିରେ ଭରି ଯାଇଥିଲା । ତରତରରେ ଉଠି ମୁଁ କୋଠରୀ ବାହାରକୁ ଯାଇଥିଲି । ବାହାରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସାରା ପରିବାର ଏକାଠି ଥିଲେ । ମୋତେ ଦେଖୁ ଦେଖୁ ସବୁ କୋଳାହଳ ଶାନ୍ତ ହୋଇ ଯାଇଥିଲା । ତମେ ହାତରେ ସୁଟକେଶ ଧରି ଠିଆ ହୋଇଥିଲ । ମୁଁ ଘଟଣାକୁ କିଛି ବୁଝିବା ଆଗରୁ ତମେ  ବାହାରକୁ ଝଡ ଭଳି ଚାଲି ଯାଇଥିଲ । ଶାଶୁ, ନଣନ୍ଦ ସୁପ୍ରିୟା କାନ୍ଦୁଥିଲେ । ଶ୍ୱଶୁର କ୍ରୋଧ ଜର୍ଜରିତ ଶରୀର ନେଇ ଠିଆ ହୋଇଥିଲେ । କିଏ କିଛି ନ କହିଲେ ବି ମୁଁ ବୁଝି ପାରିଥିଲି । ବାହାଘର ପାଇଁ  ରାଜି ନ ଥିବା ବ୍ୟକ୍ତି ଜଣକୁ ଜୋର କରି ବାହା କରିଦେବାରୁ ସେ ଘର ଛାଡ଼ି ପଳେଇଲେ । ସମ୍ପୂର୍ଣ୍ଣ ପରିବାର ଭିତରେ ନୂଆବୋହୂ ଟି ହତମ୍ବ୍ୱଭ ଅବସ୍ଥାରେ ଥିଲା ।

ତା ପରେ ତମେ ଘରକୁ ଫେରି ନ ଥିଲ । କୁଆଡେ ଗଲ, ବନ୍ଧୁ-ବାନ୍ଧବ, ଜ୍ଞାତି-କୁଟୁମ୍ବ କାହା ପାଖରେ ବି କିଛି ଖବର ନ ଥିଲା ।

ସେହି ଘଟଣାର ପ୍ରାୟ ବର୍ଷେ ପରେ ତମର ସେହି ଅବାଞ୍ଛିତ ଚିଠି ଥିଲା ।

ଭିତରେ ଭଙ୍ଗାମୋଡାରେ କାଗଜ ପୁଳେ ଥିଲା । ତାକୁ ସିଧା କଲାପରେ ଦେଖିଥିଲି, ଉପର କାଗଜ ଉପରେ ଯୋଡା ଯାଇଥିବା ଛୋଟିଆ କାଗଜ ଖଣ୍ଡରେ ଲେଖାଥିଲା - ଅନୁରୋଧ, ପଠେଇଥିବା କାଗଜରେ ଛକି ଚିହ୍ନ ଦିଆ ଯାଇଛି । ସେଇଠି ଦସ୍ତଖତ କରି ମୋତେ ତମର ଦାମ୍ପତ୍ୟ କବଳରୁ ମୁକ୍ତ କରିଦିଅ ।

ଛକି ଚିହ୍ନ ! ଦସ୍ତଖତ ! ଦାମ୍ପତ୍ୟ କବଳରୁ ! ଭିତର କାଗଜ ଓଲଟେଇ ଦେଖିଥିଲି, ଷ୍ଟାମ୍ପ କାଗଜର ଶିରୋନାମା ଥିଲା - ଛାଡପତ୍ର ।

ଅବଗୁଣ୍ଠବତୀ ମୋର ଫିକା ରଙ୍ଗର ଅନୂଢ଼ା ମୁହଁରେ ପ୍ରତିଫଳିତ ଉଦଭାସିତ ଆଲୋକ ସହସା ନିର୍ବାପିତ ହୋଇ ଯିବାର ବୋଧ ହୋଇଥିଲା । କଳ୍ପନାର ରାମସେତୁ ମୋର ଖଣ୍ଡଖଣ୍ଡ ହୋଇ ଅତଳ ସମୁଦ୍ର ଗର୍ଭରେ ବୁଡି ଯାଇଥିଲା । ଚତୁର୍ଦିଗର ଅଜସ୍ର ଭଙ୍ଗା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାଚଖଣ୍ଡର ମଧ୍ୟଭାଗରେ ମୁଁ ଯେ ଦଣ୍ଡାୟମାନ ଅନୁଭବରେ ସେଇଠି ଚୌକି ଉପରେ ଥକ୍କା ମାରି ବସି ପଡିଥିଲି । ପାଖରେ ଥାଇ ବି ମୋ ଠୁଁ କେତେ ଅକଳ୍ପନୀୟ ଦୂରରେ ତୁମେ ସତରେ ଥିଲ ! କେମିତି ମୁଁ ଜାଣି ପାରି ନ ଥିଲି ଆଗତ ଭବିଷ୍ୟତରେ ମୋ ନିଜ ଆଷାଢୀ ପରିବର୍ତ୍ତନର ଗାଥା !

କେତେ ଦୁର୍ବଳ ସତେ କରୀଷଂକଷା-ଅଣଚାଶ ପବନରେ ଦୋହଲି ଯାଉଥିବା ଏହି ସମ୍ବନ୍ଧ ସମ୍ପର୍କର ବାତଜ-ବତାସ ! ମୁଁ ନିପୀଡିତ, ଅବିମୃଷ୍ୟ ହେଲି ସହନଶୀଳତାର ଅଭିନୟରେ; ମିଥ୍ୟା ଭ୍ରମ ଶରଣସିକ୍ତ ମୃତ୍ୟୁର ବିଜୟରେ କ୍ଷତାକ୍ତ ହୋଇ ଗୋଟିଏ ପୁରା ବର୍ଷ କ୍ଷତକୁ ବାପା ମା ଭାଇ ଭଉଣୀଙ୍କ ଠାରୁ ଲୁଚାଇ ଥିଲି । ଅଥଚ ଜଞ୍ଜାଳର ଝଞ୍ଜା ଅତର୍କିତେ ପଛରୁ ଚଢ଼ି ବେକ ମୋଡି ଅଗ୍ନିସାକ୍ଷୀ ରୂପକ ସମ୍ବେଦନର ଛଞ୍ଚାଣ ପଞ୍ଝାରେ ମାଟିରୁ ଉଠେଇ ନେଲା । ଆଉ ମୁଁ ତାକୁ ଅଟକାଇ ଦେବାକୁ ଗଲାବେଳେ ଶବ୍ଦ ସବୁ ମୋ କଣ୍ଠ ସେ ପାଖେ ବାଷ୍ପରୁଦ୍ଧ କଣ୍ଠରେ ଅବରୁଦ୍ଧ ହେଇ ଆସିଲେ ! !

(୩)

ତୁମେ ଗଲାପରେ ଗୌତମ, ସ୍ୱାମୀ ସ୍ତ୍ରୀଙ୍କ ପ୍ରେମାଳାପରେ ଜଣେ ଆଉ ଜଣର ଆଖିରେ ଜହ୍ନ-ଜ୍ୟୋସ୍ନା ଔଜଲ୍ୟତାର ନୀରବ ଭାଷା ପଢି ପାରିବାର ଭ୍ରମିତ ସ୍ୱପ୍ନର ସମୃଦ୍ଧତା ନିମନ୍ତେ ମୁଁ ବ୍ୟାକୁଳ ଥିଲି । ଅଥଚ ଦେଖା ହେଲେ କହିବା ପାଇଁ ଅନେକ ଦିନୁ ଜମାଟ ବାନ୍ଧି ରଖିଥିବା ଚଞ୍ଚଳା, ପ୍ରଗଲ୍ଭା ମନର ହୃଦୟ ତଳର ଅଗଣିତ ଅକୁହା କଥା ତମର ଏହି ଚିଠି ପାଇଲା ପରେ ଅଟଳ ହିମାଚଳର ପୁଞ୍ଜୀଭୂତ ବରଫ ପାହାଡ ଭଳି କଠିନାବସ୍ଥାରେ ହିଁ ରହି ଯାଇଥିଲା । ଗୋଟିଏ ମୂହୁର୍ତ୍ତରେ ମନେ ହୋଇଥିଲା, ଯେମିତି ମୁଁ ମୋ ମନ ସହ ବିଦ୍ରୋହ କରି ପାରୁନି; କୂଳ ସ୍ପର୍ଶ ଆଗରୁ ହିଁ ଲହରୀ ସ୍ୱଚ୍ଛ-ଉଦ୍ଦାମତା ହରେଇ ବସିଛି । ତମ ବାପା

 Magazine Downloaded from www.aahwaan.com

ତମକୁ ତମେ ବାହା ହୋଇଥିବା ସ୍ତ୍ରୀ ସହ ଦେଖିଲା ପରେ ମୋର ସେ ଭାବରେ ପ୍ରସ୍ତର ଜଡତା ଆସି ଯାଇଥିଲା ।

ତମ ପାଇଁ ବାହାଘର କଣ କେବଳ ଏକ ଶରୀର-ମନ-ତୃଷ୍ଣା ରସରେ ଅଭିହିତ ଥିଲା ? ପାଠ ପଢି ରୋଜଗାର କ୍ଷମ ହେଲାପରେ ବାବା ବୋଉଙ୍କ ପସନ୍ଦ କୁ ଆପଣେଇ ନେବାର ସଂସ୍କାର କଣ ତମେ ପାଇ ନ ଥିଲ ଗୌତମ ? ତମ ବୋଉ ମୋତେ ପସନ୍ଦ କଲା ପରେ ତଥା ବାହାଘର ଉତ୍ସବ ଆଗରୁ ଶରୀର ରଙ୍ଗ ଗୋରା ନାହିଁ ଜାଣିଲା ପରେ ତମେ ମୋତେ ମନା କରି ପାରିଥାଆନ୍ତ । ବାହାରେ ରହି ଚୋରଙ୍କ ଭଳି ଶରୀର ଲୁଣ୍ଠନରେ  ତମେ କଣ ଭାବିଥିଲ, ତମେ ଧରା ପଡିବନି ? ତମେ କରିଥିବା କାଣ୍ଡ-କାରଖାନା ଦିନେ ନା ଦିନେ ଧରା ପଡିବାର ହିଁ ଥିଲା । ପୁଷ୍ପର ସୁଗନ୍ଧ ତଥା ମଇଳାର ଦୁର୍ଗନ୍ଧକୁ କଣ କେହି ଅଟକେଇ ପାରେ ?

ଯାହାଙ୍କୁ ଡରି ଭଦ୍ର ହେବାର ମିଥ୍ୟା ଭ୍ରମରେ ରହିଥିଲ ଶେଷରେ ତାଙ୍କ ପାଖରେ ହିଁ ଧରା ପଡିଗଲ । ଶ୍ୱଶୁର କାଗଜ ଉପରେ ଲେଖାଥିବା ଠିକଣାରେ ଯାଇ ପହଞ୍ଚି ସେଠାରେ ଅନ୍ୟ ଏକ ସ୍ତ୍ରୀ ଲୋକଙ୍କୁ ତାଙ୍କ ବୋହୂ ରୂପେ ଓ ତାଙ୍କ କୋଳରେ ଛୁଆ ଦେଖି ନିରାଶ ଓ ବ୍ୟଥିତ ହୋଇ ଭଗ୍ନ ହୃଦୟରେ ଘରକୁ ଫେରିଥିଲେ । ଫେରିଲା ପରେ ସେ ନିଷ୍ପତ୍ତି ନେଇଥିଲେ - ରମା ଛାଡପତ୍ର ଦେବ । କିନ୍ତୁ ଏ ଘର ଛାଡି ଯିବନି । ସେ ଏ ଘରର ଝିଅ । ଆମେ ତାର ବାହାଘର ପୁଣି ଥରେ କରେଇବୁ ।

ଜାଣିଛ ଗୌତମ ! ବାହା ପୂର୍ବରୁ ମୁଁ ଯେତିକି ଅଲିଅଳରେ ବଢିଥିଲି ତମେ ତାହା ଅନୁଭବ କରି ପାରିବନି । ଦଦା-କକା ଘର ସଂଯୁକ୍ତ ପରିବାର ଭିତରେ ନିଜର ସମସ୍ତ ଅଭିଳାଷକୁ ଚାପି ନନା ବୋଉ ଆମ ତିନି ଭଉଣୀଙ୍କୁ ଯେତିକି ଗେହ୍ଲାରେ ବଢେଇ ପାରିଥିଲେ, ବଡ ଝିଅ ହିସାବରେ ତାହା ମୁଁ ହିଁ ଅନୁଭବ କରି ପାରିଛି । ମେଟ୍ରିକ ପରେ ମୋ

 Magazine Downloaded from www.aahwaan.com

ପାଠପଢ଼ା ବନ୍ଦ ହୋଇ ଯାଇଥିଲା । ପ୍ରଥମେ ଗୋସେଇଁ ମା, ତାଙ୍କୁ ତାଳ ଦେଇଥିଲେ ଗୋସେଇଁ ବାପା – ରମାର ପାଠପଢ଼ା ଆଉ ଦରକାର ନାହିଁ । ଘରେ ରହି କାମଦାମ ଶିଖୁ । ତା ପାଇଁ ବର ଖୋଜା ହେଉ ।

ଅଠର ବର୍ଷ ହେଉ ହେଉ ତମ ବାପା ବୋଉ ଆସିଥିଲେ । ମୁଁ ଯେତେବେଳେ ତାଙ୍କ ଆଗକୁ ଆସିଥିଲି, ମୋ ମୁହଁକୁ ଭଲ ଭାବେ ବଲ ବଲ କରି ଚାହିଁଥିଲେ । ଜଣେ ଏମିତି ଏକା ଦୃଷ୍ଟିରେ ଚାହିଁଥିବା ଦେଖି ମୁଁ ଶିହିରି ଯାଇଥିଲି । ଶଙ୍କି ଯାଇଥିଲି । ମୋର ଫିକା ଗୋରା ରଙ୍ଗର ଅନାକର୍ଷଣରେ ସେ ମୋତେ ଅସ୍ୱୀକାର କରି ଦେବେ କି ?

କିନ୍ତୁ ମୋ ମନର ଭାବନାକୁ ଓଲଟେଇ ତମ ବୋଉ ମୋତେ ପାଖକୁ ଡାକିଲେ । ଆଣ୍ଠୁମାଡି ତାଙ୍କ ପାଖରେ ବସିଲି । ମୋ ମୁହଁକୁ ଭିଡିଧରି ମୋର ଲଲାଟରେ ଚୁମ୍ବନ ଦେଲେ – ରମା ମୋର ଝିଅ ହେଲା ଆଜିଠୁଁ । ଗୌତମ ପାଖକୁ ୟାର ଫୋଟୋ ପଠେଇ ଦେବି । ସେ ଯଦି ହଁ କହିବ, ତାର ଆଉ ଆସି ଦେଖିବା ଦରକାର ନାହିଁ ।

ତାଙ୍କଠୁଁ ପାଇବା ଚୁମ୍ବନ ମୋର କିଶୋରୀ ଜୀବନରେ ପ୍ରଥମ ବାହ୍ୟ ସ୍ପର୍ଶର ଅନୁଭବ ଥିଲା । ଶଙ୍କି ଯାଇଥିବା ମନ ପକ୍ଷୀରେ ପର ଲାଗି ଯାଇଥିଲା ବସିବା ସ୍ଥାନରୁ ଉଠିପଡି ଦୌଡି ଦୌଡି ଭିତରକୁ ପଳେଇଥିଲି । ଭିତରେ ଖୁଡୀଙ୍କ ସହ ଅନ୍ୟ ଭଉଣୀମାନେ ମୋତେ ଭିଡି ଧରିଥିଲେ, ଯେମିତି ଏକ ଗଡ ଜିତି ମୁଁ ଆସିଛି । ବାସ୍ତବରେ ତାହା ଗଡ ଜିତିବା ଭଳି ମଧ୍ୟ ଥିଲା । ଶଙ୍କାର ଭୟଭୀତ ଭାବ ସେହି ଚୁମ୍ବନର ମଧୁର ସ୍ପର୍ଶର ବାୟୁମଣ୍ଡଳରେ ମିଳେଇ ଯାଇଥିଲା । ତା ପରଠୁଁ କିଶୋରୀ ଠାରୁ ବଦଳି ଯୁବତୀ ରମାର ଏକ ଅନ୍ୟ ରୂପ ସମସ୍ତେ ଆମ ଘରେ ଦେଖିଥିଲେ । ପାଠ ଛାଡିଦେବାରୁ ଯେତିକି ଦୁଃଖରେ ମୋ ବୋଉ ଥିଲେ, ମୋର ଉଲ୍ଲସିତ ଭାବ ଦେଖି ସେ ବିଭୋର ହୋଇ ଯାଇଥିଲେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନନା କହୁଥିଲେ, ସଂସାରକୁ ଆସିବା ଆଗରୁ ମୋ ଇଚ୍ଛାରେ ହିଁ ମୁଁ ବୋଉର ଗର୍ଭ ଭିତରେ ଆତ୍ମାକୁ ଧରି ପଶିଥିଲି । ଠିକ୍ ସେମିତି ଶାଶୁଙ୍କ ପ୍ରଥମ ଆହ୍ଲାଦିତ ସ୍ପର୍ଶ ପରେ ମୋରି ଅନାହୂତ ଇଚ୍ଛାରେ ହିଁ ମୁଁ ଏ ଘର ଏରୁଣ୍ଡି ଡେଇଁ ଭିତରେ ପଶିଥିଲି । ଅଗ୍ନିକୁ ସାକ୍ଷୀ ରଖି ଜୀବନ ମୃତ୍ୟୁର ଶପଥ କେବଳ ଜଣଙ୍କ ନିମନ୍ତେ ନେଇ ନ ଥିଲି । ବରଂ ତାହା ସମ୍ପୂର୍ଣ୍ଣ ପରିବାର ପାଇଁ ଥିଲା । ଆଉ ଆଜି, ଯାହାର ହାତ ଧରିଥିଲି, ସେ ପରିତ୍ୟାଗ କଲା ବୋଲି ମୁଁ କଣ ଏ ପରିବାର ଛାଡି ପାରିବି ? ପାରିବାରିକ ମୋହ-ଜଞ୍ଜାଳ କବଳରୁ ବାହାରକୁ ଯିବା ପାଇଁ କେତେ ଦୃଢ ମାନସିକ ଶକ୍ତି ଦରକାର, ତାହା ମୋରି ଭଳି ସମ୍ବେଦନଶୀଳା ସ୍ତ୍ରୀ ଲୋକ ହିଁ ବୁଝି ପାରିବ । ବୋଧହୁଏ ଏହି ପରିବାର ଓ ପରିବେଶ ମୋର ଆସନ୍ତା ସମୟର ସାକ୍ଷୀ ରହିବା ପାଇଁ ଚାହିଁ ବସିଥିଲେ ।

ସତ କହୁଛି ଗୌତମ ! ହସ-କାନ୍ଦ ରାଗ-ରୁଷା ମାନ-ଅଭିମାନ କୁ ଆଧାରଶିଳା କରି ସସରାଗେ ସନ୍ତର୍ପଣେ ପ୍ରିୟ ମଣିଷ ମାନଙ୍କ ପାଇଁ ତୋଳିଥିବା ବେଳାଭୂମିର ବାଲିଘରେ ପ୍ରଚଣ୍ଡ ଲହରୀ ଆସି ଧୋଇ ଦେଲା ଭଳି; ହଠାତ୍ ଦମକାଏ ଭାରି ପବନ ସ୍ପର୍ଶିତ ଖୋଲା ଝରକା କବାଟ କାନ୍ଥ ଦେହେ ପିଟି ହେଲା ଭଳି; ସବୁ ଆଲୁଅ ଲିଭିଗଲେ ଅନ୍ଧକାର ଗର୍ଭରେ ସବୁ ମୁହଁ ମାଟିମୁହଁରେ ବଦଳି ଯିବା ଭଳି କେବେ ମୁଁ ଭାବି ନ ଥିଲି ସହି ପାରିବି ଅନ୍ୟର କୋହାକୁଳ କବିତାର ସମ୍ଭ୍ରାନ୍ତ ଶବ୍ଦର ଭିଡ ଭିତରେ ତୋଫାନ-ବୀଜ-ବୁଣା ମୋର ଲୁହର ଝଡ଼କୁ, ଅଦୃଶ୍ୟ କ୍ଷତର ଆଘାତକୁ ! କିନ୍ତୁ ସହିଥିଲି । ଛାଡପତ୍ର ଦେବା ପାଇଁ, ଦ୍ୱିତୀୟ ବାହାଘର ହେବା ପାଇଁ ମୁଁ ମନା କରି ଦେଇଥିଲି, ବିନା ଯୋଜନାରେ, ବିନା ଭବିଷ୍ୟତ ପାଇଁ ଚିନ୍ତା କରି । ବାପଘର ନ ଯାଇ ଏହି ଘରେ ରହିବାକୁ ମୁଁ ରାଜି ଥିଲି, କିନ୍ତୁ ଦ୍ୱିତୀୟ ବାହାଘର ପ୍ରସ୍ତାବ ପାଇଁ ନୁହେଁ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତାକୁ ମନା କରି ନିଜସ୍ୱ ଯଶ ବାନା ମୁଁ କଦାପି ଉଡେଇ ନାହିଁ । ବରଂ ବିନା ରକ୍ତର, ପରିବାର ସୃଷ୍ଟି ବିନା ପାରିବାରିକ ବନ୍ଧନରେ ମୁଁ ବନ୍ଧା । ବିନା ଦାମ୍ପତ୍ୟ ବନ୍ଧନ ବାନ୍ଧି ବି ଦାମ୍ପତ୍ୟ ବନ୍ଧନରୁ ତମେ ଆଜି ମୁକ୍ତ, ଗୌତମ । ମୁଁ କିନ୍ତୁ ନୁହେଁ । ଏ ଜୀବନର ଆବଶ୍ୟକତା ତମ ଫେରନ୍ତା ରାସ୍ତାର ପଥକୁ ଚାହିଁ ବସିଥିବା ବିରହୀ ନାୟିକାର ହୃଦୟ ସଦୃଶ ନୁହେଁ, ବରଂ କର୍ତ୍ତବ୍ୟର ଆହ୍ୱାନରେ ରକ୍ଷକ-ଭୈରବ ଭଳି ପାଖରେ ସଂରକ୍ଷିତ ଥିବା ସୁପ୍ରିୟାର ଭବିଷ୍ୟତ ସନ୍ତକ ପାଖରେ ମୁଁ ଉତ୍ସର୍ଗୀତା । ଏବେ ତାରି ସଙ୍ଗତରେ ମୋର ଜୀବନ ବିତୁଛି । ମୁଁ ଜାଣେ ମୁଁ ଅହଲ୍ୟା ନାହିଁ । ତଥାପି ମୁଁ ମୁକ୍ତିଦାତା ଶ୍ରୀରାମଙ୍କ ପାଦସ୍ପର୍ଶର ପ୍ରତୀକ୍ଷାରେ ! କାରଣ ଗୌତମ ନୁହଁନ୍ତି, ଶ୍ରୀରାମ ହିଁ ଅହଲ୍ୟାର ମୁକ୍ତିଦାତା ।

ସମାପ୍ତ

୨ୟ ତୋଟା ସାହି, ବିଜିପୁର, ବ୍ରହ୍ମପୁର

ମୋ - ୮୭୬୩୨୪୪୮୮



ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଝଡ଼



ଶିବଶଙ୍କର ସାହୁ

ଛାତି ଧଡ଼ପଡ଼ ହେଉଛି ଶଙ୍କର୍ଷଣର । ସେ ମୁଣ୍ଡପୋତି ଭୂଇଁରେ ଗାର ଟାଣୁଛି । ବେଳେ ବେଳେ ମୁଣ୍ଡ ଉଠେଇ ପ୍ରଧାନ ଶିକ୍ଷକଙ୍କ ଆଡ଼କୁ ଚାହୁଁଛି । ହୃଦସ୍ପନ୍ଦନ ବଢ଼ିଯାଉଛି ତା'ର । କେତେବେଳେ ସାର୍ ପରୀକ୍ଷାର ଫଳାଫଳ ଘୋଷଣା କରିବେ । ସେ ପାସ୍ କରିଯିବ ତ !

ପିଲାମାନଙ୍କ କୋଳାହଳ, ଫୁସଫାସ ସବୁ ବନ୍ଦ । ପ୍ରଧାନଶିକ୍ଷକ ପଢ଼ି ଚାଲିଛନ୍ତି ପାସ କରିଥିବା ପିଲାଙ୍କ ନାଁ । ଶଙ୍କର୍ଷଣ କାନେଇଛି । ପ୍ରଧାନଶିକ୍ଷକଙ୍କ ସ୍ୱର ବ୍ୟତୀତ ଆଉ କିଛି ଶୁଣାଯାଉନି ତାକୁ । ସତେ ଯେମିତି ତା'ପାଇଁ ବନ୍ଦ ହୋଇଯାଇଛି ପୃଥିବୀର ସବୁ ସ୍ୱର, ସବୁ କୋଳାହଳ । ପାସ କରୁଥିବା ପିଲାଙ୍କ ଖୁସି ଗପ, ଶିକ୍ଷକ ମାନଙ୍କ ଗମ୍ଭୀରଭାବ, ନିକଟସ୍ଥ ପାନଦୋକାନରୁ ଭାସି ଆସୁଥିବା ଟେପରେକର୍ଡ଼ର ସଂଗୀତ - କୌଣସିଟି କଥା ପଶୁନି ତା ମୁଣ୍ଡରେ ।

- ଶଙ୍କର୍ଷଣ ଦାସ । ସତେଇଶି ।

ଦୀର୍ଘଶ୍ୱାସଟିଏ ବାହାରିଗଲା । ତା'ଉପରେ ଛବିଶି ପିଲା ଥାଆନ୍ତୁ ପଛେ, ସେ ତ ପାସ କରିଛି । ଗୋପୀର ମାଡ଼, ବୋଉର ଗାଳିରୁ ତ ରକ୍ଷା ମିଳିଛି । ଶଙ୍କର୍ଷଣର ମୁହଁରେ ସ୍ୱାଭାବିକତା ଫୁଟି ଉଠିଲା । ତା' ଚାରିପାଖରେ ଏବେ ପୃଥିବୀଯାକର କୋଳାହଳ ।

ଆଗରୁ ଘରେ କିଏ ଖବରଟା ଦେଇ ଯାଇଛି । ଗୋପୀ ମୁହଁରେ ଅସ୍ୱାଭାବିକ ନୀରବତା । ମା ବାଡ଼ିପଟେ କାମରେ ବ୍ୟସ୍ତ । ଘର ଭିତରେ ପାଦ ରଖିଲା ଶଙ୍କର୍ଷଣ ।

 Magazine Downloaded from www.aahwaan.com

ଗୋପୀ ମୁହଁକୁ ଚାହିଁଲା । ମନେହେଲା, ସେ ପାସ୍ ହୋଇଥିବାରୁ ଗୋପୀ ଖୁସି ନୁହେଁ । ଗୋପୀ ବୋଧେ ଭାବିଥିବ - ଶଙ୍କର୍ଷଣ ନିଶ୍ଚେ ଫେଲ୍ ହେବ ଏବଂ ତାକୁ କେମିତି ଧମକାଇବ - ଏ ଯୋଜନା କଲାବେଳକୁ ଶଙ୍କର୍ଷଣର ପାସ ଖବର ନିଶ୍ଚୟ ତାକୁ ଉଦାସ କରି ଦେଇଛି । ଶଙ୍କର୍ଷଣ ବି ଉଦାସ ପାଲଟିଗଲା । ଗୋଟେ ଭୟଙ୍କର ନିରବତା ତା ପଛେ ପଛେ ଗୋଡ଼ାଇଛି ଯେମିତି । ନିଜ ଭିତରେ ଖୁସି ଅନୁଭବ କରି ପାରୁନି ସେ ।

- ବୋଉ

- କଣ ହେଲା କିରେ ?

- ମୁଁ ପାସ୍ କରିଛି ବୋଉ । ଶଙ୍କର୍ଷଣ ଯଥାସମ୍ଭବ ସ୍ୱାଭାବିକ ସ୍ୱରରେ କହିଲା ।

- କ'ଣ ହୋଇଗଲା ସେଇଠୁ । ଏମିତି ହିନିମାନିଆ ପାସ୍ ତ କେତେ ହେଇଥିବେ !!

ସବୁ ଉତ୍ସାହ ମଉଳିଗଲା ଶଙ୍କର୍ଷଣର । ଡହକୁଥିବା ଅଙ୍ଗାରରେ ହଠାତ୍ କିଏ ଯେମିତି ପାଣି ଛାଟିଦେଲା । ସେ କ୍ଷଣେ ଚୁପ୍ ରହିଲା । ନା' ଆଉ ନୁହେଁ । ଗୋଟେ ସମାଧାନ ଦରକାର । ନିଜକୁ ପ୍ରସ୍ତୁତ କଲା । ଝଡ଼କୁ ସାମନା କରିବାର ଦମ୍ଭ ତା ମୁହଁରେ ।

- ବୋଉ !

ଶଙ୍କର୍ଷଣ ଭିନ୍ନ ଏକ ସ୍ୱରରେ ଥମକି ଠିଆହେଲା ତା ବୋଉ । ଚାହିଁଲା ଶଙ୍କର୍ଷଣର ମୁହଁକୁ । ଗୋଟେ ଆଲୁଅ ଛାଇ ଯାଉଛି ତା ମୁହଁସାରା । ଫୁଟନ୍ତା ତେଜରେ ଜଳିଯିବ କି ସେ !!

- ସତେ କ'ଣ ମୁଁ ତୋ ପୁଅ ନୁହେଁ ? ଅନେକ ଦିନର ପୁଞ୍ଜିଭୂତ ବେଦନା ସାହସର ରୂପ ନେଲା ଶଙ୍କର୍ଷଣର ମୁହଁରେ । ତା ବୋଉ ଚାହିଁଲା ଓ ଅନୁଭବ କଲା ଏକ ଅଜଣା ଭୟ ନିଜ ଭିତରେ । ଶଙ୍କର୍ଷଣର ପ୍ରଶ୍ନ ଜର୍ଜରିତ କରୁଛି ତାକୁ । ନିଜକୁ କେମିତି ଛୋଟ ମନେହେଲା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏ ହୀନମଣ୍ୟତା ପାଇଁ ସେ ନିଜେ ହିଁ ଦାୟୀ । ସେ ଯେ ଗୋପୀକୁ ସବୁ କଥାରେ ଅଗ୍ରାଧିକାର ଦିଏ ଓ ଶଙ୍କର୍ଷଣକୁ ପକ୍ଷପାତିତା କରେ, ଏ କଥା ଭାଇ ତା ମୁଣ୍ଡ ଲାଜରେ ତଳକୁ ହୋଇଗଲା । ଶଙ୍କର୍ଷଣର ପ୍ରଶ୍ନ ଘାଇଲା କରୁଛି ତାକୁ । ଏଥିରୁ ମୁକ୍ତି ପାଇବାକୁ ଶଙ୍କର୍ଷଣର ହିଁ ଆଶ୍ରୟ ଦରକାର । ହଁ, ଶଙ୍କର୍ଷଣକୁ ଫେରାଇବାକୁ ହେବ ତା' ଅଧିକାର । ବିଚଳିତ ହୋଇପଡ଼ିଲା ସେ । ଅନୁଭବ କଲା ପ୍ରକୃତି ମା'ର ସ୍ୱରୂପ । ଦି ପୁଅଙ୍କୁ ନେଇ ପକ୍ଷପାତ ବ୍ୟବହାର - ଏ କଥା ଭାବି ହଠାତ୍ ତା ମୁଣ୍ଡ ତଳକୁ ହୋଇଗଲା । ଅନୁଭବ କଲା ସେ, ଏତେ ଟିକେ ହୋଇଯାଉଛି ସେ ନିଜ ଭିତରେ ।

- ହଁ, ହଁ, ତୁ ମୋ ପୁଅ । ମୋ ଜନ୍ମକଲା ପୁଅ । ଆଜି ମୁଁ ବୁଝୁଛି ମା ଅର୍ଥର ବ୍ୟାପକତା ।

ତା ବୋଉର ଆଖିରେ ଅଜସ୍ର ଲୁହର ଧାରା ।

- ବୋଉ !

ଶଙ୍କର୍ଷଣ ଲେଉଟି ପଡ଼ିଲା ବୋଉର ସ୍ନେହସିକ୍ତ କୋଳରେ । ତା' ହୃଦୟରେ ଭିନ୍ନ ଏକ ପୃଥିବୀରେ ପହଞ୍ଚି ଯାଇଥିବାର ଅସରନ୍ତି ସୁଖ ।

ସହାୟକ ଯନ୍ତ୍ରୀ, (ରେଳପଥ)
ରେଳ ସଦନ, ଭୁବନେଶ୍ୱର
ଭ୍ରାମ୍ୟଭାଷ : ୯୪୩୭୫୮୪୫୮୯

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତଲାସ



ଜାଗୃତି ରଞ୍ଜନ ମିଶ୍ର

ତଲାସ କୌଣସି ପାର୍ଥିବବସ୍ତୁର ନୁହେଁ କି ମାଟିତଳ ମୂଲ୍ୟବାନ ଖଣିଜ ପଦାର୍ଥର ନୁହେଁ । ଗୋଟିଏ ଉପଯୁକ୍ତ ବରପାତ୍ରର ତଲାସ କରୁଛନ୍ତି ଜଣେ ବଢିଲା ଝିଅର ତେପନ କି ଚଉବନ ବର୍ଷୀୟ ବାପା । ଝିଅର ବୟସ ତେଇଶ, ଦେହର ରଙ୍ଗ ଗହମ, ଆଖିର ବର୍ଣ୍ଣ ନୀଳ, ଶୁଆଥଂଟ ପରିନାକ, ଡ଼ଉଲ ଡ଼ାଉଲ ଚେହେରା, ସୁନ୍ଦର କୋକିଳ କଣ୍ଠର ବାଣୀ ସହ ଘନକଳା ଗୋଛାଏ ବାଳ ମୁଣ୍ଡରୁ ଅଣ୍ଟାତଳକୁ ଝୁଲୁଛି ବୋଲି କହି ବାପା ନିଜ ଝିଅର ରୂପ ବର୍ଣ୍ଣନା କରନ୍ତି । ଉଚ୍ଚତା ପାଞ୍ଚଫୁଟ ଚାରିଇଞ୍ଚ, ଓଜନ ଛପନ କିଲୋ, ବହୁତ ହୁସିଆର୍ ପିଜି ସାରି ଗତବର୍ଷ ଏମ୍‌ବିଏ ପାସ୍ କରିଛି । ଏମିତି ସମସ୍ତ ପରିଚିତ ଅପରିଚିତ କେତେ ଭଦ୍ରଲୋକଙ୍କୁ ତ୍ରୀପାଠି ବାବୁ କହି, ଶେଷରେ ମୋ ଝିଅପାଇଁ ଗୋଟିଏ ବରପାତ୍ର ଦେଖନ୍ତୁ ବୋଲି ଅନୁରୋଧ କରନ୍ତି । ସେଦିନ ମୋ ପାଳିଥିଲା । ତ୍ରୀପାଠି ବାବୁଙ୍କ ନଜରରେ ଯିଏ ବି କେହି ସମ୍ଭ୍ରାନ୍ତ ବ୍ୟକ୍ତି ପଡ଼ନ୍ତି ସମସ୍ତଙ୍କୁ ସେଇ ଗୋଟିଏ କଥା ସିଏ କୁହନ୍ତି ଯେ – "ଆମେ ଚାହୁଁ ପୁଅଟି କମ୍ପ୍ୟୁଟର୍ ସାଇନ୍‌ସରେ ବିଟେକ୍ ପାସ୍ କରିଥିବ । ଝିଅ ସାଙ୍ଗରେ ଯୋଡ଼ି ଜମୁଥିବ ମାନେ ଉଚ୍ଚତା ପାଞ୍ଚଫୁଟ ଛଅ ଇଞ୍ଚରୁ ଅଧିକ ଓ ଓଜନ ସତୁରି କିଲୋ ଭିତରେ ହୋଇଥିବ । ପୁଅ ମଧ୍ୟବିତ୍ତ ପରିବାରର ହେଲେ ବି ଚଳିବ ଆଉ ତୋଫା ଗୋରା ନହେଲେ ବି ଟିକିଏ ସଫା କଲର ହେଲେ ମଧ୍ୟ କିଛି ଅସୁବିଧା ନାହିଁ । କମ୍ପ୍ୟୁଟର୍ ସାଇନ୍‌ସରେ ବିଟେକ୍ ପାସ୍ କରିଛି ମାନେ ମୋ ଝିଅକୁ ବାହାହେଲା ପରେ ଆମେରିକା ଯିବାଟା ନିଶ୍ଚିତ । ଝିଅ ଏମ୍‌ବିଏ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାନେ ତାକୁ ସାଙ୍ଗେ ସାଙ୍ଗେ ସେଠି କିଛି ନା କିଛି ଚାକିରି ମିଳିଯିବ । ନାତୀନାତୁଣୀ ହେଲା ମାନେ ସେଇଠିକାର ନାଗରିକ ଆଉ ଏ' ଦିଜଣ ପରମାନେଣ୍ଟ ସିଟିଜେନ୍ । ମୁଁ ଆଉ ଏଠି କାହିଁକି ଖରା ଗରମରେ ଅସନା ଦେଶ ଆମ ଇଣ୍ଡିଆର ଓଡ଼ିଶା ଭଳି ଗରିବ ରାଜ୍ୟରେ ସଢୁଥିବି । ତାଙ୍କର ପିଲାପିଲି ହେବା ଆଗରୁ ଭିଆରଏସ୍ ନେଇ, ଭାବୁଛି ସେଇ ସଫା ସୁତୁରା ଥଣ୍ଡା ଜାଗାକୁ ପଳେଇବି । ମୁଁ ପଞ୍ଚଶଖା ନଗରରେ ଏଇଠି ରହେ ଆଉ ଡୁମୁଡୁମା ବ୍ରାଞ୍ଚ୍‌ରେ ବ୍ୟାଙ୍କ ମ୍ୟାନେଜର୍ ଅଛି । ଜୀବନ ସାରା ନୋଟରେ ଛେପ ଲଗେଇ ଲଗେଇ କେତେ ବର୍ଷ ଆଉ ବିଡ଼ା ବାନ୍ଧୁଥିବି ? ସ୍ତ୍ରୀଙ୍କର ଆଣ୍ଠୁଗଣ୍ଠି ଚାଲୁନି କି ମୋର ଅଣ୍ଟା ସଦାବେଳେ ଚଉକିରେ ବସିବସି ପଛପଟେ ଯନ୍ତ୍ରଣା ଦେବାକୁ ଆରମ୍ଭ କଲାଣି । ଆପଣଙ୍କୁ ମୋର ସବିନୟ ଅନୁରୋଧ, ମୋ ଝିଅପାଇଁ ପୁଅଟିଏ ନିଶ୍ଚିତ ଦେଖି ଖବର ଦେବେ । ଆପଣଙ୍କ ନମ୍ବର କୁହନ୍ତୁ ମୁଁ ରିଙ୍ଗ୍ କରୁଛି । କଣ କହିଲେ ୯୧୭୯୭୮୦୧୯୦୮୧, ନାଇଁମ ଏତେ ଗୁଡ଼ାଏ କେମିତି ହେବ । ମୋତେ ଆପଣ ପାଗଳ ଭାବିଲେ ନା କଣ ? ଦୁନିଆରେ ଯେତେ ମୋବାଇଲ୍ ନମ୍ବର ଅଛି ସେ ସବୁ ଗୁଡ଼ିକର ନମ୍ବର ସଂଖ୍ୟା ମୋଟ କେବଳ ଦଶ । ଓଃ.. ଓଃ.. ବୁଝିଲି ବୁଝିଲି, ପ୍ରଥମ ୯୧ ଦୁଇଟି ଯାକ ଅଦରକାରୀ ସଂଖ୍ୟା ଆମର ଦେଶ କୋଡର୍ । ଆଉ ଥରେ ସେଭ କରୁଛି ୭୯୭୮୦୧୯୦୮୧- ଏବେ ଠିକ୍, ମୁଁ ରିଂ କଲି ମୋର କଲ୍ ଗଲା । ଶେଷ ନମ୍ବର ୦୫୦ ତ ? ସେଇଟା ହିଁ ମୋର ହ୍ୱାଟସ୍ଅପ୍ ନମ୍ବର । ନିଶ୍ଚିତ ଜଣେଇବେ, ମଟନ କଷା ଭଲ ହୋଇଛି, ମୁଁ ବି ଚାରି ଖଣ୍ଡ ମଟନ୍ ନେଇଆସେ । ଯଦି ଚାହିଁବେ ଆସନ୍ତାକାଲି ମୁଁ ଆପଣଙ୍କ ଘରେ ମୋ ଝିଅ ଫଟୋ ଦେଇ ଆସିବି । ଜାତକ ମେଳାମିଳାପ ସରିଲେ କଥା ଆଗେଇବା, ମୁଁ ଆସୁଛି ।" କହି ମୋତେ ସେଇଠି ଛାଡ଼ି ସେଦିନ ସେ ମଟନ୍ କଷା ତଶଲା ଆଡ଼କୁ ଏକା ମୁହାଁ ମାଡ଼ି ଚାଲିଲେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଫନି ମହାବାତ୍ୟାଟି ଭୁବନେଶ୍ୱରରେ ଯେଉଁ ତାଣ୍ଡବ ରଚିଛି, ତାହା କହିଲେ ନ ସରେ । ରାଜଧାନୀର ବଡ଼ ବଡ଼ ଭିଭିଆଇପି ସଚିବ ମାନେ ଘରୁ ବାହାରକୁ କାର୍‌ରେ ଯାଇ ଖୋଲା ଆକାଶ ତଳେ ସୌଚ ଆଦି କରି ନଦୀରେ ଗାଧୋଇ ଘରକୁ ଫେରୁଛନ୍ତି । ମହମବତୀ ସହରରେ ମିଳୁନାହିଁ, ବିଜୁଳିଖୁଣ୍ଟ ଉପୁଡ଼ି ଯାଇଛି । ଅବିରତ ବିଜୁଳି ସରବରାହ ପାଇଁ ମାସେ ବି ସମୟ ଲାଗିପାରେ । ପଚାଶ ଟଙ୍କାର ବିଞ୍ଚଣା ଅଢେଇଶ ଟଙ୍କାରେ ବିକ୍ରି ହେଉଛି । ଝରକା ବନ୍ଦ କଲେ ଖରାଦିନ ଗରମ ଗୁଳୁଗୁଳିରେ ଘମିର ଉଠି ଯାଇ ଚମରେ ଘା' ଭଳି ଫଳି ଯାଉଛି, ଝରକା ଖୋଲି ଶୋଇଲେ ମଶାମାନଙ୍କର ଦୌରାତ୍ମ୍ୟ ବହୁତ ଅସହ୍ୟ ହୋଇ ପଡୁଛି । କିଛି ଉପାୟ ନାହିଁ । ନିର୍ବାଚନ ସରିଛି, ଭୋଟର ହାତରୁ ପାଞ୍ଚବର୍ଷ ପାଇଁ ଗଣଶକ୍ତି ଖସି ଯାଇ ଇଭିଏମ୍ ବାକ୍ସ ଭିତରେ ପଶି ସାରିଲାଣି । ଆଉ ଲୋକ ମଲେ କେତେ ନା ଗଲେ କେତେ ! ଏତେବଡ଼ ପ୍ରାକୃତିକ ବିପର୍ଯ୍ୟୟ ହେଲାପରେ ବି ଯେଉଁମାନେ ବାହା ହେବାର ଥିଲା ହେଉଛନ୍ତି । ବିଜୁଳି ବିନା ଚଉଠି ସହ ଚଉଠି ଭୋଜି ବି ଦେଉଛନ୍ତି । ଭାଇ ସପ୍ତାହଟିଏ ଗଡ଼ିଗଲେ କଣ ଗୁଡ଼ ଘର ପିମ୍ପୁଡ଼ି ବୋହି ନେବ !ଏତେ ଅଥୟ କିଆଁ ?ନାଁ ଆମର ସେଇ ତାରିଖରେ ହେବ । ଏମିତି ଜଣେ ଆମ ଢେଙ୍କାନାଳ ଜିଲ୍ଲାର ସହକର୍ମୀ କାବେରୀ ଗାଁର ସାନଭାଇ ସୁରେନ୍ଦ୍ର ରାଉଳ । ଏକାଜି୍‌ଦ ଯୋଉ ତିଥିକୁ ସେଇ ତିଥି । କିଣ ବିଲାତି ବାଇଗଣ କିଲୋ ଶହେ, ଆଳୁ କିଲୋ ତିରିଶ, ପିଆଜ ରସୁଣ ଅଦା କିଲୋ ନ କହିଲେ ଭଲ । ଘର ପାଖରେ କାଜୁ ଗଛର ବଗିଚା ଗୁଡ଼ା ଅଛି ବୋଲି ଶସ୍ତାପାଇ କାଜୁଖଟା କରି ଦେଇଛି । ଅବଶ୍ୟ ଭୋଜି ତାରିଖଟାକୁ ଦୁଇଦିନ ଘୁଞ୍ଚାଇବାକୁ ବାଧ୍ୟ ହେଲା, କାରଣ ନିମନ୍ତ୍ରିତ ଅତିଥି ନିଜ ଘର ଛପର ଠିକ୍ କରିବେ ନା ତା ଭୋଜି ଖାଇବାକୁ ଆସିବେ !ଶସୁର ଘରୁ ଆଣି ଚଉଠି ଶେଯ ପାଖରେ ରଖିଥିବା ଶୀତ ତାପ ନିୟନ୍ତ୍ରକ ଯନ୍ତ୍ରଟା କାଗଜ ପେଟିରୁ ଅଧା ମୁହଁ

 Magazine Downloaded from www.aahwaan.com

କାଢି ଖଟେଇ ହଉଛି । ବୁଲା ବିଞ୍ଚଣା । ଚଉଠି ରାତି ନ ହୋଇଥିଲେ ଅବା ଖୋଲା ଅଗଣାରେ ଶୋଇ ଯାଇଥାନ୍ତା । ଇଏତ ଏମିତିଆ ଗୋଟାଏ ରାତି ଯେ ଝରକା କବାଟ ଫାଙ୍କରେ ଝୋଟ ଅଖା ବସ୍ତା କଟା କଟି କରି ଶହେ ଚୁଣ୍ଟା ଦେଇ ସବୁ ଛୋଟ ମୋଟ ଭଅଁର କଣାକୁ ମାସକ ଆଗରୁ ନିବୁଜ କରିଛି । ଗାଁ କଥା, ରାତ୍ରୀଚର ବାଲୁଙ୍ଗା ଭେଣ୍ଡିଆଙ୍କ ସଂଖ୍ୟା ଅଧିକ । ସେମିତି ଆଉ ଜଣେ ଆମ ଭୁବନେଶ୍ୱର ଘରେ ଭଡ଼ା ରହୁଥିବା ଦ୍ୱିବେଦୀ ବାବୁଙ୍କ ବଡ଼ ଝିଅ ଲୋନି । ଆଜିକାଲି ପୁଅ ଯାହା ଝିଅ ସେଇଆ । ପ୍ରେମ ଆଗରେ କେହି ନୁହଁ । ଆଜିକାଲିର ପୁଅଝିଅଙ୍କର ଜିଦ୍ ଆଗରେ ବାପା ମାଆ ବିବଶ । ଲୋନିର ବାହାଘର ଓ ରିସେପସନ ପାଇଁ ଭୁବନେଶ୍ୱରର ଏକାମ୍ର ହାଟ ପାଖରେ ନିଳାଦ୍ରୀ କଲ୍ୟାଣ ମଣ୍ଡପଟିଏ ନିଆ ଯାଇଥିଲା । ବ୍ରାହ୍ମଣଘର ବାହାଘର । ଆଲୁଅ ବାଣ ରୋଶଣୀ ଖର୍ଚ୍ଚ ବଞ୍ଚାଇବାକୁ ଦିନରେ ବାହାଘର ସହ ଭୋଜି କାମ ସରିଯାଏ । ସନ୍ଧ୍ୟାପରେ ଝିଅ ବିଦା ହେଲା ପରେ ପରେ ବନ୍ଧୁବାନ୍ଧବ ଫେରି ଯାଆନ୍ତି । ନାଁକୁ ସମସ୍ତେ ବ୍ରାହ୍ମଣ କିନ୍ତୁ ଭୋଜିରେ କୁକୁଡ଼ା ଛେଳି ହାଡ଼ ଗୋଡ଼ ବଫେ ତ ଶଲାରେ ରହିବା ନିଶ୍ଚିତ ।

ଲୋନି ବାହାଘରରେ ଖାସି ମଟନ କଷା, ରୋହି ମାଛ ଭଜା, ଦେଶୀ ଚିକେନ୍‌କରି, ବାଘୁଆ ଚିଙ୍ଗୁଡ଼ି ପକଡ଼ି ଓ କଲିଜା ଫ୍ରାୟ୍ ସାଙ୍ଗରେ ସବୁ ସାଧା ଆଇଟମ ଥିଲା । ଗରମ ଓ ଗୁଳୁଗୁଳି ହେତୁ ଅତିଥି ମାନଙ୍କ ଉପସ୍ଥାନ ଉତ୍ସାହ ଜନକ ନଥିଲା ବୋଲି ଅଳ୍ପ ଲୋକରେ ଯିଏ ଯିଏ ବଫେ ଖଲି ଧରି ଖାଉଥିଲେ ସେମାନେ ପରସ୍ପର ଭିତରେ କଥା ହେବାର ଭରପୁର ସୁଯୋଗ ପାଉଥିଲେ । ଏତିକି ବେଳେ ମୁଁ ମୋର ଧର୍ମପତ୍ନୀ ଅନିମାଙ୍କୁ ନେଇ କଲ୍ୟାଣ ମଣ୍ଡପରେ ପହଁଚିଲି । ଆଗରୁ ସେଇଠି ଆମ ପଡ଼ୋଶୀ ବ୍ୟାଙ୍କ ମ୍ୟାନେଜର ମିଷ୍ଟର୍ ତ୍ରିପାଠୀ ମିସେସ୍ ତ୍ରିପାଠୀଙ୍କ ସହ କିଏ ଜଣେ ଚିହ୍ନାଲୋକ ଆସିଲେ ଖାଇବା ଆରମ୍ଭ କରିବେ ବୋଲି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅପେକ୍ଷାରତ ଥିଲେ । ଆମକୁ ଦେଖି ଖୁସି ହେଲେ, ଯାହା ହେଉ ସାଙ୍ଗ ମିଳିଗଲେ । କାଳ ବିଳମ୍ବ ନକରି ମୁଁ ମିଷ୍ଟର ତ୍ରୀପାଠିଙ୍କ ସହ ପୁରୁଷଙ୍କ ପଛରେ ଧାଡ଼ିରେ ଛିଡ଼ା ହେଲି ଓ ମିସେସ୍ ତ୍ରିପାଠି ଅନିମାକୁ ନେଇ ମହିଳାଙ୍କ ପଛଧାଡ଼ିରେ ଛିଡ଼ା ହେଲେ । ସେମାନେ ଆଗ ନିଜ ନିଜର ଖଲିରେ ଅଳ୍ପ ଅଳ୍ପ ନେଇ ଦକ୍ଷିଣ କୋଣକୁ ଚାଲିଗଲେ । ଭୋଜିଭାତ ସମାଗମରେ ସ୍ତ୍ରୀ ଲୋକମାନେ ଟିକେ ଅଳ୍ପାହାରୀ ବୋଲି ଦେଖେଇ ହୁଅନ୍ତି । ଚେହେରା ଓ ଅଣ୍ଟା ଗୋଲେଇ ଦେଖି ଅବଶ୍ୟ ଅନୁମାନ କରି ହୁଏ କିଏ କେତେ ଅନ୍ନ ଧ୍ୱଂସ କରୁଛନ୍ତି । ଅଳ୍ପ ଅଳ୍ପ ନେଇ ଚାଲି ଯାଉଥିବାରୁ ମହିଳାଙ୍କ ଧାଡ଼ିଟା ଜୋର ଜୋରରେ ଚାଲେ, ପୁରୁଷଙ୍କର ଖଲି ପୁରେଇ ଏକା ଥରକେ ଜଣେ ଜଣେ ଏତେ ଖାଦ୍ୟ ନିଅନ୍ତି ଯେ ଛିଡ଼ା ହୋଇ ଟିକିଏ ଫାଙ୍କା ଜାଗାକୁ ଗଲାବେଳେ ସାର୍ଟରେ ଝୋଳ ପଡ଼ିଲାଣି ତ ପାମ୍ପଡ଼ ଜୀରା ଅନ୍ନର ପାହାଡ଼ ଆକୃତିର ମୁଣ୍ଡିରୁ ଉଡ଼ିଯାଇ କାହା ଚପଲ ତଳେ ଗଳି ଗଲାଣି । ଯାହା ହେଉ ମୁଁ ଓ ତ୍ରିପାଠୀ ବାବୁ ଶେଷରେ ସୁଯୋଗ ପାଇଲୁ, ଖଲି ପୁରାଇଲା ପରେ ମୋତେ ତ୍ରିପାଠୀ ବାବୁ ମହିଳା ମାନଙ୍କ ବିପରିତ ପଟକୁ ଯିବାକୁ ଇଙ୍ଗିତ କଲେ । ଆମେ ସେହି କୋଣକୁ ଯାଇ ଥରେ ଅଧେ ପାଟିକୁ ନେଇ ଖାଦ୍ୟର ଟେଷ୍ଟ ଚେକ୍ କରିଛୁ କି ନାହିଁ ତ୍ରିପାଠୀ ବାବୁ ଆରମ୍ଭ କଲେ ସେଇ ତାଙ୍କର ଚିରାଚରିତ ବରପାତ୍ର ତଲାସର ପୁରୁଣା ରେକଡର ସ୍କ୍ରିପ୍ଟ । ସେ କହୁଥାନ୍ତି ଖାଉଥାନ୍ତି ଓ ମୁଁ ଶୁଣୁଥାଏ ଗେବୁ ଥାଏ । ମଝିରେ ମଝିରେ ମୁଁ ଲକ୍ଷ୍ୟ କରୁଥାଏ ମିସେସ୍ ତ୍ରିପାଠୀ ଓ ଅନିମା ଆମ ଆଡ଼କୁ ବଡ଼ବଡ଼ ଆଖି କରି ଅନାଉଁଥାନ୍ତି । ବରପାତ୍ର ମିଳିଗଲା ପରେ ତାଙ୍କୁ ଖବର ଦେବାପାଇଁ ବାରମ୍ବାର ଅନୁରୋଧ କରି ସାରିଲା ପରେ ତ୍ରିପାଠୀ ବାବୁ ମୋତେ ଅନ୍ୟ ଏକ ଭିନ୍ନ ସ୍ୱାଦର କିମ୍ଭୁତ କିମ୍ବାକାର ଅନୁରୋଧଟିଏ କଲେ ଯେ ଆମେ ଏବେ ଯାହା ସବୁ କଥା ହେଲେ ଦୟାକରି ମୋ ପତ୍ନୀଙ୍କୁ କିଛି ବି କହିବେନି । ଏଇ ଅନୁରୋଧଟି


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋତେ ଆଶ୍ଚର୍ଯ୍ୟ ଲାଗିଲା । ଝିଅପାଇଁ ଭଲ ବରପାତ୍ରଟିଏ ବାପା ତଲାସ କରୁଛି, ସେଥିରେ ଝିଅର ନିଜ ମାଆକୁ ଲୁଚେଇବାରେ କଣ ଅଛି ?

ତ୍ରିପାଠୀ ବାବୁ ମଟନ୍‌କଷା ଆଣିବାକୁ ଭିଡ଼ ଭିତରେ ପଶିବାକୁ କସରତ କଲା ଭିତରେ ମିସେସ୍ ତ୍ରିପାଠୀ ଓ ଅନିମା ମୋ ଆଡ଼କୁ ଝପଟି ପହଁଚିଗଲେ ସତେ ଯେମିତି କେତେବେଳେ ତ୍ରିପାଠୀ ବାବୁ ମୋ ପାଖରୁ ଯିବେ ସେ' ଦୁହେଁ ସେଠି ଅପେକ୍ଷା କରି ରହିଥିଲେ । ତ୍ରିପାଠୀବାବୁ ଯେଉଁ ପଟେ ମଟନ୍‌କଷା ନେଇ ବାହାରିବେ ସେ' ମୁଣ୍ଡରେ ଛିଡ଼ା ହୋଇ ରହିଲେ ମିସେସ୍ ତ୍ରିପାଠୀ ଓ ଅନିମା ମୋତେ ନେଇ ଏକ ଭିନ୍ନକୋଣରେ ତ୍ରିପାଠୀବାବୁଙ୍କ ଆଖିରୁ ଅଦୃଶ୍ୟ କରେଇ ଦେଇ ଯେଉଁ କଥା କହିଲା ମୁଁ ଦଶମିନିଟ କାଳ ହତବାକ୍ୟ ହୋଇଗଲି । ଅନିମା ବହୁତ ସହଜରେ ମହାଭାରତର ସଞ୍ଜୟ ପରି ମୋତେ କହିଲା ତ୍ରିପାଠୀ ବାବୁ ତାଙ୍କ ଝିଅପାଇଁ ପୁଅଟିଏ ଦେଖିବାକୁ କହୁଥିଲେ ତ ? – ହଁ, ତୁମେ କେମିତି ଜାଣିଲ ? ତାଙ୍କର ମିସେସ୍ ମୋତେ ସବୁକଥା କହିଛନ୍ତି । ତାଙ୍କର ଗୋଟିଏ ବୋଲି ଝିଅ ଥିଲା  କୁନି । ପିଜି ପରେ ଏମବିଏ କରିଥିଲା । ବୁଢାର ଇଚ୍ଛାଥିଲା ଭଲ ଯାନି ଯୌତୁକ ଦେଇ ଭଲ ପୁଅକୁ ବାହା କରି ଆମେରିକା ପଠାଇବ । କିନ୍ତୁ ଏମବିଏ ଶେଷ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ପାସ୍ କରି ଦ୍ୱିତୀୟ ଶ୍ରେଣୀ ନମ୍ବର ରଖିଥିବାରୁ ବୁଢା ଝିଅକୁ ସେଦିନ ରାତିରେ ଏଣୁ ତେଣୁ କିଛି ମର୍ମଘାତୀ ଗାଳି ଗୁଲଜ କଲା । ସିଏ ବି ଖାଇଲାନି କି ଝିଅବି ଖାଇଲାନି, ମାଆ କେମିତି ଖାଇଥାନ୍ତା । ପୁରା ପରିବାର ସେଦିନ ଉପାସରେ ଶୋଇଲେ । ବାପା ଝିଅ ସମ୍ପର୍କ ଭିତରେ ଅତି ମହତ୍ୱକାଂକ୍ଷା ପଶିଯିବାରୁ କାଳ ହେଲା । ତା ବାପା ତାଙ୍କ ଯୁବକାବସ୍ଥାରେ ଚାହୁଁଥିଲେ ନିଜେ ଯାଇ ଆମେରିକା ଦେଶରେ ସ୍ଥାୟୀ ରୂପେ ରହିବାକୁ, କିନ୍ତୁ ହୋଇ ପାରିଲାନି । ସବୁ ପିତାମାତା ନିଜର ଅଧୁରା ସ୍ୱପ୍ନକୁ ନିଜର ସନ୍ତାନ ମାଧ୍ୟମରେ ପୁରା କରିବାକୁ ଚାହାନ୍ତି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେଥିରେ କିଛି ଅସୁବିଧା ନାହିଁ କିନ୍ତୁ ବେଳେବେଳେ ସନ୍ତାନ ହୃଦୟ ଓ ମନ ଭିତରେ ଉଙ୍କି ମାରୁଥିବା ଭିନ୍ନ କିଛି ବାସ୍ତବ ସ୍ୱପ୍ନକୁ ବି ବୁଝିବା ନିତାନ୍ତ ଦରକାର । ବହୁତ ଛାତ୍ରଛାତ୍ରୀ ଅଧ୍ୟୟନ ସମୟରେ ସାଧାରଣ ରହି ମଧ୍ୟ ସମାଜରେ ଅସାଧାରଣ ପ୍ରତିଷ୍ଠା ଲାଭ କରିଛନ୍ତି । ତେଣୁ ପୁଅକି ଝିଅର ପରୀକ୍ଷାଫଳ ଆଶାନୁରୁପ ନ ହୋଇଥିଲେ ତାକୁ ମାଡ଼ଗାଳି ଦେଇ ଅପମାନ ଦେବା ପରିବର୍ତ୍ତେ ଆଗାମୀ ଭବିଷ୍ୟତ ପାଇଁ ଉତ୍ସାହ ବଢାଇଲେ ବରଂ ଭଲ । ଭଲ ନମ୍ବର ରଖି ପାସ୍ କରିବା ଏବଂ ଭବିଷ୍ୟତରେ ଜଣେ ସଫଳ ବ୍ୟକ୍ତି ହିସାବରେ ଯଶକୀର୍ତ୍ତି ସହ ପଇସା ରୋଜଗାର କରିବା ହେଲା ଦୁଇଟା ଅଲଗା ଅଲଗା କଥା । ବେଳେବେଳେ ଅନେକ ବାପାମାଆ ଛୁଆଙ୍କର ମନକୁ ନ ବୁଝି ଏମିତି ବ୍ୟବହାର କରୁଛନ୍ତି ଯେ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇ ସନ୍ତାନମାନେ ଆତ୍ମହତ୍ୟାର ବାଟ ଆପଣାଇବାର ଅନେକ ଜାଗାରେ ଦେଖିବାକୁ ମିଳୁଛି । ହସଖୁସିର ଗୋଟିଏ ଛୋଟିଆ ପରିବାରରେ ସେହି ରାତି କୁଳ ଦ୍ୱୀପଶିଖାଟି ନିଶବ୍ଦରେ ଲିଭିଯାଇ ତ୍ରିପାଠୀ ଦମ୍ପତୀଙ୍କ ଭାଗ୍ୟାକାଶକୁ ସବୁଦିନ ପାଇଁ ଅମା ଅନ୍ଧାରରେ ପରିବର୍ତ୍ତନ କରି ଚାଲିଗଲା । ସକାଳୁ ମିଷ୍ଟର୍ ଏବଂ ମିସେସ୍ ତ୍ରିପାଠୀ ଦେଖିଲେ ଝିଅ ଗୋଟିଏ ତାର ପଢିବା ଘର ଛାତପଙ୍ଖାରୁ ତଳକୁ ଝୁଲୁଛି । ବେଡ୍‌ସିଟ୍‌ରେ ବେକ ବାନ୍ଧି ଆତ୍ମହତ୍ୟା କରିଛି । ଏ ଦୃଶ୍ୟକୁ ମିଷ୍ଟର ତ୍ରିପାଠୀ ଦେଖି ସହଜରେ ହଜମ ନ ହେବାରୁ ଗଛ କାଟିଲା ପରି ବାରଣ୍ଡା ତଳକୁ କଚାଡ଼ି ହୋଇ ପଡ଼ି ଅଚେତ ହୋଇ ଯାଇଥିଲେ । ଆତ୍ମହତ୍ୟା କରିବା ପାଞ୍ଚ କିଛ ବର୍ଷ ପୂର୍ବରୁ ପ୍ରାୟ ପ୍ରତ୍ୟେକ ଦିନ ଝିଅ ବାହାଘର ଓ ବରପାତ୍ର ବିଷୟରେ ଘରେ ଆଲୋଚନା ହେଉଥିଲା । ସେଇଟା ତାଙ୍କ ମୁଣ୍ଡ ଭିତରେ ରହି ଯାଇଛି । ବେଳେବେଳେ ପଚାରୁଛନ୍ତି କୁନି ଆସିଲାଣି ? କୁନି ଖାଇଛି ? ଖାଲି ହଁ ନାହିଁରେ ଜବାବ ଦେଇ ମିସେସ୍ ତ୍ରିପାଠୀ ତାଙ୍କର ଧ୍ୟାନକୁ ଅନ୍ୟ ଆଡ଼େ ଭୁଲାଇ ଦିଅନ୍ତି । ତାଙ୍କର ନିତ୍ୟକର୍ମ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିଜେ ନିଜେ କରିବାରେ କିଛି ଅସୁବିଧା ନାହିଁ କି ବ୍ୟାଙ୍କର ଦୈନନ୍ଦିନ କର୍ମରେ ସହକର୍ମୀ ମାନଙ୍କର କାହାର କିଛି ଅଭିଯୋଗ ନାହିଁ କିନ୍ତୁ ଏଇ ଗୋଟିଏ କଥା ମୁଣ୍ଡ ଭିତରୁ ବାହାରୁନି । ଏବେ ବି ପୂର୍ବଭଳି ବେଳେ ବେଳେ କୁନିର ବାହାଘର କଥା ଓ ଆମେରିକା କଥା ଆଲୋଚନା କରୁଛନ୍ତି ଏବଂ ଯାହାକୁ ଦେଖିଲେ ଭଲ ବରପାତ୍ରର ସନ୍ଧାନ ପାଇଲେ ଆମକୁ ଖବର ଦିଅନ୍ତୁ ବୋଲି କହି ବୁଲୁଛନ୍ତି । ଝିଅ ଆରପାରିକୁ ଯିବାର ଚାରିବର୍ଷ ହେଲାଣି କିନ୍ତୁ ଏବେ ବି ମିଷ୍ଟର ତ୍ରିପାଠୀ ଜାରି ରଖିଛନ୍ତି କେବେଠାରୁ ପଞ୍ଚଭୂତରେ ବିଲୀନ ହୋଇ ସାରିଥିବା ସେଇ ଅଶରୀରୀ ଝିଅର ସଂସାର ପାଇଁ ଗୋଟିଏ ଉପଯୁକ୍ତ ବରପାତ୍ରର ତଲାସ ।

ଜିଆଇଇଟି ବିଶ୍ୱବିଦ୍ୟାଳୟ,
ଗୁଣୁପୁର, ରାୟଗଡ଼ା ଜିଲ୍ଲା, ଓଡ଼ିଶା
ଇମେଲ୍ : jagrutimishra111@gmail.com

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଲୁଣ୍ଠିତ ଶୈଶବ



ସୁଷମା ପରିଜା

ରଜନୀର ଦେଖା ନାହିଁ ଗତ ଚାରି ପାଞ୍ଚଦିନ ହେଲାଣି, ଘରୋଇ ସହାୟିକାଟିଏ ହେଲେ ମଧ୍ୟ ସିଏ ଆମ ସଂସାରର କେନ୍ଦ୍ରବିନ୍ଦୁ । ତା'ବିନା ସବୁ ଅଚଳ । ସକାଳର ଚା' କଷ୍ଟଠାରୁ ଆରମ୍ଭ କରି ରାତିର ରୁଟି ତରକାରୀ ପର୍ଯ୍ୟନ୍ତ ତା'ବିନା ଚିନ୍ତା କରା ଯାଇ ପାରେନା । ସକାଳର ଚାହା କପ୍‌ଟା ସମୟରେ ନ ମିଳିଲେ ସୁବୋଧଙ୍କର ମୁଣ୍ଡ ଗରମ ହୋଇଯାଏ ଠିକ୍ ସସ୍ପେନରେ ଫୁଟନ୍ତା ଚାହା ଭଳିଆ । ଆଣ୍ଠୁଗଣ୍ଠି ବାତରେ ରଢ଼ି ହୋଇ ଯାଇଥିବା ଗୋଡ ଦୁଇଟାକୁ ଘୋଷାରି ଘୋଷାରି ଅଗତ୍ୟା ମତେ ରୋଷେଇ ଶାଳର ଦାୟିତ୍ୱ ନେବାକୁ ପଡେ । ସେଥିପାଇଁ ମୋର ଭାରି ରାଗ ହୁଏ । ରଜନୀ ଏମିତି ବିନା ନୋଟିସରେ କୁଆଡେ ରହିଗଲେ । ସେ ଯେଉଁଦିନ ଆସି ପହଞ୍ଚେ ଘରେ ଆଗ ମୁଁ ଶ୍ରାବଣର ବର୍ଷା ଧାରା ଭଳି ବହେ ବର୍ଷଯାଏ ତା' ଉପରେ । ଏଥର ପୁରା ସାତଦିନ ପରେ ଫେରିଲା ସେ । ମୋର ରାଗର ସୀମା ନଥାଏ, ଆଗପଛ ବିଚାର ନକରି ବହି ଗାଳି ଦେଇ ପକେଇଲି ତା'କୁ । ସିଏ ସବୁଥର ଭଳି ଏଥରକ ମଧ୍ୟ ବାପଘରକୁ ଯାଇ ମିଛରେ ନଖରା କାଢୁଛି ବୋଲି ମୋର ବିଶ୍ୱାସ ଥିଲା । ତା'କୁ ଗାଳି ଦେଇ ଦେଇ ଥକିଗଲା ପରେ ମୁଁ ଚାଲିଗଲି ଶୋଇବା ଘରକୁ । ଆଜିକାଲି କାହିଁକି ବେଶୀ ବକବକ ହେଲେ ମୋର ମୁଣ୍ଡରେ ହାତୁଡି ପିଟିଲା ପରି ଯନ୍ତ୍ରଣା ହୁଏ । କିଛି ସମୟ ପରେ ମୁଁ ଉଠିଆସି ଖୋଜିଲି ରଜନୀକୁ, ତା'କୁ ଅନେକ ଗୁଡାଏ ଗାଳିମନ୍ଦ କରିଥିବାରୁ ମୋ ମନଟା ବି ଖରାପ ଲାଗୁଥାଏ । ଘରକାମ ସବୁତ ସାରିଛି, ହେଲେ ରଜନୀ ଗଲା କୁଆଡେ ? ରଜନୀକୁ ଘରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କୋଉଠି ବି ଦେଖି ପାରିଲିନି, ଭାବିଲି ମୋ'ଠାରୁ ଗାଳି ଖାଇ ବିଚାରୀ ମନ ଦୁଃଖରେ ତା'ଘରକୁ ପଳେଇ ଥିଲୁ ଯାଇଛି ମତେ ନକହି । ଚାଲଚାଲ ହୋଇ ବାଡି ପଟକୁ ଗଲା ବେଳକୁ ଦେଖିଲି, ରଜନୀ ବସିଛି ବାଡି ପଛପଟ ବାରଣ୍ଡାରେ, ସୁଁ, ସୁଁହୋଇ କାନ୍ଦୁଛି । ମନଟା ଦୁଃଖରେ ମରିଗଲା ମୋର, ଭାବିଲି କିଛି ଅସୁବିଧାରେ ପଡିଛି ବିଚାରୀ, ସେଥିରେ ମୁଁ ଚଣ୍ଡାଳୁଣୀ କିଛି ନବୁଝି ଶୁଝି ତା'କୁ ଏତେ ଗାଳିଗୁଲଜ କଲି, ସେଇଥି ପାଇଁ ମନ ଦୁଃଖରେ କାନ୍ଦୁଛି ସିଏ । ତା'ପାଖରେ ପହଞ୍ଚି ମୁଁ ଦୋଷୀଟି ଭଳି ଠିଆ ହୋଇ କହିଲି, "ମୋ କଥା ନିଶ୍ଚୟ ତତେ ବହୁତ କଷ୍ଟଦେଇଛିଲୋ ରଜି ! କ'ଣ କରିବି ସାତ ଆଠଦିନ ହେଲା କାମ କରିକରି ଅଣ୍ଟା ଭାଙ୍ଗି ଗଲାଣି ମୋର, ସେଇଥି ପାଇଁ ରାଗଟାଗରେ କିଛି କହିଦେଲେ ବୋଲି ସେଇ କଥାକୁ ଧରି କାନ୍ଦୁଛୁଏଠି ବସି । ତୁ'ତ ଜାଣିଛୁ, ତୋ ବିନା ମୁଁ ଘଡିଏ ଚଳି ପାରିବି ନାହିଁ, ମୁଁ ବଡଭଉଣୀ କି ମାଆ ହିସାବରେ ଯଦି ଅଧିକାରରେ କହିଛି ତେବେ ମତେ କ୍ଷମା କରିଦେ, ଆଉ କନ୍ଦା କଟା କର ନାଇଁ ।" ମୋ କଥା ଶୁଣି ରଜନୀ ବସିବା ଜାଗାରୁ ଉଠି ପଡିଲା, ହାତ ଯୋଡି କହିଲା, "ନାଇଁ ମ ମାଆ ! ତମ କଥାରେ କାନ୍ଦୁ ନାହିଁ, ତମକୁ ନକହି ଏତେ ଦିନ ରହିଗଲି, ତମେ କେତେ ହଇରାଣ ହରକତ ହେଉଥିବ, ସେଥିପାଇଁ ରାଗରେ ଦି'ପଦ କହିଦେଲ, ସେଥିରେ ମନ ଦୁଃଖ କରିବି କାହିଁକି ? ତମେ ମତେ କେତେ ସାହାଯ୍ୟ କରୁଛ ବିପଦ ଅପ୍ରେଲ ସାହା ହେଉଛ, ତମ କଥା ଧରିବି ? ଆମ ପରିବାର ଭିତରେ ଗୋଟିଏ ଦୁର୍ଘଟଣା ଘଟିଛି, ସେଥିପାଇଁ ଆମ ସମସ୍ତଙ୍କ ମନ ଦୁଃଖ, ସେଥିପାଇଁ ଆଖିରୁ ଆପେ ଆପେ ଲୁହ ଝରୁଛି ମାଆ ।" ମୁଁ ଆଶ୍ୱସ୍ତ ହେଲି, ଯାହା ହେଉ, ମୋ କଥା ଗୁଡିକ ସାଧାରଣ ଭାବେ ଗ୍ରହଣ କରିଛି । ତଥାପି ତା'ର ଅବସ୍ଥାକୁ ଲକ୍ଷ୍ୟକରି ଜାଣିଲି କିଛି ଗୋଟିଏ ବଡ ଅଘଟଣ ଘଟିଛି ତା' ପରିବାରରେ, ଯାହା ତା'କୁ ଖୁବ୍ ଆଘାତ ଦେଇଛି । ତା'କୁ ସାନ୍ତ୍ୱନା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେବାକୁ ଯାଇ କହିଲି, "ବ୍ୟସ୍ତ ହୁଅନାହିଁ, ସବୁବେଳେ ସବୁ ଜିନିଷ ସମାନ ନଥାଏଲୋ ରଜି ! ସୁଖ ଦୁଃଖ ତ ଲାଗି ରହିଛି, ଆଜି ଯଦି କିଛି ଦୁଃଖ ପଡିଛି, କାଲିକୁ ନିଶ୍ଚୟ ଦିନ ବଦଳିଯିବ, ସବୁ ଧୀରେ ଧୀରେ ଠିକ୍ ହୋଇଯିବ ।" ମୋର ସମବେଦନାର ଦି'ପଦ କଥା ଶୁଣି ଆହୁରି ଜୋରରେ କାନ୍ଦି ଉଠିଲା ରଜନୀ, କହିଲା ଏ ଦୁନିଆଁରୁ ମଣିଷ ପଣିଆ ମରିଗଲାଣି ମାଆ !ମୁଁ ଯାହା ଦେଖିକି ଆସିଲି, ତୁମେ ଶୁଣିଲେ, ତୁମେ ଯଦି ଦେଖିଥାଆନ୍ତ, ତମେ ବି ସମ୍ଭାଳି ପାରି ନଥାନ୍ତ, କେତେ ସାଙ୍ଘାତିକ କଥା, କହୁଛି ଶୁଣ ।

ମୋର ବଡ ଭଉଣୀ ତା'ର ପରିବାର ଧରି ରହେ କଟକର ଗୋଟାଏ ବସ୍ତି ଅଞ୍ଚଳରେ, ପରିବାର ବୋଇଲେ ତା' ସ୍ୱାମୀ ଆଉ ତିନିଟି ଝିଅ । ବଡଟି ପାଞ୍ଚ ବର୍ଷର, ତା' ତଳଟି ତିନି ବର୍ଷର, ସବା ସାନ ଝିଅଟି ଦଶ ମାସର । ବଡ ଭଉଣୀ ମୋ'ରି ଭଳିଆ ଘରୋଇ କାମ କରେ ନାଇଁ, ସିଏ ଆଉ ଭିଣେଇ ଦୁହେଁ ଦିନ ମଜୁରିଆ । ଦିହେଁ କାମକୁ ଯାଆନ୍ତି, କୋଳ ଛୁଆଟିକୁ ସାଙ୍ଗରେ ନେଇ ଯାଆନ୍ତି, ଘରେ ଛାଡ଼ିଦେଇ ଯାଆନ୍ତି ଦୁଇଟିଯାକ ଝିଅଙ୍କୁ । ବଡ ଝିଅ ମୁନ୍ନୀଟି ଭାରି ବୁଦ୍ଧିମତୀ, ସାନଝିଅ ସୁନିର ସବୁ ଦାୟିତ୍ୱ ନିଏ, ମାଆ ଦିନ ଶେଷକୁ ଫେରିବା ବେଳକୁ ସେ ଖାଇପିଇ ଭଉଣୀ ସହିତ ଖେଳକୁଦ କରୁଥାଏ ।

ବାପ କାମରୁ ଫେରିବା ବେଳକୁ ସଞ୍ଜ ହୁଏ, ମାଆ ସେଇ ସଞ୍ଜ ବେଳକୁ ମୁଠାଏ ଫୁଟାଇ ଦିଏ ଯେ ଦିନସାରା ସେଇଆକୁ ଖିଆପିଆ କରନ୍ତି । ଆଠଦିନ ତଳେ ଖବର ମିଳିଲା, ତା' ଝିଅଟି କ'ଣ ବାଧକାରେ ପଡିଛି ବୋଲି, ତାକୁ ହିଁ ଦେଖିବାକୁ ମୁଁ କଟକ ଯାଇଥିଲି ମୋର ବଡ ଭଉଣୀଘରକୁ, ସେଠାରେ ପହଞ୍ଚିଲା ପରେ ଜାଣିବାକୁ ମିଳିଲା ଯେ ଝିଅକୁ ନେଇ ନାନୀ ମେଡିକାଲ ଯାଇଛି । ଆମେ ଅପେକ୍ଷା କରି ରହିଲୁ ତା'ଫେରିବା ଯାଏଁ ।

ଆମକୁ ଦେଖି ପାଖ ପଡିଶା ଲୋକମାନେ ସବୁ ନିଜ ନିଜ ଭିତରେ ଫୁସ୍ ଫାସ୍

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେଉଥାଆନ୍ତି, କିନ୍ତୁ ମୋତେ କେହି କିଛି କହୁ ନଥାନ୍ତି । ମୋତେ ଅଡୁଆ ଅଡୁଆ ଲାଗିଲା । ପଡିଶାଘର ଫୁଲିମାଆ ସାଥିରେ ନାନୀର ଭଲ ସମ୍ପର୍କ । ସେମାନେ ଦି ଜଣ ମଧ୍ୟ ଦିନ ମଜୁରିଆ ମୁଁ ପଡିଶା ଘର ସୁଲି ମାଆକୁ ପଚାରିଲି, କ'ଣ ହୋଇଛି ମୁନ୍ନୀର କି ? କ'ଣ ମେଲେରିଆ ନା ଟାଇଫଏଡ୍ ଯେ ମେଡିକାଲ୍ ଯିବାକୁ ପଡିଲା ? କାରଣ ଆମ ମାନଙ୍କ ଘରେ ଦେହ ଖରାପ ହେବା ଗୋଟାଏ ସାଧାରଣ କଥା, ଯେତେ ବେମାରୀ ଟିକିଏ ତୁଟୁକା ତୁଟୁକି ଔଷଧ, ନହେଲେ ଔଷଧ ଦୋକାନୀକୁ ପଚାରି ଆଣିବା ଔଷଧରେ ହିଁ ଭଲ ହୋଇଥାଏ । ଦିଶେ ସେତିକି ସାଙ୍ଘାତିକ ନ ହେଲେ ଦିନକର ମଜୁରୀ ବନ୍ଦକରି ମେଡିକାଲ କିଏ ଯିବାର ଦେଖା ଯାଏନା । ସୁଲି ମାଆ ଚାରି ଆଡକୁ ସତର୍କ ଦୃଷ୍ଟି ପକାଇ ମତେ ତା'ର ଘର ଭିତରକୁ ଟାଣି ନେଇ କବାଟ ଆଉଯେଇଦେଲା, ମୋ କାନ ପାଖକୁ ମୁହଁ ନେଇ ଫିସ ଫିସ କରି କହିଲା, "ବଡ ସାଙ୍ଘାତିକ କଥା ରଜି ! ସମସ୍ତେ ସବୁ ଘଟଣା ଜାଣିଛନ୍ତି ହେଲେ ଆପ୍ପାରାଓ ଭୟରେ କେହି ମୁହଁଖୋଲୁ ନାହାଁନ୍ତି, ତା'ର ଗୁଣ୍ଡାଦଳ ଜାଣିଲେ ଟିକିଟିକି କରି କାଟି ନାରୀ ଭିତରେ ପକେଇ ଦେବେ, ଶବର ପତ୍ତା ବି ମିଳିବନି ।" ସୁଲିମାଆର କଣ୍ଠସ୍ୱରରେ ଭୟରେ ଚିହ୍ନ ସ୍ପଷ୍ଟ ଭାବରେ ବାରି ହେଉଥିଲା । ମୁଁ ବୁଝି ପାରିଲିନି ମୁନ୍ନୀର ଦେହ ଖରାପ ସହିତ ଆପ୍ପାରାଓର ସଂପର୍କ କ'ଣ, ଆଉ କିଏ ଏଇ ଆପ୍ପାରାଓ ଯାହାର ଭୟରେ ସମସ୍ତେ ଥରହର ? ମୋର ପ୍ରଶ୍ନିଳ ଦୃଷ୍ଟିରୁ ବୋଧହୁଏ ମୋ ମନ କଥା ଠଉରାଇ ନେଇଥିଲା ସୁଲିମାଆ । ସେ ଆରମ୍ଭ କଲା...

ଆମର ଏଇ ବସ୍ତିର ମୂଲିଆ ମାନଙ୍କ ସର୍ଦାର ହେଲା ଆପ୍ପାରାଓ, ସେ ବିଭିନ୍ନ ଅଞ୍ଚଳରୁ ଲୋକ ସଂଗ୍ରହ କରି ଦିନ ମଜୁରିଆ ଭାବେ କଣ୍ଟ୍ରାକ୍ଟରକୁ ଦିଏ, ସେମାନଙ୍କ ମଜୁରୀରେ କିଛିଭାଗ କମିଶନ୍ ଆକାରରେ ନିଏ,ସେଇ ପଇସାରେ ମଦ ମାଂସ ଦେଇ ତା'ହାତରେ ଦଳେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗୁଣ୍ଡା ରଖିଥାଏ ଯେଉଁମାନେ ସେଇ ମଜୁରିଆ ମାନଙ୍କୁ ଡରେଇ ଧମକେଇ କାବୁ କରି ରଖିଥାନ୍ତି । ଆପ୍ପାରାଓ ନିଜେ ଭଲେଇ ହୋଇ ସମସ୍ତଙ୍କୁ ଦୟା ଦେଖାଏ, ମୂଲିଆମାନଙ୍କୁ ସୁବିଧା ଅସୁବିଧାରେ ସାହାଯ୍ୟ କରେ, ତାଙ୍କ ପିଲାମାନଙ୍କୁ ଚକୋଲେଟ୍ ବିସ୍କୁଟ ଦେଇ ସ୍ନେହ ଶ୍ରଦ୍ଧା ଦେଖାଏ, କିନ୍ତୁ ସମସ୍ତେ ଜାଣନ୍ତି ସେଇଟା ପକ୍କା ସଇତାନ ଟାଏ, ମଦ ଆଉ ନାରୀ ହେଲା ତା'ର ଦୁର୍ବଳତା । ସମସ୍ତେ ନିଜ ନିଜ ସ୍ୱାର୍ଥକୁ ଜଗି ଚଳନ୍ତି, କେହି ତା'କୁ ମୁହଁ ଉପରେ କିଛି କୁହନ୍ତି ନାହିଁ, ବରଂ ଆପ୍ପାରାଓ ଆନ୍ନା କହି ସାକୁଲେଇ ହୁଅନ୍ତି । ସେଇ ରାକ୍ଷସର ଲୁଲୁଦୃଷ୍ଟିରେ ପଡିଥିଲା ମୁନ୍ନୀ । ମୁନ୍ନୀ ପାଞ୍ଚବର୍ଷର ହେଲେ ମଧ୍ୟ ଗୋଲ୍‌ଗାଲ୍ ହୋଇ ଗୋରା ରଙ୍ଗର ସୁନ୍ଦର ଝିଅଟିଏ, ତା'ର ସୁଗଠିତ ଶରୀରକୁ ଦେଖି ଲୋଭାଏ ଥିଲା ଆପ୍ପାରାଓ । ନିତି ଆସୁଥିଲା ତାଙ୍କ ଘରକୁ, ପୁଳାଏ ଲେଖାଏଁ ଚକୋଲେଟ୍, ବିସ୍କୁଟ ଆଣୁଥିଲା, ତୋ ଭିଣେଇକୁ ମାଗଣା ମଦ ବୋତଲ, ନାନୀ ପାଇଁ ଚିକେନ୍ ତରକାରୀ ଆଣି ଦେଉଥିଲା, ମୁନ୍ନୀକୁ କୋଳରେ ବସେଇ ଗେଲ କରୁଥିଲା, କହୁଥିଲା ୟାକୁ ମତେ ଦେଇଦିଅ, ଝିଅ କରି ରଖିବି । ସମସ୍ତେ ଭାବୁଥିଲା ତା'ର ପିଲାପିଲି ନାହିଁ ବୋଲି ସେ ମୁନ୍ନୀକୁ ଏମିତି ସ୍ନେହ ଶ୍ରଦ୍ଧା କରୁଛି ହେଲେ କିଏ ଜାଣିଥିଲେ ତା'ମନରେ ଏମିତି ପାପ ଅଛି ବୋଲି । ଆମେ ସବୁ କାମକୁ ଚାଲିଗଲା ପରେ ସିଏ କୁଆଡେ ସବୁଦିନେ ଆସେ ତୋ ନାନୀ ଘରକୁ । ସୁନିକୁ ବିସ୍କୁଟଟାଏ କି ଚକୋଲେଟ୍ ଟିଏ ହାତରେ ଦେଇ ପଠାଇଦିଏ ବାହାରକୁ । ସେଇଠୁ ମୁନ୍ନୀକୁ ବୁଲେଇ ଭାଲେଇ ତା'କୁ ନିଜ ବାସନାର ଶିକାର ବନାଏ । ବିଚାରୀ ମୁନ୍ନୀ ନିଜେ ଜାଣି ପାରେନାହିଁ ତା'ସହିତ କ'ଣ ଘଟୁଛି ବୋଲି । ଆପ୍ପାରାଓ ତା'କୁ ଚକୋଲେଟ୍ ଦେଇ ବଶ କରି ରଖିଥାଏ, କହିଥାଏ ତୋ' ବାପାକି ମାଆଙ୍କୁ ଏକଥା କିଛି କହିବୁନି, ମୁଁ ପୁଣି କାଲି ଆସିବି, ତୋ' ପାଇଁ ଆହୁରି ବଢିଆ ବଢିଆ ଚକୋଲେଟ୍ ଆଣିବି, ପିଜ୍ଜା ଆଣିବି, ତୁ ଖାଇବୁ । ମୁନ୍ନୀର ସରଳ

 Magazine Downloaded from www.aahwaan.com

ମନ ସେଇ କଥାରେ ଭୁଲିଯାଏ । କଷ୍ଟ ହେଉଥିଲା ମଧ୍ୟ ଭଲ ଖାଇବା ଆଶାରେ ସେ ଚୁପ୍ ରହେ । ଦିନ ମଜୁରିଆ ବାପମାଆଙ୍କ ପାଖରେ ସମୟ ନଥାଏ ପିଲାଙ୍କ ଭଲ ମନ୍ଦ ବୁଝିବା ଲାଗି । କାମରୁ ଫେରିବା ପରେ ରାନ୍ଧି ବାଢ଼ି ଖାଇ ପିଇ ସେମାନେ ଶୋଇଯାଆନ୍ତି ଅଛାଡ ହୋଇ ପରବର୍ତ୍ତୀ ଦିନର ମଜୁରି ଖଟିବା ପାଇଁ । ପାଞ୍ଚବର୍ଷର ଝିଅଟି ପାଇଁ ତାଙ୍କର ଚିନ୍ତା ବି ନଥାଏ । ସବୁଦିନ ସିଏ ଗୋଟିଏ ବୟସ୍କ କାମୁକର ଶିକାର ହୋଇ ଚାଲିଥାଏ । ଏମିତି କିଛିଦିନ ଗଲା ପରେ ମୁନ୍ନୀର ପରିଶ୍ରା ପୋଡା ଆରମ୍ଭ ହେଲା । କଷ୍ଟ ହେଲାରୁ ମାଆକୁ କହିଲାରୁ ମାଆ ପେଟ ଗରମରୁ ସେମିତି ହେଉଛି କହି ଥଣ୍ଡାପାଣି ପିଇବାକୁ ଦେଲା । ଦୁଇ ତିନିଦିନ ପରେ ଆହୁରି ବେଶୀ କଷ୍ଟ ହେଉଛି ବୋଲି କହିଲା ମୁନ୍ନୀ, କାନ୍ଦି କାନ୍ଦି ଅସ୍ଥିର ହେଲା, ସେଇଠୁ ତା' ମାଆ ଗଲା ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ । ସେଠାରେ ଡାକ୍ତର ମୁନ୍ନୀକୁ ପରୀକ୍ଷା କରି ଜାଣିଲେ ଯେ ଝିଅଟି ବଳାତ୍କାରର ଶିକାର ହୋଇଛି, ପରିଶ୍ରାନଳୀ ଭିତରେ ସଂକ୍ରମଣ ହୋଇଛି । ଝିଅଟିକୁ ବୁଲେଇ ବଙ୍କେଇ ସବୁ କଥା ପଚାରି ସତ୍ୟକଥାଟି ଆଦାୟ କରି ନେଇଥିଲେ ସ୍ୱାସ୍ଥ୍ୟ ସହାୟିକା ଜଣକ । ମୁନ୍ନୀର ମାଆଙ୍କୁ ଡାକି ସବୁକଥା ଜଣାଇବା ପରେ ସେ କୌଣସି ପ୍ରତିକ୍ରିୟା ନକରି ଏମିତି ହୋଇ ନଥିବ କହି ମେଡିକାଲରୁ ପଳାଇ ଯିବାକୁ ଚେଷ୍ଟାକଲା, କାରଣ ମୁନ୍ନୀ ଯାହାର ନାଆଁ ନେଉଥିଲା ସିଏ ତାଙ୍କର ଅନ୍ନଦାତା ଥିଲା, ତା'ରି ଲାଗି ତାଙ୍କ ଦାନାପାଣି ଚଳୁଥିଲା । ତା' ବିରୁଦ୍ଧରେ ମୁହଁ ଖୋଲିବା ମାନେ ଦାନା ପାଣି ତ ବନ୍ଦ ହେବ, ତା ଗୁଣ୍ଡାଦଳଙ୍କ ହାତରେ ଜୀବନ ବି ଯିବ ।

ଏଇ ଭୟରେ ସେ ଚୁପ୍ ରହିବାକୁ ଠିକ୍ ମନେ କଲା । ମୁନ୍ନୀର ବାପା ରାଘବକୁ ଆସି ସବୁକଥା ଜଣାଇଲା ମୁନ୍ନୀର ମାଆ ସଜନୀ । ଦୁହେଁ ମିଶି ଅନେକ ଭାବି ଚିନ୍ତି ଠିକ କଲେ ଯେ ସେମାନେ ମୁନ୍ନୀକୁ ଘରକୁ ଫେରେଇ ଆଣିବେ ଆଉ ଅନ୍ୟ କୋଉ ଡାକ୍ତରକୁ ଡାକି ଚିକିତ୍ସା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରେଇବେ ତା'ର । ଆପ୍ପାରାଓକୁ ମୋଟେ ଜାଣିବାକୁ ଦେବେନି ଯେ ସେମାନେ ତା'ର କୁକର୍ମ ବିଷୟରେ ଅବଗତ ଅଛନ୍ତି ବୋଲି ।

ଗୋଟିଏ ପାଞ୍ଚବର୍ଷର ଝିଅ ସହିତ ଏମିତି ଅମାନୁଷିକତା କରିଥିବା ଲୋକଟିକୁ ଦଣ୍ଡ ମିଳିବା ଦରକାର ଭାବି ପୋଲିସ୍ ଆଉ ଶିଶୁକଲ୍ୟାଣ ବିଭାଗକୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ଖବର ଦେଲେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମଚାରୀମାନେ । ମୁନ୍ନୀର ମାଆଙ୍କୁ କିନ୍ତୁ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସହଯୋଗ ନକରି ମୁନ୍ନୀକୁ ନେଇ ତୁରନ୍ତ ସେଠାରୁ ଘରକୁ ଫେରି ଆସିଲା ।

କଥାଟି ସେତେବେଳକୁ ପ୍ରଘଟ ହୋଇ ସାରିଥିଲା, ସାରା ସହରର ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧିନରେ ଥିବା ସମସ୍ତ ସରକାରୀ ବେସରକାରୀ ଅନୁଷ୍ଠାନ ପକ୍ଷରୁ ମୁନ୍ନୀର ଚିକିତ୍ସା ଏବଂ ତା'କୁ ନ୍ୟାୟଦେବା ଲାଗି ପ୍ରଚେଷ୍ଟା ଆରମ୍ଭ ହୋଇ ଯାଇଥିଲା, ବିଭିନ୍ନ ମହଲରୁ ସରକାରଙ୍କ ଉପରେ ଚାପ ପଡିବାରେ ଲାଗିଥିଲା, ପିଡିତାକୁ ସରକାରୀ ସାହାଯ୍ୟ ଦେଇ ମୁଖ୍ୟ ହାସପାତାଳରେ ଆଡମିସନ କରି ଚିକିତ୍ସା ଆରମ୍ଭ କରିବା ପାଇଁ ତତ୍ ସହିତ ସଂପୃକ୍ତ ଅଭିଯୁକ୍ତକୁ ତୁରନ୍ତ ଗିରଫ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ । ମୁନ୍ନୀର ବାପମାଆ ଯେତେ ଲୁଚାଇବା ଲାଗି ଚେଷ୍ଟାକଲେ ମଧ୍ୟ କଥାଟି ନିଆଁଭଳି ବେଳକୁ ବେଳ ହୁତୁହୁତୁ ହୋଇ ଜଳିବାକୁ ଲାଗିଥିଲା ସହର ସାରା । ଶେଷରେ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ ମିଶି ଜୋର ଜବରଦସ୍ତି କରି ମୁନ୍ନୀକୁ କଟକ ବଡଡାକ୍ତରଖାନାକୁ ସ୍ଥାନାନ୍ତରିତ କରିଛନ୍ତି । ଅଭିଯୁକ୍ତ ଆପ୍ପାରାଓକୁ ମଧ୍ୟ ପୋଲିସ ଗିରଫକରି ଜେଲ୍ ପଠାଇଛି ।

ସୁଲିମାଆଠାରୁ ସବୁ ଶୁଣିଲା ପରେ ମୁଁ ପଥର ପାଲଟି ଗଲି ଗୋ ମାଆ । ଜୀବନ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିକଳରେ ଧାଇଁଗଲି ବଡ ମେଡିକାଲକୁ । ସେଠାରେ ଆମକୁ ତା'ପାଖକୁ ଯିବାକୁ ଅନୁମତି ମିଳିଲାନି, ସିଏ କୁଆଡେ ଗୁରୁତର ଅସୁସ୍ଥ, ବଡ ବଡ ଡାକ୍ତରମାନେ ଗୋଟାଏ କାଚଘର ଭିତରେ ରଖି ଚିକିତ୍ସା କରୁଛନ୍ତି ତା'ର ଆଖି ବନ୍ଦ କରି ଶୋଇ ରହିଛି ସେ । ମରିବକି ବଞ୍ଚିବ ଠିକଣା ନାହିଁ । ନାନୀ ମୁଣ୍ଡ କୋଡିଏ କାନ୍ଦୁଛି, ତା' ବର ମୁହଁପୋତି ବାହାରେ ବସିଛି । ଏକ ମୁହାଁ ହୋଇ ଫେରିଆସିଲି ମୁଁ । କ'ଣ ଆଉ କରିଥାନ୍ତି ? ମୋ ମନ ଆଉ ସେଠି ଲାଗିଲାନି, ଏଠିକି ପଳେଇଥିଲୁ ଆସିଲି ।

ମୁନ୍ନୀଟିର ସୁନ୍ଦର ଚେହେରା ଦେଖି ଆଗରୁ କେତେଥର ମୁଁ ନାନୀକୁ କହିଥିଲି, "ମତେ ତା'କୁ ଝିଅ କରି ଦେଇଦେଲୋ ନାନୀ, ମୁଁ ତାକୁ ପାଳିପୋଷି ବଡ କରି ବାହାଘର କରେଇବି ।" ନାନୀ ସବୁବେଳେ ହସିଦେଇ କହେ, "ଝିଅ ତ ତୋ'ର ତୁ ଯେବେ ଇଚ୍ଛା ତା'କୁ ନେଇ ଯିବୁ ତୋ' ପାଖକୁ ।" ହେଲେ ସବୁ ଏଇ ପୋଡା ମୁହାଁ ପେଟର ଦୋଷ, ଆମେ ତ ଆମ ଛୁଆଟିକୁ ପାଳି ପାରୁନୁ ଠିକରେ, ଆଉ ଗୋଟାଏ ବୋଝ କେମିତି ସମ୍ଭାଳିବୁ ବୋଲି ଆଜି ଯାଏ ତା'କୁ ଆଣି ପାରିନଥିଲି, ଏବେ ଏଇ ଦୁର୍ଘଟଣା ଘଟିଛି ତା'ସାଥିରେ, ତେଣୁ ମୋତେ ନିଜକୁ ଦୋଷୀ ଦୋଷୀ ଲାଗୁଛି, ମୁଁ ଚଣ୍ଡାଳୁଣୀ ଯଦି ମୁନ୍ନୀକୁ ନେଇ ଆସିଥାନ୍ତି, ତେବେ ହୁଏତ ପରିସ୍ଥିତି ଅଲଗା ହୋଇଥାଆନ୍ତା, ମୁନ୍ନୀ ଭୋକ ଉପାସରେ ରହିଥାନ୍ତା ସିନା ଏମିତି ପଶୁତ୍ୱର ଶୀକାର ହୋଇ ନଥାନ୍ତା । ସେଇ କଥା ମୋତେ ଅହରହ ଦୁଃଖ ଦେଉଛି ଗୋ ମାଆ, ମୋ ଆଖିରେ ଲୁହ ରହୁନି । ଡାକ୍ତର ତାଙ୍କ ପାରୁ ପର୍ଯ୍ୟନ୍ତ ଚେଷ୍ଟା କରୁଛନ୍ତି ମୁନ୍ନୀକୁ ବଞ୍ଚେଇ ରଖିବା ପାଇଁ, ଆଇନ୍ ତା' ବାଟରେ ଯାଉଛି ଦୋଷୀକୁ ଉପଯୁକ୍ତ ଦଣ୍ଡ ଦେବାପାଇଁ, ସବୁ ହେଲେ କ'ଣ ହେବ ମାଆ ! ତୁମେ କହୁନ ? ମୁନ୍ନୀର ଦୋଷ କ'ଣ ଥିଲା ? କାହିଁକି ସେଇ ନିରୀହ ଶିଶୁଟି ଏତିକି ଯନ୍ତ୍ରଣା ଭୋଗିଲା ? କିଏ ନେବ ତା'ର କଷ୍ଟ ଯନ୍ତ୍ରଣା ?

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କିଏ ଫେରେଇ ଦେବ ତା' ଜୀବନ ? ସିଏ ନିର୍ଦ୍ଦୋଷ ହୋଇବି ତ ମେଡିକାଲର ଶେଷରେ ପଡି ଅକଥନୀୟ ଯନ୍ତ୍ରଣାରେ ଛଟପଟ ହୋଇ ମୃତ୍ୟୁକୁ ଅପେକ୍ଷା କରିଛି ନା ମାଆ । କଥା କହୁକହୁ ଭେଁ ଭେଁ ହୋଇ କାନ୍ଦି ଉଠିଲା ରଜନୀ । ମୁଁ ତଟସ୍ଥ ହୋଇ ଠିଆ ହୋଇଥିଲି । ମୋ ଆଖିରୁ ଧାର ଧାର ଲୁହ ବୋହି ମୋର ପିନ୍ଧାଶାଢୀ ଓଦା ହୋଇ ଯାଉଥିଲା, ହେଲେ ମୁଁ ମଧ୍ୟ ରଜନୀର ସେଇ ସବୁ ପ୍ରଶ୍ନର ଉତ୍ତର ଖୋଜି ପାଉ ନଥିଲି । ଚରମ ଅସହାୟତାରେ ମୋର ବାକ୍‌ଶକ୍ତି ଲୋପ ପାଇ ଯାଉଥିଲା ।

ଶାରଳା ଭବନ,
ପୋତାପୋଖରୀ, ନୂଆବଜାର,
କଟକ
ଭ୍ରାମ୍ୟଭାଷ : ୯୩୩୭୨୭୨୬୪୭

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ୱାୟାର୍‌ଲେସ୍



ସୁଧାଂଶୁ ଶେଖର ଦ୍ୱିବେଦୀ

ମୂଳ ଇଂରାଜୀ ରଚନା : ଆଗାଥା କ୍ରିଷ୍ଟି

"ଆପଣ ଉତ୍ତେଜିତ ହୁଅନ୍ତୁ ନାହିଁ, ଆପଣଙ୍କ ହୃଦୟ କିଛିମାତ୍ରାରେ ଦୁର୍ବଳ ହେଲେ ବି ଚିନ୍ତା କରିବାର କୌଣସି କାରଣ ନାହିଁ ।" ଡାକ୍ତର ମେନେଲ୍ ମିସେସ୍ ହର୍ଟରଙ୍କୁ କହିଲେ । ତା'ପରେ ସେ ମିସେସ୍ ହର୍ଟରଙ୍କ ପୁତୁରା ଚାର୍ଲସଙ୍କୁ ଅନ୍ୟ ସ୍ଥାନକୁ ନେଇ କହିଲେ, "ଦେଖନ୍ତୁ ଆପଣ ମୋତେ ଭୁଲ ବୁଝିବେନି । ଆପଣଙ୍କ ଆଣ୍ଟି ଅନେକ ବର୍ଷ ବଞ୍ଚିବେ । କିନ୍ତୁ କୌଣସି ପ୍ରକାର ମାନସିକ ଆଘାତ ତାଙ୍କପାଇଁ ଘାତକ ପ୍ରମାଣସିଦ୍ଧ ହୋଇପାରେ ।"

ଦିନେ ଚାର୍ଲସ ଏକ ୱାୟାର୍‌ଲେସ୍ ସେଟ୍ କିଣିବା ପାଇଁ ତା ଆଣ୍ଟିକୁ କହିଲା । କୌଣସି ବ୍ୟସ୍ତତା ଭିତରେ ଥାଇ ମିସେସ୍ ହର୍ଟର କହିଲେ, "ବିଦ୍ୟୁତ କିରଣ ମୋ ପାଇଁ ଅନିଷ୍ଟ କରିବ, ଆକାଶରେ ବିଜୁଳି ଚମକିଲେ ମୋ ମୁଣ୍ଡ ବୁଲେଇବା ଆରମ୍ଭ ହୋଇଯାଏ... ।"

ବିଦ୍ୟୁତ ତରଙ୍ଗ ବିଷୟରେ ଚାର୍ଲସ ଭଲ ଭାବେ ମିସେସ୍ ହର୍ଟରଙ୍କୁ ବୁଝେଇବା ପରେ ନା ହଁ ଭିତରେ ସେ ଅନୁମତି ଦେଲେ । ୱାୟାର୍‌ଲେସ୍ ସେଟ୍ ଘରକୁ ଆଣିବା ପରେ ମଧ୍ୟ ସେ ସେମିତି କିଛି ଖୁସି ଅନୁଭବ କରି ପାରୁନଥାନ୍ତି ।

"ଆଣ୍ଟି ଏଇ ଶୁଣନ୍ତୁ । ଏବେ ଆମେ ବର୍ଲିନ୍ ଶୁଣିପାରିବା । ତୁମେ ୱାୟାର୍‌ଲେସରୁ ଠିକ୍ ଭାବରେ ଶବ୍ଦ ଶୁଣିପାରୁଛ ତ ?" ଚାର୍ଲସ୍ ପଚାରିଲା ।

"ସୁଁ ସୁଁ ବ୍ୟତୀତ ମୋତେ ଆଉ କିଛି ଶୁଣାଯାଉ ନାହିଁ ।" ମିସେସ୍ ହର୍ଟର ଜଣେଇଲେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚାର୍ଲସ ସହ ମିସେସ୍ ହର୍ଟରଙ୍କ ନିବିଡ଼ ସମ୍ପର୍କ । କିଛିଦିନ ତଳେ ସେ ତାଙ୍କ ଝିଆରୀ ମରିୟମ୍ ହର୍ଟରକୁ ନିଜର ଉତ୍ତରାଧିକାରୀ ଭାବରେ କରିବାକୁ ଇଚ୍ଛା କରିଥିଲେ, କିନ୍ତୁ ସେ ତାଙ୍କ ସହ କଥାବାର୍ତ୍ତା କଲେ ବୋର୍ ହୋଇଯାଏ, ପୁଣି ଜଣେ ଏ ଭଳି ବ୍ୟକ୍ତିକୁ ବାହା ହେଲା ଯେ ଯାହାକୁ ମିସେସ୍ ହର୍ଟର୍ ବିଲକୁଲ୍ ପସନ୍ଦ କରନ୍ତି ନାହିଁ । ତେଣୁ ସେ ତାଙ୍କ ପୁତୁରା ପ୍ରତି ଧ୍ୟାନ ଦେଲେ । ଚାର୍ଲସ ବଡ଼ ଧ୍ୟାନର ସହ ତାଙ୍କ ଜୀବନ କାହାଣୀ ଶୁଣି ବୁଢ଼ୀକୁ ଖୁସି ରଖିବାକୁ ପ୍ରୟାସ କରେ । ସେଥିପାଇଁ ମିସେସ୍ ହର୍ଟର୍ ସମସ୍ତ ଅଚଳାଚଳ ସମ୍ପତ୍ତି ତା ନାଁରେ ଉଇଲ୍ କରି ଦେଇଛନ୍ତି ।

ୱାୟାର୍‌ଲେସ୍ ପ୍ରତି ପ୍ରଥମରୁ ସେ ଉଦାସୀନ ଥିଲେ । ଧିରେ ଧିରେ ତାଙ୍କୁ ଭଲ ଲାଗିଲା । ଚାର୍ଲସ ଯେବେ ବାହାରକୁ ଯାଏ ସେ ନିଜ ମନ ପସନ୍ଦର କାର୍ଯ୍ୟକ୍ରମ ଶୁଣନ୍ତି ।

ୱାୟାର୍‌ଲେସ୍ ଘରକୁ ଆଣିବାର ତିନିମାସ ପରେ ଏକ ଅଜବ ଘଟଣା ଘଟିଲା । ଚାର୍ଲସ ଏକ ପାର୍ଟି ଆଟେଣ୍ଡ କରିବାକୁ ଯାଇଥାଏ । ମିସେସ୍ ହର୍ଟର୍ ମଗ୍ନ ହୋଇ ସଂଗୀତ କାର୍ଯ୍ୟକ୍ରମ ଶୁଣୁଥାନ୍ତି । ହଠାତ୍ ୱାୟାର୍‌ଲେସରୁ ଗୀତ ବନ୍ଦ ହୋଇ କ୍ଲିକ୍ କ୍ଲିକ୍ ଶବ୍ଦ ବାହାରିଲା । ତାଙ୍କୁ ଅନୁଭବ ହେଲା ଦୂରରୁ ଆସୁଥିବା ଶବ୍ଦ ୱାୟାରଲେସ୍ ଧିରେ ଧିରେ କ୍ୟାଚ୍ କରୁଛି । ପରେ ପରେ ରେଡ଼ିଓରୁ ଏକ ଗୁରୁଗମ୍ଭୀର ଶବ୍ଦ ଶୁଣି ସେ ଚମକି ଉଠିଲେ ।

"ମେରୀ ! ତୁମେ ମୋ ସ୍ୱର ଚିହ୍ନି ପାରୁଛ ? ମୁଁ ପ୍ୟାଟ୍ରିକ୍ । ଖୁବ୍ ଶୀଘ୍ର ମୁଁ ତୁମକୁ ନେବାପାଇଁ ଆସିବି । ପ୍ରସ୍ତୁତ ଥିବ ।" ପରେ ପୁନଃ ସଂଗୀତ ଆରମ୍ଭ ହୋଇଗଲା । ମିସେସ୍ ହର୍ଟର୍ ସ୍ତବ୍ଧ ହୋଇଗଲେ । ଘଟଣାଟା ତାଙ୍କୁ ସ୍ୱପ୍ନ ଦେଖିଲା ପରି ମନେ ହେଲା ।

ବୋଧହୁଏ ଏହା ତାଙ୍କ ମୃତ୍ୟୁର ପୂର୍ବାଭାଷ ଥିଲା । ଘଟଣା ବିଷୟରେ ସେ କାହାକୁ କିଛି କହିଲେ ନାହିଁ । କିନ୍ତୁ ଦୁଇଦିନ ପର୍ଯ୍ୟନ୍ତ ଚିନ୍ତାଶୀଳ ହୋଇ ରହିଲେ । କିଛିଦିନ ପରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୁଣିଥରେ ସେହି ଶବ୍ଦ ତାଙ୍କୁ ବିବ୍ରତ କଲା । ମିସେସ୍ ହର୍ଟର୍ ହାତ ଘଣ୍ଟାକୁ ଦେଖିଲେ । ନା ଏଥର ସେ ସଂପୂର୍ଣ୍ଣ ଜାଗ୍ରତ ଅଛନ୍ତି । ତା'ହେଲେ କଣ ସତରେ ସେ ପ୍ୟାଟ୍ରିକ୍ ସହ କଥା ହୋଇଛନ୍ତି ?

ନିଜର ଘନିଷ୍ଠ ଚାକରାଣୀକୁ ଡକାଇ କହିଲେ, "ଏଲିଜାବେଥ୍ ! ମୁଁ ଯାହା କହିଥିଲି ତୋର ମନେ ଅଛି ତ ? ଆଲମାରୀର ସବୁଠୁ ଉପର ଥାକରେ ମୋ ଅନ୍ତିମ ସଂସ୍କାର ପାଇଁ ସବୁ ବସ୍ତୁ ଅଛି, ସେଥିରେ ତାଲା ଦିଆଯାଇଛି । ତାକୁ ଖୋଲିବାକୁ ହେବ ।"

ଏଲିଜାବେଥ୍ ମ୍ରିୟମାଣ ହୋଇ କହିଲା, "ମେଡ଼ମ୍, ଆପଣ ଏ କଣ କହୁଛନ୍ତି ? ମୁଁ ତ ଭାବୁଥିଲି ଆପଣ ପୂର୍ବାପେକ୍ଷା ବହୁତ ଭଲ ଅଛନ୍ତି ।"

"ଆମ ସମସ୍ତଙ୍କୁ ଦିନେ ଯିବାକୁ ହେବ । ତା'ଛଡ଼ା ମୋ ବୟସ ତ କିଛି କମ୍ ନୁହେଁ ।" ମିସେସ୍ ହର୍ଟର୍ କହିଲେ ।

ଏଲିଜାବେଥ୍ ମାଲିକାଣୀଙ୍କ ଆଦେଶରେ ଚୁପଚାପ ସେଠାରୁ ଯାଇ ଆଲମାରୀ ଖୋଲି କାଗଜପତ୍ର ତାଙ୍କ ପାଖରେ ଦେଇଗଲା । ମିସେସ୍ ହର୍ଟର୍ ଉଇଲ୍ ପେପରରେ ଏଲିଜାବେଥ୍ ପାଇଁ ୫୦ ଡଲାର୍ ଲେଖିଥିଲେ । ପୁଣି ସେ ଭାବିଲେ ସେ ବହୁ ଦିନରୁ ତାଙ୍କର ସେବାସୁଶ୍ରୁଷା କରୁଛି ୧୦୦ ଡଲାର୍ ମିଳିବା ଉଚିତ ।

ସେଇଦିନ ଦ୍ୱିପହର ଖାଇବା ସମୟରେ ଚାର୍ଲସର କଥା ତାଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଦେଲା, ଚାର୍ଲସ୍ ପଚାରୁଥାଏ, "ଆଣ୍ଟି ! ଉପର ରୁମ୍ କାନ୍ଥରେ ଟଙ୍ଗା ହୋଇଥିବା ଫଟୋ କାହାର ?"

"ସେ ତୋ ଅଙ୍କଲ୍ ପ୍ୟାଟ୍ରିକ୍‌ଙ୍କର ଫଟୋ ।" ମିସେସ୍ ହର୍ଟର୍ ଜବାବ ଦେଲେ ।

"ମୋତେ ଲାଗୁଛି, ଫଟୋରେ ଥିବା ବ୍ୟକ୍ତିଙ୍କୁ ଗତକାଲି ରାତିରେ କୋଣଘର ଝରକା

 Magazine Downloaded from www.aahwaan.com

ପାଖରେ ଦେଖିଛି ।” ଚାର୍ଲସ ଅସାମଞ୍ଜସ୍ୟ ଭାବେ କହିଲା ।

ମିସେସ୍ ହର୍ଟର୍ ବିସ୍ମିତ ହୋଇଗଲେ । ଚାର୍ଲସ ଯେଉଁ ଝରକା କଥା କହୁଛି ତାହା ତାଙ୍କ ସ୍ୱାମୀ ପ୍ୟାଟ୍ରିକଙ୍କର ଡ୍ରେସିଂ ରୁମ । ପୁଣି ସେହିଦିନ ସନ୍ଧ୍ୟାରେ ତାଙ୍କୁ ଏକ ସଂକେତ ମିଳିଲା, “ମେରୀ ତୁମେ ପ୍ରସ୍ତୁତ ଅଛ ତ ? ମୁଁ ଫ୍ରାଇଡ଼େ ରାତି ସାଢ଼େ ନ’ଟାରେ ଆସିବି, ତୁମେ ଆଦୌ ଭୟ କରନି । ପ୍ରସ୍ତୁତ ଥିବ ।”

ସଂକେତ ସରୁ ସରୁ ମିସେସ୍ ହର୍ଟରଙ୍କ ମୁଖମଣ୍ଡଳ ଧଳା ପଡ଼ିଯାଉଥାଏ । କିଛି ମାତ୍ରାରୁ ଅଧିକ ଭୟଭୀତ ହୋଇପଡ଼ିଲେ ସେ । ଟେବୁଲ୍ ନିକଟକୁ ଯାଇ ଏକ ନୋଟ୍ ଲେଖିଲେ । “ଆଜି ରାତି ନଅଟା ପନ୍ଦର ମିନିଟରେ ମୁଁ ମୋ ମୃତ ପତିଙ୍କ ଆବାଜ୍ ଶୁଣିଛି । ସେ ମୋତେ କହିଛନ୍ତି ଆସନ୍ତା ଫ୍ରାଇଡ଼େ ରାତି ସାଢ଼େ ନଅଟାରେ ମୋତେ ନେବାକୁ ଆସିବେ । ଯଦି ସେଦିନ ମୋର ମୃତ୍ୟୁ ହୋଇଯାଏ ତାହେଲେ ପ୍ରମାଣିତ ହୋଇଯିବ ଆତ୍ମାଙ୍କ ସହିତ ସଂପର୍କ ସ୍ଥାପିତ ହେବା ଅସମ୍ଭବ ନୁହେଁ ।

ମିସେସ୍ ହର୍ଟର୍ ନୋଟକୁ ଦୁଇଥର ପଢ଼ି ସାରିବାପରେ ଲଫାଫାରେ ରଖିଲେ ପୁଣି ଏଲିଜାବେଥକୁ ଡାକି କହିଲେ, “ଯଦି ଫ୍ରାଇଡ଼େ ରାତିରେ ମୋର ମୃତ୍ୟୁ ହୋଇଯାଏ, ତାହେଲେ ତୁ ଏ ଲଫାଫା ଡକ୍ଟର ମେନେଲ୍‌ଙ୍କୁ ଦେଇଦେବୁ ।”

ଫ୍ରାଇଡ଼େ ରାତି, ଘର ପୁରା ଶୁନଶାନ ଥାଏ । ମିସେସ୍ ହର୍ଟର୍ ପ୍ରତିଦିନ ପରି ଫାୟାର୍ ପ୍ଲେସ୍ ନିକଟରେ ଚେୟାର୍ ଉପରେ ବସିଥାନ୍ତି । ହାତରେ ଧରିଥିବା ବଡ଼ ଲଫାଫା ମଧ୍ୟରୁ ଏକ କାଗଜ ବାହାର କଲେ, ସେଇଟା ଉତ୍ତରାଧିକାରୀ ଉଇଲ୍ । ଯାହା ତାଙ୍କୁ ମିସେସ୍ ହାପକିନ୍‌ସନ୍ ପଠାଇଥିଲେ । ସମସ୍ତ ସମ୍ପତ୍ତିର ଉତ୍ତରାଧିକାରୀ ଚାର୍ଲସ ବୋଲି ଲିଖିତ ଭାବେ ଅଛି । ସେଥିରୁ ଶହେ ଡଲାର୍ ଏଲିଜାବେଥକୁ ଓ ନିଜର ଦୁଇ ଭଉଣୀଙ୍କୁ ୫୦ ଡଲାର୍

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲେଖାଏଁ ଉଲ୍ଲିଖିତ ହୋଇଛି ।

ହାତ ଘଡ଼ିକୁ ଥରେ ଦେଖିନେଲେ ସେ । ସାଢ଼େ ନଅଟା ବାଜିବାକୁ ୩ ମିନିଟ୍ ବାକି । ରେଡ଼ିଓରୁ ସଂଗୀତ ଶୁଭୁଥାଏ । ସମ୍ମୁଖରୁ କବାଟ ଖୋଲିବାର ଶବ୍ଦ ଶୁଣି ତାଙ୍କ ଶରୀର ଶୀତଳତାରେ କମ୍ପି ଉଠିଲା । ଠକ୍ ଠକ୍ ଠକ୍ ଶବ୍ଦ କରି ବାହାର ବାରଣ୍ଡାରେ ତାଙ୍କ ପାଖକୁ କେହି ଆସୁଥାଏ । ଅଜାଣତରେ ତାଙ୍କ ହାତରେ ଥିଲା ଉଇଲ୍ ପେପର୍ ଉଡ଼ିଯାଇ ଫାୟାର୍ ପ୍ଲେସରେ ପଡ଼ିଗଲା । ଦ୍ୱାରପାଖେ ଜଣାଶୁଣା ମୁହଁ ଦେଖି ତାଙ୍କ କଣ୍ଠରୁ ବାହାରି ଆସୁଥିବା ଚିତ୍କାର ଅଟକିଗଲା । ସେଇ ଚଟାଣରେ ତାଙ୍କ ନିର୍ଜୀବ ଶରୀର ଢଳିପଡ଼ିଲା ।

ଘଣ୍ଟାଏ ପରେ ଏଲିଜାବେଥ୍ ତାଙ୍କୁ ଦେଖି ଡା ମେନେଲ୍ ଓ ଚାର୍ଲସକୁ ଡକାଇଲା । ମିସେସ୍ ହର୍ଟର୍ ଲେଖିଯାଇଥିବା ନୋଟ୍ ଆଣି ଦେଖାଇଲା । ଡା ମେନେଲ୍ ନୋଟ୍ ପଢ଼ିସାରି ଚାର୍ଲସକୁ କହିଲେ, "ମୋତେ ଜଣାଯାଉଛି ତୁମ ଆଣ୍ଟି ନିଜ ସ୍ୱାମୀଙ୍କ ଆଗମନରେ ଭୟଭୀତ ହୋଇ ହାର୍ଟ୍ ଫେଲ୍ ହୋଇଛନ୍ତି । ତେବେ ଅସଲ କାହାଣୀ ପରୀକ୍ଷଣ ପରେ ଜଣା ପଡ଼ିବ ।"

ଦିନେ ମିଷ୍ଟର ହାପକିନ୍‌ସନ ଆସିଲେ । ଗତ ପଚିଶି ବର୍ଷଧରି ମିସେସ୍ ହର୍ଟରଙ୍କ ଆଇନଗତ ପରାମର୍ଶଦାତା ସେ । ସବିଶେଷ ଜାଣିବାପରେ ଚାର୍ଲସକୁ କହିଲେ, "ଦେଖନ୍ତୁ ମିଷ୍ଟର ଚାର୍ଲସ । ମୁଁ ଆପଣଙ୍କ ପତ୍ରର ଉଦ୍ଦେଶ୍ୟ ସବୁ ବୁଝୁଛି । ଆପଣ କଣ ଭାବୁଛନ୍ତି ମିସେସ୍ ହର୍ଟରଙ୍କ ଉତ୍ତରାଧିକାରୀ ସଂବନ୍ଧୀୟ କାଗଜପତ୍ର ମୋ ପାଖରେ ଅଛି ?"

- ଆଣ୍ଟି ତ ସେଇୟା କହିଥିଲେ ।

- ଏହା ସତ କାଗଜପତ୍ର ମୋ ପାଖରେ ହିଁ ଥିଲା...

- ଥିଲା... ମାନେ ?

- ପୁଣିଥରେ ତାକୁ ଦେଖିବାପାଇଁ ସେ ମଗାଇଥିଲେ, ଯାହା ମୁଁ ଗତ ମଙ୍ଗଳବାର ଦିନ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଠାଇଥିଲି ।

ମିଷ୍ଟର୍ ହାପ୍‌କିନ୍‌ସନଙ୍କ ମନ୍ତବ୍ୟରେ ଚାର୍ଲସ ଚିନ୍ତାଶୀଳ ହୋଇପଡ଼ିଲା ।

- ହୋଇପାରେ ସେ ତାଙ୍କ ନିଜ କାଗଜପତ୍ର ସହ ରଖିଥିବେ ।

ଚାର୍ଲସ ବହୁପୂର୍ବରୁ ଆଣ୍ଟିର ସମସ୍ତ କାଗଜପତ୍ର ତନ୍ନ ତନ୍ନ କରି ଦେଖି ସାରିଥାଏ । ଏକଥା ଶୁଣି ଧିରେ ଧିରେ ତା ଗଳା ଶୁଖି ଯାଉଥାଏ ।

- ଆଚ୍ଛା ମିସେସ୍ ହର୍ଟରଙ୍କ ନିଜସ୍ୱ ଜିନିଷକୁ କେହି କଣ ଖୋଜାଖୋଜି କରିଛି କି ?

- ହଁ,... ତାଙ୍କ ଚାକରାଣୀ ଏଲିଜାବେଥ୍ ।

ଏଲିଜାବେଥକୁ ଡକାଗଲା । ସେ କହିଲା, "ମାଲିକାଣୀ ସକାଳେ ସେଇ କାଗଜକୁ ଦେଖାଇଥିଲେ । ଯାହା ଏକ ନୀଳ ରଙ୍ଗର ଲଫାଫା ଭିତରେ ଥିଲା । ଏବେ ତା ତାଙ୍କ ରୁମର ଟେବୁଲ୍ ଉପରେ ଥୁଆ ହୋଇଛି ।

ସମସ୍ତେ ସେହି ରୁମକୁ ଗଲେ । ଟେବୁଲ୍ ଉପରେ ଥୁଆ ହୋଇଥିବା ନୀଳ ରଙ୍ଗର ଲଫାଫା ଖାଲିଥାଏ ।

ମିଷ୍ଟର ହାପକିନ୍‌ସନ ଏଲିଜାବେଥକୁ ପଚାରିଲେ, "ସେଦିନ କଣ ଫାୟାର୍ ପ୍ଲେସରେ ନିଆଁ ଜଳୁଥିଲା ?"

- ହଁ, ସେଥିରେ ସବୁବେଳେ ନିଆଁ ଜଳୁଥାଏ । ଏଲିଜାବେଥ୍ ଜଣାଇଲା ।

"ଆପଣ କଣ ଅନୁମାନ ଲଗାଇଲେ ?" ଚାର୍ଲସ ବ୍ୟଗ୍ର ବିବ୍ରତ ହୋଇ ପଚାରିଲା ।

- ଭରସା ରଖନ୍ତୁ । ଉତ୍ତରାଧିକାରୀ କାଗଜପତ୍ର ନିଶ୍ଚୟ ମିଳିବ । ଯଦି ନ ମିଳେ ତା ହେଲେ ଜାଣିବେ ଆପଣଙ୍କ ଆଣ୍ଟି ତାକୁ ନିଃଶେଷ କରିବାପାଇଁ ମଗାଇଥିଲେ ।

ଚାର୍ଲସ୍ ମନେ ମନେ ଭାବୁଥାଏ ସେଦିନ ରାତିରେ ଆଣ୍ଟିର ହାର୍ଟ୍ ଫେଲ୍ ପୂର୍ବରୁ ନିଜ

 Magazine Downloaded from www.aahwaan.com

ଛାତିକୁ ହାତରେ ଦାବିବା ବେଳେ ତାଙ୍କ ହାତରୁ କାଗଜ ଉଡ଼ିଯାଇ ଫାୟାର୍ ପ୍ଲେସରେ ପଡ଼ିଯାଇଥିବ । ହଠାତ୍ ତା ମୁଣ୍ଡ ଘୁରାଇ ଦେଲା । ବେହୋସ୍ ଅବସ୍ଥାରେ ଓକିଲ ହାପକିନସନ୍‌ଙ୍କୁ ପଚାରିଲା, "ଯଦି ସେହି କାଗଜ ନ ମିଳେ ?"

- ତା ହେଲେ ପୁରୁଣା ଉଇଲ୍ ଅନୁସାରେ ତାଙ୍କ ଝିଆରୀ ମରିୟମ୍ ହର୍ଟର ଉତ୍ତରାଧିକାରୀ ହେବେ ।

ଟେଲିଫୋନ୍ ଘଣ୍ଟି ଖୁବ୍ ଜୋରରେ ବାଜି ଉଠିଲା । ଡାକ୍ତର୍ ମେନେଲ୍ ସେପାଖରୁ କହୁଥାନ୍ତି, "ଏବେ ଏବେ ପୋଷ୍ଟମର୍ଟମ୍ ରିପୋର୍ଟ୍ ଆସିଲା, ଆପଣଙ୍କ ଆଣ୍ଟିଙ୍କର ହୃଦୟ ଅତି ସେନ୍‌ସିଟିଭ୍ ଥିଲା, ବହୁତ୍ ସେବାସୁଶ୍ରୁଷା ପରେ ବି ସେ ମାତ୍ର ଆଉ ଦୁଇ ମାସ ଜୀବିତ ରହିଥାନ୍ତେ ।"

ଚାର୍ଲସ୍ ଚିନ୍ତାଶୀଳ ଭାବେ ରିସିଭର୍ କ୍ରେଡାଲ୍ ଉପରେ ରଖିଲା, ଓକିଲ୍ ତାକୁ ପଚାରୁଥାନ୍ତି, "ଆପଣଙ୍କ ଦେହ ଖରାପ ହୋଇଗଲା ନା କଣ ?"

ସେତେବେଳେ ଚାର୍ଲସ୍‌କୁ କେବଳ ଜେଲର ଅନ୍ଧାର କୋଠରୀ ଦେଖାଯାଉଥାଏ ।

ଭ୍ରାମ୍ୟଭାଷ : ୯୬୮୧୩୭୩୫୦୨

ଇମେଲ୍ : s.dwibedy@rediffmail.com

 Magazine Downloaded from www.aahwaan.com

# ଆଲୋକର ଉତ୍ସ



ମିନାକ୍ଷୀ ପଟ୍ଟନାୟକ

ଦୀନାନାଥ ବାବୁଙ୍କ ଘର ଆଜି ଉତ୍ସବମୁଖର, ସାହି ପଡ଼ିଶା, ବନ୍ଧୁବାନ୍ଧବଙ୍କ ଦ୍ୱାରା ଘର ପରିପୂର୍ଣ୍ଣ । ବହୁବର୍ଷ ପରେ ଦୀନାନାଥ ବାବୁଙ୍କ ପତ୍ନୀ କାମିନୀ ଦେବୀଙ୍କ କୋଳ ମଣ୍ଡନ କରିଛି ପୁତ୍ର ସନ୍ତାନଟିଏ । ଦୀନାନାଥ ବାବୁଙ୍କର ଜମିଦାର ଘର କିନ୍ତୁ ବହୁବର୍ଷ ଧରି ସେ ବାପା ହେବାର ଅଧିକାରରୁ ବଞ୍ଚିତ ଥିଲେ । ସେଥିପାଇଁ ସେ ତାଙ୍କର ଏକମାତ୍ର ପୁତ୍ରର ନାମ ରଖିଥିଲେ ନନ୍ଦଲାଲ । ଘରେ ତାଙ୍କର ଚାକର, ହଳିଆ, ମୁଲିଆ ସବୁ ଥାଆନ୍ତି । ବର୍ଷସାରା ଚାଷକାମ ଲାଗିରହେ, ସେଥିରୁ ଯାହା ଆୟ ହୁଏ ସେଥିରେ ଆରାମରେ ଚଳିଯାଆନ୍ତି । କିନ୍ତୁ ଦୀନାନାଥ ବାବୁଙ୍କର ଇଚ୍ଛା ତାଙ୍କର ପୁଅ ଭଲ ପାଠପଢୁ, ବଡ଼ ଚାକିରୀ କରୁ । କାଳକ୍ରମେ ଗେଲବସରରେ ପିଲାଟି ବଡ଼ ହେବାକୁ ଲାଗିଲା । ମ୍ୟାଟ୍ରିକ୍ ପାସ କରି ସାରିବା ପରେ ଦୀନାନାଥ ବାବୁ ତାକୁ ସହରକୁ ପାଠ ପଢ଼ିବା ପାଇଁ ପଠାଇଦେଲେ । ଘରେ ତାଙ୍କର ମୁରଲୀ ବୋଲି ଜଣେ ହଳିଆ ରହୁଥାଏ, ତା'ର ଗୋଟିଏ ପୁଅ ଥାଏ । ତାର ନାମ ରାଜୁ । ଥରେ ଦୀନାନାଥ ବାବୁ ହିସାବ କରୁଥିବା ବେଳେ ରାଜୁ ସେଠାକୁ ଦଉଡ଼ି ଆସି ସବୁ ହିସାବ ଠିକ୍ ଠିକ୍ କରି କହିଦେଇଥିଲା । ଦୀନାନାଥ ବାବୁ ତାର ଧୀଶକ୍ତିକୁ ଦେଖି ଆଶ୍ଚର୍ଯ୍ୟ ହେଲେ । ସେ ସଙ୍ଗେ ସଙ୍ଗେ ରାଜୁକୁ ସ୍କୁଲକୁ ପଠାଇବା ପାଇଁ ମୁରଲୀକୁ କହିଲେ ଓ ସେ ନିଜେ ସବୁଖର୍ଚ୍ଚ ବହନ କରିବେ ବୋଲି ମଧ୍ୟ କଥା ହେଲେ । କାଳକ୍ରମେ ସମୟ ଅତିବାହିତ ହେବାକୁ ଲାଗିଲା । ନନ୍ଦଲାଲ ସହରରେ ଉଚ୍ଚଶିକ୍ଷା ସମାପ୍ତ କରି ଅଧ୍ୟାପକ ଚାକିରୀରେ ଯୋଗ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଲା । ତାକୁ ସେଠାରେ ଭଲ କ୍ୱାର୍ଟର ମଧ୍ୟ ମିଳିଲା । ସେଠାରେ ସେ ଏକ ସହରୀ ଝିଅକୁ ବାହା ହୋଇପଡ଼ିଲା । ବୟସାଧିକ୍ୟ ଯୋଗୁଁ ଦୀନାନାଥ ବାବୁଙ୍କର ଦେହ ଖରାପ ହେବାକୁ ଲାଗିଲା । ସେ ସ୍ଥିର କଲେ ସେ ପୁଅ ପାଖରେ ଯାଇ ରହିବେ । ନନ୍ଦଲାଲ ମଧ୍ୟ ଘରକୁ ଆସି ବାପାମା'ଙ୍କୁ ନିଜ ପାଖକୁ ନେଇଗଲା । କିଛିଦିନ ସ୍ୱାମୀସ୍ତ୍ରୀ ବାପାମା'ଙ୍କର ସେବାସୁଶ୍ରୁଷା କଲେ । ଏହାପରେ ଦୀନାନାଥ ବାବୁଙ୍କର ଦେହ ବେଶୀ ଖରାପ ହେବାକୁ ଲାଗିଲା । ଦେହରୁ ପୂଜପାଣି ବାହାରିଲା । ସବୁବେଳେ କାଶ ହେବାରୁ ଛେପ, ଖଙ୍କାର ଚାରିଆଡ଼େ ପକାଇଲେ । ଏହା ପୁଅବୋହୁଙ୍କୁ ଭଲ ଲାଗିଲା ନାହିଁ । ବାପା ଆମେ ତମକୁ ଭଲ ଡାକ୍ତର ଦେଖାଇବୁ କହି ତାଙ୍କୁ ନିଜର ଘର ପଛପଟେ ଥିବା ସର୍ଭାଣ୍ଟ କ୍ୱାର୍ଟରକୁ ପଠାଇ ଦେଲେ । ପିଉନ୍ ହାତରେ ଖାଇବାକୁ ପଠାଇଲେ । ପୁଅବୋହୁ ଆଉ ଦେଖାଦେଲେ ନାହିଁ । ତାଙ୍କର ଏକମାତ୍ର ନାତିକୁ ମଧ୍ୟ ତାଙ୍କ ପାଖକୁ ଛାଡ଼ିଲେ ନାହିଁ । ଏସବୁ ଆଖିରେ ଦେଖି ଦୀନାନାଥ ବାବୁଙ୍କର ମନ ବହୁତ କଷ୍ଟ ହେଲା । ସେ ଗାଁକୁ ବାହୁଡ଼ିଯିବେ ବୋଲି ସ୍ଥିର କଲେ । ଏହି ସମୟରେ ରାଜୁ ତାଙ୍କୁ ଖୋଜି ଖୋଜି ସେଠାରେ ପହଞ୍ଚିଲା । ଦୀନାନାଥ ବାବୁଙ୍କର ଏପରି ଅବସ୍ଥା ଦେଖି ବହୁତ କାନ୍ଦିଲା । ରାଜୁ ସାଙ୍ଗରେ ସେମାନେ ନିଜ ଜନ୍ମଭୂମିକୁ ଫେରି ଆସିଲେ । ରାଜୁ ଓ ତା ବାପା ମିଶି ଦୀନାନାଥ ବାବୁଙ୍କର ବହୁତ ଯତ୍ନ ନେଲେ । ଧିରେ ଧିରେ ଦୀନାନାଥ ବାବୁ ସୁସ୍ଥ ହେବାକୁ ଲାଗିଲେ । ତା'ପରେ ସେ ସ୍ଥିର କଲେ ସେ ଆଉ କୁଆଡ଼େ ଯିବେ ନାହିଁ । ନିଜ ରକ୍ତର ପୁଅ ପଚାରିଲା ନାହିଁ । ହେଲେ ପାଳିତ ପୁଅ ନିଜ ପୁଅଠୁ ଅଧିକ ଯତ୍ନସେବା କରିଲା, ତେଣୁ ସେ ଦୃଢ଼ ନିଷ୍ପତ୍ତି ନେଲେ । ତାଙ୍କର ଜମାଥିବା ପୁଞ୍ଜିଧନ ସବୁ ଖର୍ଚ୍ଚକରି ସେ ଏକ ଅନାଥାଶ୍ରମ ଗଠନ କଲେ ଓ ଅନାଥ ପିଲାମାନଙ୍କ ସହ ତାଙ୍କର ବାକି ଜୀବନ ହସଖୁସିରେ ଅତିବାହିତ କଲେ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କବିତା ବିଭାଗ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମନ ଓ ବିବେକ



ବିଜୟ କୁମାର ପଣ୍ଡା

ଆଜିବି ସେମିତି ଚିତ୍କାର .. ! !

ସବୁଦିନ ପରି ଭିନ୍ନମତ,

ମନ ଆଉ ବିବେକ ଭିତରେ । ।

ମନ ଟିକେ ବସ୍ତୁବାଦୀ, ଆଉ ବିବେକ .. !

ଭାରି ଗମ୍ଭୀର, କଠୋର, ବାସ୍ତବବାଦୀ ।

ମନ ଚାହେଁ ଉଡ଼ିବାକୁ

ହୋଇ ମୁକ୍ତ ବିହଙ୍ଗ, ଫଗୁଣକୁ ମାଗେ ରଙ୍ଗ

ବିବେକ ପ୍ରତିଟି ଭାବନରେ

ଲଗାମ ଲଗାଏ, ଟାଣି ଆଣେ,

ଆକାଶର ଉଚ୍ଚତାରୁ, ପୃଥିବୀ କୋଳକୁ,

ଆଉ ଚେତେଇ ଦିଏ.

ତୁ ପରା ଏଇ ମାଟିର ମଣିଷ.. ! !

ସମ୍ପାଦକ, କନକପ୍ରଭା, ବାଙ୍ଗାଲୋର

ଗ୍ରାମ - ସବଙ୍ଗ, ପୋଷ୍ଟ: ମହମ୍ମଦପୁର,

ଥାନା: ସିମୁଳିଆ, ଜିଲ୍ଲା - ବାଲେଶ୍ୱର

ପିନ: ୭୫୬୧୨୬, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କହରେ କାଳିଆ କହ



ପ୍ରଣତି ମହାପାତ୍ର

ଏ ଜଗତ ସତ୍ୟ ଚନ୍ଦ୍ର ସୂର୍ଯ୍ୟ ସତ୍ୟ
ଅନ୍ଧାର ଆଲୋକ ସତ୍ୟ,
ଦିବସ ରଜନୀ ପୁଣି ଜନ୍ମ ମୃତ୍ୟୁ
ଜୀବନଧାରଣ ସତ୍ୟ ।
ସତ୍ୟ ସଂସାରରେ ନେତ୍ରଯାହାଦେଖେ
ନୁହଁଇ କେବେ ଅସତ୍ୟ,
ତୋ ଅସ୍ତିତ୍ୱ କେବେ ପାଇନାହିଁ ସତ
ତଥାପି ତୁ ମୋ ପାଇଁ ସତ୍ୟ ।
ତୁ ଏ ଜଗତର ସତ୍ୟ ସନାତନ
ଦାରୁବ୍ରହ୍ମେ ଜଗନ୍ନାଥ,
ବ୍ରହ୍ମ ସଂସ୍ଥାପନେ ହେଉ ତୁ ଜୀବନ୍ତ
ତୁ ପରା ତ୍ରୈଲୋକ୍ୟନାଥ ।
ବିଶ୍ୱାସରେ କାଳେ ତୁହି ମିଳିଥାଉ
ତର୍କେ ଯାଉ ବହୁଦୂର,
ତର୍କଠାରୁ ବହୁଦୂରେ ମୁଁ କାଳିଆ
ତୁ କାହିଁ ହେଉ ଅନ୍ତର ।

ଭାବର ଠାକୁର ଭାବ ବିନୋଦିଆ
ବସିଛୁ ବଡ ଦେଉଳେ,
ପଲକ ପଡେନି ତୋ ଚକାନୟନେ
ସବୁ ଦେଖୁ ଶୁଣୁ କାଳେ ।
ତୋ ବଡ଼ ଦେଉଳେ, ବଡ଼ଦାଣ୍ଡେ ପୁଣି
ତୋର ଆନନ୍ଦ ବଜାରେ,
ଏମିତି ଅନ୍ୟାୟ ଅନୀତି ଦୁର୍ନୀତି
ହେଉଛି କାହିଁ କହ ରେ ।
ନ୍ୟାୟଧୀଶ କାଳେ ଉଚିତ୍ ଶାସନ
କରୁ ତୋର ଦରବାରେ,
ଭୋକ ଉପବାସେ ରଖୁଛନ୍ତି ତୋତେ
କେମିତି ତୁ ସହୁଛୁରେ ।
କହରେ କାଳିଆ କହ

ଫକୀରମୋହନ ନଗର, ବାଲେଶ୍ୱର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପାପପୂଣ୍ୟର ହିସାବ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

କେତେ ଆଉ କରିବ
ମୋ ପାପ ପୂଣ୍ୟର ହିସାବ ?
ମୁଁ କି ମଣିଷ ନୁହେଁ ତୁମ ଭଳି !
ଅନ୍ଧ ନୁହେଁ କି, ଭୟରେ,
ସ୍ନେହରେ ହେଉ ଅବା ଶ୍ରଦ୍ଧା ସମ୍ମାନରେ
ସେଇ ବଡ଼ଦାଣ୍ଡରେ ତ ଗଡ଼ିବ ଆମ ଆତ୍ମା
ତା ପାଦତଳେ ମୋକ୍ଷ ପାଇବାର ମୋହ
ତା ଚକ୍ଷୁ ଦର୍ଶନରେ ଝରାଇ ଯେ ଲୁହ
କେତେ ପାତକ କୁ ଧୋଇବାକୁ
କରିଛି ମୁଁ ଆଶା !
କହିବି ଆଉ ବା କଣ
କହିବାକୁ ପାଉନି ମୁଁ ଭାଷା...
ମୁଁ ମଧ୍ୟ ପାପୀଟିଏ
ଠିକ୍ ତୁମପରି
ଅନ୍ଧ ହୋଇ ଦ୍ୱନ୍ଦରେ ଛନ୍ଦିଛି
ମୋ ବୁଦ୍ଧିମତାକୁ ବନ୍ଧା ମୁଁ ରଖିଛି
ଦେଖୁଛି, ଚିହ୍ନୁଛି, ଜାଣୁଛି
ହେଲେ ସବୁ କିଛି
କାହିଁକି କେଜାଣି ମୋତେ ଆଜି
ଅଜଣା ଲାଗୁଛି ! ! !
ଶିଙ୍କୁଳି ଫିଟାଇ ଦିଅ, ମୋତେ ତୁମେ
ଦିଅ ମୁକ୍ତି ଏବେ,
ପଙ୍ଗୁ କରି, କରିଦେଇଛ ଅଥର୍ବ
ମନରେ ଭରିଦେଇଛ ଅଜସ୍ର ମୋ ଗର୍ବ
ସେ ସବୁ କଥା ପୁଣି ଆଉ କେବେ
କରିବା ବସି ମୋ ପାପପୂଣ୍ୟର ହିସାବ ।

ବ୍ରହ୍ମପୁର, ୭୦୦୮୫୬୭୦୮୫

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଯେମିତି ବୁଝୁଛ ବୁଝ



ରାଧାକୃଷ୍ଣ ଦଳେଇ

ନିହଣ ମୁହଁ ବାଜି ଭଗବାନ ସାଜିଥିବା
ପଥରକୁ କେତେ ଫୁଲ ଫଳ ଧୂପ କିନ୍ତୁ
ନିହଣଧାରୀ.. ପରିଚୟହୀନ
ଅଥଚ ବ୍ୟସ୍ତ ନୂଆଁ ନୂଆଁ ଭଗବାନ ସୃଷ୍ଟିରେ
ମାୟା କୁ ବୁଝିବ ଅବା କିଏ ?

ଭାବନା ପ୍ରଶସ୍ତ କରି
ଗାନ୍ଧୀ ଗୋପବନ୍ଧୁ ହେବାକୁ ଇଜ୍ଜତ ବାଧାଦିଏ
ଇଶ୍ୱର ପ୍ରଦତ୍ତ ସୃଷ୍ଟିରେ ଖୁଣ ଖୋଜି ଆସେ
ତୁମେ ତ ବ୍ରହ୍ମା ନୁହଁ ଯେ
ସବୁ ତୁମ ଅନୁସାରେ ହେବ ?
ନିଜଠେ ମଇଳା ଥାଇ
ଅନ୍ୟଠେ ଶୁଦ୍ଧତା ଖୋଜିବ
ଭିକାରୀକୁ ଦାନ ନଦେଇ ଉପହାସ ଉପଦେଶ ଦେବ
ଚିତ୍ର ଭିତରର ଚରିତ୍ର ଚିହ୍ନନ ବୋଲି
ବୋଲିଦେବ କାହାମୁଣ୍ଡେ ମେଞ୍ଚାଏ ଅଠା,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କ୍ରୋଧକୁ ଆଭୂଷଣ କରି
ମୁଣ୍ଡରେ ପିନ୍ଧିବ ଭଳିକି ଭଳି
ସାମ୍ନାବାଲା ପ୍ରଭୁତା ସ୍ୱୀକାରିଲେ
ଛାତି ଫୁଲେଇ ବାହାବା ନେବ,

କଠୋର ସତ୍ୟ ଛାତିରେ ଗଳିବନି
ମିଛ ପ୍ରଶଂସାରେ ମନଖୋଲି ହସିବ
ପରଖି ଆସିବନି
ସେ ଅନୁସରଣକାରୀ ନା ବିନାଶକାରୀ,

ଭାଷଣ ଦେଉଥିବ ଲମ୍ବା ଲମ୍ବା
ପଡୋଶୀ ସମସ୍ୟା ପ୍ରତି ଅଙ୍କ ଥିବ
ଚେଷ୍ଟା ଖାଲି ନିଜକୁ ସତ୍ୟ ପ୍ରମାଣିତ କରିବାରେ
ଆକର୍ଷଣର କେନ୍ଦ୍ରବିନ୍ଦୁ ହେବାକୁ ଇଚ୍ଛା
ତାଳିରେ ହେଉ ଅବା ଗାଳିରେ,

ପୂର୍ବ ପୁରୁଷ ସବୁ ରହିଗଲେ
ଭାଗବତ ଟୁଙ୍ଗୀ ଆଉ ପାଠାଗାରେ
ଜ୍ଞାନ ଭାସୁଛି ଶୁଣା କଥାରେ
କିଛି ତ ନେଇକି ଆସିନଥିଲ
ଯେଉଁ ମାଙ୍କଡକୁ ସେଇ ମାଙ୍କଡ ହୋଇ ରହିଗଲ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରେମକଳି



ଡଃ ଆଲୋକ
କୁମାର ରାୟ

କବିର ହୃଦୟେ ବାସକରେ ପ୍ରୀତିର ଚଢେଇ

ମିଠା ମିଠା କଥା ତା ମନରେ ଆଶା ଦିଏ ଜଗାଇ

ତା ଚଂଚୁରେ ଭରିଦିଏ ସୁଆଦ ଅଶେଷ

ଡେଣା ଝାଡ଼ି ଉଡ଼ିବୁଲେ ସେ ଆଶାର ଆକାଶ

ଭଲପାଏ ସେ ଶାଗୁଆ ବଣ, କୁକୁକୁଳୁ ଝରଣା

ପୃଥିବୀ ଯାକ ଖୋଜେ ସିଏ ଅନୁକୂଳ ଠିକଣା

ଅନୁରୂପ ସାହଚର୍ଯ୍ୟ ନପାଇ କେବେ ପୁଣି ଭାଙ୍ଗିପଡ଼େ

କଳିକରେ, ମୁହଁ ମୋଡେ, ଲାଜରେ ଝାଉଁଳି ଗଡେ

କଥା ନକହିବାକୁ ଗଣି ଗଣି ଶହେବାର ରାଣ ଖାଏ

ହାଏରେ ବିଧାତା ! କାନିରେ ଗଣ୍ଠିଦେଇ ରଖିବ ସେ ସିଏ

ପ୍ରେମରେ ହାରଜିତ, ମାନ ଅଭିମାନ ପାଣିର ଫୋଟକା

ସକାଳ କଜିଆ ସଞ୍ଜକୁ ନଥାଏ, ପ୍ରେମପକ୍ଷୀ ଖାଆନା ତୁ ଧୋକା ! !

ଯାଜପୁର, ଓଡ଼ିଶା

ମୋ: ୯୪୩୭୦୬୮୦୦୩

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରାପ୍ତି



ଚିନ୍ମୟ ବାରିକ

ମୁଁ ବା କେମିତି ଜାଣିଥାନ୍ତି
ସ୍ୱପ୍ନର କାଚଗ୍ଲାସ ପଡୁପଡୁ ଭାଙ୍ଗିଯାଏ ବୋଲି,
ପରିପକ୍ୱ ଆଖି ହଳକ ପାଖରେ
ମୋ ଦୀର୍ଘତମ ଛାଇକୁ କାଟି ତା ମୁନିଆ ନଖରେ ।।

ଚାହାଣୀକୁ ପଙ୍ଖ ସଜାଇ କେତେଦିନ କାନ୍ଧରେ
ପାଣି ମାଠିଆ ଧରି ଧାଇଁବି ଶାଳଗ୍ରାମ ଆଡକୁ...
ଏରୁଣ୍ଡିବନ୍ଧକୁ ଝୁଣ୍ଟି, ଅଦିନ କୁହୁଡ଼ିରେ ଆଖି ପତାକୁ
ଭିଜେଇ, ମାଟି କାନ୍ଥକୁ ଆଉଁସି ଝାପ୍ସାଝାପ୍ସା ଛାଇ ଆଲୁଅରେ ।।

ସମଗ୍ର ଆକାଶର ଶୂନ୍ୟ ପଣକୁ କେମିତି ମୁଁ
ବରଣ କରୁଥାଏ ମୋ ନିଜ ଭିତରେ,
ଆଇନା ଆଗରେ ମୁହଁକୁ ଥାପି
ପ୍ରେମର ନକ୍ସା କୁ ଗଙ୍ଗାଠୁ ଗୋଦାବରି ଯାଏ ଆଙ୍କି,
ଗ୍ଲାନିପଣରେ ନିଃଶ୍ୱାସକୁ ଫୁଙ୍କି ।।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେହିକେବେ ଥରୁଟିଏ ବି ବୁଝି ପାରିଲେ ନାହିଁ
ବିଶ୍ୱାସରେ କେମିତି ମୁଁ ଲୋଡୁଥାଏ
ତୁମ ନିଃଶ୍ୱାସର କତାରତାକୁ ଉଛୁଳୁଥିବା କୋହକୁ,
ଛାତିରେ ଧରି, ସବୁ ଅପ୍ରାପ୍ତି ପଣକୁ ପ୍ରାପ୍ତି ସଜେଇ... !
ସରୁ ନଈର ଜୁଆରରେ ନୌକା ବୋହି,
ଥଳ ଠୁ କୂଳ ଯାଏ ଅବା ଆକାଶ ଠୁ ଆକାର ଯାଏ । ।

ଜାଣେନାହିଁ ସବୁ ଅକ୍ଷମ ଅସାମର୍ଥ୍ୟପଣକୁ
କେମିତି ମୁଁ ଅନ୍ତରର ଆନୁରକ୍ତିରେ ଗୃହିତ କରିବି,
ଆଞ୍ଜୁଳିରେ ଅରୁଆ ଚାଉଳ ଧରି, ଦୂବକୁ ସାକ୍ଷୀ ରଖି
ଦେବତାର ଗୃହରେ, ପ୍ରେମର ପୂର୍ଣ୍ଣତାକୁ ପାଇବାପାଇଁ,
ତୁମ ମୁଖରତାର ମୁଖଶାଳ ପାଖରେ ଚିତ୍ରନଟି ସାଜି । ।

କିଏ ଜାଣେ ! ପ୍ରାପ୍ତିର ମାର୍ଗ କେବେ ସରେ
ଗଛର କୋରଡରେ ନା ଆକାଶର ବ୍ୟାପ୍ତ ନିଳିମାରେ । ।

ବ୍ରାହ୍ମଣଡ଼ିହି, ବାଲିକୁଦା, ଜଗତସିଂହପୁର ।
ଦୂରଭାଷା-୭୩୭୦୩୫୨୦୮୪ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅକ୍ଷ କବଚ



ସୁପ୍ରିୟା ମିଶ୍ର

ଦକ୍ଷିଣ କାଳୀ ମା ଦୟାସାଗରୀ
ଦର୍ଶନ ଦିଅ ମୋତେ
ଦୁର୍ଭାଗ୍ୟ ତୋତେ ସମର୍ପି ଦେଲି
ଚାରୁ ଚରଣ ବ୍ରତେ ।
କ୍ଷିଣ ମୋ ଅଙ୍ଗ ଶିରୀ ତଥାପି
ଆୟୁଷ ସରେ ନାହିଁ
କ୍ଷୀର ମାଗିଲି ଖୁର ଚାଳିଲୁ
କି ଅପରାଧ ପାଇଁ ।
ନଇଁଲା ମଥା ଝରିଲା ଲୁହ
ଆଉଁସି ଦେ ତୋ ହାତେ ।

କାଳେ କାଳେ ମା କା ରୂପରେ
ଅଭୟ ଯାଚି ଦେଉ
କାଳକୁ ଜିଣି କୁମରର ତୁ
ଅକ୍ଷ କବଚ ହେଉ ।
ଲୀଳାମୟୀ ମା ଲଲାଟ ଦୁଃଖ
ପୋଛୁ ବାତ୍ସଲ୍ୟ ଚିତ୍ତେ ।
ମା ମା ମୁଁ ଡାକୁଛି କେତେ
ସିଂହ ଦୁଆରେ ତୋର
କୃପା ଝରଣା ଝରେଇ ଦେ ମା
ଉଡୁଛି ହଂସା ମୋର ।
ସାହା ନ ହେଲେ ମା ବୋଲିକେ
ଡାକିବ ଆଉ ତୋତେ ।

ଶ୍ୟାମପୁର, ତୁଳସୀପୁର, ଯାଜପୁର
୮୩୪୨୦୩୪୯୯୫

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅମୃତର ଅନ୍ୱେଷଣ



ଅମ୍ବିକା ସ୍ୱାଇଁ

ରାତ୍ରିର ନିସ୍ତବ୍ଧତା

ଆଖିରେ ଆଖିଏ ସ୍ୱପ୍ନ

ମନରେ ଅସରନ୍ତି ଭାବନା

ମନକୁ ଖିନ୍ ଭିନ୍ କରୁଛି

ଯନ୍ତ୍ରଣା ଜର୍ଜରିତ ମନ

ଆଖିର ନିଦକୁ ପ୍ରତିହତ କରୁଛି

ଚକ୍ଷୁ ପଲକ ପଡୁନି.....

ବାର୍ ବାର୍ ଚକ୍ଷୁ ସାମନାରେ ଉତୁରି ଆସୁଛି

ସେହି ଦିନ ଦ୍ୱିପ୍ରହରର ଘଟଣା

ଓଃ.... ଖିନ ଭିଁନ୍ କରି ଦେଉଚି ମନ

ଏହି ଯନ୍ତ୍ରଣା ଜର୍ଜରିତ ମନ କାନଭାସ୍ ରୁ

ଆଙ୍କି ଦେବାକୁ ଇଚ୍ଛା ହେଉଛି

ସେହି ତୃର୍ଷାର୍ତ୍ତ, କ୍ଷୁଧାର୍ତ୍ତ ମାନଙ୍କ

ଜୀବନ କାହାଣୀର ମନ୍ତ୍ର....

ମନରେ ଅନେକ ପ୍ରଶ୍ନ..... ?

ସତରେ ଏ ଲଙ୍ଗଳା, ଫୁଙ୍ଗୁଳା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନର କଙ୍କାଳ ଦେହଧାରୀ କୁନି କଳିକାମାନେ

କଣ୍ ଆମ ସମାଜର ଭବିଷ୍ୟତ ?

ତାଙ୍କ ଭବିଷ୍ୟତ କଣ୍ ସେହି କୁଢ଼, କୁଢ଼

ଆଇଁଠା ଗଦାର ଜରି ମୁଣି ଭିତରେ.... ?

ପ୍ରଶ୍ନ ପରେ ପ୍ରଶ୍ନ ମନକୁ ଇତଃସ୍ତତ କରୁଛି

ବାର୍ ବାର୍ ହୃଦୟକୁ ଆନ୍ଦୋଳିତ କରୁଛି

ଆଖି ସାମ୍ନାରେ କେବଳ ଦୃଶ୍ୟମାନ ହେଉଛି

ଆଜି ଦିନ ଦୁଇ ପ୍ରହରର ଘଟଣା ! ! !

ସେ କୁନି କଳିକାମାନଙ୍କ ଭିତରେ ଲାଗିଥିବା

ଲଢେଇ, ଝଗଡ଼ା, ଟଣା ଓଟରା......

ସତେ କି ! ସେ ଅଇଁଠା ଗଦାର ଜରି ମୁଣି ଭିତରେ

ଭରି ରହିଛି ବହୁ ମୂଲ୍ୟବାନ ଅମୂଲ୍ୟ ରତ୍ନ...

ସେହି ଅଇଁଠା ଗଦା ଭିତରେ ପଡିଥିବା ଟୁକୁଡା

ରୁଟିଖଣ୍ଡ ଓ ମାଉଁସକଣ୍ଟା ଭିତରେ ଯେମିତି ଦୃଶ୍ୟମାନ ହେଉଛି ସେ କୁନିକଳିକାଙ୍କ ଭବିଷ୍ୟତ

ସେହି ପଚା ବାସି ଆଇଁଠା ଅଳିଆ ଗଦା ଭିତରୁ

ସେମାନେ ଯେମିତି କରୁଛନ୍ତି ଅମୃତର ଅନ୍ୱେଷଣ ?

ଓଃ ସତରେ ଏହାର କଣ୍ ଅନ୍ତ ନାହିଁ ? ! ! ! ! !

ଭୁବନେଶ୍ୱର, ମୋ: ୯୭୭୭୫୯୯୬୯୫

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଛୋଟ ଛୋଟ



ଅଜୟ କୁମାର ବେହେରା

ଛୋଟ ଛୋଟ କେତେ କଥାରେ
ମନ ପରା କିଣା ହୁଏ ରେ
ଛୋଟ ଛୋଟ ଦୁଇ ଆଖିରେ
ଦୁନିଆକୁ ଦେଖି ହୁଏ ରେ...(୧)

ଛୋଟ ଛୋଟ ଚାରା ଗଛରେ
ଜଙ୍ଗଲ ଯେ ଗଢା ହୁଏ ରେ
ଛୋଟ ଛୋଟ ଦୁଇ ପାଦରେ
ବହୁ ଦୂର ଯାଇ ହୁଏ ରେ...(୨)

ଛୋଟ ଛୋଟ କେତେ ବର୍ଣ୍ଣରେ
ଲେଖା ହୁଏ ପରା ବହି ରେ
ଛୋଟ ଛୋଟ କେତେ କାମରେ
ନାଆଁ କରୁ ଦିନେ ସେଥିରେ...(୩)

ଛୋଟ ଛୋଟ କୁନି ହାତ ରେ
ଲେଖୁ ଆମେ କେତେ କଥାରେ
ଛୋଟ ଛୋଟ ଦୁଇ କାନରେ
ଶୁଣୁ ଯେତେ ଭଲ କଥାରେ...(୪)

ଛୋଟ ଛୋଟ ଭୁଲ ପାଇଁରେ
ଭୋଗୁ ଆମେ କେତେ ଦୁଃଖରେ
ଛୋଟ ଛୋଟ ମହୁ ଫେଣାରେ
ମହୁ ଲାଗେ ଜନ ହିତରେ...(୫)

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଛୋଟ ଛୋଟ ଫୁଲ ଦେହରେ

ସୁବାସ ମହକି ଥାଏରେ

ଛୋଟ ଛୋଟ ପକ୍ଷୀ ରାବରେ

ନିଦ ଆମ ଭାଙ୍ଗି ଯାଏରେ...(୨)

ଛୋଟ ଛୋଟ ରାଗରୁଷାରେ

ଘର ପରା ଭାଙ୍ଗି ଯାଏରେ

ଛୋଟଛୋଟ ଗୋଡ଼ି ମାଟି ରେ

ଖାଲ ଢ଼ିପ ବୁଜା ହୁଏ ରେ....(୨)

ଅଜୟ କୁମାର ବେହେରା

ମୋରଡ଼ା,ମୟୂରଭଞ୍ଜ ।।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରେମ ପାଗଳ



ଆଶୁତୋଷ
ମେହେର

ଥରେ ଥରେ ଭାବେ  ପାଗଳ ମନ ମୋ
ତୁମେ ଗଢା ମୋର ପାଇଁ
କାହାକୁ ରୋକିବି ହୃଦୟ ବି କହେ
ତିଳେ ବି'ତ ମିଛ ନାହିଁ  । ।

ତୁମ ହସ ଧାରା ଆଖି ର ଚାହାଣି
ମନ ଆକାଶରେ ଭାସେ
ତୁମରି ପରଶ କଅଁଳ ଛୁଆଁରେ
ଉଷୁମ ଭରେ ମୋ ଶ୍ୱାସେ  । ।

ପାଗଳ ପ୍ରେମିକ ପ୍ରେମ ତ ସ୍ୱର୍ଗୀୟ
ଛାତି ତଳୁ ପଡେ ଝରି
ପ୍ରେମ ଫୁଲ ଫୁଟେ ମନ ବଗିଚା ରେ
ମହମହ ବାସ ଭରି  । ।

କି ପାଇଁ ଡରିବି ଖୋଲି କହିବାକୁ
ପାଗଳ ମୁଁ ତୁମ ପ୍ରେମେ
ଆଜି ପାଇଁ ନୁହେଁ ଜୀବନ ଜୀବନ
ଏଠି ଅବା ଆର ଧାମେ  । ।

୫୪ ଆର୍ଯ୍ୟପଲ୍ଲୀ
କିଟଛକ,ପଟିଆ
ଭୁବନେଶ୍ୱର୭୫୧୦୨୪
ଦୂରଭାଷ ୯୪୩୭୦୮୫୩୯୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମ ହାତ ଚା'



ନବୀନ ସାହୁ

ତୁମର ମନେ ଅଛି,

ସେଇ ଦିନ..

ସେଇ ତିଥି -ତାରିଖ ?

ମୋର ତ ସବୁ ମନେ ଅଛି ।

ଦେଖ ତ ,

ଏଇ ସ୍ମୃତି ଗୁଡ଼ାକ ବି

କେହି କାହାଠୁ କମ କି !

ବାଇ ଚଢ଼େଇର ପରି କଳାତ୍ମକ

ପୁଣି କେବେ ମର୍ମର(ଲିଟି) ବିହଙ୍ଗ

ଛୋଟ କିନ୍ତୁ ଦକ୍ଷ ଯାଦୁଗର ।

ଶୀତ ସରି ଆସୁଥିଲା

ତାତି ବସି ଶିଖୁଥିଲା

ହେଲେ ବର୍ଷା ..

ବର୍ଷି ଦେଇଗଲା

ଶୀତ ସାଥେ ମିତ ହେଇଗଲା !!

ଠିକ ସେହିଦିନ

ବାଟେ ଯାଉଯାଉ

ତୁମ କଥା,

ହଁ, ମ ..

ତୁମ କଥା ମନେ ପଡ଼ିଗଲା,

ସେଥିପାଇଁ ତୁମ ଗଳି ବାଟେ ଗଲି

ସୌଭାଗ୍ୟକୁ ତୁମ ସାଥେ

ଦେଖା ହୋଇଗଲା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କହିବ ଯଦି,

ଶିକା ଛିଣ୍ଡିଗଲା !!

କେତେ ଦିନୁ ବରାଦ ଦେଇଥିଲ

"ଆସିବ, ମୋ' ହାତର ଚା' କପେ

ପିଇ ଯାଇଥିବ ।

ସବୁ ଦିନ ତ ସମ୍ଭବ ନୁହେଁ,

ଜୀବନରେ ଥରେ ଅନ୍ତତଃ

ଇଚ୍ଛାଟିଏ ପୂରା ହେଇଯିବ ।"

ହଁ, ହେଲା ଯେ

କିନ୍ତୁ ଥରେ ଭାବିକି ଦେଖିଲ ,

ମୋତେ କେତେ ଡର ଲାଗିଥିବ ?

ମୁଁ ଜାଣିଗଲି,

ମୋତେ ଦେଖି ବାଟୁ ଫେରି ଗଲ

ବାହାନାରେ ଫୋନ ଖେଳୁ ଖେଳୁ

ଭିତରକୁ ମୋତେ ଡାକିନେଲ ।

ସବୁଠୁ ବଡ଼ ଆଶ୍ଚର୍ଯ୍ୟ

ତୁମ ମାଆଙ୍କ ଡାକ-

"ଆସ ଆସ, କଳାକାର ବାବୁ,

ଭିତରକୁ ଆସ ।"

ବୋଧେ ତୁମେ ମୋ' କଥା

କହିଦେଇଥିଲ ।



ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗପସପ କଲା,

କେତେ ଦିନୁ

ଆଖି ମୋର ଆଗ୍ରା ପହଞ୍ଚିଲା

ଛାତି ଖାଲି ଧଡ଼କୁଥିଲା

ଆଉ ଠିକ ସେତେବେଳେବେଳେ

ତୁମ ଶୁଆ

କିଏ କିଏ ବୋଲି  ରଡ଼ି ଛାଡୁଥିଲା  ।

ଭାବୁଥିଲି,

ଇଚ୍ଛା ମୋର ପୂରା ହେବ..

ଚା କପେ..

ହେଲେ ତମେ,

କପରେ ଆଙ୍ଗୁଳି ଭରି

କଅଣ ଯେ ଖୋଜୁଥିଲ,

ଚା ରେ କିଛି ପଡିଥିଲା କି ?

ମୁଁ ଯେ ଭାବୁଥିଲି,

ତୁମେ ଟିକେ ପିଇ ସାରି

ତା' ପରେ ମୋତେ ଦେବ  ।

ଯାହା ହେଉ,

ତାହା ତ ହେଲା ନାହିଁ;

କିନ୍ତୁ ଚା ପିଆ ସ୍ମୃତିଟିଏ

ଅମର ହୋଇଗଲା

ଚା ଭାରି ମିଠା ଲାଗୁଥିଲା

ଯଦିଓ ଚିନି କମ ଲାଗିଥିଲା  । ।

ଇମେଲ୍ : nabinsahu24@gmail.com

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତମ ଶେଷ ଚିଠି



ଜ୍ୟୋତିର୍ମୟୀ ବେହେରା

ତମକୁ ଭୁଲିଯିବା ପାଇଁ
ତମେ ଲେଖିଛ ଚିଠିରେ ॥

ତମେ କୁହ ହୃଦୟର କୋଣାର୍କରେ
ପ୍ରେମର ନିହାଣରେ ॥

ଅଂକା ଯାଇଥିବା ଦିନର ଚିତ୍ରଗୁଡିକୁ
କଣ ନିଭେଇ ହେବ ?

ନାଁ ମୁଁ ଭୁଲିପାରିବି ତୁମକୁ
ତୁମେ ପରା କହୁଥିଲ ତମେ ଆକାଶର ଜହ୍ନ ॥

ଆଉ ମୁଁ ପୋଖରୀର ନୀଳକଇଁ
କଇଁ କଣ ଜହ୍ନକୁ ଭୁଲିପାରେ ?

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅମାବାସ୍ୟାରେ ରାତି ରାତି ଜଳୁଥାଏ
ବିରହ ଜ୍ୱାଳାରେ ଜହ୍ନର ବିରହିଣୀ ହୋଇ ॥

ତମେ କେବେ ନଆସ ପଛେ ହେଲେ ମତେ
ଫେରିବାର ପ୍ରତିଶୃତି ଦିଅ ॥

ମୁଁ ତମକୁ ସବୁ ଫଗୁଣରେ ସବୁ ବସନ୍ତରେ
ଅନାଇ ବସିବି କୃଷ୍ଣଚୂଡ଼ା ଗଛ ହୋଇ ॥

ଆମ ଗାଁ ମୁଣ୍ଡେ ଆଉ ନାଲି ନାଲି ପାଖୁଡାରେ
ଲେଖୁଥିବି ମୁଠା ମୁଠା ପ୍ରେମଚିଠି
ତମ ଠିକଣାରେ....

ବାଲେଶ୍ୱର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କାର୍ତ୍ତିକରେ ଧର୍ମଡାକ



କୁମାର ଲୋକେଶ

କାର୍ତ୍ତିକ ମାସରେ ଧରମ ଡାକରା
ଡାକିବା ଲୋ ସଖୀ ଆମେ
ବଡ ବଡୁଆ ହେ ଅନ୍ଧାରେ ଆସିଛ
ଆଲୁଅରେ ଯାଅ ତମେ,
ପୂର୍ବ ପୁରୁଷଙ୍କୁ ପିଣ୍ଡ ବାଢ଼ି ଦେବା
ହରସ ମନରେ ସଖୀ
ପୂଣ୍ୟ ମାସ ଏଇ କାର୍ତ୍ତିକ ପରା ଲୋ
ଦିଅ ଥରେ ତମେ ହସି,
ଉଠ ଉଠ ବେଗେ ନକର ମଠ ଲୋ
ସକାଳ ହେଲାଣି ପରା
ଶୀତରେ କାକର ବୋହି ପଡିଲାଣି
ହେବ ନାହିଁ ଆଉ ଖରା,

ପଞ୍ଚୁକ ପାଳିବା ପଞ୍ଚାନନ ନାମେ
ଧୂପ ଦୀପ ସବୁ ଦେଇ
ସକାଳୁ ଗାଧୁଆ ଭାରି ମଜାଦାର
ସାଙ୍ଗ ସାଥି ସବୁ ହୋଇ,
ଏଇତ କାର୍ତ୍ତିକ ଏଇତ ବିମାନ
ଏଇ ପୁଣି ଧର୍ମ ମାସ
ପୂଜା ପାଠ କରି ପୂଣ୍ୟ ଅରଜିଲେ
ମିଳିବ ଜୀବନେ ହସ ।

ଢେଙ୍କାନାଳ, ଗୋରଡାପାଳ
ମୋ : ୭୯୮୧୩୧୦୭୧୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୀବନ



ରାମକୃଷ୍ଣ
ପାଣିଗ୍ରାହୀ

ଜୀବନ ପଥେ ସଂଗ୍ରାମ ରଥେ ଯୁଦ୍ଧ ଅଛି ମୁଁହି ଏକା ଏକା,
ଲୋଡା ନାହିଁ ସାଥି, ଲୋଡା ନାହିଁ ସଖା,
ଯୁଦ୍ଧ ଅଛି ମୁଁହି, ଯୁଦ୍ଧ ଥିବି ମୁଁହି ଏକା ଏକା.. ଏକା ଏକା ।(୧)

ଜୀବନଟା ମୋର କଣ୍ଟକିତ ପଥ ଚାଲି ଅଛି ମୁଁହି ଏକା ଏକା,
ତଥାପି କାହାକୁ ଆଶ୍ରା କରିନାହିଁ ଚାଲିଯିବି ମୁଁହି ଏକା ଏକା । (୨)

ଆସିଅଛି ଏକା, ଚାଲିଯିବି ଏକା, କାହାକୁ କାହିଁକି କରିବି ଭରସା,
ଦୁଃଖ ବେଳେ କେହି ପିଠିରେ ପଡ଼ିନି, ବହିଲା ଲୁହକୁ କେହି ଯେ ପୋଛିନି,
ଦୁଃଖ ପରେ ଦୁଃଖ ଦେଇ ଚାଲିଛନ୍ତି, ସହି ଅଛି ମୁଁହି ଏକା ଏକା ! (୩)

କରିଲା କର୍ମର ଫଳ ଏ ଅଟଇ, କାହାକୁ କହିବି କହ ଆରେ ଭାଇ,
ମରିଯିବି ପଛେ ଡରିବି ମୁଁ ନାହିଁ, ମିଶିଯିବି ପଛେ ହାରିବି ମୁଁ ନାହିଁ । (୪)

ମା ପାଇଁ ମୁଁହି ସବୁ ଯେ କରିବି, ଯେତେ ଦୁଃଖ ହେଲେ ହସି ସହିଯିବି,
ତାହାରି ଇଛାର ସମ୍ମାନ କରିବି, ଦରକାର ହେଲେ ବିଷ ପିଇ ଯିବି । (୫)

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏହି ଜୀବନଟା ତାହାରି ଯେ ଦାନ, ତାହା ପାଇଁ ଏହା କରିବି ଅର୍ପଣ,
ଶତ୍ରୁର ରକ୍ତରେ ତର୍ପଣ କରିବି, ଅପମାନର ମୁଁ ପ୍ରତିଶୋଧ ନେବି ।(୬)

ମା' କୁ ମୋହର ଯେ ଦେଇଅଛି ଦୁଃଖ, ତାହାକୁ ନାସିବି ଏହା ଅଟେ ସତ୍ୟ,
ଭାଗ୍ୟ କୁ ଯେ ମୁଁହି ବଦଳାଇ ଦେବି, ମା' ପାଇଁ ମୁଁହି ସ୍ୱର୍ଗ ବି ଜିତିବି ।(୭)

କରିଅଛି ପଣ କରିବି ମୁଁ ରଣ, ଲୋଡା ନାହିଁ ଖଣ୍ଡା, ଲୋଡା ନାହିଁ କାତି,
ବିନା ଅସ୍ତ୍ର ସତ୍ତ୍ୱେ ଜୀତିବି ମୁଁ ଯୁଦ୍ଧ, ଏହା ଯେ ବିଶ୍ୱାସ ମୋହରି ।(୮)

ଅଧ୍ୟାପକ
ଗୀତମ୍ ବିଶ୍ୱବିଦ୍ୟାଳୟ
ବିଶଖାପାଟଣା, ଆନ୍ଧ୍ର ପ୍ରଦେଶ
ପିନ୍ - ୫୩୦୦୪୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମହାତ୍ମା ଗାନ୍ଧୀ



ପ୍ରୀତିରେଖା ପରିଡ଼ା

ମ---ମହାମାନବ ହେ ଘେନ ପ୍ରାଣିପାତ
ଆଜି ଶୁଭ ଜନ୍ମ ତିଥିରେ
ଏକଶ ପଚାଶ ବରଷ ହୋଇଲା
ଜନ୍ମି ଥିଲ ପୁଣ୍ୟ ଭୂମିରେ ।

ହା---ହାତେ ତୁମ ଥିଲା ଗୀତା ଭାଗବତ
ମହା ମନ୍ତ୍ର ଥିଲା ଅଂହିଷା
ସେ ମନ୍ତ୍ର ବଳରେ ଜିଣିଲ ଜଗତ
ନ ଥିଲା କିଛି ପ୍ରତ୍ୟାଶା ।

ତ---ତୁମେ ତ ପିନ୍ଧିଛା ଆଣ୍ଠୁ ଉପରକୁ
ଛୋଟିଆ ଖଦଡ ଲୁଗା
କୁଟି ଖାଇ କାଟି ପିନ୍ଧିତ ପାରିଲେ
କର୍ମ ବୀର ବୋଲିବା ।

ମା---ମାନବ ସମାଜ ମଙ୍ଗଳ ପାଇଁକି
ସତତ ଥିଲ ଚେଷ୍ଟିତ
ହେ ମହା ମାନବ ଅହିଂସା ନୀତିରେ
ସ୍ୱାଧୀନ ହେଲା ଭାରତ ।

ଗା---ଗାଣ୍ଡୀବ ଧରିନ ହସ୍ତେ ତୁମର
ହେଲ ସ୍ୱାଧୀନତା ରଥି
ତୁମ ପର ପିଢ଼ି ମନେ ରଖି ଥିବ
ତୁମରି ଯଶ କିରତି ।

ଧି---ଧର୍ମ ପଥେ ସଦା ଚାଲିବା ପାଇଁ କି
ଦେଇ ଅଛ କେତେ ଶିକ୍ଷା
ରାମ ରାଜ୍ୟ ସ୍ୱପ୍ନ ସାର୍ଥକ ହେଉ ହେ
ଏ ପୁଣ୍ୟ ତିଥିରେ ଭିକ୍ଷା ।

ଜରଡ଼ା, ଅନଗୁଳ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବୋଉ ଡାକିଦେଲା



ସୁଶାନ୍ତ କୁମାର ଧଳ

ବୋଉ ଡାକିଦେଲା ଧନରେ ଉଠୁ
ଇସ୍କୁଲକୁ ଯିବୁନିକି,
ଧଡ଼ପଡ଼  ହୋଇ ଦାନ୍ତକୁ ମାଜିଲି
ମୁହଁକୁ ମୋ ପଖାଳିକି  ।
ବସ୍ତାନିକୁ ଆଣି କାନ୍ଧରେ ଟାଙ୍ଗିଲି
ସାଥିଙ୍କୁ ମୁଁ ଦେଇ ରଡ଼ି,
ଇସ୍କୁଲ ଅଭିମୁଖେ ଆଗକୁ ବଢ଼ିଲି
କାକର ବିନ୍ଦୁକୁ ମାଡ଼ି  ।
ଇସ୍କୁଲରେ ମୁହିଁ ପହଂଚି ବସିଲି
ଶେଷ ଧାଡ଼ିଟିରେ ଯାଇ,
ବୁଢ଼ା ମାଷ୍ଟରଟା ପଣିକିଆ ନେବ
ମୋହର ତ ହେଇନାହିଁ  ।

ତଳକୁ ମୁଁ ମୁହଁ କରିକି ବସିଲି
ଛାତିରେ ଛାନିଆ କେତେ,
ପଣିକିଆ ଘୋଷା ନିଆ ହବ ଆଜି
ଡର ଲାଗୁଥାଏ ମତେ  ।
ବୁଢ଼ା ମାଷ୍ଟରଟା ଶ୍ରେଣୀକୁ ପଶିଲା
ହାତରେ ଧରିକି ବାଙ୍ଗ,
କେଉଁ ବାହାନାଟା କରିବି ଆଜି ମୁଁ
ଧରିବି ମୁଁ କେଉଁ ମଙ୍ଗ  ।
ଜଣେ ପରେ ଜଣେ ଦେଲେ ଯାଇ ଘୋଷା
ଯାହାର ଯା ହେଇଥିଲା,
ମୋ ପାଳି ଯେବେ ଆସି ପହଂଚିଲା
ଦେହ ହାତ ଥରୁଥିଲା  ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦୁଇ କେ ଦୁଇ  ଦୁଇ ଦୁନେ ଚାରି

କହି କହି ଚାଲିଗଲି,

ନକେ ନଅ ନଦୁନେ ଅଠର

କହିକି ଅଟକି ଗଲି  ।

ତାପରେ ଆସୁନି କ'ଣ କରିମି

ଆଉ ମନେ ନାହିଁ ମୋର,

ଏତିକି ବେଳରେ ମୁଳିଆ ଡାଙ୍ଗରେ

ମାଷ୍ଟର ଦେଲା ପାହାର  ।

ଚୁଟିକି ଘୁମେଇ ପିଠିରେ ନଦିଲା

କାନକୁ ମୋହର ମୋଡ଼ି,

ମରିଗଲି ବୋଲି ଚିଲୋଉଥିଲି ମୁଁ

ଛାଡୁଥିଲି ଭେମା ରଡ଼ି  ।

ବ୍ରାହ୍ମଣୀକୁଳ, ଦଶରଥପୁର


ଯାଜପୁର - ୭୫୫୦୦୬

ଦୂରଭାଷ - ୮୩୩୮୯୩୪୫୨୭

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରେମ ବିନା କେ ବା ରହି



ଚିନ୍ମୟୀ ସାହୁ

ଆହେ ଜଗନ୍ନାଥ ଅନାଥର ନାଥ
ତୁହି ଅଟୁ ସର୍ବ ଜ୍ଞାତା ।
ତୁହି ସୃଷ୍ଟି କର୍ତ୍ତା ତୁହି ପିତା ମାତା
ତୁହି ସଂହାରକରତା ।

ଶୃଙ୍ଖଳିତ ଗୋଟେ ସମାଜ ପାଇଁକି
ପ୍ରଥା ପରମ୍ପରା ନୀତି ।
ଗଢା ହୋଇଅଛି ଧର୍ମ ସମ୍ପ୍ରଦାୟ
କେତେ ଭିନ୍ନ ଭିନ୍ନ ଜାତି ।

ସବୁ ସାରତତ୍ୱ ଦିଅଇ ଗୁରୁତ୍ୱ
ଦୟା କ୍ଷମା ପ୍ରେମ ପାଇଁ ।
ଉଚ୍ଚ ନୀଚ ଭାବ ଧନୀ ବା ଗରିବ
ମନେ ଭେଦ ରଖ ନାହିଁ ।

ତଥାପି କାହିଁକି ବୁଝିପାରୁନାହିଁ
ପ୍ରେମ ପାଇଁ ସମରଟି ।
ଦୁଇଟି ଆତ୍ମାର ମିଳନ ଘଟିଲେ
ଜାତି ବାଧା ହୁଏ ସେଠି ।

ଯେ ଯାହା କୁ ଚାହେଁ କିମ୍ପାଇ ଦିଅନ୍ତି
ଲୋକେ ଉଚ୍ଚ ନୀଚ ବାଧା ।
ଯାହାକୁ ଯେ ବରେ ତା'ସହ ଚଳିଲେ
ହୁଏ କିବା ଅସୁବିଧା ?

ପ୍ରେମ ଯଦି କା'ର ଶୃଙ୍ଖଳିତ ଥାଏ
ପବିତ୍ର ଓ ନିଷ୍କଳଙ୍କ ।
ସାଥୀ ହୋଇ ଦୁହେଁ ଖୁସିରେ ରହିବା
ନୁହେଁ କିବା ଆବଶ୍ୟକ ?

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରେମ ଭରା ହୃଦ ଭାଙ୍ଗିଲେ ଟି କାଳେ
ମହାପାପ ବୋଲି ଜାଣି ।
ତେବେ କିବା ଲୋକେ ଦୁଇଟି ହୃଦକୁ
ଅଲଗା କରନ୍ତି ପୁଣି ।

ଯେଝା ବାଟେ ଯିଏ ସୁଖରେ ରହିଲେ
ଶୃଙ୍ଖଳିତ ହୋଇ ଭବେ ।
କ୍ରୋଧ,ହିଂସା,ଲୋଭ ବହୁଦୂରେ ଥାଉ
ସତ୍ୟ ରେ ରୁହନ୍ତୁ ସର୍ବେ ।

କର୍ମ କୋଢିଆ ଯେ ଡକାୟତି କରି
ପୋଷନ୍ତି ଉଦର ନିଜ ।
ଅବା କାମୁକ କେ ଧର୍ଷଣ କରନ୍ତି
ପରନାରୀ ପୁତ୍ରୀ ଆଜ ।

ସେମାନଙ୍କୁ ଚିହ୍ନି ହତ୍ୟା କରି ବାକୁ
ହୁଅ ସର୍ବେ ଅଗ୍ରସର ।
ଜାତି ପ୍ରଥା ଯୋଗୁଁ ଦୁଇଟି ହୃଦୟ
ଭାଙ୍ଗ ନାହିଁ ବାରବାର ।

ସମାଜରେ ଯେଉଁ କୁକାର୍ଯ୍ୟ ଘଟୁଛି
କର ତାର ପ୍ରତିରୋଧ ।
ସହଜ ସରଳ ସମାଜଟେ ପାଇଁ
ହୁଅ ସର୍ବେ ପ୍ରତିବଦ୍ଧ ।

ପ୍ରେମ ଥିଲା ପୂର୍ବେ ଆଜି ବି ରହିଛି
ଆଗକୁ ବି ଥିବ ରହି ।
ପ୍ରେମ ବିନା ସୃଷ୍ଟି ଅସମ୍ଭବ ଅଟେ
ପ୍ରେମ ବିନା କେ ବା ରହି ?

ମୂଳିସିଂହ,ସହର୍ପ,
ଜଗତସିଂହପୁର ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶୁଭ ଦୀପାବଳି ଶୁଭେଚ୍ଛା



ବିଦ୍ୟାଧର ପଣ୍ଡା

ଦୀପାବଳି ପର୍ବ ପୋଡ଼ିଦେଉ ଗର୍ବ

ଅହଂକାର ମାରୁ ମନରୁ

ଗୋପ ଲକ୍ଷ୍ମୀ ଧନ ହେଉ ଆଗମନ

ରୋଗବାଗ ଯାଉ ତନରୁ

ବରଷକ ଯାକ ଭୋଗକର ସୁଖ

ଶତ୍ରୁ ଭୁଲିଯାଉ ଶତ୍ରୁତା

କ୍ରୋଧ ଲୋଭ ମୋହ ଶୂନ୍ୟ ରହୁ ଦେହ

ସବୁରି ସାଥୀରେ ମିତ୍ରତା

ଜଗନ୍ନାଥ ପ୍ରଭୁ ଆଶିଷ ଢାଳନ୍ତୁ

ପୂର୍ଣ୍ଣ ହେଉ ସକଳ ଇଚ୍ଛା

ସଦା ସୁପ୍ରସନ୍ନ ରହୁ ତନ ମନ

ଶୁଭ ଦୀପାବଳି ଶୁଭେଚ୍ଛା ! ! !

ଏମ୍. ଟେକ୍. ସିଭିଲ, ଏଲ୍. ଏଲ୍. ବି.

ଖ-୧୭/୧୫, ପଞ୍ଚସଖା ନଗର, ଡୁମୁଡୁମା,

ଭୁବନେଶ୍ୱର - ୧୯

ଜି: ଖୋର୍ଦ୍ଧା, ଓଡ଼ିଶା, ମୋ : ୯୪୩୯୧୨୮୦୫୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆସ, ମାରିଦେବା ରାବଣକୁ...



ଦିଲିପ୍ କୁମାର ତ୍ରିପାଠୀ

-- ଆସ ମାରିଦେବେ ରାବଣକୁ --
ଖଞ୍ଜିଦେଇ ବାଣ ବିଶାଳ ମୂର୍ତ୍ତିରେ
ଯଦି ବି ନିଆଁକୁ ଲଗାଅ
ମରିଯିବ ନାହିଁ ପ୍ରକୃତ ରାବଣ
ଅର୍ଥ ହେବ ଅପବ୍ୟୟ ।

ରାବଣ ମରିବ,ଅସୁର ମରିବ
ରାମ ରାଜ୍ୟ ହେବ ମର୍ତ୍ତ୍ୟରେ
ରାବଣ କିଏ ସେ ନଜାଣି ଜାଳିଲେ
ସ୍ୱପ୍ନ ରହିଯିବ ସ୍ୱପ୍ନରେ ।

ଆମରି ଭିତରେ ରହିଛି ରାବଣ
ଆମରି ଭିତରେ ରାମ
ତାହାରି ରୂପକୁ କରିବ ଧାରଣ
ଯାହାଠି ରଖିବ ପ୍ରେମ ।

ଅହଂକାର ଭାବ ଦୂର କରିଦେଲେ
ସାଧୁବାଦ ଦେବେ ସବୁ
କଥା କଥାକରେ କ୍ରୋଧରେ ନଜଳି
ମନକୁ କରିବା କାବୁ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପରର ଦ୍ରବ୍ୟରେ ଲୋଭ ରଖିବାନି

ପରିଶ୍ରମୀ ନିଜେ ହବା

ପରର କଥାରେ ମୁଣ୍ଡ ନପୁରାଇ

ନିଜ କାମେ ମନଦେବା ।

ବଚନେ ହବାନି ଦରିଦ୍ର ଯେ ଆମେ

ଦେବାନି କାହାକୁ କ୍ଲେଶ

ମୁହଁରେ ରଖିବା ସ୍ମିତ ହସ ଟିଏ

କର୍ମେ ଅରଜିବା ଯଶ ।

ନିଇତି ନିଇତି ସଂଯମ ଶିଖିବା

ହବାକୁ ରାମଙ୍କ ଭଳି

ଆସ ମାରିଦେବା ରାବଣକୁ ଆମେ

ବିବେକ ଦୀପଟି ଜାଳି ।

ଢେଙ୍କାନାଳ, ପର୍ଜଙ୍ଗ, କୁନ୍ଦନଦେଇପୁର ଶାସନ

ଇ-ମେଲ୍ ଠିକଣା:dkt.writer@gmail.com

ଦୂରଭାଷ:୯୭୭୮୧୦୬୧୦୫/୯୯୧୬୦୬୪୮୬୬

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅବୁଝା ପ୍ରିୟତମା



ଆର୍ଯ୍ୟରଶ୍ମୀ ଦଳାଇ

ଭାରି ଶାନ୍ତ ସେ ସରଳ ଝିଅଟେ
ବୁଝେନାହିଁ ଛନ୍ଦ କପଟ
ରାଗିଗଲେ ସେ ବୁଝେଇବାକୁ ମତେ
ଲାଗିଯାଏ ବହୁ କଷ୍ଟ
ରାଗରେ ରାଗରେ ମୁହଁ ଫୁଲାଏ ସେ
କଥା ଶୁଣେ ନାହିଁ ଜମା
ଗୋରା ମୁହଁ ତାର ନାଲି ପଡିଯାଏ
କେହି ନୁହେଁ ଆଉ ସେ ମୋ ଅବୁଝାପ୍ରିୟତମା

ରାଗିଗଲେ ଥରେ କଥା ହୁଏନାହିଁ
ଗଣିଗଣି ଚାରିଦିନ
କଥା ନ ହେଲେ ତା ସାଥେ ମୋହର
ଛଟପଟ ହୁଏ ମୋ ମନ
ପ୍ରେମର ଯନ୍ତ୍ରଣା କଷ୍ଟ ହୋଇପଡେ ମୋ ପାଇଁ
ଯେତେବେଳେ ପ୍ରିୟା ମୋର ହୁଏ ଅବୁଝା
ସେ ଭୁଲ୍ କରିବିନି ଆଉ
ଆସୁ ପଛେ ଯେତେ ଝଡଝଞ୍ଜା
ପ୍ରଶ୍ଚାତାପ କରି କହୁଛି ମୁଁ ଆଜି
କରିବିନି ଅବୁଝା ପ୍ରିୟାକୁ ଜମା
ରହିବନି ଆଉ ରହିବ ନାହିଁ ସେ ହୋଇ ମୋ
ଅବୁଝାପ୍ରିୟତମା

ଗବେଷକ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅପେକ୍ଷା



ନୂତନ କୁମାର ବେହେରା

ଅପେକ୍ଷା... ଅପେକ୍ଷା... ଅପେକ୍ଷା...
ଅପେକ୍ଷା କରିବା ହୁଏ ନାହିଁ ଅନ୍ତ,
ହେତୁ ହେବା ଦିନଠାରୁ
ଯେମିତିରେ ବି ଜୀବନ ବିତୁ
ସକାଳୁ ସଞ୍ଜ ଯାଏ ହେଉ ହନ୍ତସନ୍ତ ।
ବୀଜଟିଏ ବୁଣିଦେଇ ମନର ମୃର୍ତ୍ତିକାରେ
ସୋପାନ ପରେ ସୋପାନ କରି ଅତିକ୍ରମ
ସଫଳତାର ଫସଲ ଅମଳ କରିବାକୁ
ସଦା କରିରହୁ ଅପେକ୍ଷା,
ଧୈର୍ଯ୍ୟ ଓ ସହନଶୀଳତାକୁ ବଜାଇ ରଖି
ସାହସ ସଞ୍ଚି ଆଗେଇବାକୁ
ଅନୁଭୁତି ଅଭିଜ୍ଞତା ଦିଏ ଶିକ୍ଷା ।
ଅଙ୍କୁରି ଉଠିଲେ ଚାରାଗଛଟିଏ
ତାର ଯତ୍ନ କରି ଓ ସୁରକ୍ଷା ଦେଇ
ପଲ୍ଲବିତ ପତ୍ର ଗହଳର ବୃନ୍ତରେ କଢଟିଏ
ପ୍ରସ୍ଫୁଟିତ ହେବା ଯାଏଁ ଅପେକ୍ଷା,
ଫୁଲ ମଉଳି ଫଳର ପରିପକ୍ୱତା
ଆସିବା ପର୍ଯ୍ୟନ୍ତ ଅପେକ୍ଷା,
ପ୍ରକୃତିର କ୍ରମବିକାଶ ନିୟମ ଅନୁଯାୟୀ
ଶୈଶବରୁ ବାର୍ଦ୍ଧକ୍ୟ ଯାଏଁ ଅପେକ୍ଷା ।
ଆକାଶରେ ଉଇଁ ଆସି ସୂର୍ଯ୍ୟ ଚନ୍ଦ୍ର
ଏ ଧରାରେ ଆଲୋକ ଧାରା ଢାଳିଦେବାକୁ
ଘନ ତିମିରରେ ସମୟକୁ ଅପେକ୍ଷା,
ନୀଳ ସାଗରର ନୃତ୍ୟରତା ଲହରୀମାଳା
ବେଳାଭୂମିରେ ମୁଣ୍ଡ ପିଟି ସକଳ ଆବିଳତା
ଧୋଇଦେବା ଯାଏଁ ଶୁଭ ମୁହୂର୍ତ୍ତକୁ ଅପେକ୍ଷା ।
ଜୀବନର ସବୁ ଆଶା ଆକାଂକ୍ଷାର
ସାଜିଲ୍ ଗଣ୍ଠୁଲି ଆଗକୁଆଗ ବୋହି ନେବାକୁ
ଅବଦମିତ ପ୍ରୟାସର ଅପେକ୍ଷା,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବଞ୍ଚି ରହିବାର ସକଳ ଆସକ୍ତିକୁ ସାଥି କରି

ଦୁଃଖସୁଖର ଖରା ବର୍ଷାକୁ ଅପେକ୍ଷା ।

ପ୍ରାରବ୍ଧର ପାପ ପୁଣ୍ୟ ଭୋକ କରି

ଜନ୍ମ ଜନ୍ମାନ୍ତରର ମୋକ୍ଷ ପ୍ରାପ୍ତିର ଅଭିପ୍ସା

ଜୀବ ପରମ ସାଥୀରେ ଏକାକାର ହୋଇଯିବାର ମହେନ୍ଦ୍ର ବେଳାକୁ ଅପେକ୍ଷା ।

ଅପେକ୍ଷା... ଅପେକ୍ଷା... ଅପେକ୍ଷା...

ଅପେକ୍ଷା ହିଁ ଜୀବନର ଏକ ତପସ୍ୟା,

ଅପେକ୍ଷା ପାଇଁ ଅପେକ୍ଷା

ଆଣିଦିଏ ପରିପୂର୍ଣ୍ଣତାର ଶାରଦୀୟ ପୂର୍ଣ୍ଣିମା

ଦୂର କରି ଘନ ଅନ୍ଧାରର ଅମାବାସ୍ୟା ।

ଅପେକ୍ଷା.. ଅପେକ୍ଷା... ଅପେକ୍ଷା...

ଅପେକ୍ଷାରୁ ଶ୍ରମ ସାଧନାର ସାର୍ଥକତା

ପାଇବାକୁ ମନେ ପ୍ରାଣେ ଥିଲେ ଏକାଗ୍ରତା

କରିବାକୁ ହୁଏ ଜନ୍ମ ଜନ୍ମ ବ୍ୟାପୀ ଅପେକ୍ଷା ।

କୋହି, ଗଡ଼ିଆ, ମୟୂରଭଞ୍ଜ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବେଶ୍ୟା



ସନାତନ ସରକାର

ତୋ ପେଜୁଆ ଓଠରେ
ବୋଳିଥିବା ଯେଉଁ ଲାଲ
କଲର ଲିପିଷ୍ଟିକ୍ ଦେଖ
କେମିତି ଫିକା ପଡ଼ି ଯାଇ
କୋଣକୁ ଟିକିଏ ଲେସି
ହୋଇ ଯାଇଛି,
ଲାଗୁଛି ଗରମ ଥିବା
କଫି କପରେ ଓଠକୁ
ବାରମ୍ବାର ଫୁଙ୍କି ଚୁମ୍ବନ
ପ୍ରଦାନ କଲାପରି ସବୁ
କଫିତକ କିଏ ଶୋଷି
ନେଇଛି,ଜାଣିନି ତୁ
ପିଇଛୁ ନା ସିଏ
ପିଇଛି

ତୋ ବ୍ଲାଉଜ୍ ମେଚିଙ୍ଗର
ହଳଦିଆ ଶାଢ଼ୀଟା ବି
ଅତୁଆ ତତୁଆ ଭଳି
ଶରୀରରୁ ଏଣେତେଣେ
ବିଛାଡ଼ି ହୋଇ ପଡ଼ିଛି,
ଆଉ କମର ତଳକୁ
ଭାଙ୍ଗିଥିବା ସମାନ୍ତରାଳର
କୁଞ୍ଚ ସବୁ ଭାଙ୍ଗି ଯାଇଛି,
ଲାଗୁଛି ଲଣ୍ଡ୍ରି ବାଲା
ଯେମିତି ବିନା ଇସ୍ତ୍ରୀରେ
ତୋତେ ତୋ ଶାଢ଼ୀ
ଫେରେଇ ଦେଇଛି,
ଜାଣିନି ତୁ ଅତୁଆ
କରିଛୁ ନା ସିଏ କରିଛି

ତୋ ମଥାର ଗଜରା ତୁ
ନିଜେ ଦେଖୁନୁ କେମିତି
ତା ପାଖୁଡା ସବୁ ମଉଳି
ଯାଇ ଛିଣ୍ଡି ତକିଆ ଆଉ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଛଣା ସାରା ପଡ଼ିଛି,
ଲାଗୁଛି କେହି ଜଣେ
ତୋ ବଗିଚାର ମାଳୀ
ପ୍ରେମରେ ପ୍ରେମୀକ
ହୋଇ କଣ୍ଟାର ଆଘାତ
ପାଇ ଏହିସବୁ କାଣ୍ଡ
କରିଛି,ଜାଣିନି ତୁ
ରାଗିଛୁ ନା ସିଏ
ରାଗିଛି

ତୋ ତିନି ଫୁଟ୍
ଉଚ୍ଚତାର ଲମ୍ବା
ବେଣୀକୁ ଥରେ ତୋ
ନିଜ ଆଖି ପୁରେଇ
ଆଇନାରେ ଦେଖ
କେମିତି ସବୁ
ପାଗଳୀଙ୍କ ପରି
ମୁକୁଳା ହୋଇ ଲମ୍ବି
ଦୁଇ କାନ୍ଧରେ ପଡ଼ିଛି,
ଲାଗୁଛି ପ୍ରତି ଘଣ୍ଟାରେ
ଫୋନିର ପ୍ରଭାବ ତୋ
ଦିଗ ଦେଇ ଗତି କରୁଛି,
ତୋ ଶରୀରର ପ୍ରତ୍ୟେକ
ଶାଖା ପ୍ରଶାଖାରେ
ଶିହରଣ ସୃଷ୍ଟି କରୁଛି
ତୁ କହୁନୁ ମୁଁ ସତ
କହୁଛି ନା ମିଛ କହୁଛି

ତୋ ଓଠ ତୋ ଶାଢୀ,
ତୋ ଗଜରା ତୋ ବେଣୀ
ଦେଖା ମୁଁ ତାକୁ ପୁର୍ନବାର
ସବୁ ରଙ୍ଗ ବେରଙ୍ଗରେ
ସଜେଇ ଦିଏ ତୂଳୀ ଧରି ,
ଠିକ୍ ନବ ପ୍ରଭାତର
ସଦ୍ୟଜାତ ପ୍ରସ୍ଫୁଟିତ
ପୁଷ୍ପ ପରି,
ତୋ ବାସନା ଆଉ
କାମନାରେ ଯେତେ
ରସିକ ନାଗର ସର୍ବେ
ଯିବେ ଲୋ ମରି

ବେତଡ଼ା,ଭଦ୍ରକ, ମୋ : ୯୭୭୭୪୧୯୬୨୦

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନିଜେ ପଢ଼ି ନିଜ ଚିଠି



ଅମ୍ରିତେଶ ଖଟୁଆ

କିଏ ନ ପଢୁ ପଛେ ମାଡ଼ ପଛରେ
ଥିବା ସେ ସହିଷ୍ଣୁ ଏକ ପିଠି,
ଥରେ ସେ ପଢିଥିବ ପଛେ ଛାଲରେ
ହୃଦୟର ରକ୍ତଜବା କାମୁଡିଥିବା
ଅଧରର ବନ୍ଧନ ତୋଳା ଚିଠି ।
ନିରୋଳା ସ୍ୟାହି ପଛେ ଅଗାଧ ବ୍ୟାଧି
ଧାଇଁଥିବେ ଚୋରାଏ ଭାବନା ପାଇଁ,

ଚିଠିଟେ ପଢିବା ପାଇଁ, ତା ତନ୍ମୟ ଚେଇଁ
ଉଠୁଥିଲା ସଲଜ୍ଜ-କୁମୁଦ-ଫେନିଳ
ନୟନ ବିଦାରି ରଣି ଫୁଲ ପରି
ଉଇମରା ସିନ୍ଦୁକରୁ ଅଭାବ କେଇ ।


ଅରାଏ ଆଲୁଅ ବି ତୋଫା ଜହ୍ନ ପରି ବି
ଲାଗୁଥାଏ ସେପରି କିମିଆ ତୁଙ୍ଗିମା,
ମଶାଣି ତଳ ଓଠତଳ ଲାଳାୟନ ପରି
ପଡିଥିବା ମେଞ୍ଜେ ମେଞ୍ଜେ କୀଟଙ୍କ ମ୍ଳାନ
ଦେହ
ପଚାରିଲା ବେଳକୁ ସବୁ ଗୁମାନେ ଲୁଚି
ବାରିଦିଅନ୍ତି ସେ ଅଦୃଷ୍ଟ ଆବୃତ୍ତିକୁ ଆଗ
କହନ୍ତି ଯେ ରାଇଜ ନୁହେଁ, ହୃଦୟ ନୁହେଁ
କେବଳ ପଢୁଥିଲେ ଚିଠିର ଶେଷ ଧାଡିକୁ !

୨୩୭, ଫେଜ୍ - ୨, କାନନ ବିହାର,
ପଟିଆ, ଚନ୍ଦ୍ରଶେଖରପୁର,
ଭୁବନେଶ୍ୱର - ୭୫୧୦୨୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାନବରୂପୀ ଦାନବ



ସ୍ୱର୍ଣ୍ଣପ୍ରଭା ଖଟୁଆ

ପଥରରେ ସିନ୍ଦୂର ମାରି

ଦେବତା କହି ସରଳ ରଙ୍ଗବେରଙ୍ଗ ଫୁଲଚଢାଇ ପୂଜାକରିବାରେ ବ୍ୟସ୍ତ

ଏପଟେ ପାହାଡର ବୁକୁଚିରି ପ୍ରତିମୂହୁର୍ତ୍ତ ତା ମାତ୍ରୁତ୍ୱକୁ ଉପହାସ କରିଚାଲିଛ

କଣ ଏ ଟିକକ ସିନ୍ଦୂରର ଚାହିଁଦା

ଏ ସ୍ୱାର୍ଥଲୋଭି ଓହରା ଡାକୁଆଙ୍କ

ନିକଟରେ ଏତେ ମହାନ

କେତେବା ଆଉ ଲୁଟିବ

କେବେ ହୃଦୟଙ୍ଗମ କରିବ

ସେହି ସୌନ୍ଦର୍ଯ୍ୟମୟୀ ମା ରୂପୀ

ପର୍ବତର ଆର୍ତ୍ତଚିତ୍କାରକୁ

ତା ସ୍ୱାଭିମାନକୁ  ତୁମ ବଡଲୋକୀ

ଦାମୀ ନିହାଣରେ

ଖଣ୍ଡ ଖଣ୍ଡ କଲାବେଳେ

ତା କେଁ କାଁ ରଡି

ସତେ ଯେପରି ବଡ ଯନ୍ତ୍ରଣାରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଛଟପଟ ହୋଇଚାଲେ

ଅନୁଭବ କରିଛ

ତୁମ ସ୍ୱାର୍ଥର ତାଜମହଲ ଗଢୁ ଗଢୁ

ସେହି ମମତାମୟୀ ମାର ଶରୀରକୁ

ଖିନଭିନ କରିଚାଲ ଦିବା ନିଶି

ଠିକ୍ ଯେପରି ମତ୍ତଗଜ ହସ୍ତୀ

ଶୋଭନୀୟ ପଦ୍ମବନକୁ ବିଭ୍ରଷ୍ଟ

କଲାପରି.....

........ବାଃ ରେ ମାନବ ରୂପୀ ଦାନବ..

ଚଣ୍ଡିଖୋଲ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କବିର ଭାବନା



ରୋହିତ ସେଠୀ

ଲେଖନୀ ଧରି ହସ୍ତେ     କାଗଜ ବୁକୁ ମଧ୍ୟେ
ଆଙ୍କିବି ଭାବନାରେ ଛବି,
ଦିନରୁ ରାତି ହୁଏ     ବସି ମୁଁ ଭାବୁଥାଏ
କେମିତି କବିଟିଏ ହେବି ।

ପାହାଡ଼ ତରୁଲତା     ସୁରୁଜ ଚନ୍ଦ୍ର ତାରା
ରଙ୍ଗ ବେରଙ୍ଗ କେତେ ଫୁଲ,
ମହାପୁରୁଷ କଥା     ଏଇ ମାଟି ମମତା
ଦିଶନ୍ତି ହୋଇ ଝଲମଲ ।

ମନରେ ଏତେ ଆଶା     ପାଏନି ଖୋଜି ଭାଷା
କେମିତି ଦେବି ତା'ର ରୂପ,
ଗାଲରେ ହାତ ମାରି     ଚିନ୍ତାରେ ହୁଏ ଘାରି
ଜାଣେତ ନାହିଁ ଭାଗମାପ ।

କବିତା ରାଇଜରେ     ଥରେ ମୁଁ ପ୍ରବେଶିଲେ
ଫେରିବା କଥା ଭୁଲିଯିବି,
ବିଶ୍ୱ ମଙ୍ଗଳ ପାଇଁ     ଶାନ୍ତି ବାରତା ଦେଇ
କବିତାମାନ ସୃଜୁଥିବି ।

ଆକାଶ ଛାଡି ଚିରି     ବିଜୁଳି ସାଥେ ବାରି
ଝରିବ ବିନ୍ଦୁ ବିନ୍ଦୁ ହୋଇ,
ଲେଖନୀ ମୂନ ଯେବେ     ସତେ ପରାଣ ଲଭେ
ଫିଟିବ କବିତାର ଘାଇ ।

ଦୁତିମେଣ୍ଡି (ମଲିକସାହି)
ଖଜୁରୀପଡା,କନ୍ଧମାଳ
ଦୂରଭାଷ-୯୪୩୮୦୭୩୯୩୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭଙ୍ଗା ହୃଦୟ



ବର୍ଷା ମହାପାତ୍ର

ଅଥୟ ଅଧିର ଅସାନ୍ତ ସାଗର
ପରିକା ଜୀବନ ଟି ମୋର
କେବେ ଖୁସୀର ଜୁଆର ତ କେବେ ଦୁଖଃଭରା ସାମୁଦ୍ରିକ ଝଡ଼ ।

ସମ୍ପର୍କର ଡୋରିରେ ବାନ୍ଧି ନିଜକୁ
ଦୁର୍ବଳ ସଜାଇ ଦେଇଛି
ଯେତେ ଚାହିଁଲେବି ଦୂରେଇଯିବାକୁ
ହୃଦୟମୋ ଝୁରିମରୁଛି ।

ନିଜର ଭାବି ନିଜକୁ ହଜାଏ,
ଆକାଶର ଟିକି ତାରା ପରି
ହେଲେ କିବା କ'ଣ ଆକାଶଟା ବୁଝେ
ତାରା ର ଆଲୋକ କିପରି ।

ତିନୋଟି ଅକ୍ଷର ହୃଦୟ ଟି ସେନା
କହିବା ବହୁ ସହଜ
ହେଲେ ସେ'ହୃଦୟକୁ ବୁଝି ନପାରିଲେ ହୁଏ ବହୁ ଅବସସ ।

ପ୍ରତାରଣା କରି କି ଲାଭ ପାଇଲ
ହେଲ ଏତେ କାହିଁ ନିଷ୍ଠୁର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିରିହ ମନରେ ଦୁଃଖ ବହୁ ଦେଇଗୋଲ ସାଯିହୋଇ ଅକ୍ରୁର ।

ଖେଳଘର ପରି ଭାଙ୍ଗିଦେଲ ସତରେ,
ହୃଦୟଟି ତୁମେ ମୋର
ବୁଝିପାରିଲନି ସେହି ହୃଦୟ ଟିକୁ,
ଥିଲା ତୁମ ଅପେକ୍ଷାର ।

ପଥର ଦେହରେ ବାଡ଼େଇଲେ,
ସୁନ୍ଦର ଆକୃତିଟେ ପାଇଥାଏ
କିନ୍ତୁ,ହୃଦୟ କୁ ମାଡ଼ ମାରିଲେ
ରକ୍ତାତ ମନଟେ ସୃଷ୍ଟି ହୁଏ ।

ନୟନୁ ଲୋତକ,ଶରୀରୁ ହୃଦୟ ପରି,ମନ ଆଉ ବିବେକ
ସତରେ ଯେମିତି ଅତପ୍ରତ ଭାବେ ଅବା,ସବୁ ଥାଏ ଜଡ଼ିତ ।


(ଭଙ୍ଗା ମାଠିଆ ର ଶବ୍ଦ ବେସୀ,
ଦୂର ପାହାଡ଼ ଯେ ସୁନ୍ଦର ପରି
ଉପରେ ଦିସୁଥିବା ଓଠର ହସ ହସ ମୁଁହ..... !

କେହିକେବେ ବୁଝିପାରେନା ଭିତରେ ଜଳୁଥିବା କ୍ଷତାକ୍ତ ହୃଦୟର କରୁଣ ଚିତ୍କାର ।).......
କାରଣ ଯାହା କିଛିବି ହାଇଥାଉନା କାହିଁକି, କଷ୍ଟ ତ ହୃଦୟକୁ ହିଁ ହୋଇଥାଏ ....

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଁଳା ନବମୀ



ଗୌରୀ ପଣ୍ଡା

କାର୍ତ୍ତିକ ମାସର ଏ ଶୁଭଦିନ
ରାଧାରାଣୀଙ୍କର ପାଦ ଦର୍ଶନ ।
ଦାମୋଦର ମାସେ ଶ୍ରୀ ଦାମୋଦର
ପୂଜା ପାଇଥାନ୍ତି ରାଧା ସଙ୍ଗର ।
ରସଶିରୋମଣି ରସିକେଶର
ଦର୍ଶନ କରନ୍ତି ରାଧାରାଣୀର ।
ମଧୁସୂଦନ ମହାପାତ୍ରଙ୍କ ର
ଲକ୍ଷ୍ମୀ ନାମେ ଏକ ଝିଅ ସୁନ୍ଦର ।
ଗୁନ୍ଥି ନିତି କନ୍ୟା ଫୁଲ ରେ ହାର
ପୂଜା କରୁଥାଏ ଶ୍ରୀ ଦାମୋଦର ।
ଗୁପ୍ତ ବୃନ୍ଦାବନେ,, ଗୁପ୍ତ ପ୍ରେମ ର
ତାର ପ୍ରେମେ ପଡି ନଟନାଗର ।
ନିତି ଆସି ତାର ଗୁପ୍ତ କକ୍ଷରେ
ମାନିଥାନ୍ତି କୃଷ୍ଣ ଗୁପ୍ତ ପ୍ରେମରେ ।
ଦିନୁ, ଦିନ ତାହା ହେଲା ପ୍ରଚାର
ଚିନ୍ତାରେ ପଡିଲେ ସେ ଦାମୋଦର ।
କନ୍ୟା ଲକ୍ଷ୍ମୀଙ୍କର ବିବାହ ପାଇଁ
ବର ଏକ ଖୋଜିଲେକ ଯେ ସେଇ ।
ଏହା ଶୁଣି ଲକ୍ଷ୍ମୀ କ୍ଷୀଣ ହୋଇଲେ
ନଟନାଗର ଏ କଥା ଜାଣିଲେ ।
ଏହି ପରି ଅଁଳା ନବମୀ ଦିନ
ଲକ୍ଷ୍ମୀ ଦେହୁ ଛାଡି ଗଲା ଜୀବନ ।
ଏ ଖବର ପାଇ ରସିକେଶ୍ୱର ।
ଯାଇ ପହଞ୍ଚିଲେ ଲକ୍ଷ୍ମୀ ର ଘର ।
ଦେଖିଣ ଲକ୍ଷ୍ମୀ ର ମୃତ ଶରୀର
ଆଉଁସି ଦେଲେ ସେ ଲକ୍ଷ୍ମୀ ପୟର ।
ଝରି ପଡିଲା ଅଶ୍ରୁ ବେନି ନୟନୁ
ଅଁଳା ନବମୀ ପରସିଧ ଏଦିନୁ ।
ଏଣୁ କରି ଅଁଳା ନବମୀ ଶ୍ରେଷ୍ଠ
ନାଶଇ ପାପ, ହୁଏ ଦୂର କଷ୍ଟ ।
କଲେ ଏହି ଦିନ ପାଦ ଦର୍ଶନ
ଆଶିଷ ଦିଅନ୍ତି ରାଧାମୋହନ ।

ଜୟପୁର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅବଶିଷ୍ଟ



ରାଜେନ୍ଦ୍ର ଗିରି

ବେଳେ ବେଳେ ଅଭିନୟ କରିବାକୁ ହୁଏ
ମୁକ ବଧିର ହେବାକୁ ହୁଏ ,
ବହଳ ଅନ୍ଧାରର ଛାତି ଚିରି
ନୂଆ ଶବ୍ଦ ସବୁ ଗଢିବାକୁ ହୁଏ ,,
କେବଳ ହିଁ କେବଳ ସମ୍ପର୍କର ସଂଜ୍ଞା ଦେବାକୁ ।।

ଆତ୍ମୀୟମାନେ ଯେବେ ଯେବେ
ଆତତାୟୀ ସାଜି ଚୋଟ ମାରନ୍ତି
କ୍ଷତ ଉପରେ ମଲମ ଲଗାଇ ହସନ୍ତି
ସେବେ ସେବେ ଜୀବନଟା ମଡ଼ା ମଡ଼ା ଗାନ୍ଧାଏ
କେବଳ ହିଁ କେବଳ ପରିଚୟର ଓଜନ ମାପିବାକୁ ।।

ନିଜର ଶବଟି ଏବେ ଅର୍ଥହୀନ
ଜୀବନ ବହିର ତମାମ ପୃଷ୍ଠାରେ
ଯୋଉଁଠି ଖାଲି ରକ୍ତର ଝାପ୍ସା ଚିହ୍ନ
ନିଲାମ ହୋଇଥିବା ସ୍ୱାଭିମାନ


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାହାର ଖୁସି ପାଇଁ ହଜମ କରିଥିବା ଅପମାନ

ଏବେ ଏ ସବୁ ବିଦୀର୍ଣ୍ଣ ବିବର୍ଣ୍ଣ ।।

ବଳ ବୟସର ଆୟୁଷ କମିଲେ

ଅଧାସଢା ପାରିବା ପରି ମୂଲେଇ ଯିବାକୁ ହୁଏ

କେବଳ ହିଁ କେବଳ ନିଜ ଲୋକ ମୁହଁରେ ହସ ଦେଖିବାକୁ

ନିଜ ଭାଗ୍ୟର ଫଳ ନିଜେ ଭୋଗିବାକୁ ।।

ବେଳେ ବେଳେ ପୁଡ଼ା ରୁଟି ଦିହରେ

ଦେଖିବାକୁ ହୁଏ

ଯାବତୀୟ ଆଶାମାନଙ୍କର ଦେହାବଶେଷରେ

ଗଢ଼ିଥିବା ମାନଚିତ୍ରକୁ ,

ତମାମ ଅନ୍ଧାରରେ ଜୁଝିବାକୁ ହୁଏ

ସ୍ୱପ୍ନ ଓ ଭୋକର ସତ୍ୟାଗ୍ରହକୁ

କେବେଳ ହିଁ କେବଳ ଜୀବନ ଜ୍ୱାଳାର

ତୀବ୍ରତା ପରଖିବାକୁ ।।

ବାରବାଟିଆ, ଦହମୁଣ୍ଡା,

ଭୋଗରାଇ, ବାଲେଶ୍ୱର, ୭୫୬୦୭୯

୭୮୭୩୫୭୦୯୩୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କେମିତି ବଞ୍ଚିବି



ମହେଶ୍ୱର ସାହୁ

କେମିତି ବଞ୍ଚିବି ଜାଣି ମୁଁ ପାରେନା,
ହୃଦୟରେ କୋହ ନେଇ ।
ନିଜ ଲୋକ ଆଜି ହୋଇ ଯାଏ ଶତ୍ରୁ,
ଚକ୍ଷୁରେ ଲୋତକ ଦେଇ ।।
ଛୋଟ ଛୋଟ କଥା ହୋଇ ଯାଏ ବଡ଼,
ଦୋଷ ମୁଁ କାହାକୁ ଦେବୀ ।
ଅହଂକାର ଜ୍ୱାଳା ଅସହ୍ୟ ଅନଳେ,
ପ୍ରତି କ୍ଷଣେ ଜଳୁଥିବି ।।

ଭାଙ୍ଗି ଯାଉଅଛି ମୋ ସପନ ସବୁ,
ଏହି ନିରିମାଖୀ ମନୁ ।
ହୃଦୟ ବେଦନା କହିବି କାହାକୁ,
ଛଦ୍ମବେଶୀ ସର୍ବେ ଦିନୁ ।।
ସ୍ୱାର୍ଥ ପଛେ ଧାଏଁ ଲାଳସି ମଣିଷ,
ବୁଝି ନାହିଁ ଧର୍ମ କର୍ମ ।
ସ୍ୱାର୍ଥ ପାଇଁ କରେ ଅତ୍ୟାଚାର ହିଂସା
ବୁଝି କେ ପାରିବ ମର୍ମ ।।
ନିଜ ଅନ୍ତରରେ ଜ୍ୱଳାନ୍ତକ ବିଷ,
ଉପରେ ଅମୃତ ବାଣୀ ।
ତଳୁ କାଟି ଚେର ଛିଞ୍ଚି ଦିଅ ପାଣି,
ବଞ୍ଚି କେ ପାରିବ ଜାଣି ।।

ଗୋପୀବିନ୍ଧା, ବ୍ରାହ୍ମଣଗାଁ
ବାଲେଶ୍ୱର(ଭଦ୍ରକ)

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସମୟର ଖେଳ



ଅଙ୍କିତା ପାଢ଼ୀ

ସମୟର ଖେଳ, ବଡ଼ ବିଚିତ୍ର ଯେ,
ମାନେ ନାହିଁ ବଡ଼ ସାନ ।
ହାରୁ ହାରୁ ଯିଏ, ଜିତି ଯାଇଥାଏ,
ହୋଇ ଯାଏ ସେ ମହାନ ।।
ଜିତିବା ହାରିବା, ଖେଳରେ ହୁଅଇ,
ହାରୁ ହାରୁ ଗଲେ ଜିତି ।
ସମୟକୁ ସିଏ, ଦିଅଇ ସମ୍ମାନ,
ବାନ୍ଧି ହୃଦୟରେ ପ୍ରୀତି ।।
ପରୀକ୍ଷାର ଘଡି, ଆସିଥାଏ ପରା,
ସବୁରି ଜୀବନ ପାଇଁ ।
ପରୀକ୍ଷା ଘଡିରେ, ଉତ୍ତୀର୍ଣ୍ଣର ଇଛା,
ହୃଦୟରେ କାର ନାଇଁ ।।
ଅପେକ୍ଷା କରେନା, ସମୟ କାହାକୁ,
ଗୋଟିଏ ମୁହୂର୍ତ୍ତ ପାଇଁ ।

ସ୍ରୋତସିନୀ ପରି, ଧାଇଁ ଯାଇଥାଏ,
ବାଧା ବିଘ୍ନ ମାନେ ନାଇଁ ।।
ସମୟ ସାଥିରେ, ନିଜକୁ ହାଯାଇ,
କରିଯିବା ନିଜ କର୍ମ ।
ସତ୍ୟ ଧର୍ମ ନ୍ୟାୟ, ହୃଦୟରେ ଧରି,
ବୁଝିବା ଜୀବନ ମର୍ମ ।।
ସମୟ ତାଳରେ, ନିଜକୁ ସଜାଇ,
ବଞ୍ଚିବା ସମାଜେ ମିଶି ।
ସବୁରିପ୍ରାଣରେ,ଢାଳି ଦେଇ ଜ୍ୟୋସ୍ନା,
ହସେଇବା ନିଜେ ହସି ।।

ବାପା: ରଞ୍ଜନ ପାଢ଼ୀ
ଶ୍ରେଣୀ: ସପ୍ତମ
ଜେନିଥ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟ
ଗଗନବାବୁ ଛକ, ଏଡ଼ତାଳ, ଭଦ୍ରକ

Magazine Downloaded from www.aahwaan.com

# ଦୋକାନ



ତୁଷାରକାନ୍ତ
ପ୍ରସାଦ

କ୍ଷୁଦ୍ର ବ୍ୟବସାୟୀ ପାଇଁ ତା ଆସର,
ନିଜେ ନିଜ ଦ୍ରବ୍ୟ ପାଇଁ ତା ପ୍ରଚାର ।
ପରିଚୟ ସୃଷ୍ଟି ଦିଗେ ଅଗ୍ରସର,
ନିଜେ ପୁଞ୍ଜିପତି, ନିଜର ବଜାର ।।

ନାନା ରଙ୍ଗେ କିଏ ପାରନ୍ତି ସଜାଇ,
ଅତି ଆଦରରେ ନାମ ରଖେ କେହି ।
ଭାବାବେଗ ସହ ରହେ ଯୋଡିହୋଇ,
କାହାପାଇଁ ସାଜେ ଭାତହାଣ୍ଡି ସେହି ।

ପକ୍ଷୀଟିଏ ଯେହ୍ନେ ଗଢ଼ିଥାଏ ନୀଡ,
କାଠିକୁଟା ବସା ଲଢିପାରେ ଝଡ ।
ପରିଶ୍ରମ ସାଥେ ମନୋବଳ ଦୃଢ଼,
ସମାଧାନ ଆଗେ ସମସ୍ୟା କି ବଡ ।।

କ୍ଷୁଦ୍ର ହେଉ ଅବା ହେଉ ସେ ବୃହତ,
ସଦା ରଖେ ବ୍ୟବସାୟୀର ମହତ ।
ପରିଚୟ ଦେଇ କରେ ପ୍ରତିଷ୍ଠିତ,
ବ୍ୟାପାରୀ, ଖାଉଟି ଯା'ସାଥେ ଜଡିତ ।

ଗ୍ରାହକଙ୍କ ସାଥେ କରେ ପରିଚୟ ,
ବଢେ ଭାଇଚାରା ବଢେ ବ୍ୟବସାୟ ।
ନିଜ ମାଲିକାନା ହେଉ ଅଳ୍ପ ଆୟ,
ଆତ୍ମନିଯୁକ୍ତିରେ ନଥାଏ ସଂଶୟ ।।

ବରୀ, ଯାଜପୁର
ମୋ - ୯୮୫୩୦୯୭୬୩୦

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆଉ ଫେରି ହେଉନାହିଁ



ବିନୟ ମିଶ୍ର

ବିରିୟାନି ରାଇତା ବାସ୍ନା,

ହଜାଇ ଦେଇଛି

ମାଟିହାଣ୍ଡି ପଖାଳକୁ,

କୁକୁଡ଼ାମାଂସ ଝୋଳ ହଜା ଇଛି,

ଆଳୁବାଇଗଣପୋଡାରେ

ରଶୁଣ ଚକଟିବାର ବାସ୍ନାକୁ,

ମାର୍ବଲ ଗାଧୁଆଘର ପୋଖରୀତୁଠ ଗନ୍ଧ ହଜାଇଛି,

କମୋର୍ଡ  ଭୁଲାଇଛି ଧାନ କଟା ବିଲଭିତରେ ଥୁଣ୍ଟା ଧାନବୁଦାର

ଦାନ୍ତ ଦେଖା ଅତୀତକୁ  ।

କଲମ କାଗଜ ଚଷମା

ଫେରିବାକୁ ଚାହୁଁନି ଜମା

ମାଟି ସିଲଟରେ ଓଳିପାଣିରେ

ଧୋଉ ଧୋଉ ଗାଉଥିବା ଗୀତ

ନଈ ପାଣି ନଇକି ଜା....

ମୋ ସିଲଟ ସୁଖି ଜା....

ଅତିକ୍ରମିବାକୁ ପାହାଚ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗୋଡ଼ ଆଣ୍ଠୁ ଚଙ୍କୁନାହିଁ,

ମନେ ପଡୁଛି ରଜଦୋଳି,

ସେଥିପାଇଁ ଲିଫ୍ଟକୁ ଇଛା ହଉଚି......

ଇଂରାଜୀ ନା ଥିବା ଭଳି ଲାଗୁଥିବା କିଛି ତରକାରୀ ବୋହୁ ହାତରୁ ପରଶା ଗଲାବେଳେ

ଖାଇବା ମେଜରେ

ମାଟି ଅଗଣା, ଗୋବରଲିପାପିଣ୍ଡାରେ ପିଢ଼ା ଉପରେ ଚାଳ ଉପର କାଉ କଥା ମନେ ପଡେ,

ଆଉ ଫେରିହବ ନାହିଁ,

ଗାଁ ମଶାଣୀକୁ,

ଜବରଦଖଲକୁ ଚାଲିଗଲାଣି

ସେଠି ବ୍ରଏଲର ଫାର୍ମ

ବୁଲେନ ପାଉ(#ବ୍ରାଉନସୁଗର)ଖିଆ କରିଛି ।

ମହାକାଳ ତୁମକୁ ପ୍ରଣାମ କରୁଛି.....ଫେରିବାକୁ ଇଛା ବେଳକୁ ବେଳ ବ୍ୟଥିତ କରୁଛି ।

ମଲ୍ଲୀପୁର, ନିଆଳ, ଖୋର୍ଦ୍ଧା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମେ ନିଶ୍ଚୟ ଫେରିବ



ବନ୍ଦନା ନାୟକ

କେଉଁଠି ବି

ଲୁଚି ପାରିବନି ତୁମେ

ତୁମେ ହିମାଳୟର

ଶିଖରରେ ଥାଅ

କି ପାଦଦେଶରେ ।

ଜାଘା ବର୍ଡର ରେ ଥାଅ କି

ଆତଙ୍କବାଦୀଙ୍କ କବ୍ଜା ରେ ...

ତୁମେ ଫେରିବ ,ନିଶ୍ଚୟ ଫେରିବ

ଏମିତି କେମିତି ତୁମେ

ଠକି ଦେବ ବୋଲି ବିଚାରିଛ ?

ତୁମ ଅସରନ୍ତି ପ୍ରେମର

ସଗାରରୁ ମାତ୍ର କାଣିଚାଏ

ପାଇଁ ତା ହାତ ପାତଛି ...

ମନେ ନାହିଁ

କେବେଠୁ ନିଜର ଠିକଣା

ହଜେଇ ଦେଇଛି

ତୁମ ଭିତରେ .....

ତୁମେ କଣ ଭାବିଛ

ଆଜି ତୁମର ଏ ମୁଠା ମୁଠା

ନିରାବତା

ମାଇଲ ମାଇଲ

ବ୍ୟବଧାନର ବ୍ୟଥା ରେ

ମୁଁ ବିଚଳିତ ??

ନା ମୋଟେ ନୁହେଁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏଇମିତି ଦିକି ଦିକି

ଜଳୁଥିବ ଜୀବନ

ତୁମ ଫେରିବା ଯାଏ...

ତୁମେ ଫେରିବ ଆଉ

ମୋ ଓଠର ଥର ଥର

ଦାରୋଟି କଥା ଟିକେ ଶୁଣିବାକୁ

ବ୍ୟସ୍ତ ହୋଇ ପଡିବ.....

ସେତେବେଳେ

ନା ମୁଁ ତୁମକୁ

କିଛି କହି ପାରୁଥିବି

ନା ତୁମର ବ୍ୟସ୍ତତାକୁ

ସହି ପାରୁଥିବି ??

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଓଁକାର ବିନ୍ଦୁ



ସରୋଜିନୀ ମିଶ୍ର

ଓଁ  କାର ବିନ୍ଦୁରେ
ଯାର ସମାହାର
ଆକାଶରୁ  ପାତାଳ ପର୍ଯ୍ୟନ୍ତ
ଯେ ପରିବ୍ୟାପ୍ତ
ଶୂନ୍ୟତା  ଯାର ସଦନ
ଚିନ୍ତା ଓ ଚେତନାର   ବିନ୍ଦୁ
ପ୍ରତ୍ୟେକଙ୍କ ସ୍ପନ୍ଦନର  ଧାରା
ବିଶ୍ୱାସର ଦୃଢ  ସଂକଳ୍ପ

ଦୟା, କ୍ଷମା,ଓ କରୁଣାର ସାଗର
ଉତ୍ସର୍ଗୀକୃତ  ଜୀବନର
ପ୍ରତ୍ୟେକ ହୃଦୟ କନ୍ଦରେ
ଭାବନାର  ସୁତାଖିଏ
ଉଜ୍ଜୀବିତ  କରିଦିଅ
ବିଶ୍ୱାସର  ମଞ୍ଜି
ଢାଳିଦେଇ ଶ୍ରଦ୍ଧାର ନୀର
ଉଦ୍ରେକ  କରି
ଭାବ ଦ୍ରୁମଟିଏ
ଚେତନାର  ପଞ୍ଜୁରିରେ
ରଖ  ହେ  ସାଇତି ।

ଗୋପୀନାଥପୁର ନୂଆସାହି
ବାଲୁଗାଁ  ,  ଖୋର୍ଦ୍ଧା
୯୯୩୮୪୭୫୨୦୭

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶ୍ୱାସ ସୁମନ



କାର୍ତ୍ତିକ ଚନ୍ଦ୍ର
ସେଠୀ

ଯେବେ 'ଅପେକ୍ଷା' କୁ ଉପେକ୍ଷା ର ଛୁଆଁ ଦେଲ
ସମୟର ଲମ୍ବା ଅବଧି ଧାରେ
ଊର୍ଦ୍ଧ୍ୱରେତା ଠାଣି ମୋର ଦୋହଲିଗଲା
କେବେ ମୁଣ୍ଡ ପୋତି ତଳକୁ
କେବେ ଉପରକୁ
ନିରେଖି ଚାଲୁଥିଲି ଶୂନ୍ୟ ଆଡ଼କୁ
ମୋ' ଦୃଷ୍ଟିର ପ୍ରତିଟି ଲକ୍ଷ୍ୟବିନ୍ଦୁର ମଧୁବର୍ତ୍ତୁଳରେ
ତୁମେ ଆଉ ତୁମେ ହୋଇ ନଥିଲ
ଦେବୀ ଟିଏ ପରି  ଝଟକୁଥିଲ
ଓମ୍ ଶାନ୍ତି ଓମ୍' ର ରୂପେଲି ପରଦାରେ,
ଅବା ମୋ ହୃଦ ସିଲଟରେ
ଯେଉଁଠି କେହି ଚୋରାଇ ପାରିବେନି
ଅବା ଲିଭେଇ ପାରିବେନି
ତୁମର ଓ ମୋର ସେଇ ସ୍ମୃତିସୌଧକୁ ,
ଆମ ଭଲ ପାଇବାର ରଙ୍ଗୀନ୍ ସ୍ୱାକ୍ଷର କୁ  ।।

ଏବେ ବିଶ୍ୱାସ ସୁମନକୁ ତାଜା କରି
ବଞ୍ଚି ରହିଛି ତୁମ ମିଠାଛୁଆଁର
ସମ୍ପତ୍ତି  ଆଉ ଅକ୍ଷୟ ବାଟିକାରେ ...

ବାଲେଶ୍ୱର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଧନ୍ୟ କହିବ ନୀଳମଣିକି



ଅନାମ ଚରଣ ସାହୁ

ଧନ୍ୟ କହିବ ନୀଳମଣି କି
ସବୁ କରୁଛି ଜାଣି ଜାଣିକି ।

ବଡ ଠାକୁର ସେ ନିଜକୁ ବୋଲାଏ
ତାରିବ ବୋଲିଟି ପତିତଙ୍କୁ କହେ
ଡାକୁଥାଏ ହାତ ଠାରିକି ।

ବାଉନ ପଉଟି ନିତି ଭୁଞ୍ଜୁଥାଏ
ଚକା ନୟନରେ ସବୁ ଦେଖୁଥାଏ
ରତନ ପଲଙ୍କେ ବସିକି ।

ତୁଳସୀ ପତରେ କରିଥାଏ ଆଶ
ମହକେ ଚନ୍ଦନ ଅଗରୁର ବାସ
ପିନ୍ଧିଥାଏ ବନମାଳିକି ।

ଆନନ୍ଦବଜାରେ ଲଗାଏ ସେ ହାଟ
ଦୁନିଆ ଯାକର ଦେଖେ ନିତି ନାଟ
ରଙ୍ଗିଆ ଅଧରେ ହସିକି ।

ମୋତେ କରିଦେଇ ତା କିଣା ଚାକର
ସାଥୀ ହେଲା ମୋର ସେ ସୁଖ ଦୁଃଖର
ପାପରାଶି ଯେତେ ନାଶିକି ।

ବିଭୁତିପୁର,କାକଟପୁର, ପୁରୀ
ମୋ-୯୯୩୭୨୧୦୨୭୦

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତୁମେ ଓ ଅହଲ୍ୟାମାନେ



ଅନୁସୂୟା ମିଶ୍ର

କିଛି ତ ନିଶ୍ଚୟ ଥିବ
ତୁମ ସ୍ପର୍ଶରେ
କାମନା ଆଉ କଳୁଷତାର ଊର୍ଦ୍ଧ୍ୱ...
ନହେଲେ କି ପଡ଼ି ରହିଥାଆନ୍ତେ ସେମାନେ
ତୁମ ଚଲାପଥଧାରେ
ଏମିତି ନିଥର ଆଉ ନିଷ୍ପନ୍ଦ,
ନୀରବରେ ଆଦରି ନେଇଥାଆନ୍ତେ
ଅଲରା ଗୁଡ଼ିଏ ପ୍ରଶ୍ନବାଚୀ,
ଆଉ ଅସୁମାରୀ ଅଭିସମ୍ପାତ !!

ଦୁନିଆର ତ ସ୍ୱଭାବ
ସିଏ କିଛି ବି କହିବ,
କହି ଚାଲିଥିବ...
କେବେ ତୁମ ପାଦତଳର ସ୍ୱଚ୍ଛନ୍ଦତାକୁ
କେବେ ସେମାନଙ୍କର ଅହେତୁକ
ଏକନିଷ୍ଠତାକୁ
କେବେ ପୁଣି ସମୟର ଅସମୟତାରେ
ଛନ୍ଦି ହୋଇ ପଡ଼ିଥିବା
ଆଶାୟୀ ଏକ ଅପେକ୍ଷାକୁ,
ତଥାପି,
କିଛି ତ ନିଶ୍ଚୟ ଥିବ
ତୁମ ଆଗମନୀରେ
ଅଦେଖା ଏକ ସମ୍ମୋହନୀ ପ୍ରଭାବ...
ନହେଲେ କି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମଉଳା ମନର ଉପବନରେ

ନିତି ନିତି ଜୀବନ୍ୟାସ ପାଉଥାଆନ୍ତା

ଏତେ ଆକର୍ଷଣ

ଏତେ ଦୁର୍ବଳତା

ଏମିତି ଅନାବିଳ ଭାବ

ଏକାନ୍ତ ଏତେ ଐକାନ୍ତିକତା

ଆଉ, ଏମିତି ଗଡ଼ି ଚାଲିଥାଆନ୍ତା

କେଉଁ ବେପରୁଆ ମୁହୂର୍ତ୍ତରେ

ବିଧାତାର ହାତ ଗଢ଼ା

ବେଖାପ ଏକ ସଂଯୋଗ,

ଯାହାର ନା ଅତୀତଟିଏ ଅଛି

ନା ଭବିଷ୍ୟତର କିଛି ଲକ୍ଷ୍ୟ !!!

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସାଥି...



କାର୍ତ୍ତିକ ପାଣିଗ୍ରାହୀ

ଆଜିକାଲି କେଜାଣି କାହିଁକି

ଆଉ କୌଣସି କଥାରେ ନା ମନ ଲାଗୁଛି

ନା ମନକୁ କୌଣସି କଥା ଲାଗୁଛି

ସମସ୍ତଙ୍କର ସେହି ଏକା ପ୍ରଶ୍ନ...

ଦେଖୁ ଦେଖୁ ଶୀତର ବେଳକାଳ

ସରିବ ସରିବ ହେଲାଣି

କିନ୍ତୁ ନା ଶୀତ ଆସୁଛି

ନା ଶୀତ ରାତିର ପୁଲକ....

ଲାଗୁଛି ଅମାନିଆ ବର୍ଷାଟା ବାଟହୁଡ଼ି ଯାଇଛି ,

କେତେବେଳେ ମୌସୁମୀର ନାଁ ରେ ତ

କେତେବେଳେ ଲଘୁଚାପ ନାଁରେ

ବର୍ଷି ଯାଉଛି ଝରଝର ହୋଇ

ଠିକ ଅଭିମାନି ପ୍ରିୟା ପରି

ସାଥି....

ଦେଖିଲଣି କୋଉଠିର କଥା କୋଉଠି ହେଲାଣି,.... !

ମନ କଥା କହୁ ଋତୁ କଥା କହିଲିଣି

ଆଉ ଋତୁ ପାଖରୁ ତୁମ ପାଖରେ

ଅଥଚ ତମେ କହୁଛ

ମୋତେ କିଛି ବି ମାଗିବନି....

ଆଛା କହିଲ ଆଉ କଣ ଅଛି ଯେ ମାଗନ୍ତ...

ଭାବ ତ ତୁମର

ଭାବନା ତ ତୁମେ

କଥା ତ ତୁମର

କାହାଣୀ ତ ତୁମେ

ଚିନ୍ତା ତ ତୁମର

ଚେତନା ତ ତୁମେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶବ୍ଦ ତ ତୁମର

ସଙ୍ଗୀତ ତ ତୁମେ

ସାତ ସୁରରେ ବନ୍ଧା

ମୋ ମନର ରାଗିଣୀ ତ ତୁମେ

ଆଖି ସିନା ମୋର

ଏ ଆଖିର ସ୍ୱପ୍ନ ତ ତୁମେ

ଭାଷା ସିନା ମୋର

ସେ ଭାଷାର ଆଶାୟୀ ତ ତୁମେ

ମୋ ଭିତରେ ମୁଁ ସିନା ଅଛି

ମୋ ଭିତରେ ସବୁ ତ ତୁମର

ସାଥି ...

ଏବେ ତ କହିଦିଅ

କହୁ କହୁ କହିଦେଲ ବୋଲି

ତା ନ ହେଲେ

ନା କିଛି ଭାବି ପାରିବି

ନା କିଛି ଲେଖିପାରିବି....

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସାଇକେଲ୍



ରାଜେନ୍ଦ୍ର ସାମଲ

'ଗୁଡ୍ ବାୟ୍' ଘେନ ସାଇକେଲ,ମୋର
ଗୁଡ୍ ବାୟ୍ ଏବେ ଘେ
ଷ୍ଟାଣ୍ଡାଡର୍ ଯୁଗରେ ସବ୍ ଷ୍ଟାଣ୍ଡାଡର୍ ତୁମ
ନାହିଁ ଜମା ପ୍ରୟୋଜନ ॥
ମାନବ ସଭ୍ୟତା ବିକାଶରେ ତୁମ
ଭୂମିକା ଗୁରୁତ୍ୱପୂର୍ଣ୍ଣର୍
ଯାତାୟତ ସହ ପରିବହନରେ
ତୁମେ ତ ସୁଲଭ ଯାନ ॥
ତୁମ ବ୍ୟବହାରେ ନାହିଁ ବ୍ୟୟଭାର
ଅବା କିଛି ପ୍ରଦୋଷଣ
ସୁଗମ ଦୁର୍ଗମ ପଥ କିଛି ନାହିଁ
ସବୁ ତୁମକୁ ସମାନ ॥
ତୁମ ବ୍ୟବହାର ଦେହକୁ ବ୍ୟାୟାମ
ପୁଣି ଅଥର୍ ପ୍ରଦାୟକ
ତୁମ ପରି ଘୋଡା କ୍ରୟଣ-ରକ୍ଷଣ
ପାଇଁ ଯୋଗ୍ୟ ସବୁ ଲୋ ॥

ଲାଭ,ସେବା,ସ୍ୱାସ୍ଥ୍ୟ ଦେଇ କାଲି ଥିଲ
ମିତ୍ର ତୁମେ ହିତକାରୀ
ଜୀଇଁବାର ମାନ ମାପ ବେଳେ ଆଜି
ତୁମେ ତ ଅଦରକାରୀ ॥
ମୋଟର ଯାନର ପ୍ରତିଯୋଗିତାରେ
ମପା ହୁଏ ଆଜି ମାନ
ତୁମ ପରି ଶସ୍ତା ଯାନ ଅଛି ଯାର
ସମାଜେ ତା' ଅପମାନ ॥
ପେଟ ପୋଡୁ,ମୁଣ୍ଡେ ଚାଳିଆ ନଥାଉ
ଥାଉ କାର,ବାଇକ ଟିଏ
ନୋହିଲେ ସମାଜେ କେଉଁ ମଣିଷରେ
ଗଣା ହେବ ଅବା ସିଏ ? ?
ଫେସନ,ଷ୍ଟାଇଲି ମାପକାଠି ଆଜି
ମାନ ମାପିବା ବେଳରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେତକ ଯାହାର ନାହିଁ ସେ ବିଚରା
ଗଣା ପଛୁଆ ବର୍ଗରେ ॥
ତେଣୁ,ସାଇକେଲ ! ବାଧ୍ୟ ହୋଇ ଆଜି
ବିଦାୟ ଦେଉଛି ତୋତେ
ନୋହିଲେ ଜଗତେ ମଣିଷ ଭିତରେ
ଗଣିବେନି କେହି ମୋତେ ॥
ସମୟ-ସୁଅରେ ପତର ହୋଇକି
ଭାସିଯାଉଅଛି ମୁହିଁ
ତୁମକୁ ଗୁଡ୍ ବାୟ୍ କରିଦେଲି ବୋଲି
ଦୋଷ ମୋ' ଧରିବ ନାହିଁ ॥

ବାରିପଦା, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶୀତ ଆଗମନ



ପଙ୍କଜ ମାହାନା

ଲଜ୍ଜାବତୀ ନାରୀ ପରି ଆସେ ଶୀତ
ମୁଣ୍ଡରେ ଓଢ଼ଣା ଦେଇ,
ପାଦରୁ ମସ୍ତକ ଦେଖି ହୁଏ ନାହିଁ
ଶରୀର ହୁଅଇ ଢାଙ୍କି ।।
ଛପି ଛପି ଆସି ସଭିଙ୍କ ଦେହରେ
ଚୁମି ଚୁମି କରେ ଗେଲ,
ଦାରୁଣ କଷଣ ତାହାରି ସେ ପ୍ରେମ
ନ ଛାଡେ କାହାକୁ ଜାଣ ।।
ଏକରୁ ଶତକ ହୁଅନ୍ତି ଶିକାର
କେହି ପଡନ୍ତି ନି ବାଦ,
ସଭିଙ୍କ ଦେହରେ ଶୀତ ବଳିଦିଏ
ଅଭୁଲା ପ୍ରେମର ଦାଗ ।।

ଜେଜେଆଜି ମୋର ହନୁଟୋପି ତା'ର
କାଢିଲେ ବାକ୍ସ ଭିତରୁ,
ଜେଜେମାଆ ମୋରତାଙ୍କୁ ଡାକିକହେ
ହୋଇ ହେ ଟିକିଏ ଶୁଣ ?
ରେଜେଇ କମ୍ବଳ ସଜଡା ହୁଅଇ
ଶୀତର ଆଗମନରେ,
କେହି କେହି ଲୋକ ଶୀତରେକାହାର
ଶୀତକୁ ସେ ଭାରି ନିନ୍ଦେ ।।
ପ୍ରକୃତିରାଣୀର ଶ୍ୟାମଳା କୋଳରେ
ଝରଇ ମୁକୁତା ଧାରା,
ପଦ୍ମ ବନକୁ ପୋଡି ଦେଇ ଯାଏ
ପଡିଲେ ଶିଶିର ଧାରା ।।

ବାରିପଦା ,ମୟୂରଭଞ୍ଜ, ମୋ: ୯୫୮୩୨୫୪୯୭୮

YOUTUBE : SAMSKRUTAYANAM

 Magazine Downloaded from www.aahwaan.com

# ଆଲୋ ବାରମାସୀ



ତାରାପ୍ରସାଦ ଜେନା

ଆଲୋ ବାରମାସୀ
ବଜାର ଭାଉକୁ ଜାଣିକି ଅଜାଣି
ନିଇତି କହୁଚୁ ଖାଇବୁ ଖାସି !

ଆଲୋ ବାରମାସୀ
ହୋଟେଲ ଖାନାକୁ ମନଟା ଉସତ
ଆଗରୁ ଚଳିଚୁ ତୋରାଣି ବାସି !

ଆଲୋ ବାରମାସୀ
ଶାଗକୁ ଖୁଣ୍ଟିକି ନଖ ତୋ ମୁଣ୍ଡାଲୋ
ଶାଗକୁ ଛାଟୁଛୁ କୋଣକୁ ଠେସି !

ଆଲୋ ବାରମାସୀ
କପଡ଼ା ଭଲୁଟେ ଦିହରେ ନ ଥିଲା
ଏବେକୁ ଖୋଜୁଚୁ ପାଟକୁ ବେଶି !

ଆଲୋ ବାରମାସୀ
ଲିପଷ୍ଟିକ୍ ନାଲି ଓଠକୁ ରଙ୍ଗଉ
ବିଡ଼ିଆ ପାନରୁ ଯାଇଚୁ ଖସି !

ଆଲୋ ବାରମାସୀ
କଥାରେ ବାଟୁଳି ଏମିତି ମାରୁଚୁ
ପାଣିରେ ସରକୁ ପକାଉ ହସି !

ଆଲୋ ବାରମାସୀ
ବାହାନା କାଢ଼ିବା ତୋ'ଠାରୁ ଶିଖିବ
କାହାକୁ କେମିତି ପଟାଉ ଖୁସି !

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଲୋ ବାରମାସୀ

ଆଗରୁ ଥିଲୁଟି ଚାଳିଆ ଘରେଲୋ

ଏବେ ତୁ ଛାତକୁ ଲୋଡୁଚୁ ଆସି  !

ଆଲୋ ବାରମାସୀ

ସେନେହ ଶରଧା ଛାଡ଼ିକି ଆଇଚୁ

ଘରର ଲୋକଙ୍କୁ କରୁଚୁ ଦୋଷୀ  !

ଆଲୋ ବାରମାସୀ

ଜଲଦି ବାଟକୁ ସଳଖ ହୋଇଯା

ନଇଲେ ଖାଇବୁ ବଢ଼ିଆ ଘୁଷି  !

ରାଜ ରଣପୁର-୭୫୨୦୨୬, ଜିଲ୍ଲା-ନୟାଗଡ଼

ଦୂରଭାଷ : ୯୩୪୮୦୫୪୩୦୦

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଗଙ୍ଗଶିଉଳି



ଡଃ ମଧୁସ୍ମିତା ମିଶ୍ର

ମୁଁ ଭି ଜଣେନି
ତୁମ ଅପେକ୍ଷାରେ କେତେବେଳେ ଗଙ୍ଗଶିଉଳି ସାଜିଛି ।

ଦେହ ସର୍ବସ୍ୱ ନହେଇ ଆତ୍ମଜା ହେଇଚି
ମହ ମହ ବାସିଛି ତୁମ ପ୍ରେମରେ ଭିଜି ଭିଜି ।

ରାତିର ଘନ ନୀରବତାରେ ଭି
ଗୁଣୁ ଗୁଣୁ ହେଇ ଗାଇଛି ପ୍ରୀତି ସଙ୍ଗୀତ ।

ସକାଳୁ ଝରିଯିବା ଆଗରୁ
ପଣତରେ ସାଉଁଟି ଚାଲିଛି

କେତେ ଅଭୁଲା ଅନୁଭୂତି ।

ଇମେଲ୍ : madhusmitaa@gmail.com
ଭ୍ରାମ୍ୟଭାଷ : ୯୫୯୦୦୯୪୭୮୪୮

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କାନ୍ଦୁଛି ଜନ୍ମରା... ଝୁରୁଛି ଅନନ୍ୟା



ନାରାୟଣ ଚନ୍ଦ୍ର ସେନାପତି

ସେଦିନ ଜନ୍ମରାତା
ଆକୁଳେ ଚାହିଁଥିଲା ଶଙ୍ଖୁଳିବାକୁ
ତା ପ୍ରାଣର ସ୍ପନ୍ଦନଙ୍କୁ
ହାତରେ ଧରି ସ୍ନେହବୋଳା ଚନ୍ଦନ
ଆଉ ହୃଦୟରେ ଧରି ପ୍ରୀତିପେନ୍ଥା ପୁଷ୍ପ
ସତେ ଯେମିତି ଡାକୁଥିଲା ସେ...
ଆସରେ ପିଲେ...
ମୋ କୋଳରେ ଟିକେ ରଖି ଦିଅରେ ମୁଣ୍ଡ
ପାଇଦିଅରେ ମୋ ହାତରୁ ମଧୁର ମହାପ୍ରସାଦ ।
ସଭିଙ୍କ ସହାସ୍ୟ ଆଗମନରେ  ବିମୋହିତ ହେଲା ସେ
ଆନନ୍ଦ ଉଲ୍ଲାସର ମିଳନରେ
ତା ଆଖିରୁ ବୋହିଗଲା କେଇଟୋପା ଆନନ୍ଦାଶ୍ରୁ
ଆବେଗର ପୁଲକଟା ସତେ ଯେମିତି ଥରାଇଦେଲା ତା ତନ୍ତ୍ରୀକୁ
ତା କାନରେ ସତେ ଯେମିତି ପ୍ରତିଧ୍ୱନିତ ହେଉଥିଲା
ଏ ମା' ସତରେ ତୁ ଧନ୍ୟା
ଦେଖିବାକୁ ଆସିଛୁ ପରା
ତୋ ସ୍ୱପ୍ନର କନ୍ୟା ଅନନ୍ୟା ।
ଗୀତର ଛନ୍ଦେ ଛନ୍ଦେ ଛନ୍ଦି ହେଲେ ସର୍ବେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନୃତ୍ୟର ତାଳେ ତାଳେ ଛୁଟିଲା ଆନନ୍ଦର ରୋଳ
ବାଗ୍ମୀତାର ମଧୁସ୍ପର୍ଶେ କମ୍ପିଲା ମେଦିନୀ
ଆଉ ପ୍ରେମ ସମ୍ଭାଷଣ ତୁଟାଇଲା ସଭିଙ୍କ ଆସ୍ଫାଳନ
ଆଚମ୍ବିତ ହେଲା ତା ଚକ୍ଷୁ
ସାରା ଓଡିଶାକୁ ନିହାତି ପାଖରୁ ଦେଖି
ମୁଣ୍ଡ ଆଉଁସୀ ପିଠି ଥାପୁଡ଼ାଇ କହୁଥିଲା
ଯାଅନାରେ ପିଲେ
ରହିଯାଅ ସବୁଦିନ ପାଇଁ ।
ସମୟର ଚୋରାବାଲିରେ ହଜିଗଲା ସମୟ ନିର୍ଘଣ୍ଟ
ଆସି ଠକ ଠକ କଲା ବିଦାୟର ବେଳା
ଲୁଚିଗଲା ସେ ରୂପ କାନ୍ତି ଶୁଭିଲାନି ସେ ମଧୁର ସ୍ୱର
ବିଦାୟର କାନ୍ଥଘଣ୍ଟାଟା ଠନ ଠନ କଲା
ମା ମାଟିର ପାଦ ଧୂଳି ନେଇ ବିଦାୟ ନେଲା ବେଳେ
କାନ୍ଦି କାନ୍ଦି ହାତ ହଲାଉଥିଲେ ସେମାନେ
ଯାଉ ଯାଉ ଛାତିର ଅମାନିଆ କୋହଟା
ସହି ପାରୁ ନ ଥିଲା ଯନ୍ତ୍ରଣାଦାୟକ ବିଦାୟକୁ
ଅସହ୍ୟ ବିରହ ଦୃଶ୍ୟ ଦେଖି
ସତେ ଯେମିତି କିଏ କହୁଥିଲା..
କାନ୍ଦୁଛି ଜମ୍ବରା..ଆଉ ଝୁରୁଛି ଅନନ୍ୟା ।

ନାରାୟଣ ଚନ୍ଦ୍ର ସେନାପତି, ଜମ୍ବରା, କେନ୍ଦୁଝର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଘର



ହରେରାମ ପଣ୍ଡା

ଘର ଅଟେ ସିନା ମମତା ମନ୍ଦିର
ସତେକି ସରଗ ପୁର,
ସ୍ନେହ ଶ୍ରଦ୍ଧା କରେ ଯେଉଁଠି ରାଜୁତି
କେ ନୁହେଁ କାହାଠୁଁ ପର ॥
ପିତା ମାତା ଆମ ଦେବତା ସମାନ
କରୁଁ ତାଙ୍କ ପଦ ସେବା,
ତାଙ୍କରି ଆଶିଷ ଲଭିଲେ ଜୀବନେ
ସବୁ ଦୁଃଖ ପାରି ହେବା ॥
ଦାଦା ଖୁଡ଼ି ଭାଇ ଭଉଣୀଙ୍କ ସ୍ନେହ
ମିଳଇ ଆମକୁ ଯହିଁ,
ମାଆ ହାତରନ୍ଧା, ବୁଢ଼ୀ ମାଆ ଗପ
କେଉଁଠି ମିଳଇ ନାହିଁ ॥
ଜେଜେବାପାଙ୍କର ମିଠାମିଠା କଥା
ସବୁଦିନ ଥିବ ମନେ,
ବାପାଙ୍କର କଥା ମାନିକି ଚଳିଲେ
ବଡ଼ ହେବା ନିଶ୍ଚେ ଦିନେ ॥

କେତେ ଓଷାବାର, ପୁନେଇଁ ପରବ
ମିଶିକି ପାଳିଛୁ ଆମେ,
ଆପଣା ଭିତରେ କେତେ ରାଗରୁଷା
ତୁଟାଇ ଦେଇଛୁ ଆମେ ॥
ଜୀବନର ଯେତେ ସୁଖ ଅବା ଦୁଃଖ
ସମସ୍ତେ ବାଣ୍ଟି ନେଇଛୁ,
ବଡ଼ଙ୍କୁ ସମ୍ମାନ, ଭକତି, ଆଦର,
ସାନଙ୍କୁ ସେନେହ ଦେଇଛୁ ॥
ଏହି ଘରେ ମୋର ଜୀବନଟା ଗଢ଼ା
ପୂଣ୍ୟତୀର୍ଥ ଆମପାଇଁ,
ଜନମ ଆମର ହୋଇଛି ସାର୍ଥକ
ଏ ଘରେ ଜନମ ପାଇ ॥

ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ,
ମଧୁପୁର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ
କୁଆଁସ, ମେର୍ଦ୍ଧା କାଟିଆଛକ, ଯାଜପୁର
ଭ୍ରାମ୍ୟଭାଷ - ୯୪୩୮୦୬୫୧୯୫

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଜୀବନାବସ୍ଥାର ବିଷମତା



ରୋଜା ପଣ୍ଡା

ଜ୍ୱାଇଁ ନେଇଗଲା ଝିଅକୁ ମୋହର
ବୋହୂ ସାଥେ ଗଲା ପୁଅ
ମଶାଣି ଡାକିଲା ଅର୍ଦ୍ଧାଙ୍ଗିନୀକୁ ମୋ
ଆଖିରୁ ଝରିଲା ଲୁହ .......

ଚାଳ ଖଣ୍ଡେ ଛାଉ ମୁଣ୍ଡ ଉପରେ ମୋ
ଶିକାରେ ତ ନାହିଁ ଭାତ
ଭାଗ୍ୟ ଦେଉଅଛି ଏମିତିକା ମତେ
ଭୋକିଲା ପେଟରେ ଲାତ ......

କପାଳ ଲିଖନ ନ ହୋଇଲା ଆନ
ବିହି ଲେଖିଥିଲା ଯାହା
କଲା କରମର ଫଳ ଭୋଗୁଅଛି
ପ୍ରାୟଶ୍ଚିତ ଏକା ସାହା .......

ବାର୍ଦ୍ଧକ୍ୟ ବେଳାରେ ସାହା ମୋର ଯିଏ
ମୁହଁ ମୋଡ଼ି ଗଲେ ଚାଲି
ଅପନ୍ତରା ଘରେ ଫିଙ୍ଗିଦେଲେ ମତେ
ଧରମ କୁ ସବୁ ଭୁଲି .........

ତଳ ବରଡ଼ାଟି ଖସୁଅଛି ସିନା
ଉପର ବରଡ଼ା ହସେ
ମଝି ବରଡ଼ା ତ ଚେତାବନୀ ଦିଏ
ସଭିଙ୍କ ସମୟ ଆସେ ........

ସଭିଏଁ ଦିନେରେ ବାର୍ଦ୍ଧକ୍ୟ ହୋଇବେ
ଲୋଡ଼ିବେ ସାହାରା ଟିଏ
ଆଜିର କରମ ଅନୁସାରେ ଫଳ
ସେମିତି ପାଇବେ ସିଏ .......

ପୂର୍ଣ୍ଣାନନ୍ଦ ଭବନ
ନେତାଜୀ ନଗର, ମଧୁପାଟଣା,କଟକ
ମୋ : ୯୪୩୮୧୭୫୯୩୦

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅହଂକାର



ସୂର୍ଯ୍ୟକାନ୍ତ ବେହେରା

ଅଳପ ବୟସୀ ଶ୍ରାବଣ ରାତିରେ
ଭେଟ ହୁଏ ଏକ ଛାୟାମୂର୍ତ୍ତୀ -
ଅସ୍ପଷ୍ଟରୁ ସ୍ପଷ୍ଟ ହେଲା
ଅଚିହ୍ନା ମଣିଷ ଧରାପଡ଼ିଲା
ସେ ଯେ ମୋର କଲେଜ ପଢୁଆ ସାଥୀ
ମନେ ପଡ଼ିଗଲା ।

ମୋ ଛତାରୁ ଅଧା ବାଣ୍ଟିଦେଲି
ତା ଓଦା ସରସର ଦେହସହ,
କେଉଁ ଆଦିମ ଯୁଗର ଆଦାମ୍-ଇଭ୍ ପରି
ଦୁହେଁ ବାଟ ଚାଲୁଥିଲୁ
ଦୈହିକ ଦୂରତ୍ୱ କମେଇ
ପରସ୍ପର ସହ ସଂଲଗ୍ନ ହୋଇ ।

ସେ ଗପି ଚାଲିଥାଏ -
ତାର ପଢ଼ା ଶେଷପରେ ବିବାହ
ସନ୍ତାନର ଜନନୀ,
ମାତୃତ୍ୱରେ ସେ ଯେ ଗୌରବାନ୍ୱିତ
ତା ଚେହେରାରୁ ହେଉଥିଲା ସ୍ପଷ୍ଟ ପ୍ରମାଣିତ ।

ମନ କଷ୍ଟ କଲା ଜାଣି -
ମୁଁ ଯେ ଏବେ ବି ନିଃସଙ୍ଗ ବିହଙ୍ଗ
ଜାଣିଶୁଣି କାହା ହାତେ ଦେଇନି ମୁଁ ଧରା
ଉଡ଼ିବୁଲେ ସସାଗର ଧରା ।

କଥା ଛଳରେ ସେ କହିଦେଲା
କଲେଜ ଦିନମାନଙ୍କରେ ସେ ମୋତେ
କେତେ ଭଲ ପାଉଥିଲା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋତେ ବିବାହ କରି ନପାରି

କେତେ ଯେ ରାତି ବିଛଣା ଭିଜାଇ

ମନଭରି କାନ୍ଦିଥିଲା ।

ଏତେ ବର୍ଷପରେ

ଏମିତି ଏକ ବେଳାରେ

ତା'କଥାକୁ ସତ ବୋଲି ଭାବିବାକୁ

ଇଛା ହେଉଥିଲା ।

ଦିନେ ଯେ ମୋ ପାଇଁ ଗୋଟେ ଝିଅ

ରାତିସାରା ବିଛଣା ଭିଜାଇ କାନ୍ଦିଥିଲା -

ଏହା ତ କିଛି କମ୍ ଅହଂକାରର

ବିଷୟ ନଥିଲା ।

ତା ସାଥେ

ଅସରନ୍ତି ବାଟ ସରେ ନାହିଁ

ମଣିଷର ଶୋଷ ମେଣ୍ଟେ ନାହିଁ

ଆଉ ମୋ ଅହଂକାର

ବନ୍ଧବାଡ଼ ମାନେ ନାହିଁ ।

ଦେଉଳି ଗ୍ରାମେଶ୍ୱର, ଜଗତସିଂହପୁର, ଓଡ଼ିଶା

ଭ୍ରାମ୍ୟଭାଷ : ୮୧୦୨୨୧୦୯୮୧

Magazine Downloaded from www.aahwaan.com

# ଭାରତମାତା



ପ୍ରଦୀପ କୁମାର ପଧାନ

ଜୟ ମା ଭାରତମାତା, ତୋ ପୟରେ
ସେବୁଥିବି ନିରନ୍ତର
କରୁଛି ବିନତି ଏତିକି ତୋ ଠାରେ
ରଖିଥିବୁ ପାଦତଳେ, ତୋ ପୟରେ
ସେବୁଥିବି ନିରନ୍ତରେ ।୧

ଗଙ୍ଗା, ଗୋଦାବରୀ, ଯମୁନା, କାବେରୀ
ବ୍ରହ୍ମପୁତ୍ର, ସିନ୍ଧୁ ଆଦି
ହିମାଳୟ ତୋର ପ୍ରାଚୀର ପରାଏ
ସେବାକରେ ଦିନରାତି, ତୋ ପୟରେ
ସେବୁଥିବି ନିରନ୍ତରେ ।୨

କେତେ ଧର୍ମ ଜାତି ଭାଷା ଓ ସଂସ୍କୃତି
ରଖିଅଛୁ ତୋ ବକ୍ଷରେ
ହିନ୍ଦୁ ମୁସଲମାନ୍, ଜୈନ ଖ୍ରୀଷ୍ଟିୟାନ୍
ବୌଦ୍ଧ ଆଦି ତୋର କୋଳେ, ତୋ ପୟରେ
ସେବୁଥିବି ନିରନ୍ତରେ ।୩

ଧନ୍ୟ ମହାବୀର, ହୋଇଲେ ଅମର
ଏ ଦେଶ ମୁକତି ପାଇଁ
ଗାନ୍ଧୀ ଜବାହାର, ଲାଲ, ବାଲ, ପାଲ
ସୁଭାଷ କଲେ ଲଢ଼େଇ, ତୋ ପୟରେ
ସେବୁଥିବି ନିରନ୍ତରେ ।୪

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏ ମାଟିର ସୁତ, ପୃଥିବୀ ବିଖ୍ୟାତ
ଦେଖାଇ ବିଜ୍ଞାନ ଗୁଣ
ରମଣ, କଲାମ ବୈଜ୍ଞାନିକଗଣ
ରଚିଲେ ନବଜୀବନ, ତୋ ପୟରେ
ସେବୁଥିବି ନିରନ୍ତରେ ।୫

ସତ୍ୟ, ଧର୍ମ, ନ୍ୟାୟ, ଅହିଂସା ପଥରେ
ଆଗେଇବା ପାଇଁ ହେଲେ
ମହାଭାରତୀୟ ଭାବନା ଭାବରେ
ମନପ୍ରାଣ ଦେବା ଭଲେ, ତୋ ପୟରେ
ସେବୁଥିବି ନିରନ୍ତରେ ।୬

ଶେଷରେ କରୁଛି ଏତିକି ଗୁହାରୀ
ଜୟ ମା ଭାରତମାତା
ତୁହି ଗତି ମୁକ୍ତି, ତୁହି ସତ୍ୟ ଶାନ୍ତି
ତୁ ଅଟୁ ଭାଗ୍ୟବିଧାତା, ତୋ ପୟରେ
ସେବୁଥିବି ନିରନ୍ତରେ ।୭

କଚ୍ଛାରଡେଙ୍ଗେନ, ମ.ରାମପୁର, କଳାହାଣ୍ଡି
ଭ୍ରାମ୍ୟଭାଷ : ୭୬୫୩୯୦୪୭୫୭

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶିଶୁ ଦିବସର ଗାଥା



ଅଭିମନ୍ୟୁ ବେହେରା

ଆସେ ନଭେମ୍ବର ଚଉଦ ତାରିଖ
ନେହେରୁଙ୍କ ଜନ୍ମତିଥି
ଯାହାଙ୍କର ତ୍ୟାଗ ଆଦର୍ଶେ ପ୍ରଣିତ
ଶିଶୁ ଦିବସର ଖାତି ।
ବରଷକେ ଥରେ ଆସେ ଏ ସୁଦିନ
ଭାବିବାକୁ ଶିଶୁକଥା
ସତେ କଣ ଶିଶୁ ସୁରକ୍ଷିତ ଆଜି
ଭାବି ଘୁରିଯାଏ ମଥା ।
ଆଜି ବି ଏ ଦେଶେ ଶିଶୁ ଅସହାୟ
ଭୋକିଲା ଶୁଖିଲା ଦେହ
ଅଭାବ ସାଙ୍ଗକୁ ରୋଗ ସାଜେ ଦାଉ
ଛାତି ଫଟା ମାଆ କୋହ ।
ଡାକ୍ତରଖାନାରେ ଶିଶୁ ହୁଏ ଚୋରୀ
ପୁଣି ଶିଶୁ ଭୃଣହତ୍ୟା
ନିଜ ଜନ୍ମଜାତ ଶିଶୁ ହୁଏ ବିକ୍ରୀ
ଏକଥା ନୁହେଁ ଅନ୍ୟଥା ।

ଆଜି ବି ସମାଜେ ଶିଶୁ ଶ୍ରମିକର
କେତେ ଯେ ଉଦାହରଣ
ଶିଶୁ ଶ୍ରମ ପ୍ରଥା ଉଚ୍ଛେଦର ଗାଥା
ସବୁ ହୁଏ ଅକାରଣ ।
ଏ ସବୁ ଦେଖି ସ୍ୱର୍ଗେ ତାଙ୍କ ଆତ୍ମା
ପାଉଥିବ କଣ ଶାନ୍ତି
ଶିଶୁ ଦିବସର ଚାଚା ନେହେରୁଙ୍କ
ଏ କଣ ଅମ୍ଳାନ ଗତି !
ଆସିଛି ସେଦିନ ଆସନ୍ତୁ ସଭିଏଁ
ଭାବିବା ଟିକିଏ ବସି
କୋଟି ପୂଣ୍ୟଫଳ ମିଳିବ ଆମକୁ
ଶିଶୁଟିକେ ଦେଲେ ହସି ।

ମାଇଁ ପ୍ଲାନେଟ୍ ପବ୍ଲିକ୍ ସ୍କୁଲ
ସ୍ୱାମପାଟଣା, କେନ୍ଦୁଝର
ଭ୍ରାମ୍ୟଭାଷ : ୯୯୩୮୧୬୨୦୬୯

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସମୟ



କାହ୍ନୁଚରଣ ସାହୁ

ସମୟ ଖୁବ୍ ବଳବାନ
ସବୁ ସମସ୍ୟାର କରିଦିଏ ସେ
ଠିକ୍ ସମୟରେ ଠିକ୍ ସମାଧାନ ।

ଜୀବନକୁ ନେଇ
ଖେଳିବାପରେ ପହଞ୍ଚାଇ ଦିଏ
ସ୍ନେହ, ପ୍ରେମ ଆଉ ଢେର୍ ଭଲପାଇବାର
ଶିଖର ଦେଶରେ

ମାନବକୁ ସଜାଏ ମହାମାନବ
ସ୍ୱାର୍ଥବାଦୀର ମୁଖକୁ ବି ଖୋଲିବାରେ
କରେ ସାହାଯ୍ୟ....

କେବେ ସେ ଝରାଇ ଦିଏ ବୁକୁତଳୁ
ହୃଦୟରେ ଲୁଚିରହିଥିବା
ଦୁଃସ୍ୱପ୍ନ, ହୃଦୟହୀନାର ପ୍ରେମକୁ
କେବେ ପୁଣି ହୃଦୟର ନିବୁଜ କୋଠରୀରେ
ଭରିଦିଏ ପ୍ରେମ ହିଁ ପ୍ରେମ

କେବେ କାହା ଆଖିରେ ଝରାଏ
ଖୁସିର ଲୁହ ତ ଆଉ କେବେ ଦୁଃଖର ଲହୁ
ହେଲେ ପୋଛିଦିଏ ମନତଳେ ଥିବା
ମନକୁ କଷ୍ଟ ଦେଉଥିବା ଦରଦକୁ...
ସ୍ୱପ୍ନକୁ ସାକାର କରେ
ମାନବକୁ ମହାମାନବ କରି ଗଢ଼ିତୋଳେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାହାକୁ ଅପେକ୍ଷା ନ କରି

ଏଯାବତ କର୍ମ କରି ଚାଲିଥାଏ

ତା ସ୍ରୋତରେ ସବୁ କିଛି ପରିବର୍ତ୍ତନ ହୁଏ

ଭୂମିରୁ ଆକାଶ ଯାଏଁ...

କେତେ କୋଠା, କେତେ କାରଖାନା

ଗଢ଼ିଉଠେ ହଜାର ହଜାର ବୃକ୍ଷକୁ ବଳି ଚଢ଼େଇଲା ପରେ

ପରିବର୍ତ୍ତନଶୀଳ ସିଏ ପରିବର୍ତ୍ତନ କରି ଚାଲିଥାଏ

କିଛି ନୂଆ ନିର୍ମାଣ କରିବାରେ

ସମସ୍ତେ ହାର ମାନିନିଅନ୍ତି ତା ଆଗରେ ! ! !

ସମ୍ପାଦକ, ସୃଷ୍ଟି ସମ୍ଭାର

ପଣ୍ଡକାମାଳ, ମ.ରାମପୁର, କଳାହାଣ୍ଡି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଭ୍ରାନ୍ତି



ଊର୍ମିଳା ଦାସ

ପ୍ରେମ ନୁହେଁ ପିଆଲାଟେ
ଅତୃପ୍ତ ତୃଷ୍ଣାର
ପ୍ରେମ ନୁହେଁ ଜିଦ୍ ଟିଏ
ଅବ୍ୟକ୍ତ ବ୍ୟଥାର ।୧

ପ୍ରେମ ନୁହେଁ ତୃପ୍ତି ଟିଏ
କାମୁକ ଇଚ୍ଛାର
ପ୍ରେମ ନୁହେଁ ପ୍ରତିଶୋଧ
କ୍ଷତାକ୍ତ ମନର ।୨

ପ୍ରେମ ନୁହେଁ ଶୃଙ୍ଖଳଟେ
ପ୍ରେମିକା ମନର
ନୁହେଁ ଜାଗିର ଖାଲି
ପ୍ରେମୀପ୍ରେମିକାର ।୩

ପ୍ରେମ ନୁହେଁ ବାଚାଳତା
ଆହ୍ୱାନ ମୃତ୍ୟୁର
ପ୍ରେମ ତ ଜୀବନଦାତା
ପ୍ରତିଟି ତନ୍ତ୍ରୀର ।୪

ଗୋକୁଳପୁର, ଗୋବିନ୍ଦପୁର, ଟାଙ୍ଗି, କଟକ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତୁମ ବିନା



ରବୀନ୍ଦ୍ରନାଥ ମହାରଣା

ଶୁଣି କାହା ମେଘ ମହ୍ଲାରର ଗୀତ
ତୁମ ଲେଖନୀରୁ ଶବ୍ଦ ଝରେ
କେମିତି କହିବି ଅକୁହା ବେଦନା
ଏଇ ଆଖି ଭିଜେ ଲୋତକରେ ।

ଫଗୁଣର ରଙ୍ଗ ଫିକା ଫିକା ଲାଗେ
ତୁମେ ଅଛ ବୋଲି ବହୁଦୂରେ
କୋଇଲିର କୁହୁ ଭଲ ଲାଗେନାହିଁ
ଆଜି ତୁମ ବିନା ବସନ୍ତରେ ।

ଶ୍ରାବଣ ବି ଦିଏ ନିଦାଘ ଯାତନା
ଯଦିଓ ବରଷା ଏଠି ଝରେ
ଭଲ ଲାଗେ ନାହିଁ ଭିଜାମାଟି ବାସ୍ନା
ତୁମେ ଗଲାପରେ ବହୁଦୂରେ ।

ଫିକା ଫିକା ଲାଗେ ଶରତ ଜୋଛନା
ସତେକି ଢାଙ୍କିଛି କଳାମେଘ
ବେସୁରା ଲାଗଇ ଜୀବନ ସଙ୍ଗୀତ
ହରାଇଛି ଯେହ୍ନେ ସପ୍ତରାଗ ।


ମନ ଯମୁନାରେ ଉଠଇ ଜୁଆର
ଯଦିଓ ଆଗରେ ବାଲିଚର
ଆଶ୍ରାହୀନ ସମ ଲାଗଇ ଜୀବନ
ହେଲ ନାହିଁ ବୋଲି ସହଚର ।

ନିଦାଘ ତାତିରେ ଥରିଯାଏ ଛାତି
ସାଥୀ ଆଜି ତୁମ ବିରହରେ
ପଉଷରେ ଜାଡ଼ ଲଗାଏ ତ ନିଆଁ
ତୁମ ବିନା ଏଇ ହୃଦୟରେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଦୀପାବଳୀ



ସଂଯୁକ୍ତା ମିଶ୍ର

କାର୍ତ୍ତିକ ମାସର ଅମାବାସ୍ୟା ତିଥି
ଆଜି ପରା ଦୀପାବଳି
ଅମା ଅନ୍ଧକାରେ ଆଲୋକ ଝଟକେ
ଦୀପଶିଖା ଜଳି ଜଳି ।୧

ଆଜିର ଦିନଟି ଅଟେ ଶୁଭଦିନ
ପୃଥିବୀବାସୀଙ୍କ ପାଇଁ
ସମୁଦ୍ର ମନ୍ଥନୁ ଆବିର୍ଭୂତା ହେଲେ
ଧନଲକ୍ଷ୍ମୀ ମହାମାୟୀ ।୨

ସେଥିପାଇଁ ଆଜି ସୁଗୃହିଣୀ ମାନେ
ଘରେ ଦେଇ ଝୋଟି ଚିତା
କଳସକୁ ସ୍ଥାପି ସ୍ୱାଗତ କରନ୍ତି
ଆସିବେ କମଳାମାତା ।୩

ଦୁର୍ଗାଙ୍କ କପାଳୁ ପ୍ରକଟିତା ହେଲେ
ମହାମାୟୀ ମହାକାଳୀ
ନିଷ୍ଠୁର ଅସୁର କରିଲେ ସଂହାର
ଖଣ୍ଡାଖର୍ପରକୁ ଧରି ।୪

କ୍ରୋଧାନ୍ୱିତ ହୋଇ ବାହାରି ପଡ଼ିଲେ
ଭାଙ୍ଗିବେ ଦାନବ ଗର୍ବ
ଶିବଙ୍କ ଉପରେ ପାଦ ପଡ଼ିଗଲା
କାମୁଡ଼ିଲେ ନିଜ ଜିଭ ।୫

କେହି କହିଥାନ୍ତି ଏହି ଦିନ ପୁଣି
ବାମନ ବେଶରେ ହରି
ତିନିପାଦ ଭୂମି ମାଗିବା ଛଳରେ
ପାତାଳେ ଚାପିଲେ ବଳି ।୬

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଜିର ଦିବସେ ପିତୃପୁରୁଷଙ୍କୁ
ଡାକି ଦ୍ୟନ୍ତି ପିଣ୍ଡଦାନ
ଅନ୍ଧାରରେ ଆସ ଆଲୁଅରେ ଯାଅ
ଆନନ୍ଦେ ବୈକୁଣ୍ଠଧାମ ।୭

ଏହି ଦିନପୁଣି ରଘୁ କୁଳମଣି
ବନବାସ ଶେଷ କରି
ପତ୍ନିଭ୍ରାତା ସାଥେ ଆନନ୍ଦିତ ଚିତ୍ତେ
ଅଯୋଧ୍ୟା ଆସିଲେ ଫେରି ।୮

ସ୍ୱାଗତ ଜଣାଇ ଆଲୋକ ଜଳାଇ
ଅଯୋଧ୍ୟା ନଗରବାସୀ
ରାମ ହେବେ ରାଜା ପାଳିବେ ପରଜା
ହୋଇଥିଲେ କେତେ ଖୁସି ।୯

ସ୍ୱର୍ଣ୍ଣମୟୀ ଲଙ୍କା ଭଲ ନ ଲାଗଇ
ମନେ ପଡ଼େ ଜନ୍ମଭୂଇଁ
ଏହି କଥାଗୋଟି ପ୍ରଭୁ ରାମଚନ୍ଦ୍ର
ଲକ୍ଷ୍ମଣଙ୍କୁ ଥିଲେ କହି ।୧୦
ଜନନୀ ଜନମ ଭୂଇଁ ପରା ଅଟେ
ସରଗଠାରୁ ମହାନ
ସବୁରି ହୃଦରେ ଏ ଭାବ ଜନ୍ମିଲେ
ଧନ୍ୟ ହୋଇବ ଜୀବନ ।୧୧

ମନ ମଧ୍ୟେ କେବେ କରନାହିଁ ଗର୍ବ
ସୂରୁଜ କିରଣ ପାଇ
ଦୀପାବଳୀ ମଧ୍ୟ ଅନ୍ଧାର ହଟାଏ
ହେଜ ହେ ଭଉଣୀଭାଇ ।୧୨

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସତକରି କୁହ



ବିଦ୍ୟାଧର ମିଶ୍ର

ଜୀବନର କେଉଁ ଅଶୁଭ ମଧ୍ୟାହ୍ନେ

ତୁମ ସହ ହେଲା ଦେଖା,

ତୁମେ ଭୁଲିଗଲ ମୋ ମନେ ରହିଲା

ତୁମ ସ୍ମୃତି ହୋଇ ଲେଖା ।

ଝୁରୁଛି ଏଇଠି ତୁମକୁ ମୋ ମନବୀଣାରେ

ତୋଳି ବିରହ ରାଗିଣୀ,

କେମିତି କହିବି କେତେ ଭଲ ପାଏ

ତୁମେ କି ପାରିବ ଜାଣି ।

ମୁଁ ତୁମକୁ ଯେତେ ଭଲ ପାଏ ସେତେ

ଭଲ ପାଉଅଛ କି ତୁମେ ମୋତେ

ସତ କରି କୁହ ମୋ ରାଣ ତୁମକୁ

ଡେରିକର ନାହିଁ ମୋତେ ।

ଯାଜପୁର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହସିଦିଅ ତ' ଟିକେ



ରିଭୁ ଆଭୂଷଣ ପଣ୍ଡା

ହସିଦିଅ ତ' ଟିକେ

ଝରିଯିବ ସ୍ରୋତସ୍ୱିନୀ କଦମ୍ବର,

ଝଲସିଯିବ କିରଣରେ

ଦୂର ଦୂରାନ୍ତର,

ଝିମ୍ ଝିମ୍ କରିଦେବ ଶିଶିରାକ୍ତ ଅନୀଳ

ଝଙ୍କୃତ ହୋଇଯିବ ନିସ୍ତବ୍ଧ

ବଂଶୀର ହୃଦୟ କନ୍ଦର ।୧

ହସିଦିଅ ତ' ଟିକେ

ଆଉ ଆସିବନି ରାତି, ଧରି ନିର୍ଜନତାର

ବୁଜୁଳି

ଚିହ୍ନିକି ଯିବନି ମନ

ଭାବିଦିଏ ପଛରୁ ଧରିଦିଏ ଜାବୁଡ଼ି

ପୋଛିବନି ଆଉ ହାତ

ଶେଯରେ ଲୁଚିଥିବା କଣ୍ଟକର ଜ୍ୱାଳା

ଆପଣାର ଭାବି ଦେବ

ନିଶିଧନୀ ସର୍ବାଙ୍ଗକୁ ଅଣ୍ଡାଳି ।୨

ପାରଳାଖେମୁଣ୍ଡି, ଗଜପତି, ଓଡ଼ିଶା



ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତୁମେ ନାରୀ



ଜ୍ଞାନେଶ୍ୱର ମିଶ୍ର

ତୁମେ ନାରୀ -
ବହୁରୂପୀ, ବହୁ ଅବତାରଧାରୀ
ସୃଷ୍ଟିର ଆଦ୍ୟରୁ -
ତୁମେ ବିରାଜିଛ ଯୁଗଯୁଗ ଧରି ।
କେତେବେଳେ -
ସୃଷ୍ଟିକରି ଝଡ଼ ଓ ପ୍ରଳୟ
ତୁମେ ପୁଣି -
ମମତା ଓ ସ୍ନେହର ମଳୟ ।
ତୁମେ ଦେବୀ -
ସୁଖଶାନ୍ତି ଦିଅ ତ ଅପାର
ତୁମେ ସଂହାରକାରିଣୀ -
ଧନ, ଦଉଲତ ସବୁ କର ଛାରଖାର ।
କେବେ ତୁମେ -
ଜାୟା, ଭଗିନୀ, ଜନନୀ
ତୁମେ ମାୟାବିନୀ -
ଦେବ କି ମାନବ କେହି ନ ପାରନ୍ତି ଚିହ୍ନି ।

ତୁମେ ଥିଲ ପୁରାଣରେ -
ସୀତା, ସାବିତ୍ରୀ, ଅହଲ୍ୟା ବା ମନ୍ଦୋଦରୀ
ଲୁଚିଗଲଣି ତୁମେ -
ଏ ସମାଜ, ଏ ମାନବ ଯାଇଛି ବିସ୍ମରି ।
ଯାବତ୍ ଚନ୍ଦ୍ରାଲୋକଥିବ -
ତୁମେ ତ ରହିଛ ରହିବ
ଏ ମଣିଷ ମନରେ -
ସ୍ନେହ ଆଉ ପ୍ରୀତି ଦିଅଭରି ।
ସମାଜରୁ -
ଅଶାନ୍ତି, କଳୁଷତା ଦିଅ ଦୂରକରି
ଇତିହାସ ବଖାଣିବ -
ତୁମ ଯଶକୀର୍ତ୍ତି, ଯୁଗ ଯୁଗଧରି

ଭ୍ରାମ୍ୟଭାଷ : ୮୪୨୦୨୪୭୭୫୫

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଲଲାଟ ଲିଖନ



ଜ୍ୟୋସ୍ନା ରାୟ

ଭାଗ୍ୟର ଭୂଗୋଳ କୁହ
ଅବା ଭୋକର ଭୂଗୋଳ,
ତା ଗଣି ହେଉଥିବା ପିଞ୍ଜରା ଭିତରେ ବି
ସାଇତି ରଖିଛି ସେ ତା ସରଳପଣରେ
ତୁମ ପାଇଁ ମେଞ୍ଚାଏ ବଳ
ତା ସହନଶୀଳତାର ।

ନଚେତ୍ ତା'ରି ଚିତ୍ର ଆଙ୍କି
ତୁମେ ବାହାବାହା ନିଅନ୍ତ ?
ଦାରିଦ୍ର୍ୟର ଗୀତ ହେଉ
କି ତା' ଅସହାୟପଣର
କଳାହାଣ୍ଡିର ହେଉ କି କୋରାପୁଟର
ମାଲକାନଗିରି କି ମୟୁରଭଞ୍ଜର
ତୁମେ ଆଙ୍କିବ କାହିଁକି ଚିତ୍ର
ତା' ଲଙ୍ଗଳା ଦେହର
ତା ପୁଙ୍ଗୁଳା ଦୁଃଖର ? ? ?
ତୁମେ ସାହିତ୍ୟ କର କି ରାଜନୀତି
କ'ଣ ଯାଏ ଆସେ ତା'ର

ସିଏ ତ ଦୁଃଖର ଜାଉ ପିଉଛି ଦିନରାତି....
ସୌହାର୍ଦ୍ଦ୍ୟରେ ଅତୁଟ ସମ୍ପର୍କଟିଏ
ଯୋଡ଼ିପାରିଛ କି ତା' ହୃଦୟ ସହିତ
ବଢ଼ାଇ ପାରିଛ କି ହାତଟେ
ତୁମ ନିଚ୍ଛକ ଭଲ ପାଇବାର
ଦେଇଛ କି ଥାଳିଏ ଭାତ
ଲୋଟାଏ ପାଣି
ଚେନାଏ ହସ ମାଖି ତା ଓଠରେ
କାନ୍ଧରୁ ଉତାରି ପାଇଛ କି
ତା' ଭୋକର ଭାର
ବଦଳାଇ ଦେଇଛ କି ତା' ଲଲାଟଲିଖନ
ତେବେ କାହିଁକି କାହିଁକି ଏ ବୃଥା ଆସ୍ଫାଳନ
ସମବେଦନା ସୂଚାଏ ଶସ୍ତା ବିଜ୍ଞାପନ ? ? ?

ପ୍ରାଧ୍ୟାପିକା ଜ୍ୟୋସ୍ନା ରାୟ
ଆଜିମାବାଦ, ବାଲେଶ୍ୱର, ଓଡ଼ିଶା
ଭ୍ରାମ୍ୟଭାଷ : ୮୭୬୩୯୪୯୦୨୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ମୃତି



ଲିଲିମଣୀ ନାୟକ

ସ୍ମୃତି ଏକ ମଣିଷର ସାଉଁଟା ଅତୀତ
ଅତୀତର ପ୍ରତ୍ୟେକ ମୁହୂର୍ତ୍ତ
ଆଜି ପାଲଟିଛି ସ୍ମୃତି
ସେଇ ଅସଜଡ଼ା ଅତୀତର ସ୍ମୃତିକୁ
ନେଇ ବଞ୍ଚେ ମଣିଷ
ସତରେ ସ୍ମୃତି ଏକ ରୂପାଜହ୍ନ
ସ୍ମୃତି ତ ସମସ୍ତଙ୍କ ପାଖେ ଥାଏ
ତେବେ ଏତିକି ଫରକ
କାହା ପାଖେ ଥାଏ ଔଜଲ୍ୟ ସ୍ମୃତି
ଆଉ କାହାପାଖେ ଥଏ ମଳିନ ସ୍ମୃତି
ସେଇ ସ୍ମୃତିକୁ ସାଉଁଟି ଧରି
ମଣିଷ ବର୍ତ୍ତମାନ ଓ ଭବିଷ୍ୟତ
ଅତିକ୍ରମ କରେ ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
କେନ୍ଦୁଝର, ୭୫୮୦୧୬

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ରାମରାଜ୍ୟ



ଜୟନ୍ତ କୁମାର ସାହୁ

ରାମରାଜ୍ୟ କହି ଆଜି

ରାବଣ ଗଢ଼େ ସୁନାର ନଅର

ଅଗ୍ନିର ବିଭୀଷିକାରେ ବହେ

ରକ୍ତର ଜୁଆର ।୧

ସୁପ୍ତ ଏବେ ପ୍ରଭୁରାମ

ଶୁଭେ ଖାଲି ହାହାକାର

ରାମରାଜ୍ୟ କହି ଆଜି

ରାବଣ ଗଢ଼େ ସୁନାର ନଅର ।୨

ଶହ ଶହ ରାବଣ ମଝିରେ

ସୀତା ଡାକେ ରକ୍ଷାକର ରକ୍ଷାକର

ରାମରାଜ୍ୟ କହି ଆଜି

ରାବଣ ଗଢ଼େ ସୁନାର ନଅର ।୩

ଦଶରଥ ଆଜ୍ଞାମାନି

ଯାଏ ରାମ ବନବାସ

କିନ୍ତୁ ଫେରେନାହିଁ ଆଉ ପାଦତାର

ରାମରାଜ୍ୟ କହି ଆଜି

ରାବଣ ଗଢ଼େ ସୁନାର ନଅର ।୪

ଧର୍ମ ସେତୁ ଭାଙ୍ଗେ ପୁଣି

ବାଜି ଅଧର୍ମର ପ୍ରହାର

ରାମରାଜ୍ୟ କହି ଆଜି

ରାବଣ ଗଢ଼େ ସୁନାର ନଅର ।୫

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କନ୍ୟାରତ୍ନ



ମିହିର ପ୍ରତାପ୍ ସାହୁ

ଅଲିଭା ଆଳତୀ କୁନି ଝିଅଟିଏ
ଖେଳାଏ ସରାଗ ଛାଇ
କୋମଳମତି ତା' କୋମଳ ସ୍ୱରରେ
ଘରଟି ସଗର ଭୂଇଁ ।
ଆମେ ସୁଖେ ଦୁଃଖେ ସବୁବେଳେ ପାଖେ
ମାଆଟିଏ ଲୋଡ଼ା ହୁଏ
କୁନି ଝିଅ ଦିନେ ମାଆ ହେବା କଥା
ଆମକୁ ଅବୁଝା ରହେ ।
ମାଆ ଗର୍ଭସ୍ଥଳେ ସୁକୋମଳ କୋଳେ
ମାଂସପିଣ୍ଡ ବଢୁଥାଏ
କନ୍ୟା ଜନ୍ମହେବ ସମସ୍ୟା ଜନ୍ମିବ
ମାଆ ତା ଶିକାରୀ ହୁଏ ।

ଅଜନ୍ମ ଝିଅଟି ଗର୍ଭରେ ଥାଇ କି
ମାଆକୁ ଧିରେଇ କହେ
ହତ୍ୟାକର ନାହିଁ ସ୍ନେହମୟୀ ମାଆ
ତୋ ମୁହଁ ଦେଖିବା ଯାଏଁ ।
ଏକଥା ଶୁଣି ମା ହୃଦେ ପଥର
ଅଚିରେ ତରଳି ଯାଏ
ସାମାଜିକ ଚାପ କରେ ଅମାନିଆ
ମାରିବାକୁ ବାଧ୍ୟ ହୁଏ ।
ପୁଣି ଜାଗିଉଠେ ମାଂସପିଣ୍ଡୁଳାଟି
କୋମଳ ଚିତ୍କାର କହେ
ମାଟି ଅଗଣାରେ ସୁନା ଝୁଲଣା ମାଆ
ସାଧାରଣ ଝିଅ ନୁହେଁ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅପହଞ୍ଚ ଦୂରତା



ଶେଖର ସାହୁ

ଆଜିକାଲି ମୋ ପ୍ରିୟାକୁ

ମୋ ହୃଦୟର ସ୍ପନ୍ଦନ

ଶୁଭୁନି ! !

ସେ ତ ଏବ କୃଷ୍ଣର

ବଁଇଶୀ ସୁରରେ

ମତୁଆଲା ! !

ତା'ର ମୋର ସମ୍ପର୍କ ଏବେ

ଅପହଞ୍ଚ ଦୂରତା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କୁଳାଙ୍ଗାର ପୁଅ



ସମୀର ରଞ୍ଜନ ଦାସ

ଆଜିକାଲିକା ଆମେ ସବୁ ପୁଅ
ଝିଅଙ୍କ ପାଇଁ ପାଗଳପ୍ରାୟ
ନ ଭାଙ୍ଗିବା ପାଇଁ ତାଙ୍କ ମନ
ପଛରେ ପକାଉ ନିଜ ଜୀବନ ।
କହୁ ତାଙ୍କ ପାଇଁ ଜହ୍ନରେ କରିବେ ଗଡ଼
କିନ୍ତୁ ଘରେ ଖାଉଥାଉ ନିଜେ ବେଲଣାମାଡ଼ ।
ତାଙ୍କ ପାଇଁ ବାହାରେ 'ବେବି ଆଇ ଲଭ୍ ୟୁ'
କିନ୍ତୁ ସାରଙ୍କ ଆଗରେ 'ହୁ ଆର୍ ୟୁ ?'
ପୁଅ ଖାଏ ଘରେ ଦରମରା ରୁଟି ପୋଡ଼ା
ଝିଅକୁ କହେ ଧନ ଖାଇବ କି ପକୋଡ଼ା ?
ବାପ ଭାବୁଥାଏ ପୁଅ ଚଢ଼ିବ ସଫଳତା ସିଢ଼ି
କିନ୍ତୁ ପୁଅ ଏପଟେ ମାରୁଥାଏ ଗଞ୍ଜେଇ ବିଡ଼ି ।
ମା'ର ବିଶ୍ୱାସ ପୁଅ ତାର ହେବ ଦିନେ ବଡ଼
କିନ୍ତୁ କିଏ ଜାଣିଥିଲା ସେ ପୁଅ ତାକୁ ଦେବ ମାଡ଼ ?
ଧନ୍ୟ ଧନ୍ୟରେ ପୁଅ ତୁହି, ନାହିଁ ମୁହଁକୁ ଲାଜ
ଏ ସଭ୍ୟ ସମାଜକୁ କରିବୁକି ଅସଭ୍ୟ ସମାଜ ।

ଇମେଲ୍ : docdas.samir@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶୀତ ଆସିଥିବ



ସତ୍ୟବ୍ରତ ସାହୁ

ନୂଆ କଅଁଳିଥିବା ଦୁବଘାସ ଉପରେ
ଚମକୁଥିବ ମୁକ୍ତା,
ସଦ୍ୟସ୍ନାତା ଲଳନାଟି ପରି ମାପିଚୁପି
ସଜେଇ ହେଉଥିବ ଗେଣ୍ଡୁଫୁଲ
ପ୍ରଭାତ ଲଗ୍ନରେ ଚାଳ ଉପରେ
ନେସି ହୋଇଥିବ ପରସ୍ତ ପରସ୍ତ କାକର
ବିନ୍ଦୁ ।
ଲମ୍ବା ରାତିର ଆନନ୍ଦ ଲୁଟୁଥିବେ
ପ୍ରଣୟ-ପ୍ରଣୟୀ, ଜହ୍ନ କଇଁ
ଠାଏ ଠାଏ ମୁରୁକି ହସୁଥିବ ସୋରିଷ ଫୁଲ
ଚହଲାଇ ଦେଉଥିବ କେଉଁ କିଶୋରୀର ମନ,
କୁନି ପିଲାମାନେ କଳି କରୁଥିବେ
ଖରା ପୋଇଁବା ପାଇଁ
ବିଛଣାରେ ଥାଇ ପରୀକ୍ଷାପାଇଁ କିଏ କେମିତି
ଘୋଷୁଥିବେ ଇତିହାସ କି ଭୂଗୋଳ ।

କାରଣ.... ଏବେ ଶୀତ ଆସିଛି ଧରାରେ
ମୋ ଗାଁ’ରେ ବି ।
ପାହାନ୍ତି ରାତିର ମିଠା ମିଠା ସ୍ୱପ୍ନରେ
ଭିଜୁଥିବ ମୋ’ ପ୍ରିୟା,
ମୋ’ ପାଇଁ ମନାସୁଥିବ କେତେ କ’ଣ
ରେଜେଇ ତଳେ ମୁହଁ ଲୁଚେଇ ଓଠଚାପି
ହସୁଥିବ ସେ,
କାରଣ.... ଏବେ ବି ଶୀତ ଆସିଥିବ
ମୋ ପ୍ରିୟା ଗାଁ’ରେ ।

ପଲ୍ଲୀସାହି, କମାଳପୁର, ଅହିୟାସ, ଯାଜପୁର,
୭୫୫୦୩୬
ଭ୍ରାମ୍ୟଭାଷ : ୯୩୩୮୧୬୫୬୧୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମଧ୍ୟାହ୍ନର ଛାଇ



ପ୍ରଦୀପ କୁମାର ନାୟକ

ସ୍ମୃତିର ପ୍ରାଚୀର ଡେଇଁ
ଆସ ଯେବେ –
ପ୍ରେମର ସ୍ମାରକୀ ନେଇ ,
ଅସମୟେ ମଳୟ ବହେ
ଖୁସିର କଦମ୍ବ ଫୁଟେ,
ମତୁଆଲା କୋଇଲିର କୁହୁସ୍ୱର
ମନରେ ରୋମାଞ୍ଚ ଖେଳାଏ,
ଡେଇଁ ବୁଲେ ପ୍ରଜାପତି
ଫୁଲର ଚିବୁକ ଛୁଇଁ
ଲଭିବାକୁ ପ୍ରୀତିର ପରଶ,
ମୋ ବେହେଲା ତନ୍ତ୍ରୀରେ
କମ୍ପିତ ହୁଏ ରାଗର ମୂର୍ଚ୍ଛନା,
ଘୂରିଯାଏ କାଳଚକ୍ର

ଅତୀତର ପୃଷ୍ଠା ଲେଉଟାଇ,
ଛମ ଛମ ତୁମ ପାଦର ଧ୍ୱନି
କାନରେ କହିଯାଏ – ମରମର କଥା
ଯାଦୁକରୀ ତୁମ ଠାଣି ଓ ଚାହାଣୀ
ମନରେ ଚିଆଁ ଲାଗେ
ତୁମ ନିଶ୍ୱାସର ସ୍ପର୍ଶ
ଅନୁଭୂତ ହୁଏ – ମନ ଅଗଣାରେ
ବଢିଯାଏ ହୃଦୟର ଧଡକନ
ରୁଦ୍ଧ କଣ୍ଠରେ ସ୍ଫୁରେ ନାହିଁ ଭାଷା
ଉଦବେଳିତ ମନ ଆତ୍ମଗ୍ଲାନିରେ
ଜର୍ଜରିତ ହୁଏ
ଛିଡିଯାଏ ଭାବନାର ଖିଅ
ଖୋଲିଯାଏ - ମୁଦ୍ରିତ ଆଖିପତା
ବନ୍ଦ ହାଇଯାଏ ସ୍ମୃତିର ପେଟିରା
ମଧ୍ୟାହ୍ନର ଛାଇ ଭଳି ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିସ୍ଥାପିତର କୋହ



ଦୀପକ ଷଡ଼ଙ୍ଗୀ

ଉଡା ପକ୍ଷୀଟିଏ ବାନ୍ଧୁଛି ବସା ଗଛର ନହକା ଡାଳରେ
କହି ପାରିବ କି  ଏ ମଣିଷ ଟା ଆସିଛି କେଉଁଠୁ  ?
କାନ୍ଧରେ ବୁଜୁଳା ସାଙ୍ଗରେ ସ୍ତ୍ରୀ ପିଲା
ତା'ର ଉଜୁଡା ଭବିଷ୍ୟତ ଓ ସଂସାର
ପଚାରିଛ କି ତା'ର ନାଁ  ଆଉ ଗାଁ
ଅବଶ୍ୟକ କରିଛ କି ତା'ର ଭୋଟର କାର୍ଡ କି ଆଧାର କାର୍ଡର ସତ୍ୟତା
ଶିଳ୍ପାୟନର ଉଦୟ ଉତ୍ସବରେ
ସଭ୍ୟତାର ଚକ ତଳେ ପେଶୀ ହୋଇ ଯାଉଛି
ଭାଙ୍ଗି ଯାଉଛି ତା'ର ନାଁ, ଗାଁ ଆଉ ଠିକଣା
ମୁଣ୍ଡ ଝାଳ ତୁଣ୍ଡରେ ମାରି ରକ୍ତର ଟୋପା ନିଗାଡି
ଗଢିଥିବା ଘର, ଶସ୍ୟଭରା କ୍ଷେତ
ବର୍ଷ ବର୍ଷର ଘରକରଣା, ସାତପୁରୁଷର ବଂଶ ବୁନିଆଦି
ପରମ୍ପରା, ଇତିହାସ ଆଜି ସବୁ ତା ପାଇଁ ନଷ୍ଟଭ୍ରଷ୍ଟ
ଏବେ ସେ ବିତାଡିତ, ନିଜ ଭିଟାମାଟିରୁ ନିଜ ଐତିହରୁ
ଏବେ ସେ ବିତାଡିତ ନିଜେ ନିଜଠାରୁ
ସାତ ପୁରୁଷର ସ୍ୱର୍ଗୀୟ ପିତୃପୁରୁଷଙ୍କ ଆତ୍ମା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଜି ଦୁର୍ବିସହ କାରାଖାନାର କଳା ଧୂଆଁରେ

ବିସ୍ଥାପିତଟିଏ ଭୋଗ କରେ ଆଧୁନିକତା ଓ ଶିଳ୍ପାୟନର ଉଗ୍ରଗତି

ଭୋଗକରେ ସବୁ ଯାତନା, ବିରୋଧାଭାସ ଆଉ ସବୁ ବିପତ୍ତି

ସବୁ ଅବରୋଧ ପରେ ମଧ୍ୟ ସେ ପୁଣି ଅଣ୍ଟା ସଳଖି ଛିଡା ହୁଏ

ଅଚିହ୍ନା ଭୂଇଁରେ କାନ୍ଥ ଉଠାଏ, ପିଲାଙ୍କୁ ପାଠଶାଳାକୁ ପଠାଏ

ପୁଣି ସ୍ୱପ୍ନ ଦେଖେ ଏକ ନୂଆ ସଭ୍ୟତାର, ପରମ୍ପରାର ଓ ନୂତନ ସୂର୍ଯ୍ୟୋଦୟର

ଅଧ୍ୟାପକ, ରୋଲାଣ୍ଡ ଫାର୍ମାସୀ କଲେଜ,

ଖୋଡ଼ାସିଙ୍ଗି, ବ୍ରହ୍ମପୁର, ୭୬୦୦୧୦

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କଣ ଲେଖିବି ତୁମ ପାଖକୁ



ଡା ନୀଳମାଧବ କର

କଣ ଲେଖିବି ତୁମ ପାଖକୁ
ପାହାଡ଼ ପର୍ବତ
ସାତ ନଈ, ସତର ଦେଶ ଡେଇଁ
ତମେ ପରା ଏତେ ଦୂରରେ ଅଛ ଯେ
ମୋ ଚିଠି ଆରମ୍ଭ ହେଇ ପାରୁନି
ଅକ୍ଷର ସବୁ ଧୋଇ ହେଇ ଯାଉଛି
ଲୁହରେ
ଅସ୍ପଷ୍ଟ ହେଇଯାଉଛି ତମ ମୁହଁ ।

ତମ ମୋ ଭିତରର
ଦୂରତା କଣ
ମପା ହେବ ଏବେ ଯୋଜନରେ ?

ତମ ମୋ ସମ୍ପର୍କର
ପଥର ସବୁ ନିଶ୍ଚିହ୍ନ ହେଇଯାଉଛି
ମୋ ନିରବ ଦୁଃଖର
ସମୁଦ୍ରରେ
ଆଉ ତମେ ଦ୍ୱୀପଟିଏ ହେଇ
ଚକ୍ରବାଳ ସେ ପାଖେ
ମୋତେ ହାତ ଠାରି ଡାକୁଛ
ଆଲିଙ୍ଗିବାକୁ ।

ଆଲିଙ୍ଗନରେ ହିଁ
କଣ ପରଖି ହେବ
ଆମ ଆତ୍ମୀୟତା ?

ଓଲଭରହାମ୍ପଟନ, ୟୁକେ
nmadhab@yahoo.com

 Magazine Downloaded from www.aahwaan.com

# ମାଟିହାଣ୍ଡି



ଶ୍ରୀକାନ୍ତ କୁମାର ମିଶ୍ର

ମା ଆଉ ମାଟି
ସ୍ରଷ୍ଟାଙ୍କର ନିରନ୍ତର ସୃଷ୍ଟି
ତୁମ ପରେ
ଦେଇ କଷଣ ଯନ୍ତ୍ରଣା
ଜଗତକୁ ଦେଇଥାନ୍ତି
ନୂଆ ନୂଆ କୃତି ।

ମା ଆଉ ମାଟି ପରି
କୁମ୍ଭାର ଚକିରେ ରହି,
ତାହାରି ହାତରେ
ଅନେକ ଯନ୍ତ୍ରଣା ସହି
ନିଆଁ, ପାଣି, ପବନର କଷଟି ପଥରେ
ହୋଇ ପେଷି କଷି
ସମୟ ସ୍ରୋତରେ,
ବନିଗଲୁ ତୁହି
ମାଟି ହାଣ୍ଡି ।

ମା ଆଉ ମାଟି
ଗର୍ଭେ ଧରି,
ସୁଧାଧାର ବକ୍ଷରୁ ନିଗାଡି
ଦେଇଥାନ୍ତି ସନ୍ତାନ ଓଠରେ
ଗର୍ଭେ ସିନା ଧରିନାହୁଁ
ତୁ କିନ୍ତୁ
ସହିଯାଇ ଅନେକ କଷଣ,
ଦେଉ ସିଦ୍ଧପାକ, ଅନ୍ନ ଓ ବ୍ୟଞ୍ଜନ
ଯଥା ଜନନୀ ସମାନ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୋ ବକ୍ଷରୁ ପାନକରି, ଉଷ୍ମ ବା ଶୀତଳ ଭୋଜନ

ଆହ୍ଲାଦିତ ହୁଏ

କୋଟି କୋଟି ପ୍ରାଣ ।

ଷଠିଘରୁ - ଜୁଇଘର ଯାଏ,

ପାଖେ ପାଖେ ଥାଉ ସଦାବେଳେ

ମା' ଠାରୁ

ତୁ ବା କେଉଁ କମ୍ ?

'ହାଣ୍ଡି' ନୁହେଁ ତୁ

ମା'ଟି ସବୁରି

ଉଭୟଙ୍କ

ଗୁଣ, ଧର୍ମ, ଦର୍ଶନକୁ ଧରି

ମିଶ୍ରଣରେ

ମା=ମାଟି=ମାଟିହାଣ୍ଡି

ପ୍ରକୃତରେ

ତୁ ମା'ଟି ହାଣ୍ଡି ।।

ଏନ୍‌ଟିପିସି, କଣିହାଁ, ଅନୁଗୋଳ, ଓଡ଼ିଶା

ଇମେଲ୍ : srikantmishra31@gmail.com,

ଭ୍ରାମ୍ୟଭାଷ : ୯୮୬୧୪୭୩୪୦୨

ଆହ୍ୱାନ-ପତ୍ରିକା

Magazine Downloaded from www.aahwaan.com

# ଏଇ ମୋ ଓଡ଼ିଶା



ରଞ୍ଜିତା ଦାସ

ଓଡିଶା ନୁହଇଁ କେବଳ ପୁରୀ, କୋଣାର୍କ, ଭୁବନେଶ୍ୱର,
ସୌନ୍ଦର୍ଯ୍ୟରେ ଭରା ତିରିଶି ଜିଲ୍ଲାର ଏ ସମାହାର ।
ଆସନ୍ତି କେତେ ଯାଆନ୍ତି କେତେ ସୁନ୍ଦରତାର ବାସ୍ନା ବାରିବାକୁ,
ପୁଣି ପଛକୁ ଫେରି ଦେଖନ୍ତି ଏ ଓଡ଼ିଶାର ରୂପରେଖକୁ ।
ବୁଝିବାକୁ ହୁଏ କଷ୍ଟ ତାଙ୍କୁ ଏଇ ରାଇଜର ଭୂଗୋଳକୁ,
ଉତ୍ତରରେ ନୁହେଁ କି ଦକ୍ଷିଣରେ ନୁହେଁ
ଓଡିଶା ରହିଛି ପୂର୍ବକୁ ।

ଇତିହାସରେ ନାଁ ଅଛି ଏଇ ରାଇଜର,
ତଥାପି ଅବହେଳିତ ଏ ରାଜ୍ୟ ଏବଂ ଗରିମା ଏହାର ।
ହୁଅନ୍ତୁ ସେ ଗୋପବନ୍ଧୁ କି ମଧୁ ବାରିଷ୍ଟର ,
ଉତ୍କଳ ଭୂମି ଏ ମାଟି ବୀରଙ୍କର ।

ଆଦିବାସୀ ଜିଲ୍ଲା ବୋଲି ହୁଡ଼ି ପକାଉଛୁ କାହିଁ ,
ଆଦିମରୁ ଜାତ ତୁ ଆଦିବାସୀରୁ ତହିଁ ।
ଯାନିଯାତ ପରବ ଗୌରବ ସବୁକୁ ଆଦରି
ଓଡ଼ିଆଣୀ ପାଳେ କେତେ ଯାନିଯାତ
ପରଶେ ଖିରି ଆଉ ପୁରି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଟକର ବାଲିଯାତରା କି ସମ୍ବଲପୁର ଶୀତଳଷଷ୍ଠୀ,
ସଭିଏଁ ଭାଇ ଭାଇ ମିଳିମିଶି ପାଳନ୍ତି ଏକାଠି ।
ଚିଲିକାର ଦୃଶ୍ୟ ଅଟେ ଅତି ମନୋହର ,
ପୁରୀରୁ କୋଣାର୍କର ରାସ୍ତା ଯୋଗାଏ ଖୁସିର ଆହାର ।

ଧାମରା ବନ୍ଦର ହେଉ କି ହେଉ ଚାନ୍ଦବାଲି ,
ସାଳନ୍ଦୀ , ବୈତରଣୀ ହସେ ଖିଲିଖିଲି ।
ଯାଜପୁର ଜିଲ୍ଲା ମା' ବିରଜାଙ୍କ କ୍ଷେତ୍ର ,
ମା' ର ଦର୍ଶନରେ ଭରିଯାଏ ନେତ୍ର ।
କୁସୁମା ପୋଖରୀ ଡାକେ ହାତକୁ ଯେ ଠାରି ,
ଶୋଭା ସେ ବଢାଏ ଲଳିତଗିରି , ରତ୍ନଗିରି ଓ ଉଦୟଗିରି ।

ତାଳଚେର ଗଣେଶ ପୂଜା
ଦେବଗଡର ପୁଷପୁନି ପର୍ବ ,
ଅନୁଗୁଳ ସାତକୋଶିଆ ଆମ ଓଡ଼ିଶାର ଗର୍ବ ।
କଳା ହୀରାର ସହର ଆମ ତାଳଚେର,
ଆମ ଦେବଗଡ ଅଟେ ପ୍ରକୃତିର ଗନ୍ତାଘର ।
ଝରଣାର ସହର ଜିଲ୍ଲା ଦେବଗଡ ,
ପ୍ରଧାନପାଟ , ଦେଓଝରନ ଏଠି ଝରେ ଝର ଝର ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଢେଙ୍କାନାଳ ଲକ୍ଷ୍ମୀପୂଜା
ଘଟଗାଁ ମା' ତାରିଣୀ,
ସଭିଙ୍କ ଦୁଃଖ କରେ ଦୂର
ମା' ସେ ଦୁଃଖ ହାରିଣୀ ।
ସୌନ୍ଦର୍ଯ୍ୟର ଗନ୍ତାଘର ଆମ କେନ୍ଦୁଝର ,
ସାନଘାଗରା ,ବଡଘାଗରା ମନକୁ ଡାକେ ବାରମ୍ବାର ।

ଚାନ୍ଦିପୁର କୂଳ ଖେଳେ ଲୁଚକାଳି
ଯେତେ ଖାଇଲେ ବୁଝେନି ଏ ମନ
ବାଲେଶ୍ୱରଛେନାଗଜା ଓ କେନ୍ଦ୍ରାପଡା ରସାବଳି ।
ମା' ସାରଳାର ଦର୍ଶନକୁ ଝୁରୁଥାଏ ଏ ଆଖି ,
ଖୋର୍ଦ୍ଧାର କୋରା ଖଇ ପାଖେ ମନ ଯାଏ ଲାଖି ।

ଇସ୍ପାତନଗରୀ ରାଉରକେଲା ବେଦବ୍ୟାସ
କୋଇଲିଘୁଘର ଜଳରାଶି
ପୁଣି ବିକ୍ରମଖୋଲ କହେ ଇତିହାସ ।
ହକିର ପାଠଶାଳା ଆମ ସୁନ୍ଦରଗଡ
କୋଇଲାଖଣିର କେନ୍ଦ୍ର ସେ ବେଲପାହାଡ ।

ଓଡ଼ିଶାର ଭାତ ହାଣ୍ଡି ଆମ ବରଗଡ଼,
ପୁଣି ମନକୁ ଯେ ଟାଣେ ନୟାଗଡ ଛେନାପୋଡ଼ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବରଗଡ଼ଧନୁଯାତ୍ରା ଦୁନିଆରେ ନାଁ କଲା ,
ଗନ୍ଧମାର୍ଦ୍ଦନ ପର୍ବତ ଶୋଭା ବଢ଼ାଇଲା ।

ବାରିପଦା ମୁଢି ମାଂସ ,ବଲାଙ୍ଗୀର ଚାଉଳ ବରା ,
ଘରେ ଘରେ ଜମେ ପଖାଳର ଆସର ଆସିଗଲେ ଖରା ।
ଶୀତଦିନେ ନାଲି ଅଦା ଚା' ସଙ୍ଗେ ମୁଢି -ବାରମଜା,
ପଖାଳ ଭାତରେ ପିଆଜ ସାଙ୍ଗକୁ ଥାଏ ମାଛଭଜା ।

ସୋନପୁର ବୋମକାଇଶାଢ଼ୀର ଚମକ,
ପୁଣି ଟେରାକୋଟା ହସ୍ତଶିଳ୍ପର ମହକ ।
ଚାରିଶମ୍ଭୁ ମନ୍ଦିର ବଢାଏ ଯେ ଶୋଭା .,
ପ୍ରକୃତିର ଅପୂର୍ବ କଳା ପଦ୍ମତୋଳା ଅତି ମନଲୋଭା ।

ଗଞ୍ଜାମର ଗର୍ବ କୃଷ୍ଣସାର ମୃଗ ,
ଦାରିଙ୍ଗିବାଡ଼ି କହେ କଥା ଆମ ଓଡ଼ିଶାରସ୍ୱର୍ଗ ।
ଗଜପତି ଜିଲ୍ଲା ବଢାଏ ଓଡ଼ିଶାର ଶୋଭା ,
ଚନ୍ଦ୍ରଗିରିଜିରାଙ୍ଗ ଆହାଃ କି ମନଲୋଭା ।
ପାରଳାଖେମୁଣ୍ଡିର ରାଜରାଜୁଡା ନୀତି ଇତିହାସ କହେ ,
ବୃନ୍ଦାବନ ମହଲ ସେ ମନକୁ ଯେ ମୋହେ ।

ଘୁମୁରା ଘୁମୁରା ନୃତ୍ୟ କଳାହାଣ୍ଡିର ଗୋ ୈରବ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହବାସପୁରିଶାଢ଼ୀ ପାଇଁ ଓଡିଶା କରେ ଆଜି ଗର୍ବ ।
ଦେବଗିରି ପର୍ବତ କହେ ସମ୍ପୂର୍ଣ କାହାଣୀ ,
ଚେକାଗୁଡା ଝୁଲା ପୋଲ କହେ ଅସୁମାରୀ ବାଣୀ ।

ମଣ୍ଡେଇ ଯାତ୍ରାର ଖୁସିରେ ନବରଙ୍ଗପୁର ନାଚିଲା,
ସେଇ ମାଟିରେ ପୁଣି ମକା ଯେ ଚମକିଲା ।
ସୁନାବେଡା ଅଭୟାରଣ୍ୟ ନୂଆପଡାରେ ଚମକିଲା
ଓଡ଼ିଶାର ଇତିହାସ ଏଇ ମାଟି ଯେ କହିଲା ।

ଦେଓମାଳି ଶୃଙ୍ଗ ଓଡ଼ିଶାର ଗର୍ବ ,
ଲୋକେ ପାଳନ୍ତି ଖୁସି ହେଇ ଚୈତ୍ର ପର୍ବ ।
ମାଲକାନଗିରି କହେ ବାଲିମେଳା ଡ୍ୟାମର କାହାଣୀ ,
କୋରାପୁଟର ସୌନ୍ଦର୍ଯ୍ୟ ଦିଏ ଖୁସିର ଲହରୀକୁ ଆଣି ।

ସୁନ୍ଦର ରାଇଜ ମୋର ସୁନ୍ଦର ମାଟି,
ସୁନ୍ଦରତାରେ ଭରା ମୋ ଦେଶ ଗାଁଟି ।
ଓଡିଶା ନୁହଇଁ କେବଳ ପୁରୀ, କୋଣାର୍କ, ଭୁବନେଶ୍ୱର,
ଆସ ଆସି ଟିକେ ଆମ ଓଡିଶାକୁ ଜାଣ ।

ଜି-୯୦, ଏନ୍‌ଆଇଟି, ରାଉରକେଲା, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶରତ ଗୀତ



ମୀନତି ଦାସ

ଶରତ କାଳେ,

ଛଳ ଛଳ ପଣ ସରସୀ ଜଳେ

ବଉଦ ଚୋରାଏ ବିସ୍ମୃତି ଯେଣୁ

ଖଗୋଳ ଭୋଳେ

ଅସ୍ତିତ୍ୱ ଖୋଜଇ ଭୂଗୋଳ କୋଳେ.

ଲାଜେଇ କ୍ଷିତି..

କାଶତଣ୍ଡୀ ହସ ହସେ ମୃରୁକି,

ଗଢ଼େ  ଗହଣା ,ହେବ ଭରଣା

ଚଷାପୁଅର ସେ ଘର କରଣା.

କଦମ୍ବ ଝୁରେ,

ଉତୁରା ଦେହ ତା ଝରିକି ସରେ

ଲୁହରେ ସତେଡା ସରସୀ ଭରେ.

ମାଳତୀ ହସେ,ଚହଟି ବାସେ

କମଳ ସଜାଏ କୋମଳ ଦେହ,

ରଙ୍ଗ ବି ମାଖେ.

ସାରସ ଖେଳେ,ହଂସୀବି ରୋଳେ

ସୀକର କାନି ର ନୀଳ ତର୍ପଣ

ଉଲ୍ଲାସ ଭୋଳେ.

ବେଙ୍ଗୁଲି ନାନୀ

, ସାରୁଗଛ ତଳେ ପାତିଛି କାନି

ପ୍ରତୀକ୍ଷା ତାର --

ପୁଳା ପୁଳା ଫେଣ ଭିତରୁ

 ସଂସାର ହସିବ ପୁଣି .

ଆସିବ ମା

ହୋଇବ   ସାହା

ହରିବ ପାତକ ଦେଶ ଦଶରୁ ସେ

ଦେବ ବି  ରାହା

ମାର୍ଫତ : ପ୍ରଦୀପ କୁମାର କର,

ମୁର୍ଗାବାଡି, ସା.. ପୂର୍ଣ୍ଣ ଚନ୍ଦ୍ର ପୁର  ପୋଷ୍ଟ ଭଂଜପୁର,

ବାରିପଦା, ମୟୁରଭଞ୍ଜ, ପିନ : ୭୫୭୦୦୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଲୋକର ପର୍ବ ଦୀପାବଳୀ



ଦୀପାଞ୍ଜଳି ଭଞ୍ଜ

ଆଲୋକର ପର୍ବ ଦୀପାବଳୀ
ଦୀପଟେ ଜଳେଇ ଦେବା
ମନର ଦୁଃଖ କଷ୍ଟ ଯେତେ
ଦୂରେଇ ଯାଉ ଏ ଆଲୋକେ,
ଅଜସ୍ର ଲୁହଧାର ଜୀବନର ଅନ୍ଧାରକୁ
ସେଇ ଦୀପରେ ଜଳେଇ ଦେବା ।

କିଏ ସେ କିଣିବ ଝରାବତୀ ବାଣ
ତା'ସଙ୍ଗେ ରଙ୍ଗ ବେରଙ୍ଗର ମହମବତୀ
ହେଲେ ଭୂଲିଯିବା ନାହିଁ
ତା'ସହ ଆମ କର୍ତ୍ତବ୍ୟବୋଧ,
ଦୃଷ୍ଟି ଆଢୁଆଳରେ ଦଳିମକଚି
କଅଁଳ ସବୁଜପତ୍ର ସବୁକୁ ।

ଭେଦଭାବ ମନେ ନ ରଖି
ସଭିଁଏ ହୋଇଯିବା ଏକାକାର

ଖୁସି ହୋଇ ଦୀପ ଜଳାଇ
ଉନ୍ମାଦ ମନରେ ନାଚିବା,
ନ ରହିବ ପୁଣି ଭେଦଭାବ
ଆମ ନ ରହିବ ରାଗ ରୁଷା ।

ସବୁରି ମନେ ଯେବେ ଦୀପ ଜଳିବ
ସେଦିନ ଦୀପାବଳୀ ପର୍ବ ହୋଇବ
ଏହି ପରମ୍ପରା ସମସ୍ତ ମନରେ
ଭରୁ ଆନନ୍ଦର ଖୁସି ଲହରୀ,
ଆଗାମୀ କାଲିର ସୂର୍ଯ୍ୟୋଦୟକୁ
ପାଥେୟ ଦୀପଟେ ଜଳେଇ ଦେବା ।

ଅଧ୍ୟାପିକା ସଂସ୍କୃତ ବିଭାଗ
ପଞ୍ଚାୟତ ସମିତି ମହାବିଦ୍ୟାଳୟ
ଶୁଳିଆପଦା, ମୟୂରଭଞ୍ଜ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶୈଳପୁତ୍ରୀ



ଚନ୍ଦ୍ରଶେଖର ଗୋ

ଶାରଦେ ସଭାକୁ ଆସ ହେ କାଳକାଳକୁ
ଶ୍ରଦ୍ଧେୟ ସ୍ୱାଗତ ଘେନ ହେ ଭକ୍ତିମାଳକୁ;
ତ୍ୱରିତେ ତାର ଖଳବଳକୁ
ଶୋଷିତ ଲାଞ୍ଛିତ ଉଦ୍ଧର ଦୁଃଖିଦଳକୁ;
ହେ ଶୈଳପୁତ୍ରୀ,
ଦିଅ ଶୁଭଦୃଷ୍ଟି ଶୁଭଦିବା ଶୁଭରାତ୍ରି ।

ବର୍ଣ୍ଣାଢ୍ୟ ମଣ୍ଡପେ ମଣ୍ଡିତ ଐଶ୍ୱର୍ଯ୍ୟମୟୀ
ବର୍ଣ୍ଣିବ କବି କି କାବ୍ୟେ ହେ କାରୁଣ୍ୟମୟୀ;
ସୁର ବତ କର ଧରାଶାୟୀ
ହିଂସା-ଦ୍ୱେଷ-ଅହମିକା-ଧୃଷ୍ଟ-ଆତତାୟୀ;
ହେ ଶୈଳପୁତ୍ରୀ
କେବେ ପାହିବ ଘୋର ଅଧର୍ମ କାଳରାତ୍ରି ।

ଦଶ ବୈରୀ ଅଣାୟତ ଆହେ ଦଶଭୁଜା
ଶାନ୍ତି-ମୈତ୍ରୀ-ପ୍ରୀତି ବିତରିଣ ପାଳପ୍ରଜା;
ଭକତି ଆଡ଼ମ୍ବରେ ପାଅପୂଜା
ଦାନ-ଧର୍ମ-ସତ୍ୟ-ପୁଣ୍ୟର ଉଡ଼ାଅ ଧ୍ୱଜା;
ହେ ଶୈଳପୁତ୍ରୀ,
ବିଶ୍ୱେ ନିନ୍ଦିତ ବନ୍ଦିତା ପବିତ୍ର ଧରିତ୍ରୀ ।

ନ ଦିଶେ କି ଭାରତୀର ହସ ବିଖଣ୍ଡିତ
ପୂଜାସ୍ପଦ ହୋଇଚ ଯା' କୋଳ ବିମଣ୍ଡିତ;
ରାମଭୂମି କର ସଂସ୍ଥାପିତ
ଛଦ୍ମ ସାଧୁ ସନ୍ଥ ପାପାଚାରୀ ବିସ୍ଥାପିତ;
ହେ ଶୈଳପୁତ୍ରୀ,
ବକ୍ଷ ବିଦାରୀ କେତେ ବା ସହିବ ଧରିତ୍ରୀ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିସର୍ଜନ ନୀରେ କରାଅ ହେ ବିସର୍ଜିତ

କଳୁଷିତ-ଧର୍ମେ-କର୍ମେ ଯାହା ପାପାର୍ଜିତ;

ଜ୍ଞାତେ ଅଜ୍ଞାତେ ଯା' ଉପାର୍ଜିତ

ପତିତ ପ୍ରାଣକୁ କର ହେ ପରିମାର୍ଜିତ;

ହେ ଶୈଳପୁତ୍ରୀ,

ସୁଶୋଭିତ-ଆଭୁଷଣେ-ତୃପ୍ତ-ରମ୍ୟଗାତ୍ରୀ ।

କର୍ଲାଖମାର, ନୂଆପଡ଼ା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପରାଜିତ ବିଜୟ



ରାଧେଶ୍ୟାମ ମିଶ୍ର (ଅଂଶୁ)

ଏମିତି ସରିସରି ଯାଉଥିବା ବୟସ ଭିତରେ ,
ଖୋଜୁଥାଏ ତୁମକୁ
ଶୁନ୍‌ଶାନ୍ ମଶାଣୀର ଅଶୁଭ ଥୁଣ୍ଟା ବରଗଛ
ଦଦରା ଡାଳରେ ବସିରହିଥିବା
ମଡାଖିଆ ବୁଢାଶାଗୁଣାଟେ ପରି
କାହିଁକି ନା ........ ? ? ?
ମତେ ତ ବଖାଣିବାର୍ ଅଛି ଅନ୍ତତଃ ତୁମକୁ
ମୋ ଜୀବନର ଅସ୍ତବ୍ୟସ୍ତ ଆଶା
ଆଉ ଦେବାର୍ ଅଛି ଶେଷ ଇଚ୍ଛାପତ୍ର
ମୋ ବଳକା ଆୟୁଷର ।

ଏମିତି ଅନିର୍ଦ୍ଦିଷ୍ଟ ଆକାଂକ୍ଷା ନେଇ
ଘୁରିବୁଲୁଥାଏ ଅହର୍ନିଶୀ
ଉନ୍ମୁକ୍ତ ହେବାକୁ

ନୀଳରାତ୍ରୀର ପଞ୍ଜୁରୀ ଭିତରୁ ,
ଆଉ କେବେ କେମିତି
ଭାସିଯାଉଥାଏ ସିମାହୀନ ଆକାଶର୍ ଛାତିରେ
ପାପୁଲିଏ ଅଧୁରା ଜିଜ୍ଞାସାକୁ
ଛାତିରେ ଗୁଞ୍ଜି
ଲେଖିବି ବୋଲି ପାପ ପୂଣ୍ୟର
ନୂତନ ଆଉ ଏକ ଶବ୍ଦକୋଷ ।

ଏମିତି ଘୁଞ୍ଚି ଘୁଞ୍ଚି ଯାଉଥାଅ
ମୋ ହାତ ପାହାନ୍ତାରୁ
ତଲାସୁ ଥାଅ ମୋ ପ୍ରତିଟି ନିଶ୍ୱାସ ଭିତରେ
ପିଞ୍ଜରା ଆବଦ୍ଧ ମୋ ନିରୀହ
ଜୀବନ ପକ୍ଷୀର ନିଃସ୍ୱ, ନିଃସଙ୍ଗ ନିରବତା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୁଁ କିନ୍ତୁ ମାଡି ଚାଲୁଥାଏ

ଆବୁଡା ଖାବୁଡା ରାସ୍ତା ଛାତିରେ

ପାହୁଣ୍ଡ ପରେ ପାହୁଣ୍ଡ

ଖୋଜିବାକୁ ଅଯୁତ ଯୁଗର

ବିଜୟୀ ପାଣ୍ଡବଙ୍କ

ପରାଜିତ ଅଭିମନ୍ୟୁର

ପ୍ରତାରିତ କାହାଣୀ ।

ଅଭିପ୍ସା ନିବାସ୍, ଖଣ୍ଡହତା

ବୀରମହାରାଜପୁର, ସୁବର୍ଣ୍ଣପୁର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ହେ ମଧୁଛନ୍ଦା



ରିପୁନ୍ ଜୟନ୍ତ ମହାପାତ୍ର

ସେଦିନର ଅଭିମାନ ଓ ଆଜିର ଅଭିମାନ
ମଧ୍ୟରେ ଆକାଶ ପାତାଳ ଫରକ୍
କିନ୍ତୁ ତଥାପି ସରିନି ଅଭିମାନ
ହେ ମଧୁଛନ୍ଦା

ସେପରି ଅଭିମାନକୁ ଜାବୁଡ଼ି ଧରିଛ
ସତେ କି କରିବ ଏକ ଗିନିଜ ରେକର୍ଡ
ତଥାପି କାହିଁକି କେଜାଣି ମୁଁ ଖୁସି
ହେ ମଧୁଛନ୍ଦା
ଜାଣିନି ତୁମ ଅଭିମାନର ଅନ୍ତଟା କେମିତି
ଜାଣିନି ତୁମ ଅଭିମାନର ଅନ୍ତଟା କୋଉଠି
ମୁଁ ବି ସେମିତି ଅପେକ୍ଷା କରିଛି
ହେ ମଧୁଛନ୍ଦା
ଫେରିବ ତୁମେ ବି ଅଭିମାନ ଫେଡ଼ି
ଅଛି ସେ ବିଶ୍ୱାସ ମୋ ଅନ୍ତରର
କେବଳ ଅପେକ୍ଷା ସେ ସମୟର
ହେ ମଧୁଛନ୍ଦା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଜହ୍ନ



ସହଦେବ ପ୍ରଧାନ

ଜହ୍ନ ତୁମେ, ଧବଳ କିରଣେ,
ଦିଶ କେଡ଼େ ମନଲୋଭା;
ଆକାଶ ବକ୍ଷରେ, ତାରକା ମେଳରେ,
ବଢାଅ ରାତିର ଶୋଭା ।।୧।।

ଜହ୍ନ ତୁମେ, ରୂପାର ଟିକିଲି,
ରାତ୍ରି ସୁନ୍ଦରୀର ପ୍ରଶସ୍ଥ ମଥାରେ;
ଜହ୍ନ ତୁମେ, ଚନ୍ଦନ ତିଳକ,
ଆମ ଗାଁ ପୂଜାରୀ ନନାର କପାଳେ ।।।୨।।

ଜହ୍ନ ତୁମେ, ଜୋସ୍ନାର ଉତ୍ସ,
ଶରତ ରାତିର ଶିଶିର ବିନ୍ଦୁରେ;
ଜହ୍ନ ତୁମେ, ରୂପେଲି ଝୁଙ୍ଗୁଡ଼ି,
ଭରା ସଦ୍ୟତୋଳା ଶେଫାଳି ଫୁଲରେ ।।।୩।।

 Magazine Downloaded from www.aahwaan.com

ସାଗର କୂଳରେ, ମୁକ୍ତା ତୁମେ,

ଶଇଳ ଶିଖରେ ହିମ;

ଜହ୍ନ ତୁମେ, ସମସ୍ତଙ୍କ ପ୍ରିୟ,

କିଏ ବା ହେବ ତୁମରି ସମ । । ।୪ । ।

ମାମୁଁଠାରୁ ଅବା କିଏ ଆପଣାର,

ତୁମେ ପରା ଜହ୍ନମାମୁଁଟି ଆମର;

ବାଲ୍ୟେ, କୈଶୋରେ, ଯୌବନେ, ବାର୍ଦ୍ଧକ୍ୟେ,

ସର୍ବଦା ମାନବ କରେ ତୁମ ଆଦର । । ।୫ । ।

ସୁବର୍ଣ୍ଣପୁର, ଜରଡ଼ାଗଡ,ଗଞ୍ଜାମ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନିଜ ଗୁଣେ ଗରିୟାନ



ସୁବାସ ଚନ୍ଦ୍ର ମୁଦୁଲି

ଶତ ପୁତ୍ରର ଜନନୀ ଗାନ୍ଧାରୀ
ମୁଖେ ତା "ସତ୍ୟର ଜୟ"
ମମତା ଅନ୍ଧୁଣୀ ଯଶୋଦା ଦେଖିଲେ
କୃଷ୍ଣ ତୁଣ୍ଡେ ବିଶ୍ଵରୂପ ।
ଜଗତର ନାଥ ଜଗା ବଳିଆଙ୍କୁ
ମାଣିକ ଖୁଆଏ ଦହି
ଶବରୀ ଅଇଁଠା ଖାଇଲେ ଶ୍ରୀରାମ
ଭାବରେ ବାନ୍ଧି ହୋଇ ।
ଆଣିଲା ଫେରାଇ ଯମଠୁ ସାବିତ୍ରୀ
ସତ୍ୟବାନ ମୃତ ଜୀବନ
ସେହିଁ କେବଳ ନିଜ ଗୁଣେ  ଗରିୟାନ ।

ବରିଷ୍ଠ ପ୍ରାଯୁକ୍ତିକ
ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ , ସମ୍ବଲପୁର
ମୋ - ୯୪୩୭୭୮୧୦୫୪

ଆହ୍ଵାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଧରିତ୍ରୀ



ସୁବାସିନୀ ତ୍ରିପାଠୀ

ଧରିତ୍ରୀ ଗୋ....

ସର୍ବଂସହା ବସୁନ୍ଧରା ତୁମେ,

ସ୍ନେହ ଭରା ପଣତରେ ସଭିଙ୍କୁ ଯେ ରଖିଅଛ ତୁମେ । ।୧ ।

ସୁଖ ଶାନ୍ତି ଦୟା କ୍ଷମାର ପ୍ରତୀକ ଯେ ତୁମେ,

ଡର ଲାଗେ ତୁମକୁ ଯେ କେବେ ଭୁଲିଯିବି ଭ୍ରମେ । ।୨ ।

ସର୍ବଜନ ସୁଖେ ସୁଖୀ ହୋଇଥାଅ ସଦା,

ଅନ୍ୟ ଦୁଃଖ ବୁଝିବାକୁ ହୋଇଛ ଯେମିତି ବନ୍ଧା । ।୩ ।

କଥା ତୁମ ମିଠା-ମିଠା ସ୍ନେହ ଶ୍ରଦ୍ଧା ଭରା,

ମାଟି ତୁମେ ମାଆ ପରି ସର୍ବଂସହା ବସୁନ୍ଧରା । ।୪ ।

ନନ୍ଦକିଶୋରପୁର ଶାସନ

ଯାଜପୁର ରୋଡ଼

ମୋ-୯୩୩୭୪୪୯୦୧

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆସିଛିରେ ଦୀପାବଳି



ଚନ୍ଦ୍ରକାନ୍ତ ଜେନା

ବରଷକେ ପରେ ଏ ପୂଣ୍ୟ ଲଗନେ
ଆସିଛିରେ ଦୀପାବଳି ।
ଶୁଭ ଅବସରେ ଶୁଭ ବାର୍ତ୍ତା ନେଇ
ଜଳିବ ଶୁଭ ଦୀପାଳି ।
ସୁଖ, ଶାନ୍ତି, ମୈତ୍ରୀ ଶ୍ରଦ୍ଧା ପ୍ରେମ ଭାବ
ଜାଗିଉଠୁ ହୃଦୟରେ ।
ମାନବିକତାର ପୁଲକିତ ମନେ
ଉଲ୍ଲସିତ ଧରା ମୁଖରେ ।
ଆସରେ ସଭିଏଁ ଆସ ଆସ ଧାଇଁ
ଦୀପଟିଏ ଜଳାଇବା ।
କାଉଁରିଆ ଟେକି ବଡ଼ ବଡୁଆଙ୍କୁ
ଭକ୍ତି ଅର୍ଘ୍ୟ ପୂଜା ଦେବା ।
ଫୋଟକା ବାଣଠୁ ଦୂରେଇ ରହିବା
ଶବ୍ଦ ପ୍ରଦୂଷଣ ନ ହେବ ।
ବାୟୁ ହେବ ଶୁଦ୍ଧ ବିପଦରୁ ମୁକ୍ତ
ପରିବେଶ ସ୍ୱଚ୍ଛ ହୋଇବ ।
ଅନ୍ଧକାର ମନେ ଆଲୋକ ବର୍ତ୍ତିକା
ଜଳିଉଠୁ ଜଳି ଉଠୁ ।

ଅଜ୍ଞାନ କାଳିମା ଗର୍ବ ହିଂସା ଦ୍ୱେଷ
ଲୋପ ପାଇଯାଉ ଏଠୁଁ ।
ସରସ ସୁନ୍ଦର ହୋଇବ ଏ ଧରା
ଏହାର ଯତନ କଲେ ।
ସୁଖ ସମୃଦ୍ଧରେ ଜୀବନ ଭରିବ
ବଞ୍ଚୁଥିବା ଆମେ ଭଲେ ।
ଏତିକି ଗୁହାରୀ କରୁଅଛି ଅଳି
ସଭିଙ୍କୁ ମୋର ପ୍ରଣତି
ଅପୂର୍ବ ପରଶେ ଚିତ୍ତ ଯେ ହରଷେ
ବିଭୁପାଦେ ରହୁ ପ୍ରୀତି ।
ଦୀପାବଳି ଆଣୁ ସବୁ ବରଷରେ
ସ୍ୱର୍ଗୀୟ ସମ ସେ ଭାବ
ଆନନ୍ଦ ଉଲ୍ଲାସେ ପାଳୁଥିବା ଆମେ
ହେବ ପୂଣ୍ୟମୟ ଶୁଭ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜେମାର ଜେନାମଣି



ଜଗଜୀବନ
ସେଠୀ

ସ୍ୱର୍ଣ୍ଣ ଅଦିନପରାୟ
ଦିବ୍ୟ ଭାସ୍କରକାନ୍ତି
ସୁଧାଂଶୁ ବଦନ ଦର୍ଶନେ
ଆହା ଅପୂର୍ବ ଶାନ୍ତି ।
ପୁରନ୍ଦର ଠାରୁ ଚନ୍ଦର
ଭୋଳ ଆହେ ପ୍ରମଦା
ବିଦ୍ୟୁଲତା କାନ୍ତି ଦେଖି ତା
ସ୍ୱରି ଲେଖେ କବିତା ।
ମଞ୍ଜରିତ କେଶ କରଇ
ଭ୍ରାନ୍ତି କଳା ପୟୋଧର
ସେପଥ୍ୟ କିମ୍ପାଇ ଲୋଡ଼ିବ
ଶ୍ରେଷ୍ଠ ସୃଷ୍ଟି ଅଜର ।
ମନ୍ଦାକିନୀ ଆସେ ଦଳିହେବା ଆଶେ
ତୁମ ଅଧମାଙ୍ଗେ
ମକରନ୍ଦ ଆଶେ ଓଷ୍ଠ ତୁମ ଚୁମ୍ବେ
ଭ୍ରମରେ ଭୃଙ୍ଗେ ।

ପଦ୍ମିନୀ-ବଲ୍ଲଭ ଯେସନେ
ଅଟେ ଅବ୍ଜ ଆଧାର
ପ୍ରଣୟିନୀ ଗୋ ତୁମେ ଯେ ଆଧାର
ଅଟ ଆମ ପ୍ରେମର ।
କୌକ୍ଷେୟ ନୀବି ଦର୍ଶନେ
ପ୍ରଗଲ୍‌ଭ ମୁହିଁ ନୀବାର
କେଉଁ ଜେମାମଣି ଭାଗ୍ୟେ
ଅଛ ହେ ଜେମା ମୋହର ।
ନବିସୀନ୍ଦା ହୋଇ ପୂଜଇ
ଲକ୍ଷ ଲକ୍ଷ ଗୀର୍ବ୍ବାଣ
ପ୍ରାପତ ହୋଇବ ନିଶ୍ଚୟ
ସାହା ଜଗଜୀବନ ।

ଆମ୍ବୁଆବାଡ଼ି, ଗଞ୍ଜାମ, ଓଡ଼ିଶା
ଭ୍ରାମ୍ୟଭାଷ : ୮୯୮୪୦୪୯୫୨୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ମୃତିର ସନେଟ୍



ସୁନିଲ୍ କୁମାର ମଲ୍ଲିକ

କାହାକୁ ଠକିବିନି ବୋଲି
ପ୍ରେମ ମୋଠୁ ଶହେ କୋଶ ଦୂରରେ
କାହାର ହେବି ନି ବୋଲି କି କଣ
ସେ ଆଜି ମୋ ଭାବନାର ସେପାରେ

ଭାବନା ଜାତନା ସଂଭାବନାର
ଫୁ ଟିକେ ନଲାଗୁ ବୋଲି
ମନ ମୋ ଆକାଶର
ନୀଳିମାଠୁ ବି ଊର୍ଦ୍ଧ୍ୱରେ ।

ଜାଚିବା ମାଗିବାରେ ଚଳୁଥିବା
ଏ ଦୁନିଆର କି ଯାଏ ଆସେ
ସେ ପ୍ରେମ ବୁଝେନା ମନ ବୁଝେନା
କି ବୁଝେଇପାରେନା ମାନ ।

ପ୍ରତି କଥାରେ ଗୋଟେ ନଥା ଫୁଟିବ
ନଥାରେ ବି ବାସ ଛୁଟିବ ବୋଲି
ଆଜି ସେ ଦୂର ଦିଗବଳୟର ନକ୍ଷତ୍ର

ଥୋଡେ ପାଇଗଲେ ପ୍ରେମ
କିଛି ପାଇ କି ନ ରଖି ପାରିଲେ ଅପ୍ରେମ
ଏଇତ ସତ୍ୟତା

ଆଜି କାଲି ତ ଏତିକି ହିଁ ବୁଝା ଯାଏ
ଯେମିତି ପ୍ରେମ ପଞ୍ଜନାମାରେ
ଗୁନ୍ଥା ହେଇଛି ପ୍ରେମିକ
ଆଉ ପ୍ରେମିକାର ବାୟୋଡାଟା
ଲଟକି ଛି ପଳାତକ ପ୍ରବଞ୍ଚକର ଛବି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରେମକୁ ଭାବିବା ପ୍ରେମ କରିବା

ସବୁ ପରେ ପାଇବା

ଆଉ ପାଇବା ପରେ

ସେଇ ସାଶ୍ୱତର ଭାବ

ବଜାୟ ରଖିବା ଆସେନି ବୋଲି

ସେ ଆଜି ପଡିରହିଛି

ଛାତିର କେଉଁ ଏକ କୋଣରେ ।

ସବୁ ଥର ମୁଁ ତା ଠୁ ହାରେ ବୋଲି

ସେ ଆଜି ବିଜୟୀ ଏକ ଭିନ୍ନ ପରୀକ୍ଷାରେ

ହେଲେ ସେ ଜିତିବା ପଛରେ

ମୋର ହିଁ ହାତ

ଏ କଥା ତାକୁ କିଏ ବା କହିବ ?

କେତେ ଜଣ କଥା ହେଉଥିଲେ

ଏ ପ୍ରେମ କରେନି ପ୍ରିତି କରେନି

ସେଥିପାଇଁ ତ ପ୍ରତିବାଦ ବି ଆସେନି ।

ମୁଁ ଆଜି ଭାବୁଛି ସତେ ତ

ଲୁହ ଲହୁ କୋହରେ ନ ବତୁରିଲେ

କଣ ପ୍ରେମ ବଞ୍ଚେନି ?

ନା ପ୍ରେମକୁ ଧରି ରଖିବାକୁ

ଏତକ ହିଁ ଜରୁରୀ ।

ରାଇଚାନ୍ଦୋଳ

କସର୍ଦା, କଟକ

ପିନ୍-୭୫୪୧୦୫

ମୋ-୯୫୮୩୧୭୨୩୩

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶିଶୁଉପବନ ଅମ୍ଳଜାନ ସମ



କୃପାସିନ୍ଧୁ ଦାସ

ପ୍ରକୃତିର ସୁଶୋଭିତ ଅମ୍ଳାନ ପ୍ରତିଭା
ବନରେ ସଜାଏ ସତେ କେଡ଼େ ମନ ଲୋଭା
ଚାରୁକଳା ସୁଶୋଭିତ ଦେବ ଭୂମିପରି
କୁନି ବୃକ୍ଷେ ଆଣିଦିଏ ହସର ଲହରୀ ।
କୁନି ବୃକ୍ଷେ ଲିପିବଦ୍ଧ ଶିଶୁର ଜୀବନି
ସମାଜ ତ ପ୍ରସ୍ଫୁଟିତ ତା'ର ହସ ଘେନି ।
ତା ହସରେ ନାହିଁ କେବେ ପାତର ଅନ୍ତର
ବାଣ୍ଟୁଥାଏ ସମାଜକୁ ହୋଇ ସେ ବିଭୋର ।
ବିଭୁ କୃପା ରଶ୍ମି ଯହିଁ ସପ୍ତରଙ୍ଗ ଘେନି
ଚେନାଏ ହସରେ ଦୁଃଖ କ୍ରୋଧ ହୁଏ ତୁନି ।
ଆ... ଜହ୍ନମାମୁଁ ସରଗର ଶଶି
କୋଳରେ ଥାଇ ସେ ଦେଖେ
ମା ବୋଲି ଏକ ଶବ୍ଦ ରହିଅଛି
ତାକୁ ଖନେଇ ଖନେଇ ଡାକେ ।
କଳ୍ପନା ଉଦ୍ୟାନେ କଳ୍ପନାରେ ମୁହିଁ
ଦେଖେ ସ୍ୱପ୍ନ ମା କୋଳରେ
ଜହ୍ନଭଳି ଦିଶେ ଶୀତଳ ଜୋଛନା
ବିଞ୍ଛିବି ଏ ସମାଜରେ ।
ବୃଷ୍ଟି ସମ ହୋଇ ଶୀତଳ ରାଶିରେ
ଲାଗିବି ମାଟି ମା ସେବାରେ ।
ମାଟି ନୁହେଁ ସେ ମା... ଟି ଆମର
ଭୂମିଷ୍ଠ ଏହାରି କୋଳରେ ।
ସୂର୍ଯ୍ୟସମ ହୋଇ ଆଲୋକିତ କରି
ସମାଜେ ହେବି ମୁଁ ତେଜ
ମା, ମାଟି ଆଉ ମାତୃଭାଷା ପ୍ରତି
ନିଷ୍ଠେ ରଖିବି ମୁଁ ହେଜ ।
ସତେକି ଅଧିକା ହୋଇବ ମୋ ଠାରୁ
ଜୀବନର ଅମ୍ଳଜାନ
ଶିଶୁ ଉପବନ ଅମ୍ଳଜାନ ସମ କରିବି ସମାଜ
କାମ (୨ ଥର) ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସଂବଲପୁରୀ

# ବିଭାଗ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତାସ୍




ଦେବାଶିଷ ସାଗର

ଯାହିଁ ଦେଖିବ ହୁଦା ହୁଦା
ବସିଛନ୍ ଗାଆଁ ଖୁଲି ,
ମନେ ଯାହା ଥିଲା କାମ୍ - ବୁତା
ସବୁ ଗଲେନରେ ଭୁଲି ।
ବାପର୍ ସାଂଗେରେ ପୁଓ ଅଛେ
ଦଦାର୍ ସାଂଗେ ଭାଇ ,
ସକାଲୁ ବସ୍‌ଲେ ବେଲ୍ ବୁଡୁଛେ
କୁଟୁମ୍‌କେ ଦୁଃଖ୍ ଦେଇ ।
ମାଆଁ - କନିଆଁ କହୁଛନ୍ ଘରେ
ନାଇଁନ ଚାଉଲ୍ - ଦାଏଲ୍ ,
କେତେ ଦିନ୍ ଆର୍ ମର୍‌ବ ତାସେ
କାମ୍ ଯ ଆଏଜ୍ - କାଏଲ୍ ।
କିଏ ଶୁନୁଛେ ତାକର୍ କଥା
କହୁଛନ୍ ମନେ ଯାହା ,
ଲୁକର୍ ଭିଲେ ତାସର୍ ମଜା
ଦେଖିତ ହଁସି ହା... ହା... ।

ମନେ ପକ ସେ ଦୁଆପର୍ ଯୁଗ୍
ଜୁଆର୍ ଲାଗି ନାଟ୍ ,
ଆଇଛେ ସେ ଖେଲ୍ ଦେଇ ସୁଖ୍
ହେଇ ଯିବୁରେ ଛାଟ୍ ।
ପାନ୍ ଟେକା ଥାଇ ସାତେ ମର୍‌ବୁ
ହେଇ ଥିଲେ ରଂଗ୍ ସେଟା ,
ଘାଏକର୍ ସୁଖେ ତୁଇ ହଁସ୍‌ବୁ
ଘରେ ନାଇଁ ଥିବା କୁଟା ।
ଚାରି ଘରର୍ ରଂଗ୍‌କେ ତୁଇ
ମନେ କରି ଦେଇ ' ଫିଟ୍ ,
ଯେନ୍ କାମ୍ କର୍‌ବୁ ଖାଲି ତୁଇ
ମାର୍‌ବୁ ବଢେ ହିଟ୍ ।

ବଡ଼ନୂଆଁପାଲି, ଡୁଙ୍ଗୁରିପାଲି
ସୁବର୍ଣ୍ଣପୁର, ମୋ.ନଂ - ୯୯୩୮୮୪୯୯୫୭

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତୁଇ ବି ହେତାବୁ ଘାଏ



ପ୍ରସନ୍ନ ପ୍ରୟାସ
ଭୁଏ

କଇଁ କେଭେ ଭୁଲି ପାରବା କାଏଁ
ଜନ୍ ରହେଲେ ଯେତେ ଦୁରେ,
ବସନ୍ତ ଆଏଲେ ଧରତୀକେ ଉତୁରି
କୁଇଲି ଗୀତ୍ ଗାଏ ମଧୁର୍ ସୁରେ ।

ସୁରୁଜ୍ ଯେଭେ ଉଦୁ କି ନି ଉଦୁ
ପଦମ୍ ପାରବା କାଏଁ ଭୁଲି,
ନି ବାଜଲେ ତାର୍ ସୁନେଲି କିରନ୍
ମୁଁହୁ ନାଇଁ ପାରେ ଯେ ଖୁଲି ।

ଯେତେ ସୁନ୍ଦର ଫୁଲ୍ ଥିଲେ ଭି
ନାଇଁ ବସଲେ ଭଅଁର ,
ହେକାଁଇ ହେକାଁଇ କାନ୍ଦସି ମନ୍
ବିନ୍ ଲହରିର୍ ସାଗର୍ ।

ଭାବ୍ ପିରତୀର୍ ମନର୍ ଡଂଗା
ପେରେମ୍ ନଦୀ ବହେ,
ଘାଟ୍ ଛଡ଼ା ଡଂଗା ମୁଇଁ ହେଲେ
ତୁଇ ବି ହେତାବୁ ଘାଏ ।

ପ୍ରଧାନପାଲି, ସମ୍ବଲପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜିବନର୍ ବାଟ୍



ହରୀଶ୍ ତାଣ୍ଡି

ଜନମ୍ ମରନ୍ ଦୁଇଟା ବାଟ୍
ମଝି ରହେଯେନ୍ ସମିଆ
ହେ ସମିଆ କହେସି ସର୍‌ଗେ ଯିବୁକି
ନର୍‌ଖେ ଗାଡ୍‌ବୁ କୁରିଆ ।

ସମିଆ ନୁହେସେ ହେଟା ଜାନ୍ ବାବୁ
ଜିବନର୍ ବାଟ୍ ଖର୍‌ଚା
ଉପର୍‌ବାଲା ଦେଇଥିସି ହେଟା
କର୍‌ବୁ ବଲିତାର୍ ଚର୍‌ଚା ।

କେତେଯେ ଆଏବେ କେତେଯେ ଗଲେନ
ଇ ଜିବନର୍ ବାଟେ
ଜିବନର୍ ବାଟ୍ ଖର୍‌ଚା କେ ଦେଖି
ସାର୍‌ଲେ ପାପର୍ ଘାଁଟେ ।

ଜିବନର୍ ବାଟେ କେତେ ଯେ ଘଟ୍‌ନା
କେଭେ କଁଟା କେଭେ ଫୁଲ୍
କେଭେ ପାଏବୁ ଗୁର୍‌ଦୁ ଲାଭ୍
କେଭେ ବୁଡିଯିବା ଘଲେ ମୂଲ୍ ।

ଦୁଇ ଦିନିଆଁ ଘର୍ କୁନୁଆଁ
ଜିବନର୍ କାଏଁ ଠିକ୍‌ନା
ଚାଲିଯିମା ଦିନେ ଜିବନର୍ ବାଟେ
ରହିଯିବା ପାହା ଚିନ୍‌ହା ।

ସାଲେପାଲି, ଗଜବନ୍ଧ, ସୁବର୍ଣ୍ଣପୁର
ମୋ-୮୦୧୮୪୦୫୨୮୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଥିସି



ରାଜେଶ ପୂଜାରୀ

ଅଏନ୍ କଲା
ଉଝୁନି ଦେଖ ଗୋ
ଆର୍ ଫଏରେ ପାଛରି ଦେଖ,

କଟର୍ ଜନା ଗଲେଁ  ଭିଲ୍
କାହିଁ ନି କାହିଁ ଉରଙ୍ଗି କରି
ସୁମରି ସୁମରି
କାପଲି କାଟୁଥିସି ଠସ୍ କଅଁଲି ଭାବନାଟେ  !

ଥିସି ବଲି ତ
ଛାତିନୁ ଆଏଁଖ୍ କେ ଉତରି ଆସେ
ଘଡ଼େ ଛନକେ ବୁତରି ଆସେ...

ସେ' ନିଜକେ ଗହନା
ପକେଇ ସାରିଥିସି ଯେନେ
ନାଇଁ କିଛି ଆଶ୍
ଜିତବାର ହାରବାର ସେନେ,

ନିଜେ ନିଜକେ
ହଜଉଥିସି ଚାପ୍ ଚାପ୍
ରଠ ବଏଶାଖର୍ ବଝା ଗରେଲ୍ ଥି
ଛିନ୍ ଛତର୍ ତାର୍ ଦେହେ ମନ
ରକତ ମୁହାଁ ଅଙ୍ଗରାର୍ ଧାସେ  !

ଥିସି ,ଜନା ପଡୁ କି ନାଇଁ...
ଭିତରେ ଗୁଟେ
ବାହାରେ ଗୁଟେ
ଦେଖା ଚାହାଁ ଯାହା
ଅଡୋଡାହାଲି କଲବଡ଼ାହା
ନାଇଁ ମିଲେ ପଦେ ଆହା  ।

କୁଶମେଲ,କପିଲାପୁର ,
ପଞ୍ଚଗାଁ, ଝାରସୁଗୁଡ଼ା
ମୋ-୯୭୭୭୭୮୦୫୯୪

 Magazine Downloaded from www.aahwaan.com



# ରୁବାବ୍

ହରୀଶ୍ ତାଣ୍ଡି

ଧନର୍ ରୁବାବ୍ ଦୁଇ ଦିନିଆ
ଆଏଜ୍ ରଜା କାଏଲ୍ ଭିକାରି
ନାଇ କର୍‌ବୁ ବଲର୍ ରୁବାବ୍
ସମିଆ ଦେବାନ କଚାଡ଼ି ।

ସୁନ୍ଦର୍ ଚେହେରା କାଏଁ ଭାଓମରା
ତର୍‌କି ଥିବୁରେ ମନ୍
ଉପର୍ ସୁନ୍ଦରି ସରଗ୍ କେ ଦେଖ୍
ଜନ୍ କେ ଧର୍‌ସି ଗରନ୍ ।

ମୁନୁଷ୍ ଜିବ୍‌ନେ କାଏଁ ରୁବାବ୍ ହୋ
ନଙ୍ଗ୍‌ଲା ହେଇଛୁ ଜନମ୍
ନଙ୍ଗ୍‌ଲା କର୍‌ବେ ମଶାନ୍ ପଦାନ
ଯେଭେହେବା ଫେର୍ ମରନ୍ ।

ଯାହାର୍ ରୁବାବ୍ ତାହାକେ ଖାଏସି
ମୁଡ୍‌କେ ଗୁଡ଼ର୍ ଫାଷ୍
ମୁଁଇ ମୁଁଇ ବଲି ସୁନାର୍ ଲଙ୍କା
ହେଲାତ ସର୍ବନାଶ୍ ।

ସାଲେପାଲି, ଗଜବନ୍ଧ, ସୁବର୍ଣ୍ଣପୁର
ମୋ-୮୦୧୮୪୦୫୨୮୭

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅରନ୍



କବି ପ୍ରସାଦ

କେତେ ଅଲିହା ଘାଁଟି
ମୁଠେ ପାଏବାର୍ କାଯେ
କାହାକେ ଦୁର୍ଲ୍ଲଭ୍ ତୁଇ
କିଏ ପେଇ ବିବେକ୍ ହଜେ ।

କିଏ ତୋତେ ପାଏସି
ରାଏତ୍ ଦିନ୍ କେ ଗୁଟେ କରି
କିଏ ଗଦାସି କେଚେରା ଭାବି
ଧନର୍ ଅହଂକାରେ ବୁଡି ।

ତୋର୍ ବିନେ ତ ପରାନର୍
କିହେ ଭାବି ଭିଲ ନି ପାରେ
ଭବେ ତୋର୍ ଅଭାବ୍ ହେଲେ
କୋଟି ଟଂକାର୍ ମୂଲ୍ ସରେ ।

କୀଟ ଠାନୁ ବ୍ରହ୍ମ ଯାଏକ୍
ତୋର୍ ବିନେ ଛଟ୍ ପଟ୍
ତୁଇ ଗୁଟେ ତ ପରାନ୍ ଦାତ୍ରି
ଇ କଥା ପରମ୍ ସତ୍ ।

ପାଇଛେ ଯିଏ ନି ପାରେ ବୁଝି
ଦାମ୍ ଟା ଆଏ ତୋର୍ କେତେ
ଜାନିଛେ ସେ ଭଲେ ଇ କଥା
ଯେନ୍ ଅଭାବେ ଝୁରିଛେ ତତେ ।

ତୋର୍ ଠାନୁ ହି ସଁସାର୍ ଆଏ
ତୋର୍ ବିନେ ସଭେ କାଙ୍ଗାଲ୍
ହିରା ନିଲା ମୋତି ମାଣିକ
ତୋର୍ ବିନେ ହେବା ଢେକାଲ୍ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯେତେ ଜ୍ଞାନୀ ଧନୀ ହେଲେ ଭିଲ
ରଖିଥିଲେ ଭିଲ ଯେତେ ସଂପଦ୍
ତୋର୍ ଆଦର୍ ଯଦି ନି କଲେ
ପଡବା ଦିନେ ମହା ବିପଦ୍ ।

ପାଏନ୍ ପବନ୍ ବିନେ ମରନ୍
ଇ କଥା ଭିଲ ଆଏ ସତ୍
ହେଲେ ଭିଲ ଅରନ୍ ତୁଇ ମୂଲ୍
ଇ କଥା ଭିଲ ପରମ୍ ସତ୍ ।

କେତେ କଲେବଲେ ଚାଷୀ
ଉପୁଜେଇ ଆନସି ତତେ
ପରିଶରମ୍ କେତେ କରିଥିସି
ଇ କଥା ଭଲେ ଜନା ତତେ ।

ହେନ୍ତା ତ ନି ଆସୁ ତୁଇ
ଯେ ବାଢ଼ି କରି ଖେଇଦେମୁ
ଯାହିଁ ତାହିଁ ଖେଇ କରି
ହେନ୍ତା ଗଦାଗଦା ଗଦେଇ ଦେମୁ ।

ଆସ ଆସ ହୋ ଭାଇ ବନ୍ଧୁ
ଆଏଜ୍ କରମା କିରିଆ ଗୁଟେ
ଯେନ୍ତି ଖାଏମା ହେନ୍ତି ବାଢ଼ମା
ଖୁଏତ ନାଇଁ କରୁଁ ମୁଟେ ।

ଏନ୍ତି ଯଦି ପାରମା କରି
ଧରା ଥି ରହେମା ଜୀବନ୍ ଧରି
ଭୁକାକେ ଦେମା ଅରନ୍ ମୁଠେ
ବଢ଼ବା ସମକଁର୍ ସୁଖ୍ ଶିରି ।

କବି ପ୍ରସାଦ୍
ସର୍ଗିଗୁଡା, ମଣ୍ଡଲ୍, ବେଲପଡା, ବଲାଙ୍ଗୀର୍
ମୋବାଇଲ୍ -୭୬୦୭୦୫୯୩୯୫

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଦର୍ପନ୍



କ୍ଷମାନିଧି ସାହୁ

ଜନମ୍ ଠାନୁ ମରନ୍ ତକ୍
ସୁନ୍ଦର୍ ଚାହେଁସି ଇ ମନ୍
ରୂପ୍ ଯଉବନ୍ କେ ବାଆରିନେସି ଯେ
ତାର୍ ନାଁ ଭେଇ ଦର୍ପନ୍..

ଦର୍ପନ୍ ଟା ଫେର୍ ଦୁଇ ପରକାରର୍
ପହେଲାର୍ ଟା ଆଏ ଚଳନ୍
ଆର୍ ଗୁଟେ ଟା ଛୁଚା ପୁତୁଲାକେ
ଦେଖେଇ ନେସି ଇ ଦର୍ପନ୍..

ଛୁଆନୁ ବୁଢାତକ୍ ଯାହାକେ ଦେଖ
ସଜେଇ ହେବାର୍ କେ ମନ୍
ତେଲ୍ ପଉଡର୍ ଅଁତର୍ ମାଖିନେଲେ
ସଜେଇ ନେସି ଇ ଦର୍ପନ୍..

କିଏ ଦେଖିକରି ରାପିକୁରି ହେସି
ଅଧା ମେଛା ମୁଡୁଥିସନ୍
ବାଁକ୍ ସିଉତିଆ ଚକାବେନିକେ ଭି
ବତେଇ ନେସି ଇ ଦର୍ପନ୍..

କେଭେ କାହାକେ ଅସତ୍ ନାଇଁ କହେ
ଯାହା ହଉ ସେ ଭଲ୍ ମନ୍
ଗୁଟ୍ ଗୁଟ୍ କରି କେନ୍ତା ଅଛୁ ଯେ
କହିନେସି ଇ ଦର୍ପନ୍..

ରୂପ୍ ଯଉବନ୍ ଦୁଇ ଦିନିଆ ଭେଇ
ଚଳନ୍ ଆଏ ବଡ୍ ଧନ୍
ସରଳ ସୁନ୍ଦର୍ ଚାଲି ଚଳନ୍ ଦେଖଲେ
ଖୁସ୍ ଲାଗସି ସେ ଦର୍ପନ୍..

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଲା ଗୁରା ତ ସଁସାର୍ ଆଏ ଇଟା
ପଏରଛା ଥଉ ଇ ମନ୍
ହିଁସା ଅହଁକାର୍ ଟା ଲିଭିଯଉ ମନେ
ଦରକାର୍ ଆମକୁ ସେ ଦର୍ପନ୍..

ଠାନି ଚାହାନି ଚାହାନା ନାଇଁ
ବନେ ଆଏ ସିଧା ଜୀବନ୍
ସମକିରର୍ ଆଖି ମଧୁର୍ ସପନ୍ କେ
ଦେଖେଇନଉ ଇ ଦର୍ପନ୍...

କ୍ଷମାନିଧି ସାହୁ
ଜାମପାଲି,ସାଲେପାଲି,ମେଲଛାମୁଣ୍ଡା,ବରଗଡ଼
୭୦୭୭୦୫୯୩୪୯

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମାଟି ମାଁର...



ଚନ୍ଦ୍ରଶେଖର ଗୋ

ସବଦ୍ ମୋର୍ ପଦ୍ ମୋର୍
କବିତା ଘଲେ ମୋର୍ ଆଏ
କବିତାର୍ ଭାବଟା ମାଟିମାଁର୍... ।

ମନ୍ ମୋର୍ ସପନ୍ ମୋର୍
ଆଏସ୍ ଘଲେ ମୋର୍ ଆଏ
ଆତମା ପରମ୍ ଆତମାକଁର୍
ଗାଗରଟା ମାଟିମାଁର... ।

ଜିବନର୍ ସଭ୍ ମାଟିମାଁର୍ ଆଏ
ମୁଇଁ ମାଟିମାଁର୍... ।

ଚନ୍ଦ୍ର ଶେଖର ଗୋ
କର୍ଲାଖମାର, ନୂଆପଡ଼ା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଫଟ୍‌କା



ଦେବାଶିଷ ସାଗର

ଯେତେ ମନାକର୍‌ଲେ ପିଲା ବିଲ୍‌କୁଲ୍ ନାଇଁ ମାନେ । ନାଇଁ କର୍‌ବାର୍ କାମ୍‌କେ ଆଘୋ କର୍‌ସି । ଇଥିର୍ ଲାଗି ଘରର୍ ଲୋକ୍ ବାହାର୍‌କେ ଛାଡ୍‌ବାର୍‌କେ ଡର୍‌ସନ୍ । ହେଲେ କାଏଁ କର୍‌ବେ ପୁଓ ମାଖ୍‌ନୁ ପଡ଼େଲା ହେଇ କରି ହଷ୍ଟେଲ୍ ଆସିଛେ ସମ୍ବଲପୁର୍ । ମାଆଁ - ବୁଆର୍ ଆଶା କେତ୍‌ନି କେତେ ଯେ, ବାବୁ ଚାକ୍‌ରୀ କର୍‌ବା । ବୁଆ କାଲୁ ଆରୁ ମାଆଁ ମାଲର୍ ଦୁଃଖ୍‌କେ ଦୁର୍ କର୍‌ବା । କାଏଁ କରି କି କାଲୁ ଆରୁ ମାଲର୍ ଗୁଟେ ଜୀବନ୍ ବତୀ ମାଖ୍‌ନୁ ।

ବୁଆର୍ ମନେ କେତ୍‌ନି ଡର୍, ଦୀବାଲି ଆସୁଛେ । ମାଖ୍‌ନୁ ଫେର୍ ଅଗ୍‌ଲା ଆଏ । ଗାଆଁ ଦୁଲ୍‌କୁଛେ - ଫଟ୍‌କା ଫୁଟୁଛେ । ପାହାଁତିଆ ବେଲେ ଭି କିଏ ଗୁଟେ ଗୁଟେ ଫଟ୍‌କା ଫୁଟାଉଛେ ଯେ, କାଲୁ ପୁଓର୍ ହଷ୍ଟେଲ୍‌ନୁ ଆସିଥିବା ଫୁନ୍ କଲ୍‌କେ ଟିକେ ଟିକେ ଶୁନିକରି କାନ୍ଦି ଉଠ୍‌ଲା ନ । ତାର୍ କନିଆଁ ମାଲ କଲେ କଲେ କାଣା ବଲି ପଚ୍‌ରାଲା ଯେ, ମାଖ୍‌ନୁ କାନ୍ଦି କାନ୍ଦି କହୁଛେ - ପିଲାକେ କହିଥିଲି ଯେ, ଉତ୍‌ପାତ୍ ନାଇଁ ହେବୁରେ ବୁଆ ..... । ଇ କଥାକେ ଶୁନି ମାଲ ତଲେ ଗଡ୍‌ଡି ଗଡ୍‌ଡି କାନ୍ଦୁଛେ ପୁଓରେ ...... ପୁଓରେ ..... ।

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁର
ଯୁକ୍ତ ତିନି, ତୃତୀୟ ବର୍ଷ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ମୋ.ନଂ - ୯୯୩୮୪୯୯୫୬

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଜାଏତ୍



ଦେବାଶିଷ ସାଗର

ହର୍‌ମାଶା ମନେ ଗୁଟେ କଥା, ମୁଇଁ କିଏ? ସଁସାରର୍ ରୀତିନେ ରକତ୍, ହାଡ୍, ମାନ୍‌ସର୍ ଦିହେଁ ମୋର୍ ଗଢା ଶରୀର୍ । ଦୁନିଆଁର୍ ଅଲ୍‌ଗା ମୁନୁଷ୍ ଯେନ୍‌ତା ଦିଶ୍‌ସନ୍ ମୁଇଁ ଭି ହେନ୍‌ତା, ହେଲେ ଟିକେ କଲା ଅଛେଁ । ସାଁଗ୍ - ସାଥି ଭିଲେ ଖେଲ୍ କରି ପାଠ୍ ପଢିଛେ ଦୁଇ ଅଖର୍ । ଛୁଆ ବେଲେ ଯେତେ ବାହାରେ ଖାଏଲେ କି ଅଲ୍‌ଗା ବସ୍‌ଲେ ମନ୍ ନାଇଁ ହୁଏ ଖରୋ । ଲେକିନ୍ ସମିଆଁ ଭିତ୍‌ରେ ବଏସ୍ ଗାଡି ସାଁଗେ ମୁଇଁ ହେଇଛେ ବଡ୍, ହେଲେ ବଡ୍ ହେଇଛେ ସେ ବେଭାର୍ ମୋର୍ ଠାନେ । ମନେ ମନେ ଭାବସି ପଲାତି କାଏଁ ସେଠାନ୍‌କେ, ଯେନ୍‌ଠାନେ ମତେ କିହେ ନାଇଁ ଚିନ୍‌ହି ଥିତେ । ହେଲେ କାଏଁ କର୍‌ମି ସବୁନ ସେ ଗୁଟେ କଥା; କାଏଁ ଜାଏତ୍ ?

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁର

ଯୁକ୍ତ ତିନି, ତୃତୀୟ ବର୍ଷ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ

ମୋ.ନଂ - ୯୯୩୮୮୪୪୯୫୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆମ ରୋଷେଇ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମରାଠୀ ବ୍ୟଞ୍ଜନ



ମିନାକ୍ଷୀ ପଟ୍ଟନାୟକ

ଆସନ୍ତୁ ଶିଖିବା କିଛି ପ୍ରସିଦ୍ଧ ମରାଠୀ ବ୍ୟଞ୍ଜନ ।

## ପିଟଲ୍ ଏବଂ ଭାକରୀ

ଏହା ମହାରାଷ୍ଟ୍ରର ଏକ ଲୋକପ୍ରିୟ ଖାଦ୍ୟ । ପିଟଲ ବିଶେଷତଃ ବେସନରୁ ତିଆରି ହୋଇଥାଏ ଏବଂ ଏହା ଖାଇବାକୁ ବେଶ୍ ସୁସ୍ୱାଦୁକର ଅଟେ । ଏହାର ପ୍ରସ୍ତୁତି ପ୍ରଣାଳି ମଧ୍ୟ ବେଶ ସହଜ । ମହାରାଷ୍ଟ୍ରର ପ୍ରସିଦ୍ଧ ହିଲ୍ଷ୍ଟେସନ ସିଂହଗଡ଼ ଠାରେ ଏହା ପର୍ଯ୍ୟଟକଙ୍କ ମଧ୍ୟ ପ୍ରସିଦ୍ଧ ।

*ପିଟଲ୍ ପାଇଁ ଆବଶ୍ୟକୀୟ ଉପାଦାନ :*

ଗୋଟା ସୋରିଷ - ୧ ଚାମଚ

୨ କପ୍ ପାଣି

୮ଟି ରସୁଣ କୋଳ

ଅଧା ଚାମଚ ହିଙ୍ଗୁ

୧ କପ୍ ବେସନ

୧ ଚାମଚ ହଳଦୀ

୨ ଇଞ୍ଚ ଅଦା ଖଣ୍ଡ

୨ କିମ୍ବା ୩ ଟି ପିଆଜ

ଛୋଟ ଛୋଟ କଟାଯାଇଥିବା କଞ୍ଚା ଲଙ୍କା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

୨ ଚାମଚ ରିଫାଇନ୍ ତେଲ

ଆବଶ୍ୟକ ଅନୁଯାୟୀ ଲୁଣ

*ପ୍ରସ୍ତୁତି ପ୍ରଣାଳୀ*

ପ୍ରଥମେ ପିଆଜକୁ ଛୋଟ ଛୋଟ କରି କାଟନ୍ତୁ । ଅଦା, କଞ୍ଚାଲଙ୍କା, ରସୁଣକୁ ମିଶାଇ ଭଲ କରି ବାଟି ଦିଅନ୍ତୁ ।

ଚୁଲିରେ କରେଇ ଗରମ କରନ୍ତୁ । ଅଳ୍ପ ଆଞ୍ଚରେ କିଛି ତେଲ ଗରମ କରନ୍ତୁ ଏବଂ ସେଥିରେ ହିଙ୍ଗୁ, ସୋରିଷ ଏବଂ ହଳଦୀ ପକାନ୍ତୁ । ଯେତେବେଳେ ସୋରିଷ ଫୁଟିବାକୁ ଲାଗିବ, ପିଆଜ ପକାନ୍ତୁ । ବର୍ତ୍ତମାନ ହାଲକା ବାଦାମୀ ରଙ୍ଗ ହେବାପର୍ଯ୍ୟନ୍ତ ପିଆଜକୁ ଭାଜନ୍ତୁ ।

ଏବେ ତିଆରି ହୋଇଥିବା ମସଲା ବଟାକୁ ସେଥିରେ ପକାନ୍ତୁ ଏବଂ ଘାଣ୍ଟନ୍ତୁ । କରେଇ ରେ ପାଣି ଦିଅନ୍ତୁ ଏବଂ ଲୁଣ ପକାନ୍ତୁ । ପାଣି ଫୁଟିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ ।

ପାଣି ଜୋରରେ ଫୁଟିବାକୁ ଲାଗିଲେ ସେଥିରେ ବେସନ ମିଶାନ୍ତୁ ଏବଂ ଘାଣ୍ଟିବାକୁ ଲାଗନ୍ତୁ । କିଛି ସମୟ ଅପେକ୍ଷା କରନ୍ତୁ, ବେଶୀ ବହଳିଆ ନ ହେବା ଆଗରୁ କରେଇ ଓହ୍ଲେଇ ଦିଅନ୍ତୁ ଏବଂ ଧନିଆ ପତ୍ର ପକାଇ ସଜେଇଦେଇ ଖାଇବାକୁ ଦିଅନ୍ତୁ ।

*ଭାକରୀ ପାଇଁ ଆବଶ୍ୟକୀୟ ଉପାଦାନ :*

ଜଵାର ଅଟା - ୧ କପ୍

ଆବଶ୍ୟକ ଅନୁଯାୟୀ ପାଣି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

*ପ୍ରସ୍ତୁତି ପ୍ରଣାଳୀ*

ପ୍ରଥମେ ଜଜ୍ୱାର ଅଟାକୁ ଚଲଣା ସାହାଯ୍ୟରେ ଭଲଭାବରେ ଛାଣିକି ରଖନ୍ତୁ । ତାପରେ ଅଳ୍ପ ପାଣି ନେଇ ଜଜ୍ୱାର ଅଟାକୁ ଭଲକରି ଚକଟି ଦିଅନ୍ତୁ । ଗରମ ପାଣି ବ୍ୟବହାର କଲେ ଅଟା ଚକଟିବାକୁ ସହଜ ହୁଏ ଏବଂ ଶୀଘ୍ର ହୋଇଯାଏ । ଏହାପରେ ଅଟାର ଗୁଳା ସବୁ ତିଆରି କରନ୍ତୁ । ଏବଂ ହାତର ପାପୁଲିରେ ଚିପି ଚିପି ସେହି ଅଟା ଗୁଳାକୁ ରୁଟିର ଆକାର ଦିଅନ୍ତୁ । ନିଜ ପସନ୍ଦ ଅନୁଯାୟୀ ମୋଟା କିମ୍ବା ପତଳା କରି ପାରିବେ । ଚୁଲି ଉପରେ ରୁଟି ସେକିବା ତୱା ବସାନ୍ତୁ ଏବଂ ଗରମ କରନ୍ତୁ ।

ଗରମ ତୱାରେ ରୁଟିକୁ ପକାନ୍ତୁ ଏବଂ ରୁଟି ଉପରେ ଅଳ୍ପ ପାଣି ଛିଞ୍ଚି ଦିଅନ୍ତୁ । ଯେତେବେଳେ ପାଣିରୁ ଧିରେ ଧିରେ ବାମ୍ପ ବାହାରିବ ସେତେବେଳେ ରୁଟିଟିକୁ ଓଲଟାଇ ଦିଅନ୍ତୁ । ଗୋଟିଏ କିମ୍ବା ଦୁଇ ମିନିଟ୍ ପାଇଁ ତୱାରେ ରଖନ୍ତୁ । ଯେତେବେଳେ ବାଦାମୀ ରଙ୍ଗ ହୋଇ ଆସିବ ସେତେବେଳେ ରୁଟିକୁ ତୱାରୁ ବାହାର କରି ସିଧା ଚୁଲି ଉପରେ ରଖନତୁ ଏବଂ ଭଲ କରି ସେକି ଫୁଲିବାକୁ ଦିଅନ୍ତୁ । ଏବେ ଭାକରୀ ସଂପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଗଲା ।

## ଥାଳିପିଠ

ଏହା ଏକ ପାରମ୍ପରିକ ମରାଠୀ ବ୍ୟଞ୍ଜନ । ବିଭିନ୍ନ ପ୍ରକାର ଶସ୍ୟର ଗୁଣ୍ଡରୁ ଏହା ତିଆରି କରାଯାଇ ଥାଏ । ଏହା ଏକ ସୁସ୍ୱାଦୁକର ଏବଂ ଶରୀର ପାଇଁ ଏକ ପୌଷ୍ଟିକ ଆହାର ଅଟେ ।

*ଆବଶ୍ୟକୀୟ ଉପାଦାନ*

ଜଜ୍ୱାର ଅଟା - ୧ କପ୍

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବେସନ - ୧/୪ କପ୍

ଚାଉଳ ଚୁନା - ୧ କପ୍

ବାଜରା ଅଟା - ୧/୪ କପ୍

ଗହମ ଅଟା - ୧/୪ କପ୍

ହଳଦୀ - ୧/୪ ଚାମଚ

ଲୁଣ

ଜୁଆଣୀ - ୧/୪ ଚାମଚ

ଅଦା ରସୁଣ ବଟା

ଧନିଆ ପତ୍ର

ଧନିଆ ପାଉଡ଼ର

ଜୀରା ପାଉଡର

ରାଶି

ଲଙ୍କା ଗୁଣ୍ଡ

ଚୁନା ଚୁନା କଟାଯାଇଥିବା ପିଆଜ

ଆବଶ୍ୟକ ଅନୁଯାୟୀ ତେଲ

ବଟର୍

ବଟର ପେପର୍

ପାଣି ଆବଶ୍ୟକ ଅନୁଯାୟୀ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

## ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଗୋଟିଏ ବଡ଼ ପାତ୍ର ନିଅନ୍ତୁ । ସେଥିରେ ସବୁ ପ୍ରକାର ଅଟା, ମସଲା ଗୁଣ୍ଡ, ରାଶି, ପିଆଜ, ଅଦା ରସୁଣ ବଟା, ଲଙ୍କା ଗୁଣ୍ଡ, ଧନିଆ ପତ୍ର, ଲୁଣ ମିଶାଇ ଦିଅନ୍ତୁ, ଗୋଟିଏ ଚାମଚ ତେଲ ପକାନ୍ତୁ ।

ତା'ପରେ ଆବଶ୍ୟକ ଅନୁଯାୟୀ ପାଣି ମିଶାଇ ଅଟା ଚକଟିବା ପରେ ଗୋଟିଏ ବଡ଼ ଗୁଳା ପ୍ରସ୍ତୁତ କରନ୍ତୁ । ଅଟା ଚକଟା ବେଶୀ ନରମ ହେବା ଉଚିତ । ତା'ପରେ ସେହି ଅଟା ଚକଟାରୁ ଅଳ୍ପ ଅଳ୍ପ ନେଇ ବଟର୍ ପେପର୍ ଉପରେ ରଖି ହାତ ପାପୁଲି ସାହାଯ୍ୟରେ ଧିରେ ଧିରେ ଦବେଇ ତାର ଚାରିପଟକୁ ଗୋଲ କରନ୍ତୁ । ଯେପରି ରୁଟି ଭଳି ଆକାର ହେବ । ସେହି ରୁଟିର ମଝିରେ ଗୋଟିଏ କଣା କରି ଦିଅନ୍ତୁ । ଏବଂ ଚାରି କଡ଼ରେ ତିନିରୁ ଚାରୋଟି କଣା କରନ୍ତୁ । ଏବେ ତୱା ଗରମ କରନ୍ତୁ, ଧିରେ ଧିରେ ସେହି ରୁଟିକୁ ବଟର୍ ପେପର୍ ସହିତ ନେଇ ତୱାରେ ପକାନ୍ତୁ । କିଛି ତେଲ ସେହି କଣା ମାନଙ୍କରେ ପକାନ୍ତୁ ଏବଂ ଘୋଡ଼ାଇ ଦିଅନ୍ତୁ । ଏବେ ଦୁଇରୁ ତିନି ମିନିଟ୍ ପର୍ଯ୍ୟନ୍ତ ଭଲ ଭାବରେ ସେକନ୍ତୁ । ଯେତେବେଳେ ଗୋଟିଏ ପଟ ସୁନେଲି ରଙ୍ଗ ଆସିଯିବ ଅନ୍ୟ ପାଖକୁ ଲେଉଟାଇ ସେକନ୍ତୁ । ଉଭୟ ପାଖ ଏକାଭଳି ବାଦାମୀ ରଙ୍ଗ ହୋଇଗଲେ ତାକୁ ତୱାରୁ ବାହାର କରି ଆଣନ୍ତୁ ଏବଂ ସେଥିରେ ଧନିଆ ପତ୍ର ପକାଇ ଖାଇବା ପାଇଁ ପରୋଷନ୍ତୁ । ସାଥିରେ ଦହି କିମ୍ବା ଆଚାର ପରଷି ପାରିବେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରବନ୍ଧ ବିଭାଗ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା



ସ୍ୱପ୍ନାରାଣୀ ଗୁମାନସିଂହ

ଉତ୍କଳୀୟମାନଙ୍କର ଏକ ପବିତ୍ର ମାସ ହେଉଛି କାର୍ତ୍ତିକ । ବାର ମାସ ମଧ୍ୟରେ ଆଷାଢ଼, କାର୍ତ୍ତିକ, ମାର୍ଗଶୀର, ଓ ବୈଶାଖ ଗୁରୁତ୍ୱପୂର୍ଣ୍ଣ । ଏହି ମାସମାନଙ୍କ ମଧ୍ୟରେ କାର୍ତ୍ତିକ ଶ୍ରେଷ୍ଠ ଧର୍ମମାସ । କାର୍ତ୍ତିକର ପ୍ରତ୍ୟେକ ଦିନ ପୌରାଣିକ ଓ ଐତିହାସିକ ଦୃଷ୍ଟିରୁ ମହତ୍ତ୍ୱପୂର୍ଣ୍ଣ । କୁମାର ପୂର୍ଣ୍ଣିମା ପରଠାରୁ କାର୍ତ୍ତିକ ମାସ ଆରମ୍ଭ ହୋଇ କାର୍ତ୍ତିକ ପୂର୍ଣ୍ଣମୀରେ ଶେଷ ହୁଏ । ଭାରତରେ ପ୍ରଚଳିତ ହିନ୍ଦୁ ପଞ୍ଜିକା ଅନୁସାରେ କାର୍ତ୍ତିକ ବର୍ଷର ସପ୍ତମ ମାସ । ଏହି ମାସରେ ବୟସ୍କ ତଥା ଧର୍ମପ୍ରାଣ ଆବାଳ-ବୃଦ୍ଧ-ବନିତା ପ୍ରତ୍ୟହ ପ୍ରାତଃକାଳରେ ସ୍ନାନ ସମାପନ କରି ଦେବ ଦର୍ଶନ ଏବଂ ନଗର ସଂକୀର୍ତ୍ତନରେ ଆତ୍ମବିଭୋର ହୋଇ ଉଠୁଥିବାର ଦେଖାଯାଏ । ଓଡ଼ିଶାର ଆଦିକବି ଶୁଦ୍ରମୁନି ସାରଳା ଦାସ ରଚିତ ମହାଭାରତର ଆଦିପର୍ବରେ କାର୍ତ୍ତିକ ମାସର ପବିତ୍ରତା ସମ୍ପର୍କରେ ବର୍ଣ୍ଣନା କରିଛନ୍ତି । ଏହି ପର୍ବରେ ବର୍ଣ୍ଣିତ କାର୍ତ୍ତିକ ପୂର୍ଣ୍ଣିମାଦିନ ଭୋଜରାଜ ଓ ଭୀଷ୍ମଙ୍କ ଗଙ୍ଗାସ୍ନାନ ଯାତ୍ରା ପ୍ରସଙ୍ଗରୁ ଜଣାଯାଏ ଯେ, କାର୍ତ୍ତିକ ମାସରେ ମୃତ୍ୟୁବରଣ କଲେ ବୈକୁଣ୍ଠପ୍ରାପ୍ତି ହୋଇଥାଏ ।

ପୁନଶ୍ଚ କାର୍ତ୍ତିକମାସକୁ ପୁଣ୍ୟମାସ ତଥା ଧର୍ମମାସ ରୂପେ ବିବେଚିତ କରାଯାଏ । ମହିଳା ଓ ପୁରୁଷଙ୍କ ପାଇଁ କାର୍ତ୍ତିକ ହେଉଛି ବ୍ରତ ମାସ । ଏହି ମାସରେ ଯେତେ ବ୍ରତ ପାଳନ କରାଯାଏ ତାହା ଅନ୍ୟ କୌଣସି ମାସରେ ନଥାଏ । କାର୍ତ୍ତିକମାସରେ ରମା ଏକାଦଶୀ, ଶିବ ଚତୁର୍ଦ୍ଦଶୀ, ଧନ୍ୱନ୍ତରୀ ଜୟନ୍ତୀ (ଧନତେରସ୍), ପୟାଶ୍ରାଦ୍ଧ, ନରକ ଚତୁର୍ଦ୍ଦଶୀ, କାଳୀପୂଜା, ଦୀପାବଳି, ନନ୍ଦିନୀପୂଜା, ଯମ ଦ୍ୱିତୀୟା, ନାଗ ଚତୁର୍ଥୀ, ଅଁଳା ନବମୀ, ଦେବୋତ୍ଥାପନ (ବଡ଼) ଏକାଦଶୀ, ଶିବ ଚତୁର୍ଦ୍ଦଶୀ, ଜଗଦ୍ଧାତ୍ରୀ ପୂଜା, ସୁଦଶା ବ୍ରତ, ଭୀଷ୍ମ ପଞ୍ଚକ, ବଡ଼ଓଷା, ବୈକୁଣ୍ଠ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚତୁର୍ଦ୍ଦଶୀ, କେଦାର ବ୍ରତ ଆଦି ପାଳନ କରାଯାଏ । ଏହି ମାସରେ ପାଳିତ ହେଉଥିବା ବ୍ରତ ମଧ୍ୟରେ କାର୍ତ୍ତିକ ବ୍ରତ ଶ୍ରେଷ୍ଠ । ରାଈ ଦାମୋଦର ପୂଜା ଏହି ମାସର ଅନ୍ୟ ଏକ ବିଶେଷତ୍ୱ । ସେହିପରି ହରେକୃଷ୍ଣ ଦର୍ଶନର ବିଶ୍ୱାସୀଙ୍କ ପାଇଁ ମଧ୍ୟ ଏହି ମାସର ମହତ୍ତ୍ୱ ରହିଛି । ସେମାନେ ରାଧା କୃଷ୍ଣଙ୍କ ଭକ୍ତି ଓ ଆରାଧନାର ମାସ ଭାବରେ ପାଳନ କରିଥାନ୍ତି । କାର୍ତ୍ତିକରେ ବ୍ରତଧାରୀମାନେ ଅତ୍ୟନ୍ତ ନିଷ୍ଠାର ସହିତ ବ୍ରତ ପାଳନ କରିଥାନ୍ତି । ମାସସାରା ଆମିଷ ଭୋଜନ ବାରଣ ଥିଲାବେଳେ କେହି କେହି ମାସର ଶେଷ ପାଞ୍ଚଦିନ ବ୍ରତ ପାଳନ କରିଥାଆନ୍ତି । ଏହି ଶେଷ ପାଞ୍ଚଦିନ ପଞ୍ଚକ ପର୍ବ ବା ମହାପଞ୍ଚକ ନାମରେ ପରିଚିତ । କଥାରେ ଅଛି ଏହି ପାଞ୍ଚଦିନ କାଳ ବଗ ମଧ୍ୟ ଆମିଷ ସ୍ପର୍ଶ କରେ ନାହିଁ । ବ୍ରତଧାରୀ ମହିଳାମାନେ ଦିନରେ ଥରେ ହବିଷାନ୍ନ ଗ୍ରହଣ କରିଥା'ନ୍ତି ।

ଏହି ମାସରେ ତୁଳସୀ ବୃକ୍ଷକୁ ଅତ୍ୟନ୍ତ ଭକ୍ତି ସହକାରେ ପୂଜା କରାଯାଏ । ମାସ ସାରା ଚଉରାମୂଳ ମୁରୁଜରେ ଶୋଭାପାଏ । ପଞ୍ଚକରେ ପଞ୍ଚବର୍ଣ୍ଣ ମୁରୁଜ ଚଉରା ମୂଳ ଶୋଭାକୁ ଦ୍ୱିଗୁଣିତ କରେ । ଏହାକୁ ପଞ୍ଚ ମୁରୁଜ କୁହାଯାଏ । ତେଣୁ ଏହି ମାସର ଶୁକ୍ଳପକ୍ଷ ଏକାଦଶୀ ବା ବଡ଼ ଏକାଦଶୀ ଠାରୁ ପୂର୍ଣ୍ଣମୀ ପାଞ୍ଚଦିନ ଧରି ଅନୁଷ୍ଠିତ ମହାପଞ୍ଚକ ହିନ୍ଦୁମାନଙ୍କ ପାଇଁ ଧର୍ମଗତ ଦୃଷ୍ଟିକୋଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କୁହାଯଏ ଗଙ୍ଗା ପରି ନଦୀ ନାହିଁ, ହିମାଳୟ ପରି ପର୍ବତ ନାହିଁ, ବେଦ ପରି ଶାସ୍ତ୍ର ନାହିଁ, ସତ୍ୟ ପରି ଯୁଗ ନାହିଁ, ପୁରୀ ପରି ତୀର୍ଥ ନାହିଁ ଠିକ୍ ସେହିପରି କାର୍ତ୍ତିକ ପରି ମାସ ନାହିଁ ।

କାର୍ତ୍ତିକ ମାସରେ ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କୁ ବିଭିନ୍ନ ବେଶ କରାଯାଇଥାଏ ସେଥି ମଧ୍ୟରେ କାର୍ତ୍ତିକ ପୂର୍ଣ୍ଣିମା ଦିନ ଶ୍ରୀଜୀଉମାନେ ରାଜାଧିରାଜ ବା ରାଜରାଜେଶ୍ୱର ବେଶ ଧାରଣ କରିଥା'ନ୍ତି । କାର୍ତ୍ତିକ ଶୁକ୍ଳ ଏକାଦଶୀଠାରୁ ପଞ୍ଚକ ଅବସରରେ ଶ୍ରୀଜୀଉ ଠିଆକିଆ, ବାଙ୍କଚୂଡ଼, ଆଡ଼କିଆ ବେଶ ଧାରଣ କରିଥା'ନ୍ତି । ଦୀପାବଳି ପରେ ପ୍ରତି ସୋମବାର ବଡ଼ଠାକୁର ହରିହର ବେଶ ହୋଇଥା'ନ୍ତି । ଏକ ରୂପରେ ଶ୍ରୀ ଜଗନ୍ନାଥ, ହରି ଓ ହର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅର୍ଥାତ୍ କୃଷ୍ଣ ଓ ମହାଦେବ ଭାବେ ଭକ୍ତଙ୍କୁ ଦର୍ଶନ ଦେଇଥା'ନ୍ତି । କୃଷ୍ଣଙ୍କର ପ୍ରିୟ ତୁଳସୀ ଓ ମହାଦେବଙ୍କ ପ୍ରିୟ ବେଲପତ୍ର ଶ୍ରୀଜୀଉଙ୍କ ଠାରେ ଲାଗି ହୋଇ ହରିହର ଭାବେ ପରିଗଣିତ ହୋଇଥାନ୍ତି । କଥିତ ଅଛି ପୂର୍ଣ୍ଣମୀ ତିଥିରେ ରାଜାଧିରାଜ ବେଶରେ ଶ୍ରୀଜୀଉଙ୍କୁ ଦର୍ଶନ କଲେ ପୁଣ୍ୟ ମିଳିଥାଏ ।

କାର୍ତ୍ତିକ ପୂର୍ଣ୍ଣିମାକୁ ତ୍ରିପୁରୀ ପୂର୍ଣ୍ଣିମା ମଧ୍ୟ କୁହାଯାଏ । କାରଣ ଏହିଦିନ ଦେବାଧିଦେବ ମହାଦେବ ତ୍ରିପୁରାସୁରକୁ ବଧ କରିଥିଲେ । କାର୍ତ୍ତିକରେ ରାଧାକୃଷ୍ଣଙ୍କ ରାସଉତ୍ସବ ପାଳିତ ହୋଇ ପୂର୍ଣ୍ଣିମୀରେ ଶେଷ ହୋଇଥାଏ । ଏହି କାରଣରୁ କାର୍ତ୍ତିକ ପୂର୍ଣ୍ଣିମାକୁ ରାସ ପୂର୍ଣ୍ଣିମା ମଧ୍ୟ କୁହାଯାଏ । ଶିବ-ପାର୍ବତୀଙ୍କ ପୁଅ କାର୍ତ୍ତିକେୟ ମଧ୍ୟ ଏହି କାର୍ତ୍ତିକ ପୂର୍ଣ୍ଣିମୀରେ ଜନ୍ମ । ଏହି ମାସରେ ଶିବ ଶଙ୍ଖାସୁରକୁ ବଧ କରିଥିଲେ । ଶଙ୍ଖାସୁର ତ୍ରିପୁର (ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ) କୁ ଥରହର କରୁଥିଲା ଏବଂ ବ୍ରହ୍ମାଙ୍କଠାରୁ ବେଦ ଛଡ଼ାଇ ନେଇଥିଲା । ଶଙ୍ଖାସୁରକୁ ବଧ କରି ଶିବ ବେଦ ଉଦ୍ଧାର କରିଥିଲେ । ଦ୍ୱାପର ଯୁଗରେ ଜଳନ୍ଧର ବ୍ରହ୍ମାଙ୍କଠାରୁ ବର ପାଇ ସ୍ୱର୍ଗ ଅଧିକାର କରିବାକୁ ଉଦ୍ୟମ କରୁଥିଲା । ତେଣୁ ଭଗବାନ ବିଷ୍ଣୁଙ୍କର ଶରଣାପନ୍ନ ହେଲେ ଇନ୍ଦ୍ର, ତା'ପରେ ବିଷ୍ଣୁ ମାୟାବଳରେ ଜଳନ୍ଧରର ପତ୍ନୀ ତୁଳସୀଙ୍କର ସତୀତ୍ୱ ହରଣ କରି ଜଳନ୍ଧରକୁ ବଧ କରିଥିଲେ । ଏହିଦିନ କୃଷ୍ଣ ନରକାସୁରକୁ ମଧ୍ୟ ବଧ କରିଥିଲେ । ଓଡ଼ିଶାର ଆଚାରବିଚାର, ଚାଲିଚଳଣି, ରୀତିନୀତି ତଥା ଧର୍ମୀୟ ଭାବନା ସହିତ ଏହି ପର୍ବ ଓତଃପ୍ରୋତ ଭାବେ ଜଡ଼ିତ । ଗୌରବମୟ ଉତ୍କଳର ପ୍ରାଚୀନ ଇତିହାସ ସହିତ ଏହା ଏତେ ନିବିଡ଼ ଭାବରେ ସଂପୃକ୍ତ ଯେ ଏହି ଦିବସର ଗୁରୁତ୍ୱକୁ ବାଦ୍ ଦେଲେ ଖ୍ରୀଷ୍ଟପୂର୍ବୀୟ କାଳରେ ଓଡ଼ିଶାରେ ନୌବାଣିଜ୍ୟ ସମ୍ପର୍କରେ ଚିନ୍ତା ବି କରାଯାଇପାରେ ନାହିଁ । ଅତଏବ ଧର୍ମଗତ ତଥା ଐତିହାସିକ ଉଭୟ ଦୃଷ୍ଟିକୋଣରୁ ଏହାର ମୂଲ୍ୟବୋଧ ଅତ୍ୟନ୍ତ ବୈଶିଷ୍ଟ୍ୟପୂର୍ଣ୍ଣ ।

ଏହିଦିନ ମହିଳାମାନେ ରାଇ-ଦାମୋଦର ବ୍ରତର ଉଦ୍ୟାପନ କରିଥା'ନ୍ତି । ବିଧବାମାନଙ୍କ ପକ୍ଷରେ ଏହି ମାସଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେମାନେ ହବିଷ ପାଳନ ପୂର୍ବକ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରତ୍ୟେକ ସନ୍ଧ୍ୟାରେ ଆକାଶଦୀପ ପ୍ରଜ୍ୱଳନ କରିଥାନ୍ତି । ପ୍ରତ୍ୟେକଦିନ ପ୍ରତ୍ୟୁଷରୁ ସ୍ନାନ କରି ସେମାନେ ଦେବାଦେବୀ ଦର୍ଶନ ପାଇଁ ଯାଆନ୍ତି ଏବଂ ଦେବାଳୟରୁ ଫେରିବା ପରେ କାର୍ତ୍ତିକ ମାହାତ୍ମ୍ୟ ଶ୍ରବଣରେ ମନ ନିବେଶ କରନ୍ତି । ତେଣୁ ଆକାଶଦୀପ ପ୍ରତିଷ୍ଠା ପବିତ୍ର କାର୍ତ୍ତିକ ମାସର ଆଉ ଏକ ମହତ୍ତ୍ୱପୂର୍ଣ୍ଣ ଅବଦାନ । ଚଉରାମୂଳେ ଏକ ଲମ୍ବା ବାଉଁଶ ଉପରେ ରହିଥିବା ମାଟି ହାଣ୍ଡିରେ ଆକାଶଦୀପ ଜଳୁଥାଏ । ବିଧବାମାନେ ପରଲୋକଗତ ସ୍ୱାମୀଙ୍କ ପାଇଁ ଏପରି ଦୀପଦାନ କରୁଥିବା କଥିତ ଅଛି । ଏହା ମଧ୍ୟ ବତୀଘର ପରି କାମ କରେ । ନୌବାଣିଜ୍ୟରେ ଯାଉଥିବା ବଣିକମାନଙ୍କ ପାଇଁ ଏହା ପଥପ୍ରଦର୍ଶକ ହୋଇଥାଏ । ପୂର୍ବପୁରୁଷଙ୍କ ପ୍ରତ୍ୟାଗମନ ରାସ୍ତାକୁ ଆଲୋକିତ କରିବାରେ ଏହା ମଧ୍ୟ ଉପଯୋଗୀ ହୋଇଥାଏ । ଅନ୍ୟ ଏକ କାରଣରୁ ଆକାଶଦୀପର ବିଜ୍ଞାନସମ୍ମତ ଯୁକ୍ତି ମଧ୍ୟ ରହିଛି । କୀଟ ତଥା ଅନ୍ୟ ଜୀବଙ୍କୁ ଆଲୋକ ନିକଟକୁ ନେବାରେ ଏହା ସହାଯ୍ୟ କରିଥାଏ ଯାହା ଫଳରେ ସେହି କୀଟ ମାନବର କୌଣସି କ୍ଷତି ସାଧନ କରିପାରି ନଥା'ନ୍ତି ।

ହିନ୍ଦୁ ଧର୍ମ ଦର୍ଶନରେ ପୂର୍ବପୁରୁଷଙ୍କ ଆରାଧାନା ବହୁ ପୁରାତନ । ଆଶ୍ୱିନ ମାସ କୃଷ୍ଣପକ୍ଷକୁ ପିତୃପକ୍ଷ ଭାବେ ପାଳନ କରାଯାଇଥାଏ । ସେତେବେଳେ ପିତୃପୁରୁଷ ମର୍ତ୍ତ୍ୟକୁ ଆସିଥାନ୍ତି ଓ କାର୍ତ୍ତିକ ଅମାବାସ୍ୟାରେ ପ୍ରତ୍ୟାବର୍ତ୍ତନ କରୁଥିବା ବିଶ୍ୱାସ ପ୍ରଚଳିତ ଅଛି । ସେମାନଙ୍କର ଯାତ୍ରାପଥକୁ ଆଲୋକିତ କରିବା ପାଇଁ ପାଳିତ ହୁଏ ଦୀପାବଳି, ଆଲୋକର ପର୍ବ । ପିଣ୍ଡଦାନ ପୂର୍ବକ କାଉଁରିଆ କାଠି ଜାଳି ପୂର୍ବପୁରୁଷଙ୍କୁ ଆଲୋକର ପଥ ଦେଖାଇଥାନ୍ତି । ଏହି ଅବସରରେ ଘରର ମୁରବୀମାନେ ଗାଇଥା'ନ୍ତି "ବଡ଼ ବଡ଼ିଆ ହୋ...ଗଙ୍ଗା ଯାଅ, ଗୟା ଯାଅ, ଅନ୍ଧାରରେ ଆସ, ଆଲୋକରେ ଯାଅ, ବାଇଶି ପାହାଚେ ବସି ଗଡ଼ ଗଡ଼ାଉଥାଅ, ଅମୃତ ମୁଖେ ଚାହିଁଥାଅ ।"ସେହିପରି ଜୈନଧର୍ମରେ ଏହା ଆଲୋକର ପର୍ବ ଭାବେ ଏବଂ ଶିଖ୍ ଙ୍କ ପାଇଁ ଏହା ଶିଖ୍ ଧର୍ମଗୁରୁ ନାନକଙ୍କର ଜୟନ୍ତୀ ଦୃଷ୍ଟିରୁ ମଧ୍ୟ ପବିତ୍ର ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଉତ୍କଳବାସୀ କାର୍ତ୍ତିକ ପୂର୍ଣ୍ଣିମା ଦିନ ବୋଇତ ବନ୍ଦାଣ ପାଇଁ ନଦୀ ଘାଟରେ ଏକତ୍ରିତ ହୁଅନ୍ତି । ପୂର୍ବ ସ୍ମୃତିକୁ ପୁନଃ ଜାଗରିତ କରିବାକୁ ଓଡ଼ିଆମାନେ ବର୍ଷ ବର୍ଷ ଧରି ଏହା କରି ଆସୁଛନ୍ତି । ଦିନ ଥିଲା ଯେତେବେଳେ ଉତ୍କଳୀୟ ସାଧବମାନେ ପୂର୍ବ ସାଗର ଅତିକ୍ରମ କରି ତାମ୍ରପର୍ଣ୍ଣି, ଜାଭା, ସୁମାତ୍ରା ଓ ବାଲି ଦ୍ୱୀପକୁ ନୌବାଣିଜ୍ୟ କରିବା ନିମନ୍ତେ ଯାଉଥିଲେ । ସିଂହଳ, ଜାଭା, ସୁମାତ୍ରା, ବାଲି ଆଦି ଦ୍ୱୀପରେ ଉତ୍କଳୀୟ ସଂସ୍କୃତି ଆଜି ବି ଜୀବନ୍ତ । ପ୍ରାଚୀନ ବନ୍ଦର ସେହି ମହନୀୟ କୀର୍ତ୍ତିରାଜିର ମୂକସାକ୍ଷୀ ପାଲଟିଛି । ଓଡ଼ିଆ ପୁରାଣମାନଙ୍କରେ ନୌଯାତ୍ରା ଓ ବାଣିଜ୍ୟ ବିଷୟରେ ବହୁଳ ଭାବରେ ବର୍ଣ୍ଣନା କରାଯାଇଛି । ନୌବାଣିଜ୍ୟର ଦେବୀ ମଙ୍ଗଳାଙ୍କର ମାହାତ୍ମ୍ୟ ମଙ୍ଗଳା ପୁରାଣରେ, ସାରଳା ମହାଭାରତରେ ପ୍ରତିପାଦିତ ହୋଇଛି । ସେହି ପ୍ରାଚୀନ ଐତିହ୍ୟ ଓ ସଂସ୍କୃତିକୁ ସ୍ମରଣ କରି କାର୍ତ୍ତିକ ପୂର୍ଣ୍ଣମୀରେ ଝିଅ ବୋହୂ ସମସ୍ତେ ନଦୀ ତଥା ପୁଷ୍କରିଣୀରେ କଦଳୀପଟୁଆ, ରଙ୍ଗବେରଙ୍ଗର ଶୋଲରେ ତିଆରି ଡଙ୍ଗାମାନ ଦୀପ ସହିତ ଶ୍ରଦ୍ଧା ଓ ଭକ୍ତିରେ ଭସାଇଥା'ନ୍ତି । ପରମ୍ପରାକୁ ଉଜ୍ଜୀବିତ କରି ଲୋକେ ଗାଇଥା'ନ୍ତି - ଆ-କା-ମା-ବୈ, ପାନଗୁଆ ଥୋଇ, ପାନଗୁଆ ତୋର, ମାସକ ଧରମ ମୋର' । ଆ-ଆକାଶ, କା-ପାଣି, ମା ଭୈ-ଭୟ ନାହିଁ । ଆକାଶ ଓ ଜଳକୁ ଭୟ କରନାହିଁ । ଆ, କା, ମା-ବଇ (ଭୈ) କୁ ଆଷଢ଼ କାର୍ତ୍ତିକ, ମାର୍ଗଶୀର, ବୈଶାଖ ଚାରିମାସକୁ ବୁଝାଇଥାଏ । ଏହି ଚାରିମାସରେ ବୋଇତରେ ଜଳଯାତ୍ରା ଶୁଭଙ୍କର । ବୋଇତ ଯାତ୍ରା ଆରମ୍ଭ ହୁଏ କାର୍ତ୍ତିକ ମାସଠାରୁ । ବର୍ଷାଋତୁ ଚାଲିଯାଇଥାଏ । ଝଡ଼, ବତାସ ଥମି ଯାଇଥାଏ । ସମୁଦ୍ର, ହ୍ରଦ ଶାନ୍ତ ଥାଏ । କାର୍ତ୍ତିକ ମାସ ଧର୍ମ ମାସ । କାର୍ତ୍ତିକ ମାସରେ ଜଳଯାତ୍ରା ମଙ୍ଗଳମୟ ତଥା ଶୁଭଙ୍କର । ସେଥିପାଇଁ କାର୍ତ୍ତିକ ପୂର୍ଣ୍ଣିମା ବୋଇତ ବନ୍ଦାଣ ଦିବସ ନାମରେ ମଧ୍ୟ ଖ୍ୟାତ ।

ହିନ୍ଦୁଧର୍ମ ଅନୁସାରେ କାର୍ତ୍ତିକ ମାସକୁ ପବିତ୍ର ଓ ପୂଜାଅର୍ଚ୍ଚନା ପାଇଁ ଶ୍ରେଷ୍ଠ ବୋଲି ଧରା ଯାଇଥାଏ । କାର୍ତ୍ତିକ ପୂର୍ଣ୍ଣମୀରେ ନଦୀସ୍ନାନ ଏକ ପ୍ରାଚୀନ ପରମ୍ପରା । ପୁଣ୍ୟ ଅର୍ଜନ ପାଇଁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାର୍ତ୍ତିକ ସ୍ନାନ ଅନୁଷ୍ଠିତ ହୋଇଥାଏ । ଏହିଦିନ କୃତ୍ତିକା ନକ୍ଷତ୍ରରେ ଚନ୍ଦ୍ର ଓ ବିଶାଖା ନକ୍ଷତ୍ରରେ ସୂର୍ଯ୍ୟ ଅବସ୍ଥାନ କରୁଥାନ୍ତି । ତେଣୁ ତାହା 'ପଦ୍ମକଯୋଗ' ହୋଇଥାଏ । ଯାହା ପୁଷ୍କରଠାରୁ ମଧ୍ୟ ଦୁର୍ଲଭ । ଏହିଦିନ କୃତ୍ତିକା ନକ୍ଷତ୍ରରେ ଚନ୍ଦ୍ର ଓ ବୃହସ୍ପତି ଅବସ୍ଥାନ କରୁଥା'ନ୍ତି ତେଣୁ ତାହାକୁ ମହାକାର୍ତ୍ତିକ କୁହାଯାଏ । କାର୍ତ୍ତିକ ସ୍ନାନ ପାଇଁ ରାଜସ୍ଥାନର ପୁଷ୍କର ସରୋବର ବେଶ୍ ପ୍ରସିଦ୍ଧ । ଏପରି ଧରାଯାଏ ଯେ କଳିଯୁଗରେ କାର୍ତ୍ତିକ ପୂର୍ଣ୍ଣିମା ଦିନ କୌଣସି ପବିତ୍ର ନଦୀରେ ସ୍ନାନ କଲେ ମୋକ୍ଷ ପ୍ରାପ୍ତି ହୋଇଥାଏ । ବିଜ୍ଞାନ ଦୃଷ୍ଟିକୋଣରୁ ମଧ୍ୟ ପ୍ରାତଃ ସ୍ନାନର ମହତ୍ତ୍ୱ ରହିଛି । ଏହା ଶରୀର ପାଇଁ ହିତକର ହୋଇଥିଲାବେଳେ ମନ ଓ ଇନ୍ଦ୍ରିୟ ଉପରେ ଏହାର ସକାରାତ୍ମକ ପ୍ରଭାବ ପଡ଼ିଥାଏ । ଯାହାଫଳରେ ଲୋକମାନେ ଆଧ୍ୟତ୍ମିକ ଚିନ୍ତାଧାରା ଓ ପରୋପକାର ତଥା ଦାନ ଧର୍ମ ପାଇଁ ଆଗ୍ରହ ପ୍ରକାଶ କରିଥାନ୍ତି ।

କାର୍ତ୍ତିକ ପୂର୍ଣ୍ଣମୀରେ ଭଗବାନ ବିଷ୍ଣୁ ମତ୍ସ୍ୟ ଅବତାର ଧାରଣ କରିଥିଲେ । ବିଷ୍ଣୁପୁରାଣରେ ବର୍ଣ୍ଣିତ ଅଛି ସୃଷ୍ଟି ରକ୍ଷା ପାଇଁ ଭଗବାନଙ୍କର ଏହି ଅବତାର ଧାରଣ ବେଶ ମହତ୍ତ୍ୱପୂର୍ଣ୍ଣ । ଯେତେବେଳେ ମାନବ ସଭ୍ୟତା ଉପରେ ବିପତ୍ତି ପଡ଼ିଛି, ଅଧର୍ମର ପ୍ରସାର ଘଟିଛି ସେତେବେଳେ ଭଗବାନ ଅବତାର ଧାରଣ କରି ସୃଷ୍ଟିକୁ ରକ୍ଷା କରିଛନ୍ତି । ଭଗବାନ ବିଷ୍ଣୁଙ୍କର ଦଶଅବତାର ମଧ୍ୟରୁ ମତ୍ସ୍ୟାବତାର ଅନ୍ୟତମ ଯାହା କାର୍ତ୍ତିକ ପୂର୍ଣ୍ଣମୀରେ ହୋଇଥିଲା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ରଥାରୂଢ଼ ଶୁକପକ୍ଷୀ



ଶ୍ରୀମତି
ଶାନ୍ତିଲତା ସାହୁ

ସଂସାରରେ ଯେଉଁସବୁ ପବିତ୍ର ପଶୁପକ୍ଷୀମାନଙ୍କ ସଂପର୍କରେ ବ୍ୟାଖ୍ୟା କରାଯାଇଛି, ସେ ମଧ୍ୟରୁ ଶୁକପକ୍ଷୀ ଅନ୍ୟତମ । ଏହାର ଶରୀରର ବର୍ଣ୍ଣ ତଥା ମନୁଷ୍ୟର ଭାଷାକୁ ଅନୁସରଣ କରି ଅବିକଳ ତାହାକୁ ଉଚ୍ଚାରଣ କରି ପାରୁଥିବାର କ୍ଷମତା ସଂପର୍କରେ ବହୁଳ ବର୍ଣ୍ଣନା ଦେଖିବାକୁ ମିଳେ । ଏହି ହେତୁ ଏହାର ସ୍ଥାନ ସ୍ୱତନ୍ତ୍ର । ସୃଷ୍ଟିକୁ ପ୍ରଳୟାନ୍ତେ ଯେତେବେଳେ ଈଶ୍ୱର ସର୍ଜନା କରିବା ପ୍ରକ୍ରିୟା ଆରମ୍ଭ କଲେ, ସେତେବେଳେ ପ୍ରଥମେ ସେ ମହାଦେବୀ ସାବିତ୍ରୀଙ୍କୁ ସୃଷ୍ଟି କଲେ ଏବଂ ତା'ପରେ ସେ କାମଦେବଙ୍କୁ ସୃଷ୍ଟି କଲେ । କାମ ଇଚ୍ଛା (କାର୍ଯ୍ୟ ସଂପନ୍ନ କରିବାର ଇଚ୍ଛା) ହିଁ ସୃଷ୍ଟିକୁ ଗତିଶୀଳ କରେ । ନାରୀସତ୍ତା ଓ ପୁରୁଷ ସତ୍ତା ଏକତ୍ର ହେଲେ ସୃଷ୍ଟି ସମ୍ଭବ ହୁଏ । ତେଣୁ ସେ ପ୍ରଥମେ କାମପୁରୁଷ କାମଦେବ ଓ କାମମୋହିନୀ ରତିଙ୍କୁ ସୃଷ୍ଟି କଲେ । ସେମାନଙ୍କର ବାହନ ହେଲେ ଶୁକପକ୍ଷୀ । କାମଦେବ ଓ ରତି ଯେମିତି ସଂସାରର ସମସ୍ତ ପ୍ରାଣୀଙ୍କୁ ଆକର୍ଷିତ କରିବାକୁ ସକ୍ଷମ ତଥା କାମଦେବଙ୍କର ପଂଚଶର ଯେପରି ଏକ ସମୟରେ ପଂଚଦିଗକୁ ଗତି କରିପାରେ, ତାଙ୍କ ବାହନ ଚଂଚଳମତି ଶୁକପକ୍ଷୀ ମଧ୍ୟ ସେହିପରି ଯେକୌଣସି ଦିଗକୁ ଗତି କରିବାକୁ ସମର୍ଥ ହୋଇଥାଏ । କାମଦେବ ଯେପରି ସ୍ଥାନକାଳପାତ୍ର ନ ଦେଖି ଯାହାକୁ ମଧ୍ୟ କାମ ଶରରେ ବିଦ୍ଧ କରନ୍ତି ଠିକ୍ ସେହିପରି ଶୁକପକ୍ଷୀ ନିଜର ବାଚାଳତା ହେତୁ ସ୍ଥାନ କାଳ ପାତ୍ର ନ ଦେଖି ଯାହା ଶୁଣିଥାଏ ତାହା ପ୍ରକାଶ କରିଥାଏ ।

ଏକଦା କୌଣସି କାରଣରୁ ଅଗ୍ନିଦେବ ଏକ ଶମୀ ବୃକ୍ଷ ମଧ୍ୟରେ ଆତ୍ମଗୋପନ କରି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରହିଥିଲେ । ଦେବତା ଓ ମହର୍ଷିଗଣ ଏକ ବିଶେଷ କାର୍ଯ୍ୟ ନିମିତ୍ତ ଅଗ୍ନିଦେବଙ୍କ ଅନୁସରଣ କରୁଥିଲେ । ହେଲେ ତାଙ୍କୁ କେଉଁଠାରେ ହେଲେ ପାଉନଥିଲେ । ଏହି ସମୟରେ ଏକ ଶୁକପକ୍ଷୀ ସେମାନଙ୍କୁ କହିଦେଲା ଯେ ଅଗ୍ନିଦେବ ଶମୀବୃକ୍ଷ ମଧ୍ୟରେ ଆତ୍ମଗୋପନ କରିଛନ୍ତି । ଶୁକପକ୍ଷୀର ଏହି ବାଚାଳତାରେ ଉତ୍‌କ୍ଷିପ୍ତ ହୋଇ ଅଗ୍ନିଦେବ ତାକୁ ଅଭିଶାପ ଦେଇଦେଲେ ଯେ ତୋର ଜିଭ ଓଲଟି ଯାଉ ଏବଂ ତୁ ବାଣୀରହିତ ହୋଇଯାଆ । ଏଥିରେ ଶୁକପକ୍ଷୀଟି ଅତ୍ୟନ୍ତ ମର୍ମାହତ ହୋଇ ଦେବତା ମାନଙ୍କ ନିକଟରେ ଅନୁନୟ ହେଲା । ଦେବତା ମାନଙ୍କର ପ୍ରିୟ କାର୍ଯ୍ୟ କରିଥିବାରୁ ସେମାନେ ତାକୁ ଅତ୍ୟନ୍ତ ଦୟାପରବଶ ହୋଇ କହିଲେ - ତୁ ଶୁକ ଯୋନିରେ ରହିମଧ୍ୟ ଅତ୍ୟନ୍ତ ବାଣୀରହିତ ହେବୁନାହିଁ । କିଛି କିଛି ମନୁଷ୍ୟ ଭଳି କଥା କହିପାରିବୁ ଏବଂ ତୋର କଣ୍ଠସ୍ୱର ଶିଶୁସୁଲଭ ମନୋହର ହେବ ଏବଂ ଏହା ସମସ୍ତଙ୍କୁ ପ୍ରିୟ ଲାଗିବ । ସେହିଦିନଠାରୁ ଶୁକପକ୍ଷୀ ଆପାତତଃ ମନୁଷ୍ୟର ଭାଷା କହିବାକୁ ସକ୍ଷମ ହୋଇଥିଲା । ସେ ଯାହା ଶୁଣେ ତାକୁ ବ୍ୟକ୍ତ କରିଥାଏ, ଏହା ତା'ର ଏକ ବିଶେଷ ଗୁଣ ।

ପ୍ରତୀକାତ୍ମକ ଭାବରେ ଏହି ପକ୍ଷୀକୁ ଜୀବ ପରମ, ଶ୍ରଦ୍ଧା ବିଶ୍ୱାସ ଓ ସ୍ମୃତି ଭାବରେ ପ୍ରତ୍ୟାପିତ କରିବା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ । ବଳଭଦ୍ରଙ୍କ ରଥରେ ବିପରୀତମୁଖୀ ଯେଉଁ ଦୁଇଟି ଶୁକପକ୍ଷୀ ରହନ୍ତି, ତାଙ୍କର ନାମ ଶ୍ରଦ୍ଧା ଓ ବିଶ୍ୱାସ । ଶ୍ରଦ୍ଧାର ଅର୍ଥ ପ୍ରେମ, ମହତ୍ ପ୍ରେମରୁ ହିଁ ସୃଷ୍ଟିର ପ୍ରାରମ୍ଭ ହୁଏ । ବଳରାମ ସ୍ୱୟଂ ସୃଷ୍ଟି ପ୍ରକ୍ରିୟାର ପ୍ରତୀକ । ତାଙ୍କର ଅସ୍ତ୍ର 'ହଳଲଙ୍ଗଳ' ଭୂମିକର୍ଷଣ ନିମିତ୍ତ ଉପଯୋଗୀ । ଶୁକପକ୍ଷୀଟିର ଥଣ୍ଟ ଓ ବେକ ଲୋହିତ ବର୍ଣ୍ଣ ହେଲାବେଳେ ପକ୍ଷ ଦୁଇଟି ସବୁଜ ବର୍ଣ୍ଣ, ମାଟିର ପ୍ରକୃତ ବର୍ଣ୍ଣ ଲାଲ; କିନ୍ତୁ ଯେତେବେଳେ ତାହା କର୍ଷିତ ହୁଏ ଓ ସେଥିରେ ଅଙ୍କୁରୋଦ୍‌ଗମ ହୁଏ, ତାହା ସବୁଜବର୍ଣ୍ଣ ଧାରଣ କରେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶ୍ରୁତି ଓ ସ୍ମୃତି ରୂପରେ ଦୁଇ ଓଲଟ ଶୁକପକ୍ଷୀ ସୁଭଦ୍ରାଙ୍କ ରଥରେ ଅବସ୍ଥାନ କରନ୍ତି । ଧର୍ମ, ଅର୍ଥ, କାମ, ମୋକ୍ଷ ନିମିତ୍ତ ଆଦି ପୁରୁଷ ସବୁ ଯେଉଁ ସ୍ମୃତିଶାସ୍ତ୍ର ରଚନା କଲେ, କ୍ରମାନ୍ୱରରେ ତାହା ନାରଦ, ମାର୍କଣ୍ଡେୟ, ଭାର୍ଗବ ଆଦିଙ୍କ ମଧ୍ୟ ଦେଇ ତାହା ପ୍ରବାହିତ ହେଲା । ଏହା ହୃଦୟର ସକଳ ସଂଶୟ ଓ ଅହଂକାରକୁ ଛେଦନ କରି ହୃଦୟସ୍ଥିତ ପରମାତ୍ମାକୁ ଚିହ୍ନିବା ନିମିତ୍ତ ପ୍ରାଣୀଙ୍କୁ ସମର୍ଥ କରିବ । ଦୁଇ ଶୁକପକ୍ଷୀ ଶ୍ରୁତି ଓ ସ୍ମୃତି ଶାସ୍ତ୍ର ଭାବରେ ଦେବୀ ସୁଭଦ୍ରାଙ୍କ ରଥରେ ବିଦ୍ୟମାନ ରହି ଏହି ପରମତତ୍ତ୍ୱକୁ ପ୍ରଚାର କରିଥାନ୍ତି ।

କଟକ, ଓଡ଼ିଶା

ଭ୍ରାମ୍ୟଭାଷ : ୭୩୮୧୩୪୧୦୦୨

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ରାମାୟଣ କଥା



ନରେନ୍ଦ୍ର ପ୍ରସାଦ ବେହେରା

ମହର୍ଷି ବାଲ୍ମୀକି ନାରଦଙ୍କୁ ପଚାରିଥିବା ପ୍ରଶ୍ନର ଉତ୍ତର

ତମସା ନଦୀଠାରୁ କିଛି ଦୂରରେ ମହାରଣ୍ୟ ମଧ୍ୟରେ ମହର୍ଷି ବାଲ୍ମୀକି ଶିଷ୍ୟ ଭରଦ୍ୱାଜ ମୂନୀ ସହିତ ରହି ରାମନାମ ଜପରେ ସମୟ ବିନିଯୋଗ କରୁଥାନ୍ତି । ଆଶ୍ରମବାସୀ ମହର୍ଷି ଭାବରେ ଯାହା ଯାହା କିଛି କର୍ତ୍ତବ୍ୟ, ସେସବୁକୁ ମଧ୍ୟ ମହର୍ଷି ବାଲ୍ମୀକି ଯଥାବିଧିରେ ନିୟମିତ ଭାବରେ କାର୍ଯ୍ୟକାରୀ କରୁଥାନ୍ତି । ସୁଶିଷ୍ୟ ଭରଦ୍ୱାଜମୁନିଙ୍କ ସାହଚର୍ଯ୍ୟ ହେତୁ ତାଙ୍କର କରଣୀୟ କାର୍ଯ୍ୟସବୁ ସମ୍ପନ୍ନ କରିବା ସୁଗମ ହେଉଥାଏ । ଏହି ସମୟରେ ଦିନେ ଦେବର୍ଷି ନାରଦ ଆସି ମହର୍ଷି ବାଲ୍ମୀକିଙ୍କର ସେହି ଆଶ୍ରମରେ ଉପସ୍ଥିତ ହେଲେ । ଦେବର୍ଷି ନାରଦଙ୍କୁ ଦେଖିଲାମାତ୍ରେ ମହର୍ଷି ବାଲ୍ମୀକି ନିଜ ଆସନରୁ ଉଠିଯାଇ ଆଶ୍ରମ ମଧ୍ୟକୁ ପାଛୋଟି ଆଣିଲେ । ସେ ଦେବର୍ଷି ନାରଦଙ୍କର ଚରଣ ଧୌତକରି ଯଥାବିଧିରେ ପାଦପୂଜା କଲେ । ଦେବର୍ଷି ନାରଦଙ୍କୁ ଉପଯୁକ୍ତ ଆସନରେ ବସାଇ ତାଙ୍କୁ ନାନାବିଧ ଫଳମୂଳ ଭୋଜନ କରିବାକୁ ଦେଲେ । ଦେବର୍ଷି ନାରଦ ଫଳମୂଳ ଭୋଜନକରି ସେଠାରେ ବିଶ୍ରାମ ନେଲେ । ଦେବର୍ଷି ନାରଦଙ୍କୁ ମହର୍ଷି ବାଲ୍ମୀକି କହିଲେ– ପରମ ପୂଜନୀୟ ହେ ମହର୍ଷି, ମୋର ସମସ୍ତ ପୁଣ୍ୟକର୍ମ ଆଜି ସଫଳ ହେଲା, ଯେହେତୁ ମୋ ଆଶ୍ରମରେ ମୁଁ ଆପଣଙ୍କ ଦର୍ଶନ ଲାଭ କଲି । ଆପଣଙ୍କ ଚରଣ ସ୍ପର୍ଶରେ ମୋର ଆଶ୍ରମ କୋଟିଗୁଣରେ ପବିତ୍ର ହୋଇଛି । ହେ ଦେବର୍ଷି, ଆପଣ ତ ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ ତିନିପୁରର ସମସ୍ତ ସମ୍ବାଦ ରଖିଥାନ୍ତି । ବେଦବର ବ୍ରହ୍ମାଙ୍କର ସୁତ ଆପଣ । ଆପଣଙ୍କୁ ବା

ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

କୋଉ କଥା ଅଜଣା ? ତେଣୁ ମୁଁ ଆପଣଙ୍କୁ ଗୋଟିଏ କଥା ପଚାରିବାକୁ ମନସ୍ଥ କରିଛି । ଆପଣ ମୋର ସେହି ପ୍ରଶ୍ନର ଉତ୍ତର ଦେଲେ ମୋ ମନ ଉପରେ ମାଡିବସିଥିବା ସମସ୍ତ ଭାର ଦୂରୀଭୂତ ହେବ ଏବଂ ମୋ ମନ ହାଲୁକା ଲାଗିବ । ଆପଣ ମୋ ପ୍ରତି ଟିକିଏ ଦୟାକଲେ ମୋ ପ୍ରଶ୍ନର ଉତ୍ତର ମୁଁ ଆପଣଙ୍କଠାରୁ ପାଇପାରିବି । ନାରଦ ପଚାରିଲେ - ବ୍ରହ୍ମର୍ଷି ବାଲ୍ମୀକିଙ୍କ ମନରେ କେଉଁ ପ୍ରଶ୍ନ ବା ଉଦିତ ହୋଇପାରେ ? ହେ ବ୍ରହ୍ମର୍ଷି ବାଲ୍ମୀକି, ଆପଣଙ୍କ ମନରେ ଉଦିତ ହୋଇଥିବା ପ୍ରଶ୍ନ ମୋତେ କୁହନ୍ତୁ । ମୁଁ ତା'ର ଯଥାର୍ଥ ଉତ୍ତର ଦେବାରେ ଟିକିଏ ହେଲେ ହେଳା କରିବି ନାହିଁ । ସଙ୍ଗେ ସଙ୍ଗେ ତହିଁର ଉତ୍ତର ଦେଇ ଆପଣଙ୍କର ସନ୍ତୋଷ ବିଧାନ କରିବି ।

ଦେବର୍ଷି ନାରଦଙ୍କ କଥା ଶୁଣି ମହର୍ଷି ବାଲ୍ମୀକି କହିଲେ - ହେ ଦେବର୍ଷି, ମୋ ମନରେ ଉଦିତ ହୋଇଥିବା ପ୍ରଶ୍ନଟି ହେଉଛି - ପୃଥିବୀରେ ଏପରି କୌଣସି ରାଜା ଅଛନ୍ତି ଯେ କି ରୂପରେ ପରମ ସୁନ୍ଦର, ଗୁଣରେ ସର୍ବସୁଗୁଣଯୁକ୍ତ, ଦୟାବନ୍ତ, ଧର୍ମବନ୍ତ, ପ୍ରଶାନ୍ତ ହୃଦୟ, କାମ କ୍ରୋଧ ଲୋଭ ବିବର୍ଜିତ, ଜିତେନ୍ଦ୍ରିୟ, ବାହୁବଳରେ ସର୍ବଶ୍ରେଷ୍ଠ ବଳୀୟାନ, ମଧୁରଭାଷୀ ପ୍ରଜାପାଳନରେ ସର୍ବଶ୍ରେଷ୍ଠ ଓ ପରମ ପିତୃମାତୃଭକ୍ତ ଏବଂ ଯେ କି ସାଧୁମାନଙ୍କ ହିତକଳ୍ପେ ଦୁଷ୍ଟମାନଙ୍କୁ ମାରି ସନ୍ଥମାନଙ୍କୁ ପାଳନ କରନ୍ତି ଏବଂ ଯେ କି ବେଦ ବିଦ୍ୟାରେ ମଧ୍ୟ ଧୁରନ୍ଧର ଓ ଯେ କି ସମସ୍ତ ସୁବ୍ରତମାନ ପାଳନ କରନ୍ତି ଏବଂ ଯାହାଙ୍କ ଚରିତ ପରମ ପବିତ୍ର ଅଟେ । ହେ ବ୍ରହ୍ମାତନୟ ଦେବର୍ଷି, ଆପଣ ତ ସର୍ବଜ୍ଞ, ଆପଣଙ୍କୁ ବା କୋଉ କଥା ଅଜ୍ଞାତ ଅଛି ? ଦୟାକରି ମୋର ଏହି ପ୍ରଶ୍ନର ଉତ୍ତର ଦେଇ ଆପଣ ମୋର ମନୋଭାର ଲାଘବ କରନ୍ତୁ । ବାଲ୍ମୀକିଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଦେବର୍ଷି ନାରଦ ପରମଆନନ୍ଦରେ କହିବାରେ ଲାଗିଲେ - ହେ ଦେବର୍ଷି ବାଲ୍ମୀକି, ତୁମ୍ଭେ ମୋତେ ଯେଉଁ ପ୍ରଶ୍ନ ପଚାରିଲ ବା ମୋ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଠାରୁ ଯେଉଁ ବିଷୟ ଜାଣିବାକୁ ଚାହିଁଲ ସେ ବିଷୟ ମୁଁ ତୁମ୍ଭଙ୍କୁ କହୁଛି, ଶୁଣ । ଜଗତରେ ସେହି ଏକମାତ୍ର ପରମପୁରୁଷ ହେଉଛନ୍ତି ଶ୍ରୀରାମ ଯେ କି ଅଯୋଧ୍ୟାର ରାଜା ଦଶରଥଙ୍କ ଔରସରୁ ଦଶରଥଙ୍କ ସବା ବଡ଼ରାଣୀ କୌଶଲ୍ୟାଦେବୀଙ୍କ ଗର୍ଭରୁ ଜାତ ହୋଇଛନ୍ତି । ଅଯୋଧ୍ୟାର ରାଜା ଦଶରଥ ସୂର୍ଯ୍ୟବଂଶୀୟ ହୋଇଥିବାରୁ ତାଙ୍କ ଜ୍ୟେଷ୍ଠପୁତ୍ର ଶ୍ରୀରାମ ସୂର୍ଯ୍ୟବଂଶୀୟ ଅଟନ୍ତି । ସେହି ଶ୍ରୀରାମଙ୍କଠାରେ ସର୍ବସୁଗୁଣ ପୂରି ରହିଅଛି । ଶ୍ରୀରାମ ଦେଖିବାକୁ ଏଡେ ସୁନ୍ଦର ଯେ, ରୂପରେ ସ୍ୱୟଂ କନ୍ଦର୍ପ ମଧ୍ୟ ଶ୍ରୀରାମଙ୍କ ସହିତ ସମାନ ହେବ ନାହିଁ । ନୀଳମେଘ ପରି ଶ୍ରୀରାମଙ୍କର ଶରୀରର ବର୍ଣ୍ଣ । ତାହାଙ୍କ ଶରୀରର ଉଭୟ ପାର୍ଶ୍ୱ ବିଶାଳ ଅଟେ । ଆଜାନୁଲମ୍ବିତ ବାହୁ । ତାହାଙ୍କର ଗଣ୍ଡସ୍ଥଳ ଉଚ୍ଚ ଏବଂ ତାହାଙ୍କର ଛାତି ବିସ୍ତୃତ । ତାହାଙ୍କର ଗ୍ରୀବାଦେଶ କମ୍ବୁ ବା ଶଙ୍ଖ ସଦୃଶ ଶୋଭନୀୟ । ତାହାଙ୍କର ଦନ୍ତପନ୍ତି ଡାଳିମ୍ବବୀଜଠାରୁ ଅଧିକ ସୁନ୍ଦର । ତାହାଙ୍କର ରଙ୍ଗଅଧର ପାଚିଲା କଇଁଚି କାକୁଡିକୁ ବଳି ଲାଲବର୍ଣ୍ଣ । ତାହାଙ୍କର ଚାଲି ମତ୍ତଗଜର ଚାଲି ସଦୃଶ । ତାହାଙ୍କର ଶରୀରର ଦୃଶ୍ୟ ସମସ୍ତଙ୍କୁ ବଳି ଅଧିକ ମନୋହର । ସେ ହେଉଛନ୍ତି ସତ୍ୟସନ୍ଧ । ତାଙ୍କଠାରେ ସତ୍ୟ, ଦୟା ଓ ଧର୍ମଭାବ ପୂରି ରହିଅଛି । ସେହିଭଳି ତାଙ୍କଠାରେ ରହିଛି ପରମ ପ୍ରଶାନ୍ତି । ସମସ୍ତ ନଦୀ ଯେପରି ଯାଇ ସମୁଦ୍ରରେ ପଡିଛନ୍ତି ସେହିପରି ସକଳ ସୁଗୁଣ ଯାଇ ଶ୍ରୀରାମଙ୍କଠାରେ ସ୍ଥାନ ନେଇଛନ୍ତି । ଶ୍ରୀରାମ ବେଦଶାସ୍ତ୍ର, ଧନୁର୍ବିଦ୍ୟା, ଯୁଦ୍ଧବିଦ୍ୟା ଓ ରାଜନୀତି ତଥା ଶାସନ ପ୍ରଣାଳୀରେ ଧୁରନ୍ଧର ଅଟନ୍ତି । ସମସ୍ତ ନୀତିଶାସ୍ତ୍ର ତାଙ୍କୁ ଭଲଭାବରେ ଜଣାଅଛି । ସେ ମହାବୀର ଓ ମହାଶକ୍ତିଶାଳୀ । ସେ ଜିତେନ୍ଦ୍ରିୟ ଓ ଆତ୍ମଜ୍ଞାନରେ ଜ୍ଞାନୀ । ସେ ପରମଧାର୍ମିକ । ସେ ଯଥାବିଧିରେ ପ୍ରଜାପାଳନ କରନ୍ତି । ସେ ଦୁଷ୍ଟମାନଙ୍କୁ ବିନାଶ କରି ସନ୍ଥମାନଙ୍କୁ ପାଳନ କରନ୍ତି । ସେ ହେଉଛନ୍ତି ଦୀନବନ୍ଧୁ ଓ ଅରକ୍ଷରକ୍ଷଣକାରୀ । ତାଙ୍କଠାରେ ଯେତେ ସଦ୍‌ଗୁଣ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରହିଛି ସେସବୁକୁ ବର୍ଣ୍ଣନା କରିବା ପାଇଁ ଭାଷାର ଶକ୍ତି ନାହିଁ ।

ଶ୍ରୀରାମଙ୍କ ପରି ସୁଯୋଗ୍ୟ ପୁତ୍ର ପାଇ ଦଶରଥ ଶ୍ରୀରାମଙ୍କୁ ଅଯୋଧ୍ୟାର ରାଜା କରିବା ଲକ୍ଷ୍ୟରେ ତାଙ୍କୁ ପ୍ରଥମେ ଯୁବରାଜ ପଦରେ ଅଭିଷିକ୍ତ କରିବା ସକାଶେ ସମସ୍ତ ଯୋଗାଡଯନ୍ତ୍ର କରିବା ପାଇଁ ପ୍ରଧାନମନ୍ତ୍ରୀ ସୁମନ୍ତ୍ରଙ୍କୁ ଆଦେଶ ଦେଲେ । ଦଶରଥଙ୍କର ଏହି ଆଦେଶ ସଙ୍ଗେ ସଙ୍ଗେ କାର୍ଯ୍ୟକାରୀ ହେଲା । ସୁମନ୍ତ୍ରଙ୍କ ନିର୍ଦ୍ଦେଶରେ ଅଯୋଧ୍ୟାର ସମସ୍ତ ରାଜକର୍ମଚାରୀ ଶ୍ରୀରାମଙ୍କ ଅଭିଷେକୋତ୍ସବ ପାଇଁ ସମସ୍ତ ଯୋଗାଡରେ ଲାଗିପଡିଲେ । ଅଯୋଧ୍ୟାର ସକଳ ପ୍ରଜା ଏଥିରେ ପରମଆଗ୍ରହରେ ସହଯୋଗ ଦେଲେ । ଦଶରଥଙ୍କ ମଧ୍ୟମାରାଣୀ କୈକେୟୀ ନିଜର ଦୁଷ୍ଟଦାସୀ ମନ୍ଥରାର କୁପରାମର୍ଶରେ ପରିଚାଳିତ ହୋଇ ସଙ୍ଗେ ସଙ୍ଗେ ଦଶରଥଙ୍କୁ ଦୁଇଗୋଟି ବର ମାଗିବସିଲେ । ଏହି ଦୁଇଟି ବର ତାଙ୍କୁ ପୂର୍ବେ ଦଶରଥ ଦେବାପାଇଁ ସତ୍ୟ କରିଥିଲେ ଓ ଏହି ଦୁଇଟି ବର ପୂରଣ ପାଇଁ ସେ କ'ଣ ମାଗିବେ ସେକଥା ସମୟକ୍ରମେ ସ୍ଥିରକରି କହିବେ ବୋଲି ଦଶରଥଙ୍କୁ କୈକେୟୀ କହିଥିଲେ । ବର୍ତ୍ତମାନ ସେହି ଦୁଇ ବର ପାଇଁ କୈକେୟୀ ଅଡିବସିଲେ - ରାମ ଚଉଦ ବର୍ଷ ପାଇଁ ବନକୁ ଯାଉ ଓ ଭରତ ଅଯୋଧ୍ୟାର ରାଜା ହେଉ । ଭରତ ହେଉଛନ୍ତି କୈକେୟୀଙ୍କ ଗର୍ଭରୁ ଦଶରଥଙ୍କ ଔରସରୁ ଜାତ ପୁତ୍ର । ଉପସ୍ଥିତ ସମୟରେ ପରମଭ୍ରାତୃଭକ୍ତ ଭରତ କେକୟ ଦେଶରେ ତାଙ୍କ ମାମୁଁ ଘରେ ରହିଥିଲେ । ତେଣୁ କୈକେୟୀଙ୍କର ଏହି ଷଡଯନ୍ତ୍ର ବିଷୟରେ ସେତେବେଳେ ସେ କିଛିହେଲେ ଜାଣି ନଥିଲେ ।

କ୍ରମଶଃ .......

ଆଳଦା, ଖଇରା, ବାଲେଶ୍ୱର, ମୋ–୯୮୫୩୧୪୨୫୧୦

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ଡିସେମ୍ବର ୨୦୧୯

ଲେଖା ପଠାଇବାର ଶେଷ ତାରିଖ : ୩ ଡିସେମ୍ବର ୨୦୧୯

ଲେଖା ପଠାଇବା ସମୟରେ ଇମେଲ୍‌ରେ ସବ୍‌ଜେକ୍ଟ ଲେଖିବେ :

Your name (**ଆପଣଙ୍କ ନାମ**) : December 2019

ଲେଖା ଗୁଡ଼ିକ ଯଦି ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ ତା ହେଲେ ଆମକୁ ପୁଣିଥରେ ସେହି ସବୁ ଲେଖା ଟାଇପ୍ କରିବାକୁ ପଡ଼ିବ ନାହିଁ । ହାତ ଲେଖାକୁ ଫଟୋ ଉଠାଇ କିମ୍ବା ସ୍କାନ୍ କରି ଇମେଲ୍ ଆଟାଚ୍‌ମେଣ୍ଟ ଭାବରେ ପଠାଇବେ । ହସ୍ତଲେଖା ସୁନ୍ଦର ଓ ପଠନଯୋଗ୍ୟ ହେବା ଅନିବାର୍ଯ୍ୟ, ନଚେତ ଯଦି ପ୍ରକାଶନରେ କୌଣସି ତ୍ରୁଟି ରହେ ସେଥିପାଇଁ ସମ୍ପାଦକ ଦାୟୀ ରହିବେ ନାହିଁ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ୍ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଲେଖକ ମାନଙ୍କ ପାଇଁ ସୂଚନା

ଯେଉଁ ବନ୍ଧୁମାନେ ଏହି ପତ୍ରିକା ପାଇଁ ଲେଖା ପଠାଉଛନ୍ତି ସେମାନଙ୍କୁ ବିନୀତ ଅନୁରୋଧ, ସେମାନେ ଧୈର୍ଯ୍ୟର ସହ ପତ୍ରିକାର ପ୍ରକାଶନକୁ ଅପେକ୍ଷା କରନ୍ତୁ । ପତ୍ରିକା ପ୍ରକାଶିତ ହେବାପରେ ପରେ ଆହ୍ୱାନ ଇ-ପତ୍ରିକାର ୱେବ୍‌ସାଇଟ, ଫେସବୁକ୍, ଟ୍ୱିଟର୍ ଏବଂ ଆଣ୍ଡ୍ରଏଡ୍ ଆପ୍ ଦ୍ୱାରା ପତ୍ରିକାର ପ୍ରକାଶନ ସମ୍ବନ୍ଧୀୟ ସୂଚନା ପ୍ରେରଣ କରାଯିବ ।

ପ୍ରତ୍ୟେକ ମାସରେ ଜଣେ ଲେଖକଙ୍କ ସର୍ବାଧିକ ଦୁଇଟି ଲେଖା ହିଁ ପ୍ରକାଶିତ ହେବ । ସେଥିପାଇଁ ଲେଖକ ନିଜେ ସ୍ୱରଚିତ କେବଳ ଗୋଟିଏ କିମ୍ବା ଦୁଇଟି ଲେଖା ହିଁ ପଠାନ୍ତୁ । ଏକାଧିକ ଲେଖା ପଠାଇଲେ, ପ୍ରଥମେ ମିଳିଥିବା ଲେଖାକୁ ହିଁ ପ୍ରକାଶନ ହେତୁ ସ୍ୱୀକାର କରାଯିବ । ଗୁଗୁଲ୍ ଇମେଲ୍ ଏକାଧିକ ଇମେଲ୍ ପ୍ରେରଣ ଉପରେ ପ୍ରତିବନ୍ଧକ ଲଗାଇଥିବା ହେତୁ ଆମେ ସମସ୍ତ ଲେଖାକୁ ମିଳିଥିବା ସୂଚନା ଦେଇ ପାରୁନାହୁଁ । ଭବିଷ୍ୟତରେ ଏଥିପାଇଁ ବିହିତ ବ୍ୟବସ୍ଥା କରିବାକୁ ଚେଷ୍ଟା କରିବୁ ।

ବାରମ୍ବାର ଅନୁରୋଧ ସତ୍ତ୍ୱେ ଅନେକ ବନ୍ଧୁ ଲେଖାଗୁଡ଼ିକୁ ଟାଇପ୍ କରି ପଠାଉ ନାହାନ୍ତି, ଆଉ ଯଦି ସେମାନଙ୍କୁ ଅଧିକ ବାଧ୍ୟ କରାଯାଏ, ଊଣାଅଧିକେ ଲେଖା ପଠାଉଥିବା ନବେ ପ୍ରତିଶତ ଲେଖକ ଲେଖା ପଠାଇବା ବନ୍ଦ କରିଦେବେ, କାରଣ ସେମାନଙ୍କୁ ଓଡ଼ିଆରେ ଟାଇପ୍ କରି ଆସେନି । ତେଣୁ ଯେମିତି ବି ହେଉ ଏହି ପତ୍ରିକାକୁ ପ୍ରତ୍ୟେକ ମାସରେ ପ୍ରକାଶନ କରିବା ମୋର ଲକ୍ଷ୍ୟ । ମୋର ବ୍ୟସ୍ତବହୁଳ ଜୀବନଚର୍ଯ୍ୟାରେ ସୀମିତ ସମୟର ସଦୁପଯୋଗ କରିବା ଉଦ୍ଦେଶ୍ୟରେ ଏହି ପତ୍ରିକାକୁ ପ୍ରକାଶିତ କରୁଛି ଏବଂ କରୁଥିବି ମଧ୍ୟ । ଆପଣ ମାନଙ୍କ ସହଯୋଗ ପାଇଁ ମୁଁ ଆପଣଙ୍କ ନିକଟରେ ଋଣୀ ।

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ, ସମ୍ପାଦକ**

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ସୂଚନାଯୋଗ୍ୟ ଯେ କିଛି ବନ୍ଧୁ ବିଗତ ମାସରେ ଅନ୍ୟୁନ ଦଶରୁ ଅଧିକ କବିତା ପଠାଇଛନ୍ତି । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ବାରମ୍ବାର ଅନୁରୋଧ ସତ୍ତ୍ୱେ ଅନେକ ବନ୍ଧୁ ଟାଇପ୍ ନ କରି ଲେଖା ପଠାଉଛନ୍ତି । ଏହା ଫଳରେ ଆମକୁ ସମ୍ପାଦନା ପୂର୍ବରୁ ଅନ୍ୟୁନ ଅର୍ଦ୍ଧାଧିକ ପୃଷ୍ଠା ନିଜେ ଟାଇପ୍ କରିବାକୁ ପଡୁଛି ଏବଂ ଏଥିପାଇଁ ପତ୍ରିକା ପ୍ରକାଶନରେ ବିଳମ୍ବ ଦେଖା ଦେଉଛି । ଦୟାକରି ନିଜସ୍ୱ ଲେଖା ଟାଇପ୍ କରି ମାଇକ୍ରୋସଫ୍ଟ ୱାର୍ଡ୍ ଫାଇଲରେ ପଠାନ୍ତୁ । ଯଦି ଟାଇପ୍ କରି ପାରୁନାହାନ୍ତି ତା ହେଲେ ଅନ୍ୟ ଉପାୟ କରନ୍ତୁ । ପିଡ଼ିଏଫ୍ ଫାଇଲରେ ପଠାଉଥିବା ଲେଖାକୁ ୱାର୍ଡ୍ ଫାଇଲରେ ପଠାନ୍ତୁ ।

ହ୍ୱାଟ୍ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ । ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**

ଆମ ଇମେଲ୍ ଠିକଣା :

**aahwaan@gmail.com**